ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୦/୨୦୧୯ (୨୦ ପୃଷ୍ଠା) | Bhubaneswar, Thursday, October 10/2019 | ★★★★
୪୫ଶ ଭାଗ ୩୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-

## ■ ଲିଥିୟମ-ଆୟନ ବ୍ୟାଟେରିର ବିକାଶ

# ୩ ବୈଜ୍ଞାନିକଙ୍କୁ ନୋବେଲ

ଷ୍ଟକ୍‌ହୋମ୍‌,୯।୧୦(ପି.ଟି.)

ଚଳିତ ବର୍ଷ ଲାଗି ଫିଜିକ୍ସ (ପଦାର୍ଥ ବିଜ୍ଞାନ), କେମେଷ୍ଟ୍ରି (ରସାୟନ ବିଜ୍ଞାନ ଓ ମେଡିସିନ୍ (ଭେଷଜ)ରେ ନୋବେଲ ପୁରସ୍କାର ଘୋଷଣା କରାଯାଇଛି। କେମେଷ୍ଟ୍ରିରେ ବିଶ୍ୱର ଏହି ସର୍ବୋଚ୍ଚ ପୁରସ୍କାର ଲାଗି ବୁଧବାର ୩ ଗବେଷକଙ୍କୁ ମନୋନୀତ କରାଯାଇଛି। ସେମାନେ ହେଲେ ଆମେରିକାର ୯୭ ବର୍ଷୀୟ ଜନ୍ ବି. ଗୁଡ୍‌ଏନଫ୍, ବ୍ରିଟେନ୍‌ର ଏମ୍. ଷ୍ଟାନ୍‌ଲି ୱିଟିଙ୍ଗ୍‌ହାମ୍ ଏବଂ ଜାପାନର ଆକିରା ୟୋଶିନୋ। ସେମାନଙ୍କ ଦ୍ୱାରା ଲିଥିୟମ-ଆୟନ ବ୍ୟାଟେରିର ବିକାଶ ସ୍ମାର୍ଟ ଫୋନ୍ ନିର୍ମାଣ ଦିଗରେ ଏକ ବଡ଼ ପଦକ୍ଷେପ ହେବା ସହ ସମାଜକୁ ଜୀବାଶ୍ମ ଇନ୍ଧନମୁକ୍ତ କରିବାରେ ସହାୟକ ହୋଇପାରିଛି। ପୁରସ୍କାର ବାବଦ ମିଳିବାକୁ ଥିବା ୯ ନିୟୁତ ସ୍ୱିଡିଶ୍ କ୍ରୋନର (ପାଖାପାଖି ୯୧୪,୦୦୦ ଡଲାର) ୩ ଜଣଙ୍କ ମଧ୍ୟରେ ଭାଗ କରାଯିବ।

ସେହିପରି କାନାଡୀୟ-ଆମେରିକୀୟ କସ୍‌ମୋଲୋଜିଷ୍ଟ (ବ୍ରହ୍ମାଣ୍ଡ ବିଜ୍ଞାନୀ) ଜେମ୍ସ ପିବ୍ଲସ, ସ୍ୱିଜରଲାଣ୍ଡ ମହାକାଶ ବିଜ୍ଞାନୀ ମିଶେଲ୍ ମେୟର ଏବଂ ଡିଡିଏର୍ କ୍ୱେଏଲୋଜ୍‌ଙ୍କୁ ଫିଜିକ୍ସରେ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ବ୍ରହ୍ମାଣ୍ଡରେ ପୃଥିବୀର ସ୍ଥାନ ସମ୍ପର୍କରେ ବୁଝିବାରେ ସେମାନଙ୍କ ଗବେଷଣା ବେଶ୍ ସହାୟକ ହୋଇପାରିଛି। ସିଦ୍ଧାନ୍ତମୂଳକ ଉଦ୍‌ଭାବନ ପାଇଁ ପିବ୍ଲସ୍‌ଙ୍କୁ ପୁରସ୍କାରର ଅର୍ଦ୍ଧେକ ମିଳିବାକୁ ଥିବାବେଳେ ଅବଶିଷ୍ଟ ଅଧା ଅର୍ଥରାଶି ମେୟର ଓ କ୍ୱେଏଲୋଜ୍‌ଙ୍କୁ ମିଳିବ ବୋଲି ରୟାଲ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନ୍ସର ମହାସଚିବ ପ୍ରଫେସର ଗୋରାନ ହାନ୍‌ସେନ ସୂଚନା ଦେଇଛନ୍ତି।

ଆମେରିକାର ୨ ଜଣ ଓ ଜଣେ ବ୍ରିଟିଶ୍ ବୈଜ୍ଞାନିକଙ୍କୁ ଚଳିତବର୍ଷ ମେଡିସିନରେ ନୋବେଲ ପୁରସ୍କାର ପ୍ରଦାନ ନିମନ୍ତେ ମନୋନୀତ କରାଯାଇଛି। ସେମାନେ ହେଲେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଡ. ୱିଲିୟମ ଜି. କିଲନ୍ ଜୁନିୟର, ଜନ୍ସ ହପ୍‌କିନ୍ସ ବିଶ୍ୱବିଦ୍ୟାଳୟର ଗ୍ରେଗ୍ ଏଲ୍. ସେମେଞ୍ଜା ଏବଂ ବ୍ରିଟେନର ଫ୍ରାନ୍ସିସ୍ କ୍ରିକ୍ ଇନ୍‌ଷ୍ଟିଚ୍ୟୁଟ୍ ଓ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ପିଟର ଜେ. ରାଟ୍‌କ୍ଲିଫ୍। ଶରୀରର କୋଷଗୁଡ଼ିକ ଅମ୍ଳଜାନ ସ୍ତରକୁ କିପରି ଅନୁଭବ କରେ ଓ ପ୍ରତିକ୍ରିୟା ପ୍ରକାଶ କରେ ତାହା ସେମାନେ ଉଦ୍‌ଭାବନ କରିଥିଲେ। ସେମାନଙ୍କର ଏହି ଉଦ୍‌ଭାବନ ଆନେମିଆ, କ୍ୟାନ୍‌ସର ଓ ଅନ୍ୟାନ୍ୟ ରୋଗ ବିରୋଧରେ ଲଢ଼େଇ ପାଇଁ ନୂତନ ରଣନୀତି ପ୍ରସ୍ତୁତିରେ ସହାୟକ ହୋଇପାରିଥିଲା।

### କେମେଷ୍ଟ୍ରି: ନୋବେଲ ବିଜେତା



ଆକିରା ୟୋଶିନୋ | ଏମ୍. ଷ୍ଟାନ୍‌ଲି ୱିଟିଙ୍ଗ୍‌ହାମ୍ | ଜନ୍ ବି. ଗୁଡ୍‌ଏନଫ୍

### ୩ ଜଣଙ୍କୁ ଫିଜିକ୍ସରେ ନୋବେଲ ପୁରସ୍କାର



ଜେମ୍ସ ପିବ୍ଲସ | ଡିଡିଏର୍ କ୍ୱେଲୋଜ୍ | ମିଶେଲ୍ ମେୟର

### ମେଡିସିନରେ ବି ୩ ଜଣ ପାଇଲେ



ୱିଲିୟମ ଜି. କିଲନ୍ ଜୁନିୟର | ଗ୍ରେଗ୍ ଏଲ୍. ସେମେଞ୍ଜା | ପିଟର ଜେ. ରାଟ୍‌କ୍ଲିଫ୍

### ଆଜିର ସମ୍ପାଦକୀୟ

ପ୍ରାଣୀଙ୍କ ସାମାଜିକ ଜୀବନ

### ଆଜିର ମନ୍ତବ୍ୟ

“ ପ୍ରତିରକ୍ଷା ସମ୍ପର୍କ ସୁଦୃଢ଼ କରି ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ଭାରତ-ଫ୍ରାନ୍ସ ସହମତ।

-ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ

### କିଛି ତଥ୍ୟ

ପିଏସ୍‌ବି ଲୋନ ଇନ୍ ୫୯ ମିନିଟ୍ ପୋର୍ଟାଲରେ ଆସିଥିବା ୫୦,୭୦୬ ପ୍ରସ୍ତାବକୁ ନୀତିଗତ ମଞ୍ଜୁରୀ ମିଳିଥିବା ବେଳେ ୨୭,୮୯୩ ପ୍ରସ୍ତାବରେ ଅର୍ଥ ମଞ୍ଜୁର କରାଯାଇଛି।

– ଅର୍ଥ ମନ୍ତ୍ରଣାଳୟ




Vencobb Fresh Chicken
09.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 67 | 115 | 125 |
| CTC | 66 | 114 | 124 |
| DKL | 66 | 114 | 124 |
| BDK | 66 | 114 | 124 |
| BLS | 68 | 116 | 126 |
| ANG | 67 | 115 | 125 |
| BHM | 64 | 111 | 121 |

*Conditions Apply
Issued in the Interest of Consumers



FOR TRADE-RELATED QUERIES CONTACT : DHEERENDRA KUMAR (STATE HEAD) +91 9935279225, RAJESH KUMAR (ASM) +91 8709987942, B. UMA SANKAR (ASM) +91 7873096108
RSPL ସପ୍ଲାଇ ଏବଂ ସର୍ଭିସର ସମ୍ବନ୍ଧିତ କୌଣସି ଅଭିଯୋଗ କରିବାକୁ ସଂପର୍କ କରନ୍ତୁ : RSPL CARE 1800 120 2800

## କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫% ବଢ଼ିଲା

ନୂଆଦିଲ୍ଲୀ,୯।୧୦

କେନ୍ଦ୍ର ସରକାରଙ୍କ ୫୦ ଲକ୍ଷ କର୍ମଚାରୀ ଏବଂ ୬୫ ଲକ୍ଷ ପେନସନଭୋଗୀଙ୍କ ଲାଗି ଖୁସି ଖବର। ପ୍ରଧାନମନ୍ତ୍ରୀଙ୍କ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ବସିଥିବା କ୍ୟାବିନେଟ ବୈଠକରେ କେନ୍ଦ୍ର କର୍ମଚାରୀ ଏବଂ ପେନସନଭୋଗୀଙ୍କ ମହଙ୍ଗା ଭତ୍ତା(ଡିଏ)ରେ ୫% ବୃଦ୍ଧି ଘୋଷଣା କରାଯାଇଛି। ଫଳରେ ମହଙ୍ଗା ଭତ୍ତା ୧୨%ରୁ ୧୭%କୁ ବୃଦ୍ଧି ପାଇଛି। ଏହାଦ୍ୱାରା ରାଜକୋଷ ଉପରେ ୧୬,୦୦୦ କୋଟି ଟଙ୍କାର ଅତିରିକ୍ତ ବୋଝ ପଡ଼ିବ ବୋଲି ଜଣାପଡିଛି। ☞ପୃଷ୍ଠା-୪

- ■ ପେନସନଭୋଗୀଙ୍କ ଡିଆରରେ ବୃଦ୍ଧି
- ■ ଲାଭବାନ ହେବେ ୫୦ ଲକ୍ଷ କର୍ମଚାରୀ, ୬୫ ଲକ୍ଷ ପେନସନଭୋଗୀ
- ■ ଗତ ଜୁଲାଇ ପହିଲାରୁ ଲାଗୁ ହେବ

ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଅଳଙ୍କାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଜନ୍ମଦିନ, ବିବାହ ଓ ଅନ୍ୟାନ୍ୟ ଉତ୍ସବାନୁଷ୍ଠାନମାନଙ୍କରେ ଆମ ପରିବାରରେ ଅଳଙ୍କାରର ବେଶ୍ ମହତ୍ୱ ରହିଛି । ପ୍ରକୃତରେ ଅଳଙ୍କାର କିଣିବା ଆମ ପାଇଁ ଏକ ସାଧାରଣ କଥା ନୁହେଁ । ଏହା ସହିତ ପୁରା ପରିବାରର ଭାବାବେଗ ଜଡ଼ିତ ଥାଏ । ଗତ ୩୦ ବର୍ଷ ଧରି ଏକମାତ୍ର ଅଳଙ୍କାର ବ୍ରାଣ୍ଡ ଯିଏକି କେବଳ ଓଡ଼ିଶା କାହିଁକି ସମଗ୍ର ପୂର୍ବଭାରତର ଲୋକମାନଙ୍କର ଏହି ଭାବାବେଗ ଜଡ଼ିତ ଅଳଙ୍କାର କିଣାକୁ ଅବିସ୍ମରଣୀୟ କରିପାରିଛି ।

ଆମେ ଯାହା ବିଷୟରେ କଥା ହେଉଛୁ, ସେ ହେଉଛି ଓଡ଼ିଶାର ସବୁଠୁ ଲୋକପ୍ରିୟ ଓ ନିର୍ଭରଯୋଗ୍ୟ ଅଳଙ୍କାର ପ୍ରତିଷ୍ଠାନ ଲାଲ୍‌ଚାନ୍ଦ୍ ଜୁଏଲର୍ସ । ପ୍ରାୟ ତିନି ଦଶନ୍ଧି ତଳେ ମାତ୍ର ୧୦୦ ବର୍ଗଫୁଟର ସୋରୁମ୍‌ରୁ ଲାଲ୍‌ଚାନ୍ଦ୍ ଏବେ ପୂର୍ବଭାରତର ସର୍ବବୃହତ ସୋରୁମ୍‌ରେ ପରିଣତ ହୋଇପାରିଛି । ନନ୍ଦନକାନନ ରୋଡ୍, ରଘୁନାଥପୁର ଠାରେ ଲାଲ୍‌ଚାନ୍ଦ୍ ଜୁଏଲର୍ସ ଖୋଲିଛନ୍ତି ୩୦ ହଜାର ବର୍ଗଫୁଟ ପରିମିତ ଫ୍ଲାଗସିପ୍ ଷ୍ଟୋର୍ । ଗତ ସେପ୍ଟେମ୍ବର ୨ ତାରିଖରେ ବଲିଉଡ୍ ଅଭିନେତ୍ରୀ ଏବଂ ଫେସନ୍ ଡିଭା ସୋନମ୍ କାପୁର୍ ଆହୁଜା ଏହାକୁ ଉଦ୍‌ଘାଟନ କରିଥିଲେ । ଲାଲ୍‌ଚାନ୍ଦ୍‌ର ଅନ୍ୟ ଦୁଇଟି ସୋରୁମ୍ ମଧ୍ୟରୁ ଗୋଟିଏ ଅଛି ଭୁବନେଶ୍ୱରର ମାଷ୍ଟର୍ କ୍ୟାଣ୍ଟିନ୍ ଛକ ଓ ଅନ୍ୟଟି ଅଛି କଟକର କ୍ୟାଣ୍ଟନ୍‌ମେଣ୍ଟ୍ ରୋଡ୍‌ରେ ।

ଲାଲ୍‌ଚାନ୍ଦ୍ ଜୁଏଲର୍ସର ଫାଉଣ୍ଡର୍ ଚେୟାରମ୍ୟାନ୍ ଶ୍ରୀ ସଂଜୟ ହଂସଙ୍କ ବଳିଷ୍ଠ ପରିଚାଳନାରେ ଲାଲ୍‌ଚାନ୍ଦ୍ ବ୍ୟବସାୟର ଚାରିଟି ମହତ୍ୱପୂର୍ଣ୍ଣ ଦିଗ ଉପରେ ନିଜକୁ ପ୍ରତିଷ୍ଠିତ କରିପାରିଛି । ସେଗୁଡ଼ିକ ହେଲା : ସୁଲଭ ମୂଲ୍ୟ, ଗୁଣବତ୍ତା, କାରିଗରୀ ଓ ସେବା । ଏହିସବୁ ମୂଲ୍ୟବୋଧ ପାଇଁ ଲାଲ୍‌ଚାନ୍ଦ୍ ଜୁଏଲର୍ସ ବିଗତ ତିନି ଦଶନ୍ଧି ଧରି ଓଡ଼ିଶା ଓ ପୂର୍ବଭାରତବାସୀଙ୍କ ହୃଦୟ ଜିଣିପାରିଛି । ଯେଉଁଠି ଗୋଟିଏ ବ୍ରାଣ୍ଡ୍ ଉପରେ ଆସ୍ଥା ଓ ବିଶ୍ୱାସ ଆସିଯାଏ, ସେଠାରେ ପରିଚୟ ଓ ଲୋକପ୍ରିୟତା ସୃଷ୍ଟି ହେବାକୁ ବେଶି ସମୟ ଲାଗେନାହିଁ । ସିଙ୍ଗାପୁରରେ ଲାଲ୍‌ଚାନ୍ଦ୍‌କୁ ମିଳିଥିଲା ସମ୍ମାନଜନକ ସିଏମ୍‌ଓ ଏସିଆ ପୁରସ୍କାର ଯାହାକୁ ନିଜେ ଲାଲ୍‌ଚାନ୍ଦ୍‌ର ଫାଉଣ୍ଡର୍ ଚେୟାରମ୍ୟାନ୍ ଶ୍ରୀ ସଂଜୟ ହଂସ ବ୍ୟକ୍ତିଗତ ଭାବେ ଗ୍ରହଣ କରିଥିଲେ । ତାଙ୍କୁ ସର୍ବାଧିକ ଲୋକପ୍ରିୟ ଉଦ୍ୟୋଗୀ ଭାବେ ୱାର୍ଲ୍ଡ ସିଗ୍‌ନେଚର୍ ଆୱାର୍ଡ ମଧ୍ୟ ମିଳିଥିଲା । ଏବର୍ଷଟି ଲାଲ୍‌ଚାନ୍ଦ୍ ଜୁଏଲର୍ସ ପାଇଁ ଏକ ପୁରସ୍କାରର ବର୍ଷ ଭାବେ ପରିଗଣିତ ହୋଇଛି । ଏହି ବର୍ଷ ଲାଲ୍‌ଚାନ୍ଦ୍‌କୁ 'ଟପ୍ ଇଣ୍ଡିଆନ୍ ବ୍ରାଣ୍ଡ୍ ଅଫ୍ ଦି ଇୟର' ପୁରସ୍କାର ମିଳିଛି । ଏହି ପୁରସ୍କାର ପ୍ରଦାନ କରିଛନ୍ତି ଏମ୍‌ଟିଭି ରୋଡିଜ୍‌ର ହୋଷ୍ଟ ରଣବିଜୟ ସିଂହ ଓ ଅଭିନେତ୍ରୀ, ତଥା ଟିଭି ଉପସ୍ଥାପିକା ମନ୍ଦିରା ବେଦୀ । ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା ଏହି ପୁରସ୍କାର ପ୍ରଦାନ ଉତ୍ସବ । ସେହିପରି ନୂଆଦିଲ୍ଲୀରେ ଅନୁଷ୍ଠିତ ଅନ୍ୟ ଏକ ପୁରସ୍କାର ଉତ୍ସବରେ ଲାଲ୍‌ଚାନ୍ଦ୍‌କୁ ମିଳିଛି 'ମୋଷ୍ଟ ପ୍ରିଫର୍ଡ ଜୁଏଲର୍ସ ଆୱାର୍ଡ - ୨୦୧୯' । ଏହାକୁ ପ୍ରଦାନ କରିଛନ୍ତି ବଲିଉଡ୍ ଅଭିନେତ୍ରୀ ରାଧିକା ଆପ୍ଟେ । ନିକଟରେ ମିଳିଥିବା ଏହିସବୁ ପୁରସ୍କାରକୁ ଛାଡ଼ିଦେଲେ ଏହିବର୍ଷ ଓ ପୂର୍ବବର୍ଷ ମାନଙ୍କରେ ଲାଲ୍‌ଚାନ୍ଦ୍‌କୁ ଆହୁରି ଅନେକ ପୁରସ୍କାର ମିଳିଛି । ନୂଆଦିଲ୍ଲୀରେ ବଲିଉଡ୍ ଅଭିନେତ୍ରୀ ଅମ୍ରିତା ରାଓ ପ୍ରଦାନ କରିଥିଲେ 'ମୋଷ୍ଟ ପ୍ରୋମିନେଣ୍ଟ୍ ଜୁଏଲସ୍ ଆୱାର୍ଡ' । ସେହିପରି ମୁମ୍ବାଇ ଠାରେ ବଲିଉଡ୍ ଅଭିନେତ୍ରୀ ଜୁହୀ ଚାୱ୍‌ଲା 'ମୋଷ୍ଟ କଭଟେଡ୍ ବ୍ରାଣ୍ଡ୍ ଅଫ୍ ଦି ଇୟର୍' ପୁରସ୍କାର ପ୍ରଦାନ କରିଥିଲେ ।

ଏତେ ସବୁ ଉପଲବ୍ଧି ପରେ ମଧ୍ୟ ଲାଲ୍‌ଚାନ୍ଦ୍ ଜୁଏଲର୍ସର ଫାଉଣ୍ଡର ଚେୟାରମ୍ୟାନ୍ ଶ୍ରୀ ସଂଜୟ ହଂସଙ୍କ ଠାରୁ ଶୁଣିବାକୁ ମିଳିଥିଲା ମାତ୍ର ପଦୁଟିଏ କଥା । ସେ କହିଥିଲେ- 'ଆମର ସଫଳତାର ମନ୍ତ୍ର ହେଲା - ଗୁଣବତ୍ତା, ସୁଲଭ ମୂଲ୍ୟ, କାରିଗରୀ ଓ ଉତ୍ତମ ଗ୍ରାହକ ସେବା । ଆମେ ପ୍ରତ୍ୟେକ ଦିନ କଠିନରୁ କଠିନତର ପରିଶ୍ରମ ପରିଚାଳିଛୁ ଏବଂ ଆଗକୁ କରିବୁ ମଧ୍ୟ । ମୂଲ୍ୟବୋଧକୁ ବଜାୟ ରଖି ଲାଲ୍‌ଚାନ୍ଦ୍‌କୁ ବିଶ୍ୱର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ଭାବେ ଗଢ଼ିତୋଳିବା ମୋର ଲକ୍ଷ୍ୟ । ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା । ସାଇରାମ୍ !'











◀ ନନ୍ଦନକାନନ ରୋଡସ୍ଥିତ ଫ୍ଲାଗସିପ୍ ଷ୍ଟୋର୍ ଉଦ୍‌ଘାଟନ ଅବସରରେ ଲାଲ୍‌ଚାନ୍ଦ୍ ଜୁଏଲର୍ସର ଫାଉଣ୍ଡର୍ ଚେୟାରମ୍ୟାନ୍ ଶ୍ରୀ ସଂଜୟ ହଂସ ଓ ବଲିଉଡ୍ ଅଭିନେତ୍ରୀ ସୋନମ୍ କାପୁର୍ ଆହୁଜା






# ଲାଲ୍‌ଚାନ୍ଦ୍ ଜୁଏଲର୍ସ:
# ତିନି ଦଶନ୍ଧିର ସଫଳ ଯାତ୍ରା

ପ୍ରତିଶ୍ରୁତିବଦ୍ଧତା ସହ ଦୀର୍ଘ ସଫଳ ଯାତ୍ରା ମଧ୍ୟରେ ଓଡ଼ିଶାର ସବୁଠୁ ବିଶ୍ୱସନୀୟ ଅଳଙ୍କାର ପ୍ରତିଷ୍ଠାନ - ଲାଲ୍‌ଚାନ୍ଦ୍ ଜୁଏଲର୍ସ ଗ୍ରାହକମାନଙ୍କ ମୁହଁରେ ଫୁଟାଇ ଚାଲିଛି ହସ

















LALCHND
Odisha's Most Trusted Jeweller

## ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି ଆରମ୍ଭ

# ଶ୍ରଦ୍ଧାଳୁ ଦେଖିଲେ ରାଧାଦାମୋଦର ବେଶ

ପୁରୀ ଅଫିସ, ୯।୧୦

ଆଶ୍ୱିନ ଶୁକ୍ଳପକ୍ଷ ଏକାଦଶୀ ତିଥି ଅର୍ଥାତ୍ ବୁଧବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି କାର୍ତ୍ତିକ ନୀତି। ରତ୍ନସିଂହାସନରେ ରାଧା ଦାମୋଦର ବେଶରେ ଦର୍ଶନ ଦେଇଛନ୍ତି ମହାପ୍ରଭୁ। ଠାକୁରଙ୍କର ଏହି ମହାର୍ଘ ବେଶ କାର୍ତ୍ତିକ ମାସ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପଞ୍ଚୁକ ବେଶ କରାଯିବ। ଅନ୍ୟପକ୍ଷରେ କାର୍ତ୍ତିକ ନୀତି ଆରମ୍ଭରୁ ବିଳମ୍ବ ହୋଇଥିବାବେଳେ ମଙ୍ଗଳ ଆଳତି ସମୟରେ ଜୟବିଜୟ ଦ୍ୱାରରେ ଠେଲାପେଲା ହୋଇଥିଲା। ସୌଭାଗ୍ୟବଶତଃ କୌଣସି ଦୁର୍ଘଟଣା ଘଟିବା ପୂର୍ବରୁ ସେଠାରେ ଉପସ୍ଥିତ ପୋଲିସ କର୍ମଚାରୀ ସ୍ଥିତିକୁ ଆୟତ୍ତ କରିଥିଲେ। କାର୍ତ୍ତିକ ନୀତି ପାଇଁ ଭୋର ୪ଟାରେ ଦ୍ୱାରଫିଟା ଯିବାକୁ ନୀତି ସବ୍‌କମିଟି ବୈଠକରେ ସ୍ଥିର ହୋଇଥିଲା। କିନ୍ତୁ ପୂର୍ବ ରାତିରେ ପହୁଡ଼ ବିଳମ୍ବ ଯୋଗୁ କାର୍ତ୍ତିକ ନୀତିର ପ୍ରଥମ ଦିନରେ ଦେଢଘଣ୍ଟା ବିଳମ୍ବରେ ଅର୍ଥାତ୍ ଭୋର ୫ଟା ୩୫ରେ ଶ୍ରୀମନ୍ଦିରର ଦ୍ୱାର ଫିଟାଯାଇଥିଲା। ସକାଳ ୬ଟା ୧୦ରେ ଭିତର ଶୋଧ ହୋଇ ୬ଟା ୧୫ରେ ଠାକୁରଙ୍କ ମଙ୍ଗଳ ଆଳତି ହୋଇଥିଲା। ୭ଟା ୪୦ ସୁଦ୍ଧା ରୋଷହୋମ ଶେଷ ହେବା ପରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ରାଧାଦାମୋଦର ବେଶରେ ସଜ୍ଜିତ କରିଥିଲେ। ୮ଟା ୪୫ରେ ଏହି ବେଶ ସରିଥିଲା। ଏହାପରେ ଅନ୍ୟାନ୍ୟ ନୀତି ବଢି ପୂର୍ବାହ୍ନ ୧୧ଟା ୩୫ରେ ସକାଳ ଧୂପ ହୋଇ ମଧ୍ୟାହ୍ନ ୧୨ଟା ୪୦ରେ ବାଲଧୂପ ହୋଇଥିଲା। ମଧ୍ୟାହ୍ନ ୧୨ଟାରେ ଭୋଗ ମଣ୍ଡପ ଶେଷ ଲାଗି ଧାର୍ଯ୍ୟ ହୋଇଥିବାବେଳେ ଅପରାହ୍ନ ୨ଟା ୪୫ରେ ଭୋଗ ମଣ୍ଡପ ସରିଥିଲା। କାର୍ତ୍ତିକ ନୀତିର ପ୍ରଥମ ଦିନରୁ ଭକ୍ତମାନେ ବିଳମ୍ବରେ ମହାପ୍ରସାଦ ପାଇଥିଲେ।

କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ୫ଦିନ ପଞ୍ଚୁକ ବେଶ ଅନୁଷ୍ଠିତ ହେବ। ନଭେମ୍ବର ୮ରେ ଠିଆକିଆ ବା ଲକ୍ଷ୍ମୀନାରାୟଣ ବେଶ, ୯ରେ ବାଙ୍କଚୂଡ଼ ବା ବାମନ ବେଶ, ୧୦ରେ ତ୍ରିବିକ୍ରମ ବେଶ, ୧୧ରେ ଲକ୍ଷ୍ମୀନୃସିଂହ ବେଶ ଏବଂ ନଭେମ୍ବର ୧୨ (କାର୍ତ୍ତିକ ପୂର୍ଣ୍ଣିମା)ରେ ରାଜାଧିରାଜ ତଥା ସୁନାବେଶ ଅନୁଷ୍ଠିତ ହେବ। ଦୀପାବଳି ଅମାବାସ୍ୟାଠାରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ ମଧ୍ୟରେ ପଡୁଥିବା ସୋମବାରରେ ଅବକାଶ ନୀତି ପରେ ବଡଠାକୁରଙ୍କ ବାଡ଼ରେ ହରିହର ବେଶ ହେବାର ବିଧି ରହିଛି। ଏଥର ନଭେମ୍ବର ୪ ତାରିଖ ଅର୍ଥାତ୍ ସୋମବାର ପଡୁଥିବାରୁ ବଳଭଦ୍ରଙ୍କ ବାଡ଼ରେ ହରିହର ବେଶ ହେବ। ଅନ୍ୟପକ୍ଷରେ ବୁଧବାର ମଙ୍ଗଳ ଆଳତି ସମୟରେ ଶ୍ରୀମନ୍ଦିରରେ ଠେଲାପେଲା ହୋଇଛି। ଜୟ ବିଜୟ ଦ୍ୱାର ଉପରେ ସେବାୟତ ପରିବାରର କେତେଜଣ ମହିଳା ଓ ବୃଦ୍ଧା ବସିଥିଲେ। ଆଳତି ସରିବା ପରେ ହଠାତ୍ ନାଟମଣ୍ଡପ ପଟୁ ଭକ୍ତମାନେ ଠେଲାପେଲା ହୋଇ ସେମାନଙ୍କ ଉପରକୁ ମାଡ଼ି ଯାଇଥିଲେ। ଏହାଦେଖି ସେଠାରେ ଉପସ୍ଥିତ ସୁବେଦାର ଯୋଗେଶ ଚନ୍ଦ୍ର ସ୍ୱାଇଁ ଭିଡ଼ ଭିତରୁ ୩ଜଣ ବୃଦ୍ଧାଙ୍କୁ ଉଦ୍ଧାର କରିଥିଲେ।

- ଆରମ୍ଭରୁ ବିଳମ୍ବ ଓ ଠେଲାପେଲା
- ଭିଡ଼ ଭିତରୁ ୩ ବୃଦ୍ଧା ଉଦ୍ଧାର
- ଅପରାହ୍ନ ୨ଟା ୪୫ରେ ଭୋଗ ମଣ୍ଡପ ବଢ଼ିଲା







# ଶ୍ରୀମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍

### ଦେଖିନ୍ତୁ, କିନ୍ତୁ ଶୁଣିଛନ୍ତି: ଆଇଆଇସି

ପୁରୀ ଅଫିସ, ୯।୧୦

ବିଶ୍ୱପ୍ରସିଦ୍ଧ ପୁରୀ ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି। ଏ ନେଇ ଗୋଇନ୍ଦା ବିଭାଗ ବିଭିନ୍ନ ସମୟରେ ରିପୋର୍ଟ ଦେଉଛି। ସୁରକ୍ଷା ଦୃଷ୍ଟିକୋଣରୁ ଶ୍ରୀମନ୍ଦିର ଏକ ସମ୍ବେଦନଶୀଳ ଅଞ୍ଚଳ। ଏହା ମଧ୍ୟରେ ଫଟୋ ଉଠାଇବା, ଭିଡିଓ ଉତ୍ତୋଳନ କରିବା ସମ୍ପୂର୍ଣ୍ଣ ନିଷେଧ। ଏହାସତ୍ତ୍ୱେ ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ଦେଇ ମଙ୍ଗଳବାର ଶ୍ରୀମନ୍ଦିର ଉପରେ ଉଡିଛି ଡ୍ରୋନ। କିଛି ସମୟ ଡ୍ରୋନ୍ ଉଡ଼ିବା ଏବଂ ପୋଲିସ ଖୋଜିବାକୁ ଚେଷ୍ଟା କରି ବିଫଳ ହେବା ଘଟଣା ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଇଛି। ସକାଳେ ଏକ ଡ୍ରୋନ ମନ୍ଦିର ଉପରେ ଉଡୁଥିଲା। କେତେଜଣ ଭକ୍ତ ଦେଖିବା ପରେ ଏହା ପୋଲିସ ଓ ସେବାୟତଙ୍କ ନଜରକୁ ଆସିଥିଲା। ସେତେବେଳେ ଡ୍ରୋନ ଭିତର ବେଢା ଅଞ୍ଚଳ ଉପରେ ଉଡୁଥିଲା। ଏହାକୁ ଫଲୋ କରିବା ଲାଗି ଜଣେ ପୋଲିସ ଅଧିକାରୀ ଉତ୍ତର ଦ୍ୱାର ବାଟେ ବାହାରକୁ ଆସିଥିଲେ। ହେଲେ ଡ୍ରୋନଟି ଦକ୍ଷିଣ ଦ୍ୱାର ଉପର ଦେଇ ହରଚଣ୍ଡୀସାହି ଆଡ଼କୁ ପଳାଇଥିଲା। ଫଳରେ ପୋଲିସ ତା'ର ଟେର୍ ପାଇପାରି ନ ଥିଲା। ଶ୍ରୀମନ୍ଦିରରେ କାର୍ଯ୍ୟରତ ଜଣେ ପୋଲିସ ଅଧିକାରୀଙ୍କ ସୂଚନା ମୁତାବକ, ସକାଳେ ଏକ ଡ୍ରୋନ ଶ୍ରୀମନ୍ଦିର ଉପରେ ଉଚ୍ଚରେ ଉଡୁଥିଲା। ଡ୍ରୋନଟି ବହୁତ ଛୋଟ ଦେଖାଯାଉଥିଲା। ହୋ ହଲ୍ଲା ହେବା ପରେ ଏହି ଡ୍ରୋନଟି ହରଚଣ୍ଡୀସାହି ଆଡକୁ ପଳାଇଥିଲା। ଫଳରେ ଏହାକୁ ଠାବ କରାଯାଇ ପାରି ନ ଥିଲା। ଅନ୍ୟପକ୍ଷରେ ଏ ସମ୍ପର୍କରେ ସିଂହଦ୍ୱାର ଥାନା ଆଇଆଇସି ରଞ୍ଜନ କୁମାର ମଲିକ କହିଛନ୍ତି, ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ିଥିବା ଶୁଣିଛି, କିନ୍ତୁ ଏହାକୁ ଦେଖିନାହୁଁ। ରାତିରେ ମନ୍ଦିର ଉପରେ ଏକ ଲାଇଟ୍ ଦେଖି ଡ୍ରୋନ ଭାବି ଏହାକୁ ଫଲୋ କରିଥିଲୁ। କିନ୍ତୁ ଏହା ବାଣ ଲାଇଟ୍ ବୋଲି ଜଣାପଡ଼ିଥିଲା। ତଥାପି ପୋଲିସ ଏହା ଉପରେ ନଜର ରଖିଛି।

### ଭୁବନେଶ୍ୱରରେ ଯୁବକଙ୍କୁ ଆକ୍ରମଣ

# ଚିକିତ୍ସାଧୀନ ଅବସ୍ଥାରେ ଏମ୍‌କେସିଜିରେ ମୃତ୍ୟୁ

ବ୍ରହ୍ମପୁର ଅଫିସ,୯।୧୦

ଭୁବନେଶ୍ୱରରେ ଆକ୍ରମଣର ଶିକାର ହୋଇଥିବା ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବମକେଇ ପଞ୍ଚାୟତ ଖାଇରପଙ୍କ ଗ୍ରାମର ଜଣେ ଯୁବକଙ୍କର ଏମ୍‌କେସିଜି ମେଡିକାଲରେ ବୁଧବାର ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରକାଶ ପାତ୍ର (୪୦)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୫୨୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘଟଣାଟି ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳରେ ଘଟିଥିବାରୁ ଏହାର ତଦନ୍ତ ପାଇଁ ସମ୍ପୃକ୍ତ ଥାନାକୁ ଖବର ଦିଆଯାଇଛି ବୋଲି ପୋଲିସ କହିଛି। ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅଧୀନ ବମକେଇ ପଞ୍ଚାୟତ ଖାଇରପଙ୍କ ଗ୍ରାମର ପ୍ରକାଶ ଭୁବନେଶ୍ୱର ସାଲିଆ ସାହିରେ ସ୍ତ୍ରୀ ସରସ୍ୱତୀଙ୍କ ସହ ରହି ଶ୍ରମିକ ଭାବେ କାମ କରୁଥିଲେ। ଗତ ୬ ତାରିଖ ସନ୍ଧ୍ୟାରେ ପ୍ରକାଶ କାମରୁ ଫେରିଥିଲେ। ବଜାରକୁ ଯାଉଛି ବୋଲି କହି ସେ ଘରୁ ବାହାରି ଯାଇଥିଲେ। ରାତି ପ୍ରାୟ ୮ଟା ବେଳେ ତାଙ୍କ ସ୍ୱାମୀ ଏକ ମଦ ଦୋକାନ ନିକଟରେ ପଡିଥିବା ଖବର ପାଇ ସରସ୍ୱତୀ ସେଠାରେ ପହଞ୍ଚି ସ୍ୱାମୀଙ୍କୁ ଘରକୁ ଆଣିଥିଲେ। ମଦ ଦୋକାନ ପାଖରେ କେହି ଅଜଣା ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିବା ନେଇ ପ୍ରକାଶ ତାଙ୍କ ସ୍ତ୍ରୀଙ୍କୁ କହିଥିଲେ। ପରେ ୭ ତାରିଖରେ ଉଭୟେ ବମକେଇ ଫେରି ଆସିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ପ୍ରକାଶ ଗୁରୁତର ହେବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବୁଧବାର ସକାଳ ୮ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ସରସ୍ୱତୀ ଘଟଣା ସମ୍ପର୍କରେ ମେଡିକାଲ ଫାଣ୍ଡି ଅଧିକାରୀଙ୍କୁ ଜଣାଇଥିଲେ।

# ବାଇକ୍‌କୁ ଧକ୍କାଦେଲା ବସ୍, ୨ ଛାତ୍ର ମୃତ

ପୁରୁଣା ଭୁବନେଶ୍ୱର/ପିପିଲି, ୯।୧୦ (ଡି.ଏନ.ଏ.)

ପୁରୀ- ଭୁବନେଶ୍ୱର ୩୧୬ ନଂ. ଜାତୀୟ ରାଜପଥର ଗୁଡିଆପୋଖରୀ ଛକଠାରେ ବୁଧବାର ପୂର୍ବାହ୍ନରେ ବାଇକ୍‌କୁ ବସ୍ ଧକ୍କା ଦେବାରେ ୨ ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ପୁରୀ ଜିଲା ଅସ୍ତରଙ୍ଗ କୋରଡା ପଞ୍ଚାୟତ ଉଦୟପୁର ବନ୍ତିଲ ଗାଁର ଆକାଶ ବାରିକ (୨୧), ସୁମନ୍ତ ବିଶ୍ୱାଳ (୨୧)। ପୋଲିସ ସୂଚନା ମୁତାବକ, ଉଭୟ ସାଙ୍ଗ ନଂ. ଓଡି ୦୨ଏସି ୦୫୭୯ ବାଇକ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଘଟଣାସ୍ଥଳରେ ପୁରୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ନଂ. ଓଆର୦୨ଏଜେ ୬୦୩୪ ବସ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ଆକାଶ ଓ ସୁମନ୍ତ ବସ୍ ଚକାତଳେ ପଶିଯାଇଥିଲେ। ପ୍ରାୟ ୨୦ରୁ୨୫ ଫୁଟ ଦୂରକୁ ଘୋଷାରି ହୋଇଯାଇଥିଲେ। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଉତ୍ତରା ଫାଣ୍ଡି ପୋଲିସ ଏବଂ ପିପିଲି ଥାନା ଅଧିକାରୀ ଶରତ ଚନ୍ଦ୍ର ସାହୁ ପହଞ୍ଚିଥିଲେ। ସ୍ଥାନୀୟ ଉତ୍ୟକ୍ତ ଲୋକେ ଛକରେ ଥିବା ଡିଭାଇଡରଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏଠାରେ ଟ୍ରାଫିକ ପୋଷ୍ଟ ସହ ପୋଲିସ ମୁତୟନ ପାଇଁ ଦାବି କରି ରାଜପଥ ଅବରୋଧ କରିଥିଲେ। ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରାସ୍ତାରୋକୋ ଯୋଗୁ ରାସ୍ତାର ଉଭୟପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା। ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ଖୁବ୍‌ଶୀଘ୍ର ଦାବି ପୂରଣ ପାଇଁ ଆଇଆଇସି ସାହୁ ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଶାନ୍ତ ପଡିବା ସହ ଅବରୋଧ ହଟିଥିଲା।

# ବିଦ୍ୟୁତ୍ ନେଲା ଦୁଇ ମହିଳାଙ୍କ ଜୀବନ

ଖୋର୍ଦ୍ଧା ଅଫିସ/ବାଣପୁର/ବାଲୁଗାଁ,୯।୧୦(ଡି.ଏନ୍.ଏ.)

ମଙ୍ଗଳବାର ଦଶହରା ପାଇଁ ସବୁଠି ଆନନ୍ଦ ଉଲ୍ଲାସ ଦେଖିବାକୁ ମିଳିଥିବାବେଳେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ବିଷ୍ଣୁପୁର ପଞ୍ଚାୟତର ତେନ୍ତୁଳିଡିହ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସକାଳ ପ୍ରାୟ ୧୦ଟାରେ ଗ୍ରାମର ୨ଜଣ ମହିଳାଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବିଦ୍ୟୁତ୍‌ଲତା ମହାପାତ୍ର(୬୨) ଓ ମମତା ମହାପାତ୍ର(୨୫)। ବିଦ୍ୟୁତ୍‌ଲତାଙ୍କ ଘରର ଗ୍ରୀଲ୍ ଦେଇ ଆସିଛି ବିଦ୍ୟୁତ୍ ତାର। ହେଲେ କୌଣସି କାରଣରୁ ଉକ୍ତ ଗ୍ରୀଲ୍ ସହ ବିଦ୍ୟୁତ୍ ସଂଯୋଗ ହୋଇଯାଇଥିଲା। ବିଦ୍ୟୁତ୍‌ଲତା ଘର ବାହାରକୁ ଯିବା ପାଇଁ ଗ୍ରୀଲ୍‌କୁ ଛୁଇଁ ଦେବାରୁ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ସେ ସେଠାରେ ଚିତ୍କାର କରି ଟଳି ପଡ଼ିଥିଲେ। ଏହା ଦେଖି ପଡ଼ୋଶୀ ପ୍ରକାଶ ମହାପାତ୍ରଙ୍କ ସ୍ତ୍ରୀ ମମତା ତାଙ୍କୁ ଉଦ୍ଧାର କରିବାକୁ ଆସି ଗ୍ରୀଲ୍‌କୁ ଛୁଇଁ ଦେବାରୁ ସେ ମଧ୍ୟ ବିଦ୍ୟୁତ୍ ଆଘାତ ପାଇ ସେଠାରେ ଟଳି ପଡ଼ିଥିଲେ। ଗ୍ରାମବାସୀ ଉଭୟଙ୍କୁ ତୁରନ୍ତ ବାଲୁଗାଁ ଡାକ୍ତରଖାନାକୁ ଆଣିଥିଲେ। କିନ୍ତୁ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଣପୁର ଅତିରିକ୍ତ ତହସିଲଦାର, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଓ ସ୍ଥାନୀୟ ସରପଞ୍ଚ ଶେଷଦେବ ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ପ୍ରଶାସନ ପକ୍ଷରୁ ଉଭୟ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ ପ୍ରାଥମିକ ସହାୟତା ରାଶି ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ବାଣପୁର ଥାନାରେ ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇନାହିଁ କି ବ୍ୟବଚ୍ଛେଦ କରାଯାଇ ନ ଥିବା ଜଣାପଡିଛି।




# ପାଣିରେ ଗଲା ୩ ଜୀବନ

## ଭଉଣୀଭାଇ, କଲେଜ ଛାତ୍ର ମୃତ

ଢେଙ୍କାନାଳ ଅଫିସ/ଭୁବନ(ଡି.ଏନ.ଏ.), ୯।୧୦

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆ ଥାନା ଅନ୍ତର୍ଗତ ଇଟାପ ଗ୍ରାମରେ ବୁଧବାର ଅଭାବନୀୟ ଘଟଣା ଘଟିଛି। ପୋଖରୀରେ ବୁଡ଼ିଯାଇ ୨ଜଣ ଶିଶୁଙ୍କ ମୃତ୍ୟୁ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ମୃତକ ହେଲେ ସତ୍ୟବ୍ରତ ରାଉତ (୧୨) ଏବଂ ତାଙ୍କ ଦାଦା ଝିଅ ଭଉଣୀ ଜ୍ୟୋତିର୍ମୟୀ ରାଉତ (୧୦)। ସେହିପରି ଭୁବନ ଏନ୍ଏସି ସାଠୁଆସାହିର ପ୍ରଭାସ ସାଠୁଆ ମହାପାତ୍ର ମଧ୍ୟ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି।

ସନ୍ତୋଷ ରାଉତଙ୍କ ପୁଅ ସତ୍ୟବ୍ରତ ଏବଂ ସନ୍ତୋଷଙ୍କ ସାନଭାଇ ଦୁଷ୍ମନ୍ତ ରାଉତଙ୍କ ଝିଅ ଜ୍ୟୋତିର୍ମୟୀ ନିଜ ଜେଜେମାଙ୍କ ସହ ପୂର୍ବାହ୍ନ ୧୦ଟାରେ ପାକଟବନ୍ଧ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଜେଜେମା ନିକଟ ପଡ଼ିଆକୁ ଶୌଚ ହେବାକୁ ଯାଇଥିବାବେଳେ ଭଉଣୀଭାଇ ପୋଖରୀରେ ଗାଧୋଉଥିଲେ। ଜେଜେମା ତୁଠକୁ ଆସି ଦେଖିବା ବେଳକୁ ଦୁହେଁ ନିଖୋଜ ଥିଲେ। ଉଭୟେ ପାଣିରେ ବୁଡ଼ି ଯାଇଥିବା ଆଶଙ୍କା କରି ସେ ଚିତ୍କାର କରିଥିଲେ। ଗ୍ରାମବାସୀ ପହଞ୍ଚି ପୋଖରୀରେ ଖୋଜାଖୋଜି କରିଥିଲେ। ପ୍ରଥମେ ସତ୍ୟବ୍ରତଙ୍କୁ ଉଦ୍ଧାର କରାଯାଇଥିଲା। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଏହାପରେ ବଅଁରପାଳରୁ ଅଗ୍ନିଶମ କର୍ମଚାରୀ ପହଞ୍ଚି ଜ୍ୟୋତିର୍ମୟୀଙ୍କ ମୃତଦେହ ଉଦ୍ଧାର କରିଥିଲେ। କଣ୍ଟାବଣିଆ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏ ନେଇ ନଂ. ୩/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସତ୍ୟବ୍ରତ ନରେନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭ମ ଶ୍ରେଣୀରେ ଏବଂ ଜ୍ୟୋତିର୍ମୟୀ ଇଟାପ ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀରେ ପଢୁଥିବା ଜଣାପଡ଼ିଛି।


ମୃତ ଭଉଣୀଭାଇଙ୍କୁ ଉଦ୍ଧାର କରି ଅଣାଯାଉଛି।

ସେହିପରି ଭୁବନ ଏନ୍ଏସି ସାଠୁଆସାହିର ଗୋବିନ୍ଦ ସାଠୁଆ ମହାପାତ୍ରଙ୍କ ପୁଅ ପ୍ରଭାସ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ପରିବାର ଲୋକଙ୍କ କହିବା କଥା, ପ୍ରଭାସ ସବୁଦିନ ଘରେ ଗାଧୋଇଥାନ୍ତି। ଜନସ୍ୱାସ୍ଥ୍ୟ ବିଭାଗର ପାନୀୟ ଜଳ ଯୋଗାଣ ବନ୍ଦ ଥିବାରୁ ସେ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାରୁ ତାଙ୍କ ଗୋଡ଼ ଖସିଯାଇଥିଲା। ପହଁରା ଜାଣି ନ ଥିବାରୁ ସେ ବୁଡ଼ିଯାଇଥିଲେ। ତାଙ୍କ ସହ ଯାଇଥିବା ପିଲାମାନେ ଆସି ଏ ନେଇ ସୂଚନା ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ପ୍ରଭାସ ଭୁବନ କଲେଜର +୨ ପ୍ରଥମ ବର୍ଷ କଳା ଶ୍ରେଣୀର ଛାତ୍ର ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବିଜେପୁର ଉପନିର୍ବାଚନ: ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ଡିଜିପି

# ଆବଶ୍ୟକତା ଅନୁଯାୟୀ ପୋଲିସ ଫୋର୍ସ ମୁତୟନ ହେବେ


ସମୀକ୍ଷା ବୈଠକରେ ଡିଜିପି ବି.କେ. ଶର୍ମା ଓ ଅନ୍ୟମାନେ।

- ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି
- ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ

ବରଗଡ଼ ଅଫିସ,୯।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ଆସନ୍ତା ୨୧ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ବୁଧବାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ବି. କେ. ଶର୍ମା ବରଗଡ଼ ଗସ୍ତରେ ଆସି ଉପନିର୍ବାଚନ ପାଇଁ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଏହି କ୍ରମରେ ପୋଲିସ ପଦାଧିକାରୀଙ୍କୁ ନେଇ ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ହୋଇଥିଲା। ଉପନିର୍ବାଚନକୁ ଶୃଙ୍ଖଳିତ, ଅବାଧ ଓ ନିରପେକ୍ଷ ଭାବେ ଶେଷ କରିବା ଦିଗରେ ଡିଜିପି ଶର୍ମା ଗୁରୁତ୍ୱ ଦେଇଥିଲେ। ଏହା ସହ ସୁରକ୍ଷା ବ୍ୟବସ୍ଥାର ସ୍ଥିତି ସମୀକ୍ଷା ସହିତ ପୋଲିସ ଅଧିକାରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ।

ବିଜେପୁରରେ ହୋଇଥିବା ବିଗତ ନିର୍ବାଚନ ସମୟର ଅନୁଭୂତି ଅନୁଧ୍ୟାନ କରାଯାଇ ସେହି କ୍ରମରେ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଥିବା ଡିଜିପି ଶର୍ମା କହିଛନ୍ତି। ନିର୍ବାଚନ କମିଶନଙ୍କ ଗାଇଡ୍ ଲାଇନ ପାଳନ କରିବା ସହିତ ଉପନିର୍ବାଚନ ପୂର୍ବରୁ ଅସାମାଜିକ ତତ୍ତ୍ୱ ଉପରେ ନଜର ରଖି କାର୍ଯ୍ୟାନୁଷ୍ଠାନ ନେବାକୁ ଡିଜିପି ପରାମର୍ଶ ଦେଇଥିଲେ। ସେହିପରି କେଉଁଠାରେ ଘେରାଉ କରାଯିବ ଏବଂ କେଉଁଠି ଷ୍ଟାଟିକ୍ ଫୋର୍ସ ମୁତୟନ ରହିବେ ତାକୁ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ପୋଲିସ ପାଟ୍ରୋଲିଂକୁ ଅଧିକ କ୍ରିୟାଶୀଳ, କଡ଼ାକଡ଼ି କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଉପନିର୍ବାଚନ ପାଇଁ ବରଗଡ଼ ଏସ୍‌ପି ୩୦ ପ୍ଲାଟୁନ୍ ପୋଲିସ ଫୋର୍ସ ପାଇଁ ରିକ୍ୱିଜିଶନ କରିଛନ୍ତି। ସ୍ଥିତି ଅନୁଧ୍ୟାନ କରାଯାଉଛି ଏବଂ ଆବଶ୍ୟକତା ଅନୁଯାୟୀ ପୋଲିସ ଫୋର୍ସ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଏହା ସହିତ ସିଆରପିଏଫ, ଏସଓଜି, ଡିଭିଏଫ ମୁତୟନ ରହିବେ। ଅଭିଜ୍ଞତା ଦୃଷ୍ଟିରୁ ପଡ଼ୋଶୀ ଜିଲାର ପୋଲିସ ଅଧିକାରୀଙ୍କୁ ମଧ୍ୟ ଉପନିର୍ବାଚନ ସମୟରେ ନିୟୋଜିତ କରାଯିବ ବୋଲି ଡିଜିପି ଶର୍ମା କହିଥିଲେ।

ବୈଠକରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଆର. ପି. କୋଚେ, ସ୍ପେଶାଲ ଡିଜିପି ସୁନୀଲ ରୟ, ଆଇଜିପି ଆର. କେ. ଶର୍ମା, ଅମିତାଭ ଠାକୁର, ସିଆର୍‌ପିଏଫ୍ ଡିଆଇଜି ରାମ ଚରିତ୍, ଉତ୍ତରାଞ୍ଚଳ ଡିଆଇଜି ଏଚ୍. କେ. ଲାଲ୍, ସମ୍ବଲପୁର ଏସପି କେ.ବି ସିଂ, ବଲାଙ୍ଗୀର ଏସ୍‌ପି ଏମ. ଏସ. ସମ୍ପତ୍, ବରଗଡ଼ ଏସ୍‌ପି ପଦ୍ମିନୀ ସାହୁ, ସୋନପୁର ଏସପି ଦେବୀପ୍ରସାଦ ଦାଶ, ଝାରସୁଗୁଡ଼ା ଏସପି ଅଶ୍ୱିନୀ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଡିଜିପି ଶର୍ମା ତାଙ୍କର ପୃଥକ ବୈଠକରେ ମୋ ସରକାର, ୫-ଟି ଯୋଜନା ଉପରେ ଉପସ୍ଥିତ ଅଧିକାରୀଙ୍କ ସହିତ ଆଲୋଚନା କରି ବିଭିନ୍ନ ପରାମର୍ଶ ଦେଇଥିବାବେଳେ ଅନ୍ୟ ଏକ ବୈଠକରେ ବରିଷ୍ଠ ନାଗରିକଙ୍କ ସହିତ ମତ ବିନିମୟ କରିଥିଲେ।

# ୬ ଆଇଏଏସ୍ ଅଧିକାରୀଙ୍କ ପଦୋନ୍ନତି

ଭୁବନେଶ୍ୱର,୯।୧୦(ବ୍ୟୁରୋ)

- ଦେବାଶିଷ, ରାଜେଶ, ତୁହିନକାନ୍ତଙ୍କୁ କେନ୍ଦ୍ରୀୟ ସଚିବ ପାହ୍ୟା
- ସୌରଭ, ଅନୁ, ସତ୍ୟବ୍ରତଙ୍କୁ କେନ୍ଦ୍ରୀୟ ଅତିରିକ୍ତ ସଚିବ ପାହ୍ୟା

ଜଣେ ଓଡ଼ିଆ ଏବଂ ୨ ଜଣ ଓଡ଼ିଶା କ୍ୟାଡର ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀ କେନ୍ଦ୍ରୀୟ ସଚିବ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ଏହି ଅଫିସରମାନେ ହେଉଛନ୍ତି ୧୯୮୭ ବ୍ୟାଚ୍‌ର ୟୁପି କ୍ୟାଡର ଓଡ଼ିଆ ଅଧିକାରୀ ଦେବାଶିଷ ପଣ୍ଡା, ଓଡ଼ିଶା କ୍ୟାଡର ରାଜେଶ ବର୍ମା ଏବଂ ତୁହିନକାନ୍ତ ପାଣ୍ଡେ। ଅନ୍ୟମାନଙ୍କ ମଧ୍ୟରେ ୧୯୯୧ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଅଫିସର ସୌରଭ ଗର୍ଗ, ଅନୁ ଗର୍ଗ ଏବଂ ସତ୍ୟବ୍ରତ ସାହୁ କେନ୍ଦ୍ରୀୟ ଅତିରିକ୍ତ ସଚିବ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। କେନ୍ଦ୍ର କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗ ପକ୍ଷରୁ ବୁଧବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ଗତ ମେ'ରୁ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କେନ୍ଦ୍ରୀୟ ସଚିବ ପାହ୍ୟାକୁ ପଦୋନ୍ନତି ପାଇସାରିଛନ୍ତି।

# ହାତକଡ଼ି ସହ ଚମ୍ପଟ ଅଭିଯୁକ୍ତ ଗିରଫ

ଚାନ୍ଦବାଲି, ୯।୧୦ (ଡି.ଏନ.ଏ.)

ଭଦ୍ରକ ଜିଲା ବାଂଶଡ଼ା ଥାନାରେ ଏକ କମେଣ୍ଟ ମାରିବା ଘଟଣାରେ ଗିରଫ ଜଣେ ଅଭିଯୁକ୍ତ ଭଦ୍ରକ ଜେଲ୍‌କୁ ସ୍ଥାନାନ୍ତର ହେବା ରାସ୍ତାରେ ହାତକଡ଼ି ସହ ପୋଲିସ ହାତରୁ ମଙ୍ଗଳବାର ସନ୍ଧ୍ୟାରେ ଚମ୍ପଟ ମାରିଥିଲେ। ପୋଲିସ ଖୋଜାଖୋଜି କରି ବିଳମ୍ବିତ ରାତିରେ ତାଙ୍କ ଘର ଜଳେଶ୍ୱରପୁର ପଞ୍ଚାୟତର ପଲେଇସାହିରୁ ଅଭିଯୁକ୍ତ ରାଜେନ୍ଦ୍ର ବାରିକ(ଅଭିମନ୍ୟୁ)ଙ୍କୁ ଗିରଫ କରିଛି। ବାଂଶଡ଼ା ଥାନାର କନ୍‌ଷ୍ଟେବଲ ମୁଷଳ ହାଂସଦାଙ୍କ ଅଭିଯୋଗ କ୍ରମେ ଏ ନେଇ ଚାନ୍ଦବାଲି ଥାନାରେ ଅନ୍ୟ ଏକ ମାମଲା(ନଂ.୨୪୪/୧୯) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ସ୍ଥାନୀୟ ଜଳେଶ୍ୱରପୁର ଗ୍ରାମର ଜଣେ କଲେଜ ଛାତ୍ରୀଙ୍କୁ କମେଣ୍ଟ ମାରିବା ଘଟଣାରେ ରାଜେନ୍ଦ୍ରଙ୍କୁ ସୋମବାର ସନ୍ଧ୍ୟାରେ ପରମାନନ୍ଦପୁର ଦୁର୍ଗାମଣ୍ଡପ ନିକଟରୁ ଧରାଯାଇ ବାଂଶଡ଼ା ଥାନାରେ ଅଟକ ରଖାଯାଇଥିଲା। ଏ ନେଇ ବାଂଶଡ଼ା ଥାନାରେ ମାମଲା(ନଂ. ୨୩୫/୧୯) ରୁଜୁ ହୋଇଥିଲା। ମଙ୍ଗଳବାର ତାଙ୍କୁ ଚାନ୍ଦବାଲି କୋର୍ଟରେ ହାଜର କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ସନ୍ଧ୍ୟାରେ ଭଦ୍ରକ ଜେଲ୍‌କୁ ନିଆଯାଉଥିଲା। ରାଜେନ୍ଦ୍ରଙ୍କ ହାତରେ ହାତକଡ଼ି ପଡ଼ିଥିବା ବେଳେ ବାଂଶଡ଼ା ଥାନା ପୋଲିସ ତାଙ୍କୁ ଏକ ବାଇକ୍‌ରେ ପଛରେ ବସାଇ ଚାନ୍ଦବାଲିରୁ ଭଦ୍ରକ ଜେଲକୁ ନେଉଥିଲା। ସୁରକ୍ଷା ପାଇଁ ଅନ୍ୟ ଏକ ବାଇକ୍‌ରେ ଆଉ ଜଣେ ପୋଲିସ ଯାଉଥିଲେ। ଭଦ୍ରକ-ଚାନ୍ଦବାଲି ରାସ୍ତାରେ ନାଲଗୁଣ୍ଡା ବଜାରରେ ଏକ ବଡ଼ ହମ୍ପସଠାରେ ପୋଲିସ ବାଇକ୍‌ର ଗତି ଧୀର କରିବାର ସୁଯୋଗ ନେଇ ରାଜେନ୍ଦ୍ର ଡେଇଁପଡ଼ି ଖସିଯାଇଥିଲେ। ପୋଲିସ ବିଳମ୍ବିତ ରାତିରେ ତାଙ୍କ ଘରେ ଚଢ଼ାଉ କରି ରାଜେନ୍ଦ୍ରଙ୍କୁ ଗିରଫ କରିଥିଲା।






## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆରାଧ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ଇ- ବିଧାନସଭା
# ୪୭ ବିଧାୟକ କିଣିଲେ କମ୍ପ୍ୟୁଟର

ଭୁବନେଶ୍ୱର,୯।୧୦(ବ୍ୟୁରୋ)

ବିଧାୟକମାନେ ଆଉ କାଗଜପତ୍ର ନୁହେଁ କମ୍ପ୍ୟୁଟର ଜରିଆରେ ସମସ୍ତ ସୂଚନା ପାଇବା ସହ ଅନ୍ୟାନ୍ୟ କାର୍ଯ୍ୟ କରିବେ। ଏପରି କି ବିଧାନସଭାକୁ ମଧ୍ୟ ଲାପଟପ୍ ଧରି ଆସି ପାରିବେ । ଅନ୍‌ଲାଇନରେ ସବୁ କିଛି ହେବ। ବିଧାୟକମାନେ ଯାହା କିଛି ଚାହିଁବେ ସେମାନଙ୍କୁ ଅନ୍‌ଲାଇନ ମାଧ୍ୟମରେ ସମସ୍ତ ତଥ୍ୟ ଯୋଗାଇ ଦିଆଯିବ। ଇ-ବିଧାନସଭା ଆରମ୍ଭ କରିବାକୁ ନୀତିଗତ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ବିଧାନସଭା ପକ୍ଷରୁ ବିଧାୟକମାନଙ୍କୁ ଲାପ୍‌ଟପ ଯୋଗାଇ ଦିଆଯିବ ବୋଲି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସୂଚନା ଦେଇଛନ୍ତି । କମ୍ପ୍ୟୁଟର/ଲାପଟପ୍ ବାବଦ ଖର୍ଚ୍ଚ ବିଧାନସଭା ପକ୍ଷରୁ ଯୋଗାଇ ଦିଆଯିବ। ଏ ପର୍ଯ୍ୟନ୍ତ ୪୭ ଜଣ ବିଧାୟକ ଲାପଟପ୍/କମ୍ପ୍ୟୁଟର କ୍ରୟ କରି ସାରିଲେଣି। ବୁଧବାର ଏ ବାବଦରେ ଟଙ୍କା ନେବାକୁ ସେମାନେ ରସିଦ ଦାଖଲ କରିଥିବା ବାଚସ୍ପତି ସୂଚନା ଦେଇଛନ୍ତି। କମ୍ପ୍ୟୁଟର କିମ୍ବା ଲାପ୍‌ଟପ କିଣିବା ପାଇଁ ବିଧାନସଭା ପକ୍ଷରୁ ସର୍ବାଧିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯୋଗାଇ ଦିଆଯିବ। ୫ଟି ବଡ଼ ବ୍ରାଣ୍ଡ କମ୍ପାନୀର କମ୍ପ୍ୟୁଟର କିଣିବାକୁ ନ୍ୟାଶନାଲ ଇନ୍‌ଫରମେଟିକ ସେଣ୍ଟର(ଏନ୍‌ଆଇସି) ଏବଂ ରାଜ୍ୟ ସୂଚନା ଓ ପ୍ରଯୁକ୍ତି ବିଭାଗ ପକ୍ଷରୁ ବିଧାୟକମାନଙ୍କୁ ପରାମର୍ଶ ଦିଆଯାଇଛି। ଏହାଛଡ଼ା କମ୍ପ୍ୟୁଟର ବିଷୟରେ ବିଧାୟକମାନଙ୍କୁ ତାଲିମ ଦେବା ପାଇଁ ଏନ୍‌ଆଇସିକୁ ଅନୁରୋଧ କରାଯାଇଛି। ଯେଉଁ ବିଧାୟକମାନଙ୍କର କମ୍ କିମ୍ବା ଆଦୌ କମ୍ପ୍ୟୁଟର ବିଷୟରେ ଜ୍ଞାନ ନାହିଁ ସେମାନଙ୍କୁ ତାଲିମ ପ୍ରଦାନ କରାଯିବ। ଅନ୍‌ଲାଇନ ଡାଟା ଏଣ୍ଟ୍ରି ଇ-ମେଲ ଆଦି ବିଷୟରେ ତାଲିମ ପ୍ରଦାନ କରାଯିବ। ବିଧାନସଭା କର୍ମଚାରୀମାନେ ମଧ୍ୟ ତାଲିମ ନେବେ ବୋଲି ବାଚସ୍ପତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଏସ୍‌ସିବି ମେଡିକାଲରେ ୧୦୧ ଡେଙ୍ଗୁ ରୋଗୀ

କଟକ ଅଫିସ, ୯।୧୦

ରାଜ୍ୟରେ ଡେଙ୍ଗୁ ରୋଗୀ ସଂଖ୍ୟା ବଢ଼ିବାରେ ଲାଗିଛି। କିଛିଦିନ ଲଗାଣ ବର୍ଷା ହେବା ଯୋଗୁ ଡେଙ୍ଗୁ ଭୟଙ୍କର ରୂପ ନେବାରେ ଲାଗିଛି। ବୁଧବାର କଟକ ଏସ୍‌ସିବିରେ ମୋଟ୍ ୧୦୧ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୯୫ଜଣ ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ଼ରେ ଚିକିତ୍ସିତ ହେଉଥିବାବେଳେ ଗୁରୁତର ଥିବା ୬ଜଣଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ସେହିପରି ବୁଧବାର ଏସ୍‌ସିବି ମେଡିକାଲରେ ୧୫୫ଟି ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୩୪ଜଣଙ୍କ ରକ୍ତ ନମୁନା ଡେଙ୍ଗୁ ପଜିଟିଭ ରହିଥିବା ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି। ସେମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲାର ୧୧, କଟକ ଜିଲାର ୭, କେନ୍ଦ୍ରାପଡାର ୭, ଯାଜପୁରର ୨, ଜଗତ୍‌ସିଂହପୁର, ଗଞ୍ଜାମ, ଢେଙ୍କାନାଳ, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ ଜିଲା ଓ ପଶ୍ଚିମବଙ୍ଗର ଜଣେ ରୋଗୀ ରହିଥିବା ଏସ୍‌ସିବି ଡେଙ୍ଗୁ ନୋଡାଲ ଅଫିସର ଡାକ୍ତର ଶ୍ରୀପ୍ରସାଦ ମହାନ୍ତି କହିଛନ୍ତି।

### 'ମୋ ସରକାର' ସମୀକ୍ଷା
# ୩ ପ୍ରମୁଖ ଅଧିକାରୀଙ୍କ ମାଲକାନଗିରି ଗସ୍ତ



- ପ୍ରତିନିଧି ଦଳରେ ଅଶୋକ, ପାଣ୍ଡିଆନ୍, ଶାଳିନୀ
- ଉନ୍ନତ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ

ମାଲକାନଗିରି,୯।୧୦ (ଡି.ଏନ୍.ଏ.)

ରାଜ୍ୟର ଶୀର୍ଷ ପ୍ରଶାସନରେ ନିଆଯାଉଥିବା ନିଷ୍ପତ୍ତି ତୃଣମୂଳରେ କିପରି କାର୍ଯ୍ୟକାରୀ ହେଉଛି , ତାହାର ତଦାରଖ କରିବା ପାଇଁ ୩ ବରିଷ୍ଠ ଆଇଏଏସ୍ ଅଧିକାରୀ ବୁଧବାର ମାଲକାନଗିରି ଜିଲା ଗସ୍ତ କରିଛନ୍ତି। ଏହି ଅଧିକାରୀମାନେ ହେଉଛନ୍ତି- ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ ମୀନା, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ବିଭାଗ ସଚିବ ଭି. କାର୍ତ୍ତିକେୟନ୍ ପାଣ୍ଡିଆନ୍ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ଅଧକ୍ଷା ଶାଳିନୀ ପଣ୍ଡିତ। ଅଧିକାରୀମାନେ ଡାକ୍ତରଖାନାର ବିଭିନ୍ନ ୱାର୍ଡ ପରିଦର୍ଶନ କରିଥିଲେ। ସେଠାରେ ଏକାଧିକ ରୋଗୀଙ୍କୁ ଭେଟି ସେମାନଙ୍କୁ ମିଳୁଥିବା ସୁବିଧାସୁଯୋଗ ଓ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ସ୍ଥାନୀୟ ଚିକିତ୍ସାଳୟରେ ଭିତ୍ତିଭୂମିର ଉନ୍ନୟନ ନେଇ କର୍ମଚାରୀ ଏବଂ ଅଧିକାରୀମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଡାକ୍ତରଖାନାକୁ ଆସୁଥିବା ପ୍ରତ୍ୟେକ ରୋଗୀ ଯେପରି ଉପଯୁକ୍ତ ଚିକିତ୍ସା ପାଇବେ, ସେ ଦିଗରେ ସମସ୍ତ କର୍ମଚାରୀ ଯତ୍ନଶୀଳ ହେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ରୋଗୀଙ୍କ ସହ ଆସୁଥିବା ବ୍ୟକ୍ତିବିଶେଷଙ୍କ ସହ ଉପଯୁକ୍ତ ବ୍ୟବହାର ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଚିକିତ୍ସାଳୟରେ ଆବଶ୍ୟକ ହେଉଥିବା ମେଡିସିନ୍ ଏବଂ ଉପକରଣ ସମ୍ପର୍କିତ ତଥ୍ୟ ମଧ୍ୟ ଅଧିକାରୀଙ୍କ ଦ୍ୱାରା ସଂଗୃହୀତ କରାଯାଇଥିଲା। ମୁଖ୍ୟ ଚିକିତ୍ସାଳୟ ପରେ ଜିଲାର ଅନ୍ୟ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା।

ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମ୍‌ଓ) ଅଜୟ କୁମାର ବୈଠାରୁ କହିଛନ୍ତି ଯେ, ମାଲକାନଗିରି ଡାକ୍ତରଖାନାରେ ଖାଲି ପଡିଥିବା ପଦବୀରେ ନିଯୁକ୍ତି, ପ୍ରତି ସପ୍ତାହରେ ଅନ୍ୟ ଜିଲା ଏବଂ ରାଜ୍ୟରୁ ବିଶେଷଜ୍ଞମାନେ ଦୁଇଥର ମାଲକାନଗିରି ଆସି ରୋଗୀଙ୍କୁ ପରୀକ୍ଷା କରିବେ। ରୋଗୀଙ୍କ ସମସ୍ତ ଔଷଧ ଖର୍ଚ୍ଚ ସରକାର ବହନ କରିବେ। ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ରହିବା ସୁବିଧା, କ୍ୟାଣ୍ଟିନ୍ ବ୍ୟବସ୍ଥା ଆଦି କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିବା ସିଡିଏମ୍‌ଓ କହିଥିଲେ। ସେହିପରି ଡାକ୍ତରଖାନାରେ ୨୪ ଘଣ୍ଟିଆ ଶୁଦ୍ଧ ପାନୀୟଜଳ ଯୋଗାଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଆଗାମୀ ଦିନରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମାଲକାନଗିରି ଜିଲା ଉଲ୍ଲେଖନୀୟ ସୋପାନ ହାସଲ କରିବା ନେଇ ଏନ୍‌ଏଚ୍‌ଏମ୍ ଅଧକ୍ଷା ଶାଳିନୀ ପଣ୍ଡିତ ଦୃଢୋକ୍ତି ପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ, ୩ ଅଧିକାରୀ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି ଏମ୍.ଭି-୩ସ୍ଥିତ ବିଏସ୍‌ଏଫ୍ କ୍ୟାମ୍ପରେ ଅବତରଣ କରି ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଗସ୍ତ କରିଥିଲେ। ସେମାନଙ୍କ ସହ ଜିଲାପାଳ ମନୀଷ ଅଗ୍ରୱାଲ, ଏସ୍‌ପି ହୃଷୀକେଶ ଡି. ଖିଲାରି, ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମ୍‌ଓ) ଅଜୟ କୁମାର ବୈଠାରୁ, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ(ଏଡିଏମ୍‌ଓ) ଅନିଲ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅକ୍ଟୋବର ୨ ତଥା ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଥିବା 'ମୋ ସରକାର' କାର୍ଯ୍ୟକ୍ରମ ପରେ ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ପୂର୍ବାପେକ୍ଷା ଅଧିକ ଗୁରୁତ୍ୱ ଦିଆଯାଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପାରିବାରିକ ସମସ୍ୟା ସମାଧାନ ହେବା ସକାଶେ ବନ୍ଧୁ ମାର୍ଗଦର୍ଶକ ସାଜିବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇ ନେବା ସକାଶେ ଚେଷ୍ଟା କରି ପାରନ୍ତି। ପରିବହନ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ବନ୍ଧୁ ଗହଣରେ ସାଧାରଣ ଘଟଣାକୁ ନେଇ ମନସ୍ତାପ କରିବାକୁ ପଡିପାରେ।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ ମାପିଚୁପି ଚଳିବା ଭଲ ନଚେତ୍ ଆକସ୍ମିକ ଭାବରେ କଳହ ଲାଗିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଓ ଅଟକି ରହିଥିବା କାମକୁ ଶେଷ କରି ପାରିବେ। ପରିବାର ଭିତରେ ସମସ୍ୟା ଦେଇ ଗତିକଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବେ।

**ମିଥୁନ** ପାରିବାରିକ ସମସ୍ୟା ଥିଲେ ମଧ୍ୟ କାମଗୁଡିକୁ ସଫଳତାର ସହ ସମ୍ପନ୍ନ କରିବେ। କିଛି ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ମନ ଅସ୍ଥିର ରହିବା କାରଣରୁ କାମଗୁଡିକ ସମ୍ପନ୍ନ ହେବା କଷ୍ଟକର ହୋଇପାରେ।

**କର୍କଟ** ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଭୁଲ୍ ବୁଝାମଣାରୁ ପାରିବାରିକ କଳହକୁ କେନ୍ଦ୍ରକରି ଭାବପ୍ରବଣ ହୋଇପାରନ୍ତି। ବ୍ୟବସାୟ କିମ୍ବା ପରିବହନରେ ଲାଭ ହେବା ବଦଳରେ କ୍ଷତିରେ ହିଁ ପଡ଼ିବେ।

**ସିଂହ** ପରିବାର ଓ କର୍ମକ୍ଷେତ୍ରରେ ରହିଥିବା ବ୍ୟତିକ୍ରମ ବିଷୟ ଚିନ୍ତାକରି ମନ ବିଚଳିତ ରହିବ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। ଆତ୍ମୀୟମାନଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ଆଜି କୌଣସି ଖୁସି ଖବର ପାଇବାର ଆଶା ରହିଛି ଏହା ସଙ୍ଗକୁ ସନ୍ତାନଙ୍କ କୃତିତ୍ୱ ପାଇଁ ଗର୍ବ କରିବେ।

**କନ୍ୟା** ଆଜି କୌଣସି ସମସ୍ୟା ଆପଣଙ୍କୁ ବିଚଳିତ କରି ପାରିବ ନାହିଁ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା, କଳା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନ କରିବାରେ ସମର୍ଥ ହେବେ। ବନ୍ଧୁମାନଙ୍କ ସହ ଆଲୋଚନା କରିବାର ସୁଯୋଗ ପାଇବେ। ଅଫିସରୁ ଆସିବା ବେଳକୁ ନିଜ ମନ ପସନ୍ଦର ଜିନିଷଟି କିଣିବାରେ ସମର୍ଥ ହେବେ।

**ତୁଳା** ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ଚେଷ୍ଟା କଦାପି ବିଫଳ ହେବନି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ। ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି ଓ ଆଗଭଳି ତାଙ୍କର ମନୋଭାବ ନ ଥିବା ଅନୁଭବ କରି ପାରନ୍ତି। ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସଫଳ ହେବେ।

**ବିଛା** ଗତକାଲି ଠାରୁ ଯେଉଁ ବିଷୟ ସକାଶେ ଚିନ୍ତିତ ରହିପାରନ୍ତି। ସେଥିରେ କିଛି ଅସୁବିଧା ହେବନି। କର୍ମକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତରୁ ଉପକୃତ ହେବେ।

**ଧନୁ** ମାନସିକ ସ୍ତରରେ ଅନ୍ୟମନସ୍କତା ଓ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ, ଆଲୋଚନା ପରିସରରେ, ସଭାରେ,ତର୍କ ଓ ବିବାଦରେ, ଆଇନ ଅଦାଲତରେ ସ୍ଥଗିତ କାମକୁ ପୂରା କରିବେ। ଦୀର୍ଘଦିନର ବକେୟା ଅର୍ଥ ଆଦାୟ କରିବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ମକର** ଆପଣ ଯେତେ ପ୍ରକାରର ଚେଷ୍ଟା କଲେ ମଧ୍ୟ ସବୁ କାମ ଗୁଡିକ ବିଳମ୍ବିତ ସମୟରେ ହିଁ ସମ୍ପନ୍ନ ହେବ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ ଓ ସାମୟିକ ଅସୁବିଧାର ସମ୍ମୁଖୀନ ହେବେ। କଥା ଦେଇଥିବା ବନ୍ଧୁ ଠିକ୍ ସମୟରେ ନ ଫେରିବା କାରଣରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। କୌଣସ କାରଣରୁ ଜଣେ ବନ୍ଧୁଙ୍କ ସହ ତର୍କ ଓ ବିବାଦ ବଢ଼ିପାରେ।

**କୁମ୍ଭ** କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମ କରି ପ୍ରଶଂସିତ ହେବେ କିନ୍ତୁ ଆଜି ପାଖ ପଡୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଚେଷ୍ଟା କରୁଥିବା କାମରେ, କଚେରି ମାମଲାରେ, ଜମିଜମା ବିବାଦରେ, ଉପକୃତ ହେବେ। ଅର୍ଥନୈତିକ ଅଭିବୃଦ୍ଧି, ଭ୍ରମଣ ଓ ନୂତନ ବସ୍ତ୍ରଭୂଷଣ ଲାଭ ଜନିତ ମନ ଖୁସୀ ରହିବ।

**ମୀନ** କର୍ମକ୍ଷେତ୍ର ଓ ପରିବାର ମଧ୍ୟରେ ବିଭିନ୍ନ ପ୍ରକାରର ସମସ୍ୟାଗୁଡିକୁ ସାମ୍ନା କରି ନପାରି ବିବ୍ରତ ବୋଧ କରି ପାରନ୍ତି। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ। ପାରସ୍ପରିକ ଭୁଲ୍ ବୁଝାମଣାରୁ ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କ ନିକଟରୁ ଅନାଦର ପାଇପାରନ୍ତି।

ଆଜି ଆଶ୍ୱିନ ଶୁକ୍ଳ ଦ୍ୱାଦଶୀ ଗୁରୁବାର, ଅକ୍ଟୋବର ୧୦ ତାରିଖ, ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ, ଚରଖା ଦିବସ, ରାଷ୍ଟ୍ରୀୟ ଡାକ ଦିବସ, ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଆଜି ନବାନ୍ନ ପାଇଁ ଶୁଭଦିନ, ଦିବା ଘ୭।୧୭ମି. ମଧ୍ୟେ ଘ୧।୩୦ମି. ଗତେ, ଘ୩।୦୩ମି. ମଧ୍ୟେ ଅମୃତ ବେଳା। ସକାଳ ଘ୭।୧୨ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧।୦୧ମି. ଗତେ ଘ୨।୨୮ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା...

କ୍ୟାବିନେଟ କେନ୍ଦ୍ର କର୍ମଚାରୀଙ୍କ ଡିଏର ଅତିରିକ୍ତ କିସ୍ତି ଏବଂ ପେନସନଭୋଗୀଙ୍କ ଡିଅରନେସ୍ ରିଲିଫ(ଡିଆର୍) ପ୍ରଦାନକୁ ଅନୁମୋଦନ ଦେଇଥିବା ବେଳେ ଏହା ଚଳିତବର୍ଷ ଜୁଲାଇ ପହିଲାରୁ ଲାଗୁ ହେବ। ଦରଦାମ ବୃଦ୍ଧି ପ୍ରସଙ୍ଗକୁ ଧ୍ୟାନରେ ରଖି ଏଭଳି ଘୋଷଣା କରାଯାଇଥିବା ସରକାରଙ୍କ ପକ୍ଷରୁ ବିବୃତିରେ କୁହାଯାଇଛି। ୭ ବେତନ ଆୟୋଗଙ୍କ ପ୍ରସ୍ତାବ ଆଧାରରେ ଏଭଳି ନିଷ୍ପତ୍ତି ହୋଇଛି। ଏଭଳି ପଦକ୍ଷେପ ଦୀପାବଳି ପୂର୍ବରୁ କେନ୍ଦ୍ର କର୍ମଚାରୀଙ୍କ ଲାଗି ଖୁସି ଖବର ବୋଲି ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି। ଚଳିତ ବର୍ଷ ଜାନୁୟାରୀରେ ସରକାର ଡିଏ ଏବଂ ଡିଆର୍‌କୁ ୯%ରୁ ୧୨%କୁ ବଢାଇଥିଲେ। ନୂଆ ନିଷ୍ପତ୍ତି ଦ୍ୱାରା ଡିଏ ଏବଂ ଡିଆର୍ ବାବଦ ବୃଦ୍ଧି ଯୋଗୁ ରାଜକୋଷକୁ ବାର୍ଷିକ ୧୬,୯୦୯.୩୬ କୋଟି ଏବଂ ଚଳିତବର୍ଷ ଜୁଲାଇଠାରୁ ଫେବୃୟାରୀ ଯାଏ ୮ ମାସରେ ୧୦,୬୦୬.୩୬ କୋଟି ଟଙ୍କାର ପ୍ରଭାବ ପଡିବ। ଡିଏ ବୃଦ୍ଧି ନିଷ୍ପତ୍ତି ଯୋଗୁ ସରକାରଙ୍କୁ ବାର୍ଷିକ ପ୍ରାୟ ଅତିରିକ୍ତ ୮,୫୯୦.୨୦ କୋଟି ଏବଂ ଚଳିତ ବର୍ଷ ଜୁଲାଇ ଠାରୁ ୨୦୨୦ ଫେବୃୟାରୀ ଯାଏ ୫,୭୨୬ କୋଟି ଅତିରିକ୍ତ ଖର୍ଚ୍ଚ କରିବାକୁ ପଡିବ। ସେହିଭଳି ପେନସନଭୋଗୀଙ୍କ ଲାଗି ଡିଆର୍‌ରେ ବୃଦ୍ଧି ନିଷ୍ପତ୍ତି ଫଳରେ ବାର୍ଷିକ ଅତିରିକ୍ତ ୭,୩୧୯.୧୫ କୋଟି ଖର୍ଚ୍ଚ କରିବାକୁ ପଡିବ ବୋଲି ଆକଳନ କରାଯାଇଛି। ଚଳିତ ଆର୍ଥିକ ବର୍ଷ ସରକାର ଏହି ବାବଦକୁ ଅତିରିକ୍ତ ୪,୮୭୦ କୋଟି ଟଙ୍କା ଖର୍ଚ୍ଚ କରିବେ। ସୂଚନାଯୋଗ୍ୟ, କର୍ମଚାରୀଙ୍କ ଏବଂ ପେନସନଭୋଗୀଙ୍କୁ ଦରଦାମ ବୃଦ୍ଧି ଯୋଗୁ ହେଉଥିବା ବେସିକ୍ ପେ ଏବଂ ପେନସନର ରିୟଲ ଭାଲ୍ୟୁ ହ୍ରାସକୁ ସୁରକ୍ଷିତ କରିବା ଲାଗି କେନ୍ଦ୍ର ସରକାର ଏଭଳି ପଦକ୍ଷେପ ନେଇଥାନ୍ତି। ଏହା ବର୍ଷକୁ ୨ଥର ଯଥା- ଜାନୁୟାରୀ ଏବଂ ଜୁଲାଇ ପହିଲାରେ ପରିବର୍ତ୍ତନ ହୋଇଥାଏ।


# classifieds Everyday
0674-2580101, 2549302

**real estate**

**SALE**

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। 9178660666. D-14666

ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952. D-66774

213 decml gharabari sthitiban plot, yellow zone on 60ft road @ Sundarpur, Bhubaneswar adjacent to 200ft road. Contact owner: 9338342502. D-68118

4BHK duplex with gated community at Balianta (land-1400, construction- 2200@ 55lakhs/ 2600@ 65lakhs) Mplanets: 9938219397, 9861022055. D-14645

Gated plotting project near Sum Hospital and Janla Infovally square. 7008818121. D-66796

**GENERAL SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66767

For Sale-Hotel room Furnitures Beds, AC, LED TV, Sofas, Fridge, Geysers, Wardrobes, Writing table. Furnitures available for 11 Rooms. Call: 8598923231. D-68127

**to-let**

Open space 12000sqft for rent at Puri bypass, 7500 RCC godown at canal road Hanspal, 9437002484, 9348236615. D- 14635

300sqft. shop for medicine, etc, A/43, near Reliance Fresh, Ruchika Market, Baramunda, Bhubaneswar. 8763246739. D-67236

**packers & movers**

India's No.1 Packers-Leo Packers & Movers since 1975, Nationwide Network- 9438133699. D-14664

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Experience full body massage with us (expert). Call: 7377048581, 06742597822. D-68110

Full body herbal massage with refreshment expert therapist. 7381239385, 06742540855. D-68109

Herbal full body massage by smart / expert therapist. Contact: 8338067247. D-68111

Summer special mesmerizing offer expert therapeutic refreshing massage appointment. 9668374480. D-68112

Refresh your mind and soul with best therapy at Orchid Salon/ Spa. 9937287222. D-66972

**astrology**

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14633

**AFFIDAVIT**

BEFORE THE NOTARY, GUNUPUR, Dist: RAYAGADA, ODISHA
(To be filed submitted before the concerned Press Reports for Paper Publication)

I, Alluri Asha Jyoti, aged about 44 years, W/o: Late Alluri Venkata Srinivasa Raju @ Rao, resident of Farm House, Bada-Achaba, PO: Panasaguda, PS: Gunupur, Dist: Rayagada, do hereby declare and solemnly affirm on oath and state is hereunder.

1. That I am the deponent of this affidavit.
2. That myself and my husband have purchased the lands to an area of Ac.10.92cents in Mouza: Bada-Achaba, within the limits of Tahasil: Ramanaguda, under Khata No.15, Plot Nos. 131 and 132 from Kadiyam Gopalakrishna Achari, S/o: K.Raghunath Achari, resident of Amma Residency, Mangalapalem, PO: Kothavalasa-535183, Dist: Visakhapatnam, Andhra Pradesh on 20.06.1996 and from the day of purchase, I am in cultivating possession and enjoyment thereon.
3. That Kadiyam Gopalakrishna Achari on receipt of sale consideration in full, is going to make second sale negotiation in favour of land swindlers without having any physical possession on the lands already sold.
4. That, this affidavit is swearing by me that Kadiyam Gopalakrishna Achari has no authority to alienate the property of mine and in the event of any wrongful transaction done by Kadiyam Gopalakrishna Achari, he himself and the persons shall be held responsible both in Civil and Criminal and if any wrongful acts committed by him to disturb my peaceful physical possession of my lands, he shall be held responsible.
5. That I am swearing this affidavit to be submitted before the concerned Press Reporters for paper publication.

That the facts stated as above are true to the best of my knowledge and belief. D-14695

By virtue of an affidavit I solemnly affirm and state that the name of my Late Father has been wrongly recorded in the property in Mouza-Janmejayapur, Khata No.28 and Khata No.31 as Bandhu Mallick instead of his actual name Dinabandhu Mallick. That Bandhu Mallick & Dinabandhu Mallick is one and same person. D-14689

ଅଧିକାରପ୍ରାପ୍ତ ଦଲିଲପତ୍ର ସମ୍ପାଦନକାରୀ, ଭୁବନେଶ୍ୱରଙ୍କ ସମ୍ମୁଖରେ ଉପସ୍ଥାପିତ ଲିଖିତ ସତ୍ୟପାଠ ବଳରେ ମୁଁ ଚନ୍ଦ୍ର କାନ୍ତ ସାହୁ, ପି:ସ୍ୱର୍ଗତ ଜଟାଧାରୀ ସାହୁ, ଗ୍ରା: ବ୍ଲକ ରୋଡ, ନୟାବଜାର, ଡାକ: ନୟାବଜାର, ଜି: କଟକ ଘୋଷଣା କରୁଅଛି ଯେ: ପାସ୍‌ପୋର୍ଟ ସଂଖ୍ୟା L-7990262ରେ ମୋର ନାମ Chandrakanta Sahoo ବୋଲି ଉଲ୍ଲେଖ ହୋଇଯାଇଛି। ମୁଁ ମୋର ପାସ୍‌ପୋର୍ଟରେ ମୋର ନାମ Chandrakanta Sahooକୁ ସଂଶୋଧନ କରି Chandra Kant Sahoo କରିବାକୁ ଚାହୁଁଛି, ଯେଉଁ ନାମ ମୋର ସିବିଏସ୍‌ଇ ପ୍ରମାଣପତ୍ର (ରୋଲ ନଂ- 6104194)ରେ ଉଲ୍ଲେଖ ରହିଛି। ଧ-୧୪୬୯୦


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଅନିତା ପାଣିଗ୍ରାହୀ


ଗୀତିମୟ ନନ୍ଦ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

**କାଳ ସାଜୁଛି ବଜ୍ରପାତ**

# ତିନି ଦିନରେ ଗଲା ୬ଜଣଙ୍କ ଜୀବନ

**ଭୁବନେଶ୍ୱର, ୯।୧୦(ବ୍ୟୁରୋ)**

ରାଜ୍ୟରେ ପ୍ରବଳ ବର୍ଷାର ସମ୍ଭାବନା କମ୍ ଥିବାବେଳେ ଝଡ଼ତୋଫାନ ସହ ବଜ୍ରପାତ ଲାଗିରହିଛି। ଏନେଇ ସତର୍କ ରହିବାକୁ ପାଣିପାଗ ବିଭାଗ ପକ୍ଷରୁ ଲଗାତର ପରାମର୍ଶ ଦିଆଯାଉଛି। ଅନ୍ୟପକ୍ଷେ ଗତ ତିନିଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତଜନିତ ୬ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୫ଗାଈ ଓ ଗୋଟିଏ ବଳଦର ଜୀବନ ଯାଇଛି।

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ସାନଯୋଜଦା ଗାଁର ବେତ୍ରୁ ଟୋଲା ଅଞ୍ଚଳରେ ମଙ୍ଗଳବାର ବଜ୍ରପାତରେ ମା'ଙ୍କ ମୃତ୍ୟୁ ଘଟିଥିବାବେଳେ ଶିଶୁ ଗୁରୁତର ହୋଇଛନ୍ତି। ମୃତା ମହିଳାଙ୍କ ନାଁ ଆଶା କୁମାରୀ ବୁଡ(୨୫)। କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ଅନ୍ତର୍ଗତ ବାରି ଗାଁର ବିକେୟା ତାଡିଙ୍ଗି(୪୫) ମଙ୍ଗଳବାର ବଜ୍ରପାତରେ ପ୍ରାଣ ହରାଇଛନ୍ତି। ଏଥିସହ ୮ଗାଈଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା। ସେହିଭଳି ରବିବାର ବିଳମ୍ବିତ ରାତିରେ ବଜ୍ରପାତ ଯୋଗୁ ବୋରିଗୁମା ଥାନା କେବିଡ଼ି ଗାଁର ପୀତବାସ କୁମ୍ଭାର ଓ ତାଙ୍କ ପୁଅ ଉପେନ୍ଦ୍ର ପ୍ରାଣ ହରାଇଛନ୍ତି। ବୁଧବାର ଦଶମନ୍ତପୁର ଅଞ୍ଚଳରେ ବଜ୍ରପାତଜନିତ ୭ଗାଈ ଓ ଗୋଟିଏ ବଳଦର ମୃତ୍ୟୁ ହୋଇଛି। ସେହିପରି କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ ଉପାନ୍ତ ଦୁଧିନାଳି ଗ୍ରାମର ପାଣ୍ଡୁ ମୁଣ୍ଡା(୫୫) ସୋମବାର ବଜ୍ରପାତର ଶିକାର ହୋଇଥିବାବେଳେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିଲା। ଚମ୍ପୁଆ ଥାନା ଅନ୍ତର୍ଗତ ସୁନାପଶି ପଞ୍ଚାୟତର ନାଥ



ଚନ୍ଦ୍ର ମହାନ୍ତ(୭୦)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ବୁଧବାର ମୟୂରଭଞ୍ଜ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ଗଜପତି, ରାୟଗଡ଼ା, କଟକ, ଖୋର୍ଦ୍ଧା, ନୟାଗଡ଼, ପୁରୀ, ଗଞ୍ଜାମ, ବାଲେଶ୍ୱର, ଜଗତ୍‌ସିଂହପୁର, ବଲାଙ୍ଗୀର, କନ୍ଧମାଳ ଜିଲାରେ ମଧ୍ୟ ବଜ୍ରପାତ ହୋଇଥିବା ସୂଚନା ମିଳିଛି। ସେପଟେ ବୁଧବାର କୋରାପୁଟ, କେନ୍ଦୁଝର, ଗଜପତି, ରାୟଗଡ଼ା, ମୟୂରଭଞ୍ଜ, ବାଲେଶ୍ୱର ଜିଲାରେ ବର୍ଷା ହୋଇଥିବା ସୂଚନା ମିଳିଛି। ଗୁରୁବାର ରାଜ୍ୟର ବିଭିନ୍ନ ସ୍ଥାନରେ ସାମାନ୍ୟ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାସହ ଅନେକ ଜିଲାକୁ ୟେଲୋ ୱାର୍ନିଂ ମଧ୍ୟ ଜାରି କରିଛି। ତେବେ ବିଭିନ୍ନ ଜିଲାକୁ ଝଡ଼ତୋଫାନ ସହ ବଜ୍ରପାତ ହେବାର ସମ୍ଭାବନା ମଧ୍ୟ ରହିଛି। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ଗଜପତି, ରାୟଗଡ଼ା, କଟକ, ଖୋର୍ଦ୍ଧା, ନୟାଗଡ଼, ପୁରୀ, ଗଞ୍ଜାମ, ବାଲେଶ୍ୱର, ଜଗତ୍‌ସିଂହପୁର, ବଲାଙ୍ଗୀର ଓ କନ୍ଧମାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ତୋଫାନ ସହ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି।

## ହୀରାକୁଦ ଡ୍ୟାମ୍ ଜିରୋ ପଏଣ୍ଟରେ ବଣଭୋଜି ବନ୍ଦ

**ସମ୍ବଲପୁର, ୯।୧୦(ବ୍ୟୁରୋ)**

ହୀରାକୁଦ ଡ୍ୟାମ୍‌ର ଡାହାଣ ପାର୍ଶ୍ୱ ଡାଇକ୍‌ର ଶେଷ ଭାଗରେ ଅବସ୍ଥିତ ଜିରୋ ପଏଣ୍ଟରେ ଏଣିକି ବଣଭୋଜି ବନ୍ଦ। ହୀରାକୁଦ ବନ୍ୟପ୍ରାଣୀ ଡିଏଫ୍‌ଓ କାର୍ଯ୍ୟାଳୟ ପକ୍ଷରୁ ଏହି କଟକଣା ଲାଗୁ କରାଯାଇଛି। ଏଣିକି ଆଉ ଜିରୋ ପଏଣ୍ଟରେ ବଣଭୋଜି ହୋଇ ପାରିବନି ବୋଲି ସ୍ପଷ୍ଟ ଭାବେ ନିର୍ଦ୍ଦେଶନାମା ଜାରି ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବନ୍ୟପ୍ରାଣୀ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି। ଜିରୋ ପଏଣ୍ଟ ବଣଭୋଜିସ୍ଥଳ ଡେବ୍ରିଗଡ ଅଭୟାରଣ୍ୟ ନିକଟରେ ରହିଛି। ତେଣୁ ଏହା ଇକୋ ସେନସେଟିଭ ଜୋନ ମଧ୍ୟରେ ଆସୁଥିବାରୁ ପିକ୍‌ନିକ୍ କରିବା ପାଇଁ ଅନୁମତି କିମ୍ବା ପ୍ରୋତ୍ସାହିତ କରାଯାଇପାରିବ ନାହିଁ। ବଣଭୋଜି କରାଗଲେ ଶବ୍ଦ ପ୍ରଦୂଷଣ, ଜଳ ପ୍ରଦୂଷଣ ସହିତ ପ୍ଲାଷ୍ଟିକ ବ୍ୟବହାର ବନ୍ୟପ୍ରାଣୀଙ୍କୁ ପ୍ରଭାବିତ କରିବ। ଏହି ସବୁ ଦୃଷ୍ଟିରୁ ଜିରୋ ପଏଣ୍ଟରେ ବଣଭୋଜି ଉପରେ ନିଷେଧାଦେଶ ଜାରି କରାଯାଇଥିବା ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ କୁହାଯାଇଛି।

## ଆଜି ସରିବ ଜେଇଇ ମେନ୍‌ର ଆବେଦନ ପ୍ରକ୍ରିୟା

**ଭୁବନେଶ୍ୱର, ୯।୧୦(ବ୍ୟୁରୋ)**

ଜେଇଇ ମେନ୍ ୨୦୨୦ ପାଇଁ ଗୁରୁବାର ଆବେଦନ ପ୍ରକ୍ରିୟା ଶେଷ ହେବ। ଗୁରୁବାର ରାତି ୧୧ଟା ୫୦ ପର୍ଯ୍ୟନ୍ତ ପରୀକ୍ଷାର୍ଥୀମାନେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଯଦି ଆବେଦନ ପ୍ରକ୍ରିୟାରେ କୌଣସି ପରିବର୍ତ୍ତନ କରିବାର ଥାଏ, ତେବେ ପରୀକ୍ଷାର୍ଥୀମାନେ ଅକ୍ଟୋବର ୧୪ରୁ ୨୦ତାରିଖ ରାତି ୧୧ଟା ୫୦ଟା ସୁଦ୍ଧା କରିପାରିବେ। ଡିସେମ୍ବର ୬ରେ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ଆସନ୍ତା ୨୦୨୦ ଜାନୁୟାରୀ ୬ ରୁ ୧୧ ମଧ୍ୟରେ ଜେଇଇ ମେନ୍ ପରୀକ୍ଷା ଅନୁଷ୍ଠିତ ହେବ। ଜାନୁୟାରୀ ୩୧ରେ ରେଜଲ୍ଟ ପ୍ରକାଶ ପାଇବ। ସୂଚନାଯୋଗ୍ୟ, ଦି ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ଏହି ପରୀକ୍ଷା ପୂର୍ବରୁ ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ପ୍ରକ୍ରିୟା ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାହା ଅକ୍ଟୋବର ୧୦କୁ ଘୁଞ୍ଚାଯାଇଥିଲା।

**ମାଙ୍ଗାନିଜ ଚୋରା ଚାଲାଣ ଧରାପଡ଼ିଲା**

# ୮ ଆନ୍ତଃରାଜ୍ୟ ବେପାରୀ ଗିରଫ

**ବଡବିଲ, ୯।୧୦ (ସ୍ୱ.ପ୍ର.)**

**୧୫ ମେଟ୍ରିକ ଟନ୍ ମାଙ୍ଗାନିଜ ସହ ୨ଟ୍ରକ୍, ବୋଲେରୋ ଜବତ**


ଗିରଫ ୮ ଅଭିଯୁକ୍ତ।

ସୋମବାର ରାତିରେ ରୁଗୁଡି ଥାନା ଅନ୍ତର୍ଗତ ସିଦ୍ଧମଠ ସଂରକ୍ଷିତ ଜଙ୍ଗଲର କାଟେସାହି ଅଞ୍ଚଳରୁ ମାଙ୍ଗାନିଜ ଚୋରାଚାଲାଣ କରୁଥିବା ଏକ ଆନ୍ତଃରାଜ୍ୟ ର୍‍ୟାକେଟର ୮ ବେପାରୀଙ୍କୁ ପୋଲିସ ଗିରଫ କରିଛି। ଘଟଣାସ୍ଥଳରୁ ୨ ଟ୍ରକ, ୧ ବୋଲେରୋ, ୧ ବାଇକ୍ ସମେତ ୮ ମୋବାଇଲ ଓ ନଗଦ ୧ଲକ୍ଷ ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବିହାର ରାଜ୍ୟ ବକ୍ସର ଜିଲାର ଡୁଭୁକି ଅଞ୍ଚଳର ବିବେକ କୁମାର ଯାଦବ, ଝାଡଖଣ୍ଡ ପଶ୍ଚିମ ସିଂହଭୂମ୍ ଜିଲା କିରିବୁରୁ ଟାଉନଶିପ ମୁର୍ଗାପଡା ଅଞ୍ଚଳର ଏମ୍‌ଡି ରଫିକ ଖାନ୍, ବଡବିଲ ଆଜାଦ ବସ୍ତି ଅଞ୍ଚଳରେ ରହୁଥିବା ଝାଡଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମ୍ ଜିଲା ଡାଙ୍ଗୋଆପଶି ଅଞ୍ଚଳର ଏମ୍‌ଡି ତାଜୁଦ୍ଦିନ ଆନସାରୀ, ବଡବିଲ ଦାମୁ ହଟିଂ ଅଞ୍ଚଳରେ ରହୁଥିବା ଜୁନେସ ଲାକ୍ରା, ବଡବିଲ ଗାଢା ହଟିଂ ଅଞ୍ଚଳର ଷ୍ଟିଫେନ ଡୁଙ୍ଗଡୁଙ୍ଗ୍, ସୁନ୍ଦରଗଡ ଜିଲା କୋଇଡା ଥାନା ଅନ୍ତର୍ଗତ ପାଣ୍ଡୁପଶି ପାଟୁଳି ଗ୍ରାମର ଜଗଦୀଶ ଦାସ, ଗୌର ଦାସ ଏବଂ ରୁଗୁଡି ଥାନା କାଟେସାହି ଅଞ୍ଚଳର ଅଜିତ ପାତ୍ର। ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ସେମାନେ ପ୍ରାୟ ୧୫ ମେଟ୍ରିକ ଟନ୍ ମାଙ୍ଗାନିଜ ଟ୍ରକରେ ବୋଝେଇ କରି ପଶ୍ଚିମବଙ୍ଗର ଆସାନସୋଲ ଏବଂ ଦୁର୍ଗାପୁରକୁ ନେବାକୁ ଯୋଜନା କରିଥିଲେ। ସେହି ମାଙ୍ଗାନିଜକୁ ପୋଲିସ ଜବତ କରିଛି। ଉକ୍ତ ମାଙ୍ଗାନିଜ ବୋଝେଇ ଗାଡ଼ିକୁ ଏସକର୍ଟ କରି ନେବାର ବ୍ୟବସ୍ଥା ହୋଇଥିଲା। ଏଭଳି ସୂଚନାକୁ ଆଧାର କରି ଏହା ପଛରେ ଆଉ କେଉଁମାନଙ୍କ ହାତ ରହିଛି ସେ ନେଇ ପୋଲିସ ତନାଘନା ଚଳାଇଛି। ସିଦ୍ଧମଠ ଜଙ୍ଗଲରୁ ମାଙ୍ଗାନିଜ ଜବତ ଘଟଣାରେ ଦଫା ୩୭୯/୪୧୧/୧୨୦୯(ବି)/୩୪/୨୧ ଏମଏମଡିଆର ଆକ୍ଟ/ ୨୭(୩)(ଏ)(ବି)/୫୬ ଓଡିଶା ଫରେଷ୍ଟ ଆକ୍ଟ ଅନୁଯାୟୀ ଏକ ମାମଲା (ନଂ. ୭୧/୧୯) ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ ପରେ ଜେଲକୁ ପଠାଯାଇଥିବା ରୁଗୁଡି ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି।

## ୨୬ରେ ସୈନିକ ନିଯୁକ୍ତି ପାଇଁ ପରୀକ୍ଷା

**କଟକ ଅଫିସ, ୯।୧୦**

ସୈନିକ ନିଯୁକ୍ତି କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ୨୬ରେ କଟକ ବାରବାଟୀ ଷ୍ଟାଡିୟମରେ ସାଧାରଣ ପ୍ରବେଶିକା ପରୀକ୍ଷା(ସିଇଇ) ଅନୁଷ୍ଠିତ ହେବ। ପାରାଦୀପସ୍ଥିତ ଗୋପବନ୍ଧୁ ଷ୍ଟାଡିୟମରେ ଗତ ଅଗଷ୍ଟ ୧୮ରୁ ୨୬ ପର୍ଯ୍ୟନ୍ତ ନିଯୁକ୍ତି ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଥିଲା। ଏଥିରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନେ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ସିଇଇରେ ସାମିଲ ହୋଇପାରିବେ। କଟକସ୍ଥିତ ସୈନିକ ନିଯୁକ୍ତି କାର୍ଯ୍ୟାଳୟରୁ ଯୋଗ୍ୟ ବିବେଚିତ ପ୍ରାର୍ଥୀମାନେ ସେମାନଙ୍କର ଆଡମିଟ କାର୍ଡ ସଂଗ୍ରହ କରିପାରିବେ।






**ଜିଲା ଚିଠି**
**ଜଗତ୍‌ସିଂହପୁର**

## ଖାଦ୍ୟ ଯୋଜନାରେ ଦୁର୍ନୀତି

ଦେଶର କୌଣସି ବ୍ୟକ୍ତିଙ୍କ ଯେପରି ଖାଦ୍ୟ ବିନା ପ୍ରାଣହାନି ନ ଘଟେ ସେନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଏଥିପାଇଁ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ କେତେକ ସ୍ଥାନରେ ଦାୟିତ୍ୱରେ ଥିବା ଅସାଧୁ କର୍ମଚାରୀ ଓ ଡିଲର ମିଳିମିଶି ଏହି ଯୋଜନାକୁ ବାଟବଣା କରୁଥିବା ଅଭିଯୋଗ ହୋଇଛି। ଉଦ୍ଦେଶ୍ୟମୂଳକ ଭାବେ ଗରିବ ତଥା ଯୋଗ୍ୟ ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯାଉନି। ଚଞ୍ଚକତା କରି ସେମାନଙ୍କ ଚାଉଳ ହଡପ କରାଯାଉଛି। ଏହାର ଜ୍ୱଳନ୍ତ ପ୍ରମାଣ ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଡିଙ୍କିଆ ପଞ୍ଚାୟତରେ ଦେଖିବାକୁ ମିଳିଛି। ସେହି ଗାଁର ଜଣେ ମହିଳାଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହାର ୭ ମାସ ପରେ ଅର୍ଥାତ୍ ୧୫।୭।୧୬ ପରଠାରୁ ତାଙ୍କୁ ଆଉ ଚାଉଳ ଦିଆଯାଇ ନ ଥିଲା। ଉଦ୍ଦେଶ୍ୟ ଥିଲା ତାଙ୍କୁ ଯୋଜନାରୁ ବଞ୍ଚିତ କରାଯାଇ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରିବା ଏବଂ ଏହି ଚାଉଳ ଲୁଟିବା। ଦାୟିତ୍ୱରେ ଥିବା କର୍ମଚାରୀ ଓ ସ୍ଥାନୀୟ ଡିଲର ଏହି ଯୋଜନା ପ୍ରସ୍ତୁତ କରି ସଫଳ ହୋଇଥିଲେ। ଦୀର୍ଘ ୩ ବର୍ଷ ପର୍ଯ୍ୟନ୍ତ ସଂପୃକ୍ତା ମହିଳା ଏ ସମ୍ପର୍କରେ ଜାଣିପାରି ନ ଥିଲେ। ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇ ଏହି ପରିବାର ଦୟନୀୟ ଅବସ୍ଥାରେ ଜୀବନ ଅତିବାହିତ କରୁଥିଲେ ସୁଦ୍ଧା ସେମାନଙ୍କ ପ୍ରତି କରାଯାଇଥିବା ଅନ୍ୟାୟର ପ୍ରତିବାଦ କରିବାକୁ କେହି ନ ଥିଲେ। ସୌଭାଗ୍ୟ ଏ ସମ୍ପର୍କରେ ମହିଳାଙ୍କ ସ୍ୱାମୀ କୌଣସି ସୂତ୍ରରୁ ଜାଣିବାକୁ ପାଇଥିଲେ ଯେ ତାଙ୍କ ସ୍ତ୍ରୀଙ୍କ ନାମ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରାଯାଇଛି। ଏ ସମ୍ପର୍କରେ ସେ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଶେଷରେ ତଦନ୍ତ ହେଲା ଏବଂ ସଂପୃକ୍ତା ମହିଳାଙ୍କୁ ଏକକାଳୀନ ବକେୟା ୩୭ ମାସର ୬.୧୪ କୁଇଣ୍ଟାଲ ଚାଉଳ ଦିଆଗଲା। ହେଲେ ଖାଦ୍ୟ ସୁରକ୍ଷାରେ ବକେୟା ଚାଉଳ ଦିଆଯିବା ବ୍ୟବସ୍ଥା ନାହିଁ। କେବଳ ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏଭଳି କରାଯାଇଥିଲା। ମୁଖ୍ୟମନ୍ତ୍ରୀ '୫-ଟି'କଥା କହୁଥିବା ବେଳେ ଏମିତି ବିଭିନ୍ନ ବିଭାଗରେ ଚାଲିଥିବା ଦୁର୍ନୀତି ଜିଲା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। କେବଳ ଏହି ଗୋଟିଏ କଥା ନୁହେଁ, ଜିଲାରେ ଅନୁରୂପ ଭାବେ ଖାଦ୍ୟ ସୁରକ୍ଷା, ଅନ୍ତ୍ୟୋଦୟ, ଅନ୍ନପୂର୍ଣ୍ଣା ଯୋଜନାରେ ବ୍ୟାପକ ଅନିୟମିତତା ଚାଲିଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏପରି କି ଚଞ୍ଚକତାପୂର୍ବକ ରାଶନ କାର୍ଡ ଥିବା ଲୋକଙ୍କ ନାମ କାଟି ଥିଲାବାଲା ଲୋକଙ୍କୁ ସାମିଲ କରାଯାଉଛି। ଅଥଚ ହିତାଧିକାରୀ ଏ ସମ୍ପର୍କରେ ସୁରାକ ପାଇପାରୁନାହାନ୍ତି। ସେମାନଙ୍କ ନାମରେ ଆସୁଥିବା ଚାଉଳ ବିଭାଗୀୟ କର୍ମଚାରୀ ଓ ଡିଲର ଲୁଟି ଚାଲିଥିଲେ ସୁଦ୍ଧା ତା'ର ଗନ୍ଧ ବାରିବା କଷ୍ଟକର ହୋଇପଡୁଛି।

– ପ୍ରମୋଦ କୁମାର ନାୟକ

## ମଦ ବ୍ୟବସାୟୀଙ୍କ ଭୁଜାଲି ମାଡ଼ରେ ଯୁବକ ମୃତ, ୪ ଆହତ

**ସୋହେଲା, ୯।୧୦(ଡି.ଏନ.ଏ)**

ମଦ ବ୍ୟବସାୟୀଙ୍କ ଭୁଜାଲି ମାଡ଼ରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ବରଗଡ ଜିଲା ସୋହେଲା କୁମ୍ଭାରବନ୍ଧ ପଡାରେ ଏହି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ ଛତିଶଗଡ ରାଜ୍ୟ ସରାଇପାଲି ଥାନା ବାଲସି ଗ୍ରାମର ସଞ୍ଜୟ ପଧାନ (୩୦)। ଏ ନେଇ ସୋହେଲା ଥାନାରେ ଏକ ମାମଲା (ନଂ.୧୬୭/୧୯) ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ ଡାକ୍ତରଖାନାକୁ ପଠାଇଛି।

ମିଳିଥିବା ସୂଚନା ଅନୁସାରେ, ସୋହେଲା ଖେଳ ପଡିଆରେ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ମଙ୍ଗଳବାର ରାବଣ ପୋଡି କାର୍ଯ୍ୟକ୍ରମ ଥିଲା। ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳ ତଥା ପଡୋଶୀ ରାଜ୍ୟର ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। କୁମ୍ଭାରବନ୍ଧ ପଡାରେ କେତେଜଣ ଲୋକ ମଦ ବିକ୍ରି କରୁଥିଲେ। ରାତି ପ୍ରାୟ ୧ଟା ସମୟରେ ମଦ ଦରକୁ ନେଇ ବିକ୍ରେତା ଓ କ୍ରେତାଙ୍କ ମଧ୍ୟରେ ବଚସା ହୋଇଥିଲା। ଶେଷରେ ତାହା ଉଗ୍ରରୂପ ଧାରଣ କରିଥିଲା। ମଦ ବ୍ୟବସାୟୀମାନେ ମଦ କିଣିବାକୁ ଆସିଥିବା ଯୁବକମାନଙ୍କୁ ଭୁଜାଲି ଓ ଅନ୍ୟାନ୍ୟ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ଛତିଶଗଡ ରାଜ୍ୟ ସରାଇପାଲି ଥାନା ବାଲସି ଗ୍ରାମର ସଞ୍ଜୟ ପଧାନ (୩୦) ଓ ବରଗଡ ଜିଲା ବିଜେପୁର ଥାନା ବାଦିପାଲି ଗ୍ରାମର କ୍ଷୀରୋଦ୍ର ଭୋଇ(୨୪), ଡାକ୍ତର ଭୋଇ(୨୩) ଓ ବିଦ୍ୟାଧର ଭୋଇ(୨୭) ଆହତ ହୋଇଥିଲେ। ଖବର ପାଇ ପୂଜା କମିଟି ସଦସ୍ୟମାନେ ଘଟଣାସ୍ଥଳରୁ ଆହତମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନା ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସଞ୍ଜୟଙ୍କ ସେଠାରେ ମୃତ୍ୟୁ ଘଟିଥିଲା। ପ୍ରାଥମିକ ଚିକିତ୍ସା ପରେ ଅନ୍ୟ ଆହତ ଯୁବକମାନଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ପରେ ପୋଲିସ କୁମ୍ଭାରବନ୍ଧପଡାରେ ଚଢାଉ କରି କେତେଜଣ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି।

## ହିନ୍ଦୁ ଦେବଦେବୀଙ୍କ ଫଟୋ ପୋଡ଼ି ଯୁବକ ଗିରଫ

**ରାୟଗଡା ଅଫିସ, ୯।୧୦:** ହିନ୍ଦୁ ଦେବଦେବୀଙ୍କ ଫଟୋ ପୋଡ଼ିବା ଅଭିଯୋଗରେ ରାୟଗଡ଼ା ପୋଲିସ ମଙ୍ଗଳବାର ଚିକିରି ଥାନା ଅଧୀନ ପାଞ୍ଚାଲି ଗାଁର ଅଗସ୍ତି ଗରଡ଼ାଙ୍କୁ ଗିରଫ କରିଛି। ଅଗସ୍ତି ଅନ୍ୟ କେତେଜଣ ଯୁବକଙ୍କ ସହ ମିଶି ବି.ଆର୍ ଆମ୍ବେଡ଼କରଙ୍କ ଫଟୋ ପୂଜା କରିବା ସହ ହିନ୍ଦୁ ଦେବଦେବୀଙ୍କ ଫଟୋ ପୋଡିଥିଲେ। ଏହାର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଘଟଣାକୁ ନେଇ ରାୟଗଡ଼ାରେ ଉତ୍ତେଜନା ଦେଖାଦେଇଥିଲା।



ବିଶେଷତଃ ଜଣେ ଯେତେବେଳେ ତା'ର କଥା କହିବା ବେଳେ ଅସଂଯତ ହୋଇ ଏଣୁ ତେଣୁ ଗପିଯାଏ- ଯାହା ନ କହିବା ଉଚିତ ସେସବୁ କହିପକାଏ- ସେତେବେଳେ ତାହା ଖୁବ୍ ଭୟଙ୍କର ମାନସିକ ଦୁର୍ବଳତାର ସୂଚକ ହୋଇଥାଏ। -ଶ୍ରୀମା

# ପ୍ରାଣୀଙ୍କ ସାମାଜିକ ଜୀବନ

ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ପିମ୍ପୁଡ଼ି ଓ ମହୁମାଛିମାନେ ଏକ ବ୍ୟବସ୍ଥାର ଅଂଶବିଶେଷ ଯେଉଁମାନେ ବିନା କେନ୍ଦ୍ରୀୟ ନିୟନ୍ତ୍ରଣରେ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରନ୍ତି। ବୁଦ୍ଧିମତ୍ତା (Intelligence) ଶୀର୍ଷସ୍ଥାନୀୟ ଜଣଙ୍କ ପାଖରେ ଠୁଳ ହୋଇ ନ ଥାଏ ବରଂ ଏହା ସମଗ୍ର ଗ୍ରୁପ୍ ଭିତରେ ବାଣ୍ଟି ହୋଇଯାଇଥାଏ। ଗୋଟିଏ ଗ୍ରୁପ୍ ଭିତରେ ଦୁଇ ପ୍ରକାର ବୁଦ୍ଧିମତ୍ତା କାମ କରେ। ଗୋଟିଏ ହେଉଛି ଆଡାପ୍ଟିଭ୍, ଯାହାର ଅର୍ଥ ପରସ୍ପର ସହ ଭାବର ଆଦାନ ପ୍ରଦାନ ମାଧ୍ୟମରେ ନିଷ୍ପତ୍ତି ନିଆଯିବା ଏବଂ ଦ୍ୱିତୀୟଟି ହେଉଛି କଲେକ୍ଟିଭ୍, ଯାହାର ଅର୍ଥ ଏକ ସଜ୍ଞାନାତ୍ମକ ୟୁନିଟ୍ ଭାବେ ଏକତ୍ର କାମ କରୁଥିବା ଏଜେଣ୍ଟଙ୍କ ଗ୍ରୁପ୍। ଜନ୍ମରୁ ପ୍ରତିଦ୍ୱନ୍ଦ୍ୱିତାପରାୟଣ ହେଲେ ମଧ୍ୟ ଏମାନଙ୍କ ଭିତରେ ବ୍ୟାପକ ସହଯୋଗ ଦେଖିବାକୁ ମିଳେ। ଜିନ୍‌ଗୁଡ଼ିକ ଜିନୋମ୍ ବା ଜିନ୍‌ସମୂହରେ ସହଯୋଗ କରେ, କୋଷଗୁଡ଼ିକ ପେଶୀରେ ସହଯୋଗ କରନ୍ତି ଏବଂ ବ୍ୟକ୍ତିଗୁଡ଼ିକ ସମାଜରେ ପରସ୍ପର ସହ ସହଯୋଗ କରନ୍ତି। ମଣିଷ ସମାଜ ସୃଷ୍ଟି ହେବା ପୂର୍ବରୁ ଶହ ଶହ ଶତାବ୍ଦୀ ଧରି ଏମାନେ ପ୍ରତିଷ୍ଠା ଲାଭ କରିଆସିଛନ୍ତି।

ପ୍ରାଣୀମାନେ ପାରସ୍ପରିକ ଆକର୍ଷଣ ଦ୍ୱାରା ଏକତ୍ରିତ ହୁଅନ୍ତି ବା ସୀମିତ ଖାଦ୍ୟ ଉତ୍ସ ପ୍ରତି ଆକର୍ଷିତ ହୋଇ ଏକତ୍ରିତ ହୁଅନ୍ତି। ବାର୍କ ବିଟିଲମାନେ ତଳେ ପଡ଼ିଥିବା ଏକ କାଠଗଣ୍ଡିର ଛେଲି ପ୍ରତି ପାରସ୍ପରିକ ଆକର୍ଷଣ ଦ୍ୱାରା ଆକର୍ଷିତ ହୋଇ ଏକତ୍ରିତ ହୁଅନ୍ତି। ସେମାନେ ମଧ୍ୟ ନିଜ ନିଜ ପ୍ରଜାତିର ଗନ୍ଧ ଦ୍ୱାରା ଆକର୍ଷିତ ହୁଅନ୍ତି। ଥରେ ପ୍ରାଣୀମାନେ ଦଳବଦ୍ଧ ହୋଇଗଲା ପରେ ସେମାନେ ଏକାଠି ଜୀବନଧାରଣ କରନ୍ତି। କେତେକ ଟ୍ରିହପରଙ୍କ ଗୋଷ୍ଠୀରେ ଶୂକଗୁଡ଼ିକ ଶିକାରୀ ପ୍ରାଣୀଙ୍କ ଉପସ୍ଥିତି ବିଷୟରେ ଏକ ପ୍ରକାର କମ୍ପନ ମାଧ୍ୟମରେ ପରସ୍ପରକୁ ଅବଗତ କରାନ୍ତି। ମଣିଷମାନେ ବୈଦ୍ୟୁତିକ ଯନ୍ତ୍ର ସାହାଯ୍ୟରେ ଏ ବିଷୟରେ ଜାଣିପାରନ୍ତି। ଇଷ୍ଟର୍ନ ଟେଣ୍ଟ କାଟରପିଲାର (ଶୁଁବାଳୁଆ ବିଶେଷ) ନିଜ ଦ୍ୱାରା ତିଆରି କରାଯାଇଥିବା ଟେଣ୍ଟରେ ଦଳବଦ୍ଧ ହୋଇ ରହନ୍ତି। ସେମାନଙ୍କ ସଂଖ୍ୟାବୃଦ୍ଧି ସହ ସିଲ୍‌କର ପରିମାଣ ବୃଦ୍ଧିପାଏ ଓ ଟେଣ୍ଟର ଆକାର ବଢ଼େ। କଲୋନୀର ସଦସ୍ୟମାନେ ଖାଦ୍ୟ ସନ୍ଧାନରେ କିଛି ସମୟ ପାଇଁ ଟେଣ୍ଟରୁ ବାହାରକୁ ଯାଆନ୍ତି ଏବଂ ଦଳର ଅନ୍ୟମାନଙ୍କୁ ସୂଚନା ଦେବା ପାଇଁ ଏକ ପ୍ରକାର ରାସାୟନିକ ବ୍ୟବହାର କରନ୍ତି। କ୍ଲିଫ୍ ସ୍ୱାଲୋ (ଚାତକ ପକ୍ଷୀ ବିଶେଷ) ପରି କଲୋନୀ ପକ୍ଷୀମାନଙ୍କ ଭିତରେ ଅସଫଳ ଯେଉଁମାନେ, ସେମାନେ ସଫଳ ପକ୍ଷୀମାନଙ୍କୁ ଅନୁସରଣ କରି ସେମାନେ କିପରି ଖାଦ୍ୟ ସଂଗ୍ରହ କରି ବସାକୁ ଫେରୁଛନ୍ତି ତାହା ଦେଖନ୍ତି। ସେଥିରୁ ସେମାନେ ଖାଦ୍ୟ ମିଳୁଥିବା ସ୍ଥାନଗୁଡ଼ିକ ବିଷୟରେ ଜାଣନ୍ତି। ହେଟା ବା ଗଧିଆମାନେ ଗୋଟିଏ ଜେବ୍ରାକୁ ଟାଣି ଟାଣି ଆଣିବାରେ ପରସ୍ପରକୁ ସାହାଯ୍ୟ କରନ୍ତି।

ବିଭିନ୍ନ ପ୍ରାଣୀଙ୍କ ଦଳ ଖାଦ୍ୟ ସନ୍ଧାନରେ ଦୂର ସ୍ଥାନ ଭ୍ରମଣ କରନ୍ତି ଏବଂ ଏଥିରେ ବହୁ ସଂଖ୍ୟକ ପ୍ରାଣୀ ଅଂଶଗ୍ରହଣ କରନ୍ତି। ପ୍ରାୟ ଏକ ନିୟୁତରୁ ଅଧିକ ବ୍ଲୁ ୱାଇଲଡେବିଷ୍ଟ (ମଇଁଷି ପରି ତୃଣଭୋଜୀ ପ୍ରାଣୀ) ପୂର୍ବ ଆଫ୍ରିକାର ସମତଳ ଭୂମିରେ ଘାସ ସନ୍ଧାନରେ ଦକ୍ଷିଣାବର୍ତ୍ତରେ ଭ୍ରମଣ କରନ୍ତି ଏବଂ ବର୍ଷକ ଭିତରେ ସେମାନେ ପ୍ରାୟ ୨,୫୦୦ କିମିରୁ ଅଧିକ ଭ୍ରମଣ କରନ୍ତି। ଆଫ୍ରିକୀୟ ମରୁଭୂମି ପଙ୍ଗପାଳ ନିୟୁତ ନିୟୁତ ସଂଖ୍ୟାରେ ୨୦୦ ବର୍ଗ କିମି ଅଞ୍ଚଳ ଅକ୍ତିଆର କରି ସଂଘବଦ୍ଧ ହୋଇ ଖାଦ୍ୟ ଅନ୍ୱେଷଣରେ ଭ୍ରମଣ କରନ୍ତି। ପାସେଞ୍ଜର ପିଜନ (ପାରା ବିଶେଷ) ନିୟୁତ ନିୟୁତ ସଂଖ୍ୟାରେ ଖାଦ୍ୟ ସନ୍ଧାନରେ ଭ୍ରମଣ କରୁଥିଲେ। ମଣିଷର ମନୋରଞ୍ଜନ ପାଇଁ ବ୍ୟାପକ ସଂଖ୍ୟାରେ ଶିକାର କରାଯିବା ଯୋଗୁ ସେମାନେ ଏବେ ଏକପ୍ରକାର ଲୋପ ପାଇଗଲେଣି।

ସ୍ଥିର ସାମାଜିକ ଗୋଷ୍ଠୀରେ ରହୁଥିବା ପ୍ରାଣୀମାନେ ଅନେକ ସମୟରେ ପରର ଉପକାର କରିବା ପାଇଁ ପରସ୍ପର ସହ ଭାବର ଆଦାନ ପ୍ରଦାନ କରିଥାନ୍ତି। ଉଦାହରଣସ୍ୱରୂପ ଭୂମିରେ ବାସ କରୁଥିବା ଗୁଣ୍ଡୁଚିମୂଷା ବିପଦର ସୂଚନା ପାଇଲେ ଏକପ୍ରକାର ଶବ୍ଦ କରି ଗୋଷ୍ଠୀର ଅନ୍ୟମାନଙ୍କୁ ସତର୍କ କରାଇଦିଅନ୍ତି। ଏହାଦ୍ୱାରା ସେମାନେ ନିଜ ପ୍ରତି ବିପଦକୁ ଡାକିଆଣନ୍ତି। ସେହିପରି ନିଜେ ଛୁଆ ଜନ୍ମ କରିବାକୁ ଯାଉଥିବା ମାଈ ମିରକଟ ଅନ୍ୟ ଗୋଷ୍ଠୀର ଛୁଆଙ୍କୁ ଖାଇବାକୁ ଦେଇଥାନ୍ତି।

ସମୟକ୍ରମେ ପ୍ରାଣୀମାନଙ୍କ ସାମାଜିକ ଜୀବନ ସେମାନଙ୍କୁ ନୂଆ ପ୍ରକାର ବ୍ୟବହାର ଶିଖାଇଥାଏ। ସ୍ୱଜନ ପକ୍ଷପାତ କେବଳ ମଣିଷଙ୍କ ଭିତରେ ଦେଖିବାକୁ ମିଳେ ନାହିଁ। ବଣମଣିଷ, ମାଙ୍କଡ଼, କୁକୁଡ଼ାମାନେ ମଧ୍ୟ ନିଜ କୁଟୁମ୍ବ, ସମ୍ପର୍କୀୟମାନଙ୍କ ପ୍ରତି ସେପରି ବ୍ୟବହାର କରିଥାନ୍ତି। ମଣିଷ ପରି ପ୍ରାଣୀମାନଙ୍କର ଜଟିଳ ସମାଜ ଥାଏ। ବ୍ୟବସାୟିକ ସୁବିଧା ସୁଯୋଗକୁ ନେଇ ମାଛମାନେ ମଧ୍ୟ ଦଳ ଗଠନ କରିଥାନ୍ତି। ପ୍ରବାଳ ପାହାଡ଼ରେ ସଫେଇ ମାଛମାନେ ବଡ଼ ମାଛଙ୍କ ଦେହରେ ଲାଗିଥିବା ପରଜୀବୀମାନଙ୍କୁ ଖାଇ ସଫା କରିଦିଅନ୍ତି। ବର୍ଷ ବର୍ଷ ଧରି ସେମାନେ ଅଲଗା ବାରିହୋଇ ପଡ଼ିବା ପାଇଁ ସ୍ୱତନ୍ତ୍ର ନୀଳ-ହଳଦିଆ ୟୁନିଫର୍ମ ରଙ୍ଗ ଧାରଣ କରିଥାନ୍ତି। ଏହି ସଫେଇ ମାଛମାନଙ୍କର ଏକ ସ୍ୱତନ୍ତ୍ର କଷ୍ଟମର ସର୍ଭିସ୍ କୋଡ୍ ରହିଛି। ଯଦି ସେମାନେ ଭୁଲକ୍ରମେ ପରଜୀବୀଙ୍କୁ ଖାଇବା ବଦଳରେ ଗ୍ରାହକଙ୍କୁ କାମୁଡ଼ିଦିଅନ୍ତି, ତା'ହେଲେ ତାଙ୍କର ଏହି ଦାୟିତ୍ୱହୀନତା ପାଇଁ ଅନ୍ୟ ସଫେଇ ମାଛଙ୍କଠାରୁ ଦଣ୍ଡ ଭୋଗ କରିବାକୁ ପଡ଼େ।

ଶିମ୍ପାଞ୍ଜିମାନେ ଏକ ଦକ୍ଷ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି। ଉଗାଣ୍ଡାର ଦଳେ ଶିମ୍ପାଞ୍ଜିଙ୍କ ଉପରେ ୧୦ ବର୍ଷ ଧରି ଗବେଷଣା କରି ଜଣାଗଲା ଯେ, ଦଳେ ଅଣ୍ଡିରା ଶିମ୍ପାଞ୍ଜି ସେମାନଙ୍କ ଅଞ୍ଚଳ ଓ ପଡ଼ୋଶୀ ଅଞ୍ଚଳର ସୀମାରେ ପହରା ଦିଅନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଜଣେ ଲୁଚି ଲୁଚି ଜଙ୍ଗଲରେ ପ୍ରବେଶ କରନ୍ତି। ସେହି ସମୟରେ ସେମାନେ ପ୍ରାୟ କିଛି ଖାଆନ୍ତି ନାହିଁ କି ସାମାଜିକ ଭାବେ କାହା ସହ ମିଳାମିଶା କରନ୍ତି ନାହିଁ। ସେମାନେ ପଡ଼ୋଶୀ ରାଜ୍ୟର ବାସିନ୍ଦାଙ୍କ ମଳ, ପରିତ୍ୟକ୍ତ ଉଇ-ଶିକାର ଯନ୍ତ୍ର ଆଦି ସତର୍କତାର ସହ ପରୀକ୍ଷା କରନ୍ତି। ସେମାନେ ଯଦି ପଡ଼ୋଶୀ ରାଜ୍ୟର କୌଣସି ସଦସ୍ୟଙ୍କୁ ଦେଖନ୍ତି, ତେବେ ସେଇଠି ତାଙ୍କୁ ସିଧା ମାରିଦିଅନ୍ତି। ଏହା ସେମାନଙ୍କର ଏକ ପ୍ରକାର ଯୁଦ୍ଧ ବୋଲି ବୈଜ୍ଞାନିକମାନେ କହିଛନ୍ତି। ସେମାନେ ନିଜ ଦେଶ ପାଇଁ ସୁସଙ୍ଗଠିତ ଭାବରେ ଯୁଦ୍ଧ କରନ୍ତି। ତାଞ୍ଜାନିଆରେ ଶିମ୍ପାଞ୍ଜିଙ୍କ ଗୋଟିଏ ବଡ଼ ଦଳରୁ ବାହାରି ଯାଇଥିବା କିଛି ଶିମ୍ପାଞ୍ଜି ଅନ୍ୟମାନଙ୍କ ସହ ଯୁଦ୍ଧ କରିବା ଦେଖାଯାଇଛି, ଯାହାକୁ ଗୃହଯୁଦ୍ଧ ବୋଲି କୁହାଯାଇପାରେ। ପାଞ୍ଚବର୍ଷ ଭିତରେ ଏହି ଗୋଷ୍ଠୀଛଡ଼ା ଦଳ ମୂଳ ଦଳ ସହ ସୁସଙ୍ଗଠିତ ଭାବରେ ଯୁଦ୍ଧ କରି ସେମାନଙ୍କୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେଇଥିଲେ।

ମାଙ୍କଡ଼ମାନେ ଅନ୍ୟ ମାଙ୍କଡ଼ ଦେହରୁ ଉକୁଣି ବାଛିବା ଦେଖାଯାଏ। ମାତ୍ର ଏଥିରେ କେବଳ ଅନ୍ୟର ଉପକାର କରିବାର ଉଦ୍ଦେଶ୍ୟ ନ ଥାଏ। ମାଈ ମାଙ୍କଡ଼ମାନେ ଯୌନ ମିଳନ ପାଇଁ ବି ଏପରି କରିଥାନ୍ତି। ମାଈ ମାଙ୍କଡ଼ମାନେ ଆଠ ମିନିଟ ଉକୁଣି ବାଛିବା ପରେ ଉକ୍ତ ମାଙ୍କଡ଼ ସହ ଶୋଇବାର ଗବେଷକମାନେ ଦେଖିଛନ୍ତି। ଯୋଗାଣ ଓ ଚାହିଦା ନିୟମ ମଧ୍ୟ ଏଠି କାମ କରେ। ଯେତେବେଳେ ମାଈ ମାଙ୍କଡ଼ଙ୍କ ସଂଖ୍ୟା କମ୍ ଥାଏ, ସେତେବେଳେ ଯୌନ ମିଳନ ପାଇଁ ଗୋଟିଏ ମାଈ ମାଙ୍କଡ଼କୁ ଆଠ ମିନିଟ ବଦଳରେ ୧୬ ମିନିଟ ଧରି ଉକୁଣି ବାଛିବାକୁ ପଡ଼େ। ମାଈ ମାଙ୍କଡ଼ମାନେ କେବଳ ଯୌନ ମିଳନ ପାଇଁ ଉକୁଣି ବାଛନ୍ତି ନାହିଁ। ନିଜ ପିଲାକୁ ଧରିବାରେ ସାହାଯ୍ୟ କରିବା ପାଇଁ ସେମାନେ ଅନ୍ୟ ମାଈ ମାଙ୍କଡ଼ର ମଧ୍ୟ ଉକୁଣି ବାଛିଦିଅନ୍ତି।

Email: gandhim@nic.in

## ମାନସିକ ରୋଗ ଓ ଆମ ଦାୟିତ୍ୱ

ସୁଜାତା ପରିଡ଼ା

ଆଖିରେ ଆଖିଏ ସ୍ୱପ୍ନ ଓ ମା' ବାପାଙ୍କ ଆଶାକୁ ନେଇ ଆମ ରାଜ୍ୟ ଓଡ଼ିଶାର ବଲାଙ୍ଗୀରଠାରେ ଥିବା ସରକାରୀ ପଲିଟେକ୍ନିକ କଲେଜରେ ପାଠ ପଢୁଥିଲେ ଭଦ୍ରକର ୨୦ବର୍ଷ ବୟସର ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଛାତ୍ର ଚନ୍ଦ୍ରଶେଖର ବେହେରା। ୨୦୧୮ ସେପ୍ଟେମ୍ବର ୪ରେ ରହୁଥିବା ଭଡ଼ାଘରେ ସେ ମାନସିକ ବିଷାଦରେ ଭାରସାମ୍ୟ ହରାଇ ଆତ୍ମହତ୍ୟା କଲେ। ମୁହୂର୍ତ୍ତକରେ ସବୁ ଆଶା ଆଉ ସ୍ୱପ୍ନକୁ ପଛରେ ପକେଇ ଅକାଳରେ ଝଡ଼ିପଡ଼ିଲା ଦେଶର ଏକ ଭବିଷ୍ୟତ। ପ୍ରତିବର୍ଷ ଶହ ଶହ ଲୋକ ପାରିବାରିକ ସମସ୍ୟା, ବୈବାହିକ ଜୀବନରେ ସମସ୍ୟା, ସ୍କୁଲ କଲେଜରେ ପାଠପଢ଼ାର ଚାପ, ବେରୋଜଗାର, ଶାରୀରିକ ଓ ମାନସିକ ରୋଗ, କର୍ମସ୍ଥଳୀରେ କାମର ଅତିରିକ୍ତ ବୋଝ ପରି ବିଭିନ୍ନ କାରଣରୁ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରୁଛନ୍ତି। ବିଶେଷ କରି ଆଜିର ଯୁବପିଢ଼ି ବହୁ ମାତ୍ରାରେ ମାନସିକ ଚାପର ବଶବର୍ତ୍ତୀ ହୋଇ ନିଶାଦ୍ରବ୍ୟ ସେବନ ଭଳି କୁଅଭ୍ୟାସକୁ ଆପଣେଇ ନେଉଛନ୍ତି ଓ କାଳକ୍ରମେ ଏହାର କୁପ୍ରଭାବ ସେମାନଙ୍କ ଶରୀର ଓ ମନ ଉପରେ ପଡୁଛି। ଯଦି ଏପରି ଚାପ ଓ ପାରିପାର୍ଶ୍ୱିକ ପରିସ୍ଥିତିରେ ବ୍ୟକ୍ତିର ସ୍ୱାଭାବିକ ପ୍ରକ୍ରିୟାରେ ବ୍ୟାପକ ପରିବର୍ତ୍ତନ ଦେଖାଦିଏ ଓ ଦୀର୍ଘଦିନ ଧରି ମନ ଭିତରେ ଭୟ, ଚିନ୍ତା, ନିରାଶା, ଦୁଃଖ, ବିଷାଦ ଆଦି ଲାଗିରହେ, ସେ ମାନସିକ ରୋଗରେ ପୀଡ଼ିତ ବୋଲି କୁହାଯିବ।

ମାନସିକ ଭାବେ ଅସୁସ୍ଥ ଲୋକମାନଙ୍କର ଖାଇବା, ପିଇବା, ଶୋଇବା ଓ ଅନ୍ୟାନ୍ୟ ଦୈନନ୍ଦିନ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଦେଖାଯାଏ ଏବଂ ସେମାନେ ସାଧାରଣ ଲୋକଙ୍କଠାରୁ ଭିନ୍ନ ଆଚରଣ ପ୍ରଦର୍ଶନ କରିଥାନ୍ତି। ସେମାନଙ୍କଠାରେ ଭଲମନ୍ଦ ବିଚାର କରିବା ଶକ୍ତି କମିଯାଇଥାଏ। ପରିବାରଠାରୁ ଆରମ୍ଭକରି ସମାଜର ପ୍ରତି ସ୍ତରର ଲୋକ ସେମାନଙ୍କୁ ଭିନ୍ନ ତଥା ନିମ୍ନ ଦୃଷ୍ଟିରେ ଦେଖନ୍ତି ଓ ପ୍ରାୟ ସେମାନଙ୍କ ସହ ମିଳାମିଶା କରନ୍ତି ନାହିଁ। ପାଗଳ ଭାବି ତାଙ୍କଠାରୁ ଦୂରେଇ ରୁହନ୍ତି।

ଆମ ଗାଲକୁ ପିମ୍ପୁଡ଼ିଟେ କାମୁଡ଼ିଦେଲେ ହାତ ଆପେ ଆପେ ପହଞ୍ଚିଯାଉଛି ଗାଲ ପାଖରେ ପିମ୍ପୁଡ଼ିକୁ କାଢ଼ିବାକୁ। ଯଦି ତାକୁ ନ କାଢ଼ିବା ସେ ଆମ ହାତ ସମେତ ଶରୀରର ଅନ୍ୟ ଅଙ୍ଗକୁ କାମୁଡ଼ିବ ଓ ଯନ୍ତ୍ରଣା ବଢ଼ିଯିବ ପଛେ କମିବନି। ସେହିପରି ଶରୀର ସଦୃଶ ଆମ ସମାଜରେ ମାନସିକ ଅବସାଦରେ ପୀଡ଼ିତ ବ୍ୟକ୍ତି ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ, ସମାଜ ସମେତ ସେହି ଅଙ୍ଗକୁ ସୁସ୍ଥ ଓ ନୀରୋଗ ରଖିବା ପାଇଁ ଆମେ ସାହାଯ୍ୟ ଓ ସହଯୋଗର ହାତ ବଢ଼େଇବା ନିତାନ୍ତ ଜରୁରୀ।

ଆମେ ଜାଣିଛେ ଶାରୀରିକ ବା ମାନସିକ ଭାବେ ସବୁ ପିଲା ସମାନ ନୁହନ୍ତି। ତେଣୁ ଆମ ପରିବାର ହେଉ କି ଶିକ୍ଷାନୁଷ୍ଠାନ ସବୁଠାରେ ମାତାପିତା ଓ ଅନ୍ୟ ସଦସ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ ପିଲାଙ୍କ ଉପରେ ନିଜର ଇଚ୍ଛା

### ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ

ଓ ପାଠର ବୋଝକୁ ଲଦି ନ ଦେଇ, ତାଙ୍କ ନିକଟତର ହୋଇ ସେମାନଙ୍କର ଯାହାସବୁ ସମସ୍ୟା ଅଛି ସ୍ନେହର ସହିତ ସେସବୁ ପଚାରି ବୁଝି ଉପଯୁକ୍ତ ପରାମର୍ଶ ଦେବା ଉଚିତ। ତା'ଦ୍ୱାରା ସେମାନେ ଚାପମୁକ୍ତ ରହି ଭଲ ପାଠ ପଢ଼ିପାରିବେ ଓ ନିଜ ଭବିଷ୍ୟତ କାର୍ଯ୍ୟପନ୍ଥା ବାଛିପାରିବେ। କର୍ମକ୍ଷେତ୍ରରେ ଆବଶ୍ୟକତାଠାରୁ ଅଧିକ କାର୍ଯ୍ୟଭାର ଲଦି ନ ଦେଇ କର୍ମଚାରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିବା, ସେମାନଙ୍କର ଆବଶ୍ୟକ ଥିବା ଛୁଟି ମଞ୍ଜୁର କରିବା ଓ ସେମାନଙ୍କ ସହ ମିଳିମିଶି ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ କାମ କରିବା ଦ୍ୱାରା ସେମାନେ ସୁସ୍ଥ ମନରେ ସବୁ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିଥାନ୍ତି। ନିଶାଦ୍ରବ୍ୟ ସେବନରେ ଅଭ୍ୟସ୍ତ ବ୍ୟକ୍ତିଙ୍କୁ ସେଥିରୁ ନିବୃତ୍ତ କରାଇବା ପାଇଁ ଆମେ ସବୁପ୍ରକାର ଚେଷ୍ଟା କରିବା।

ମାନସିକ ରୋଗରେ ଆକ୍ରାନ୍ତ କେତେକ ଲୋକ ନିଜ ଘର ଠିକଣା ଭୁଲି ବାହାରେ ବୁଲୁଥାନ୍ତି। କେତେକ ସ୍ଥଳରେ ସେମାନଙ୍କ ପରିବାର ଲୋକ ଖୋଜି ପାଆନ୍ତି ନାହିଁ ଓ କେତେକ କ୍ଷେତ୍ରରେ ଜାଣିଶୁଣି ଅବହେଳା କରି ଘରକୁ ଫେରେଇ ଆଣନ୍ତିନି। ଏପରି ବାହାରେ ବୁଲୁଥିବା ରୋଗୀ ଆମ ନଜରକୁ ଆସିଲେ, ପ୍ରଥମେ ଆମେ ତାଙ୍କୁ ନିକଟସ୍ଥ ମାନସିକ ଚିକିତ୍ସାଳୟକୁ ନେଇ ଉପଯୁକ୍ତ ଚିକିତ୍ସା କରାଇ ତା' ପରିବାର ଲୋକଙ୍କୁ ସୂଚନା ଦେବା ଓ ପୁନଃ ଥଇଥାନ କରାଇବା। ଦରକାର ପଡ଼ିଲେ ଆଇନଗତ ସୁରକ୍ଷା ଯୋଗାଇଦେବାର ବ୍ୟବସ୍ଥା ମଧ୍ୟ କରାଇବା ଉଚିତ। ମାନସିକ ରୋଗୀ ପରିବାରର ଦାୟିତ୍ୱ ହେଉଛି ତା'ପ୍ରତି ଯତ୍ନଶୀଳ ହୋଇ କୌଣସି ମାନସିକ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ବା ମାନସିକ ଚିକିତ୍ସାଳୟକୁ ନେଇ ତା'ର ଚିକିତ୍ସା କରାଇବା।

ଭାରତ ସମେତ ସାରା ବିଶ୍ୱରେ ଲୋକମାନଙ୍କ ଭିତରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଅକ୍ଟୋବର ୧୦ ତାରିଖକୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ରୂପେ ପାଳନ କରାଯାଉଛି। ବର୍ତ୍ତମାନ ପ୍ରତି ୪୦ ସେକେଣ୍ଡରେ ଜଣେ ମାନସିକ ରୋଗୀ ଆତ୍ମହତ୍ୟା କରୁଛି। ଏଥିରୁ ନିବୃତ୍ତ କରାଇବା ପାଇଁ ସଚେତନତା ସୃଷ୍ଟି କରିବା ହେଉଛି ୨୦୧୯ ମସିହାରେ ପାଳନ କରିବାକୁ ଯାଉଥିବା ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସର ମୂଳ ଲକ୍ଷ୍ୟ।

ବାଲିପଡ଼ା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ-୯୪୩୭୧୬୩୬୧୫

## ଏଇ ଭାରତରେ

ଆଲ୍ଲାହାବାଦରେ ଅନୁଷ୍ଠିତ ସର୍ବପୁରାତନ ରାମଲୀଳା ମହୋତ୍ସବରେ ମୁସଲମାନଙ୍କ ଯୋଗଦାନ ସାମ୍ପ୍ରଦାୟିକ ସଦ୍‌ଭାବନାର ପ୍ରତୀକ ସାଜିଛି। ଏହି ମହୋତ୍ସବରେ ହନୁମାନଙ୍କ ପ୍ରତିକୃତି ଗଢିଥାନ୍ତି ଏକ ମୁସଲମାନ ପରିବାର। ରାମଲୀଳା ଲାଗି ଆକର୍ଷଣୀୟ ରଥ ଓ ପାରମ୍ପରିକ ଅସ୍ତ୍ରଶସ୍ତ୍ର ମଧ୍ୟ ତିଆରି କରନ୍ତି ଏମାନେ। ଆଲ୍ଲାହାବାଦର ପାଥରଛତିରେ ଅନୁଷ୍ଠିତ ଏହି ରାମଲୀଳାରେ ନିସାର ଅହମ୍ମଦ ଓ ତାଙ୍କ ପରିବାରର ୮ ଜଣ ସଦସ୍ୟ ଭାଗନେବା ଭାଇଚାରାର ବାର୍ତ୍ତା ଦେଉଛି। ନିସାରଙ୍କୁ ଏବେ ୫୬ ବର୍ଷ ବୟସ ଓ ସେ ଜଣେ ପେଣ୍ଟର ଭାବେ ଧୁମନଗଞ୍ଜରେ କାର୍ଯ୍ୟ କରନ୍ତି। ୨୧ ବର୍ଷ ବୟସରୁ ସେ ଏହି କାର୍ଯ୍ୟ କରିଆସୁଛନ୍ତି। ତାଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଦୁଇ ଜଣ ବ୍ୟକ୍ତିଙ୍କୁ ବି ଆଣିଥାନ୍ତି। ଏମାନଙ୍କ ମଧ୍ୟରୁ ଜଣଙ୍କର ନାମ ହନୁମାନ ଓ ଆଉ ଜଣଙ୍କର ନାମ ମିଥିଲେଶ। ସେମାନେ ନିସାରଙ୍କ ସହ ୨୦ ବର୍ଷ ହେବ କାର୍ଯ୍ୟ କରୁଛନ୍ତି। ଆସୁରିକ ଶକ୍ତି ଉପରେ ସତ୍ୟର ଜୟ ବୋଲି ରାମଲୀଳାକୁ ସେଠାକାର ବହୁ ମୁସଲମାନ ଗ୍ରହଣ କରନ୍ତି। ଏହି ରାମଲୀଳାରେ ୬୫ ବର୍ଷୀୟ ଇକ୍‌ବାଲ ଅହମ୍ମଦ ରାମଙ୍କୁ ଗଙ୍ଗାନଦୀ ପାର କରିଥିବା କୈବର୍ତ୍ତ ଭୂମିକାରେ ଅଭିନୟ କରନ୍ତି। ସୁହେଲ ଖାନ୍ ବି ରାଜା ଦଶରଥ ଭୂମିକାରେ ଅଭିନୟ କରୁଛନ୍ତି। ରାମାୟଣ ମୁସଲମାନଙ୍କ ମଧ୍ୟରେ ଆଦୃତ ଓ ଏଥିପାଇଁ ସେମାନେ ରାମାୟଣର ବିଭିନ୍ନ ଚରିତ୍ରରେ ସହଜରେ ଅଭିନୟ କରିପାରୁଛନ୍ତି ବୋଲି କୁହନ୍ତି ସୋହେଲ। ।

## ଜନସଂଖ୍ୟା ବୃଦ୍ଧିର କେତୋଟି ଦିଗ

ବିଚିତ୍ର ବିଶ୍ୱାଳ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସ୍ୱାଧୀନତା ଦିବସ ଅଭିଭାଷଣରେ ଆମ ଦେଶର ଜନସଂଖ୍ୟା ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ସେ କହିଛନ୍ତି, ଜନସଂଖ୍ୟା ବୃଦ୍ଧି ଆମ ଭବିଷ୍ୟତ ପିଢ଼ି ପାଇଁ ଅନେକ ବିପଦ ଡାକିଆଣିବ। ଏପରିକି ପରିବାର ଛୋଟ କରି ଲୋକମାନେ ତାଙ୍କ ଦେଶପ୍ରେମ ଭାବନାକୁ ଦେଖାଇବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହା ଖୁବ୍ ଭଲ ପ୍ରସ୍ତାବ। ଜନସଂଖ୍ୟା ନିଶ୍ଚିତ ଭାବେ ନିୟନ୍ତ୍ରଣରେ ରହିବା ଆବଶ୍ୟକ। କିନ୍ତୁ ଏହା ମଧ୍ୟ ସତ୍ୟ ଯେ, ଭାରତ ଭଳି ଏକ ବିଶାଳ ଦେଶରେ ଜନସଂଖ୍ୟାର ଠିକ୍ ବିନିଯୋଗ କରାଯାଇପାରି ନାହିଁ। ତେଣୁ ଜନସଂଖ୍ୟା ଏବେ ବି ଆମ ଦେଶରେ ଏକ ବଡ଼ ସମସ୍ୟା। ନିଯୁକ୍ତି ସୃଷ୍ଟି କରିବାରେ ଆମେ ବହୁତ ପଛରେ ପଡ଼ିଥିବାରୁ ଆମ ଦେଶରେ ଜନସଂଖ୍ୟା ଏକ ବଡ଼ ସମସ୍ୟା ହୋଇ ଠିଆ ହୋଇଛି। ଫଳତଃ ଜନସଂଖ୍ୟା ବା ମାନବ ସମ୍ବଳ ଆମର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପରିବର୍ତ୍ତେ ଏକ ମସ୍ତବଡ଼ ସମସ୍ୟାର ରୂପ ନେଇଛି।

ଭାରତର ବର୍ଦ୍ଧିତ ଯୁବକମାନଙ୍କର ସଂଖ୍ୟାକୁ ଯୋଜନାବଦ୍ଧ ଭାବେ ଶିଳ୍ପଭିତ୍ତିକ ଦକ୍ଷତା ତାଲିମ୍, ଉତ୍ପାଦନ ଭିତ୍ତିକ ପ୍ରକଳ୍ପ ଆଦିରେ ନିୟୋଜନ କରିବାର ଯୋଜନା କରାଯିବା ଆବଶ୍ୟକ। କିନ୍ତୁ ଦୁର୍ଭାଗ୍ୟର କଥା, ଆମେ ଏହିସବୁ ସୁଯୋଗର ସଦ୍‌ବ୍ୟବହାର ନ କରି ଚିରାଚରିତ ଭାବେ ସେହି ନକାରାତ୍ମକ ଦିଗରେ ହିଁ ମୁହାଁଇଛେ। ଆମର ବିଶାଳ ଶ୍ରମ ଶକ୍ତିକୁ ଆମେ ଉପଯୁକ୍ତ ଭାବେ ବିନିଯୋଗ ନ କରି ଦୁର୍ଭାଗ୍ୟଜନକ ଭାବେ ଏବେ ବି ଗୋଟିଏ ପାଞ୍ଚ ଜଣିଆ ପରିବାରକୁ ଦେଶର ଅର୍ଥନୈତିକ ବିଫଳତା ପାଇଁ ଦାୟୀ କରାଯାଉଛି। ଏହା ସତ୍ୟ ଯେ, ଜୋର୍ ଜବରଦସ୍ତ ଜନସଂଖ୍ୟାକୁ ନିୟନ୍ତ୍ରଣ କରିହେବ ନାହିଁ। ଏଥିପାଇଁ ଲୋକମାନଙ୍କ ମନରେ ସଚେତନତା ଆଣିବାକୁ ହେବ ଓ ସେମାନଙ୍କ ହୃଦୟକୁ ଛୁଇଁବାକୁ ହେବ। ଆଉ ଗୋଟିଏ ଦିଗରୁ ଦେଖିଲେ ଗତ ପଚିଶ ବର୍ଷର ଅଭିଜ୍ଞତାରୁ ବୁଝାପଡ଼େ ଯେ, ଶିକ୍ଷା ଓ ବିକାଶ ଜନସଂଖ୍ୟା ନିୟନ୍ତ୍ରଣରେ ବହୁତ ସହାୟକ ହୋଇଥାଏ। ଗରିବୀ ଜନସଂଖ୍ୟା ବୃଦ୍ଧିର ଏକ ମୁଖ୍ୟ କାରଣ ବୋଲି ଅତୀତର ଅନେକ ଅଧ୍ୟୟନରୁ ଜଣାପଡ଼ିଛି। ତେଣୁ ଆମ ଦେଶରେ ଜନସଂଖ୍ୟାକୁ ନିୟନ୍ତ୍ରଣ କରିବାକୁ ହେଲେ ପ୍ରଥମେ ଗରିବୀକୁ ହ୍ରାସ କରିବାକୁ ପଡ଼ିବ। ନ ହେଲେ ଜନସଂଖ୍ୟା ନିୟନ୍ତ୍ରଣ କେବଳ ଏକ ସ୍ଲୋଗାନରେ ସୀମିତ ରହିଯିବ।

ହଠାତ୍ ଜନସଂଖ୍ୟା ବୃଦ୍ଧିକୁ କାହିଁକି ଯେ ସବୁଠାରୁ ବଡ଼ ଖଳନାୟକ ଭାବେ ଦର୍ଶାଯାଉଛି, ତାହା ବିବୁଝିବାର ବାହାରେ। ନା ନିଜର ଅପାରଗତାକୁ ଲୁଚେଇବା ପାଇଁ ଆଉ ଗୋଟେ ନୂଆ ବାହାନାକୁ ଆଗକୁ ଅଣାଯାଉଛି। ଜନସଂଖ୍ୟା ବୃଦ୍ଧି ଏକ ସମସ୍ୟା, କିନ୍ତୁ ପରିସଂଖ୍ୟାନ ଅନୁଯାୟୀ ଗତ ଦଶ ବର୍ଷ ହେବ ଭାରତର ଜନସଂଖ୍ୟା ଅଭିବୃଦ୍ଧିରେ ସ୍ଥିରତା ଆସିଛି। ଏହା ଆଉ ପୂର୍ବ ହାରରେ ବଢୁନାହିଁ। ୨୦୨୨ ସୁଦ୍ଧା ଭାରତର ଜନସଂଖ୍ୟା ଚାଇନାକୁ ଟପିବ ବୋଲି ଜାତିସଂଘ ଯେଉଁ ଆକଳନ କରିଥିଲା, ସେଥିରେ ପରିବର୍ତ୍ତନ ଆଣି ୨୦୨୭ କରିଛି। ୨୦୧୧ର ଜନଗଣନା ଅନୁସାରେ ଆମ ଦେଶରେ ପ୍ରତ୍ୟେକ ଧର୍ମ ଓ ପ୍ରତ୍ୟେକ ସାମାଜିକ ବର୍ଗର ଜନସାଧାରଣଙ୍କ ମଧ୍ୟରେ ପ୍ରଜନନ ହାର କମିଛି। ଆମ ଦେଶରେ ପ୍ରଜନନ ହାର ୨୦୦୫-୦୬ରେ ୨.୭ରୁ କମି ୨୦୧୫-୧୬ରେ ୨.୨ରେ ପହଞ୍ଚିଛି। ଅନେକ ରାଜ୍ୟ ଜନସଂଖ୍ୟାର ସ୍ଥିରତାରେ ମଧ୍ୟ ପହଞ୍ଚି ସାରିଲେଣି। ତେଣୁ ଏପରି ସମୟରେ ପ୍ରଧାନମନ୍ତ୍ରୀ ମୋଦି ଜନସଂଖ୍ୟା ନିୟନ୍ତ୍ରଣ ଉପରେ ଅଧିକ ଗୁରୁତ୍ୱ ଦେବା ଆଶ୍ଚର୍ଯ୍ୟର ବିଷୟ। ଏହା ପ୍ରଜନନ ହାରରେ ହ୍ରାସ, ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି, ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଓ ପରିମଳ ବ୍ୟବସ୍ଥାରେ ଉନ୍ନତି ଆଦି ଯୋଗୁ ସମ୍ଭବ ହୋଇପାରିଛି। ମହିଳାମାନଙ୍କ କ୍ଷେତ୍ରରେ ଶିକ୍ଷାର ଉନ୍ନତି ଯୋଗୁ ମଧ୍ୟ ଏହା ସମ୍ଭବ ହୋଇପାରିଛି। ଏଥିରୁ ପ୍ରମାଣ ମିଳୁଛି ଯେ, ବିକାଶ ହେଉଛି ସବୁଠାରୁ ବଡ଼ ଜନସଂଖ୍ୟା ନିୟନ୍ତ୍ରଣର ମାଧ୍ୟମ। ତେଣୁ ଏହାକୁ ଆଡ଼ନଜର କରି କେବଳ ଜନସଂଖ୍ୟା ବୃଦ୍ଧିର କଥା କହିଲେ ଆଦୌ ବି ସୁଫଳ ମିଳିବ ନାହିଁ।

ଆମ ଦେଶରେ ଜନସଂଖ୍ୟା ବୃଦ୍ଧିର ଆଉ ଏକ ମୁଖ୍ୟ କାରଣ ହେଉଛି, ମହିଳାମାନଙ୍କର ପରିବାର ନିୟନ୍ତ୍ରଣ କରିବାର ନିଷ୍ପତ୍ତି କ୍ଷେତ୍ରରେ ବିଶେଷ କିଛି ଅଧିକାର ନାହିଁ। ଏହା ବ୍ୟତୀତ ମହିଳାମାନଙ୍କ ପାଖରେ ପରିବାର ନିୟୋଜନ ସାମଗ୍ରୀର ଉପଲବ୍ଧତା ବି ଠିକ୍‌ଭାବେ ହୋଇପାରୁନାହିଁ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୪ ଅନୁସାରେ ଆମ ଦେଶର ପ୍ରାୟ ତିନି କୋଟି ମହିଳା ପରିବାର ନିୟୋଜନ ସାମଗ୍ରୀ ପାଇପାରୁନାହାନ୍ତି। 'ଲାନ୍‌ସେଟ୍'ର ଅଧ୍ୟୟନ ଅନୁସାରେ ୨୦୧୫ରେ ପ୍ରାୟ ୧.୫୬ କୋଟି ମହିଳା ଗର୍ଭପାତ କରାଇଛନ୍ତି। ସେମାନେ ପରିବାର ନିୟୋଜନ ସାମଗ୍ରୀ ଓ ପରାମର୍ଶ ପାଇପାରିନାହାନ୍ତି। ତେଣୁ ପ୍ରଧାନମନ୍ତ୍ରୀ କେବଳ ଜନସଂଖ୍ୟା ନିୟନ୍ତ୍ରଣକୁ ଭାଷଣରେ ସୀମିତ ନ ରଖି ମହିଳାଙ୍କ ପାଖରେ କିପରି ବିନା ବାଧାବିଘ୍ନରେ ପରିବାର ନିୟୋଜନ ସାମଗ୍ରୀ ପହଞ୍ଚିବ, ତାହାର ବ୍ୟବସ୍ଥା କରିବାକୁ ହେବ ଓ ଜନ୍ମ ନିୟନ୍ତ୍ରଣ ପାଇଁ ଯଥେଷ୍ଟ ପରିମାଣର ଅର୍ଥର ବି ବନ୍ଦୋବସ୍ତ କରିବାକୁ ହେବ। ବର୍ତ୍ତମାନ ଜାତୀୟ ସ୍ୱାସ୍ଥ୍ୟ ମିଶନ ବଜେଟର ମାତ୍ର ୪ ପ୍ରତିଶତ ଅର୍ଥ ପରିବାର ନିୟୋଜନ ପାଇଁ ଖର୍ଚ୍ଚ ହେଉଛି, ଯେଉଁଥିରୁ ୧.୫% ଜନ୍ମର ଉପଯୁକ୍ତ ବ୍ୟବଧାନ ବିଷୟରେ ଖର୍ଚ୍ଚ ହେଉଛି। ସରକାରଙ୍କ ଆହ୍ୱାନ ଓ ସେଥିପାଇଁ ବ୍ୟୟ ଅଟକଳ ଆଦୌ ଖାପ୍ ଖାଉନାହିଁ।

ଧନିକ, ଉଚ୍ଚ ଓ ମଧ୍ୟମ ବର୍ଗର ଲୋକମାନଙ୍କର ସବୁବେଳେ ଧାରଣା ଯେ ଗରିବ, ସଂଖ୍ୟାଲଘୁ ଓ ଦଳିତମାନେ ଅଯଥା ଜନସଂଖ୍ୟା ବୃଦ୍ଧି କରୁଛନ୍ତି। ଯେତେବେଳେ ବି ଜନସଂଖ୍ୟା ବୃଦ୍ଧିର କଥା ଆସେ, ସେତେବେଳେ ପ୍ରଥମେ ଏହି ନିମ୍ନ ବର୍ଗର ଲୋକମାନଙ୍କ ଆଡ଼କୁ ହିଁ ଆଙ୍ଗୁଠି ଉଠିଥାଏ। ଏହା କିନ୍ତୁ ଶତ ପ୍ରତିଶତ ସତ୍ୟ ନୁହେଁ। ଅସଲ କଥା ହେଉଛି ଯଦି ସମାଜର ନିମ୍ନବର୍ଗର ଲୋକଙ୍କର ଶିକ୍ଷା ଓ ବିକାଶ ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯାଏ, ତେବେ ଆପେ ଆପେ ପରିବାର ନିୟୋଜନ ହୋଇଯିବ ଓ ତାହା ହିଁ ଜନସଂଖ୍ୟାର ନିୟନ୍ତ୍ରଣରେ ଅସଲ ସହାୟକ ହେବ। ସୁତରାଂ ପ୍ରଧାନମନ୍ତ୍ରୀ ଜନସଂଖ୍ୟାକୁ ଏକ ଏକକ ବା ବିଚ୍ଛିନ୍ନ ସମସ୍ୟା ଭାବେ ନ ଦେଖି ଏହାକୁ ସାମଗ୍ରିକ ଦୃଷ୍ଟିକୋଣରୁ ବିଚାର କରିବା ଦରକାର। ପ୍ରଥମେ ସମାଜର ପ୍ରତି ବର୍ଗର ଲୋକଙ୍କ ବିକାଶ ଉପରେ ଧ୍ୟାନ ଦେବାକୁ ହେବ। ପରିଣାମସ୍ୱରୂପ ଜନସଂଖ୍ୟା ନିୟନ୍ତ୍ରଣକୁ ଆସିପାରିବ। ଜନସଂଖ୍ୟା ବୃଦ୍ଧି ଏକ ସମସ୍ୟା, କିନ୍ତୁ ଏହା ସମସ୍ତ ସମସ୍ୟାର ମୂଳ ନୁହେଁ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର,
ମୋ- ୯୪୩୮୪୬୮୪୭୪

## ଚିରନ୍ତନୀ

ବେଦନାର ଅମାବାସ୍ୟା ଆସେ ଘୋଟି
ନିବିଡ଼ୁଁ ନିବିଡ଼
ଗରଜେ ଭୀଷଣ ନିଶା
ମରଣର କୁହାଟ ଗଭୀର।
ଡାକି ଉଠେ ଶମଶାନେ
ପିଶାଚ ଶକୁନି କରି ରଡ଼ି
ମହାତମସାର କୋଳେ
ମୋର ମହାଦୀପ ଉଠେ ଜଳି।

(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 1 | 3 | | B | | | | 8 | | D | | | | |
| | | 4 | | 6 | | | 7 | E | | | A | B | | |
| 5 | | | | 1 | | | | | | B | | 4 | | 0 |
| 2 | | | | 4 | A | 5 | | | | 8 | | | 9 | |
| | | 8 | D | 0 | | A | | | | C | 7 | 5 | | |
| | 3 | | 0 | A | 7 | | 1 | 6 | | | C | | | |
| | | E | | | | | | 3 | | 7 | | 1 | C | |
| | 8 | C | | | | | | | | | 1 | D | | |
| | | | 1 | | D | | 0 | | | | 6 | 3 | | 4 |
| | | 2 | 9 | | | | | | A | | | | 6 | 5 |
| 8 | 6 | | | | | | | 5 | | 4 | | 0 | 2 | |
| B | E | | | | | 4 | 9 | | C | 2 | | 7 | | |
| 4 | | 9 | | | | | | 7 | | | 8 | | | |
| | 2 | 0 | 4 | | | D | | | | 6 | | | 1 | 3 |
| | | | | | 2 | | B | | | A | 5 | 9 | | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 2 | 1 | 8 | 3 | 4 | E | 6 | D | B | 5 | 7 | 9 | C | A |
| A | 5 | 6 | C | D | 7 | B | 3 | 2 | 4 | 9 | E | 8 | 1 | 0 |
| C | 8 | 3 | 6 | 5 | 2 | A | 7 | 9 | 1 | 0 | D | 4 | B | E |
| 4 | D | 9 | B | E | 1 | 0 | C | 5 | 8 | A | 6 | 7 | 3 | 2 |
| E | 7 | B | A | 9 | 0 | 4 | 1 | 8 | 2 | C | 3 | 5 | 6 | D |
| 5 | B | A | 1 | 0 | 6 | 8 | 2 | 7 | C | 3 | 4 | D | E | 9 |
| D | 9 | 0 | 5 | C | E | 3 | 4 | A | 7 | 8 | B | 1 | 2 | 6 |
| 1 | 4 | E | 7 | 8 | 9 | C | B | 0 | D | 6 | 2 | A | 5 | 3 |
| 3 | 6 | 7 | 2 | A | B | 9 | D | E | 0 | 1 | 5 | C | 8 | 4 |
| 2 | C | 8 | 3 | 4 | D | 1 | 5 | 6 | A | E | 9 | 0 | 7 | B |
| 9 | E | D | 0 | 7 | 3 | 6 | 8 | C | 5 | B | A | 2 | 4 | 1 |
| 6 | A | 2 | D | B | C | 5 | 9 | 1 | 3 | 4 | 8 | E | 0 | 7 |
| 8 | 0 | 5 | 4 | 2 | A | 7 | E | B | 6 | D | 1 | 3 | 9 | C |
| B | 3 | C | 9 | 1 | 8 | 2 | A | 4 | E | 7 | 0 | 6 | D | 5 |
| 7 | 1 | 4 | E | 6 | 5 | D | 0 | 3 | 9 | 2 | C | B | A | 8 |

ସୋମବାର ପ୍ରକାଶିତ ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କଳାକାରଙ୍କୁ ତିନିହଜାର ଟଙ୍କା ଭତ୍ତା ମିଳୁ

ମହାଶୟ,

ଓଡ଼ିଶାରେ ଓଡ଼ିଶୀ ସଙ୍ଗୀତ ଡିଗ୍ରୀଧାରୀ ଘରୋଇ ସଙ୍ଗୀତ ଗୁରୁ ତଥା ମଞ୍ଚ ସଙ୍ଗୀତ ପରିବେଷଣ କରୁଥିବା କଳାକାରମାନଙ୍କୁ ଆମ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ଚିହ୍ନଟ କରି କେବଳ ଗରିବ କଳାକାର ତଥା ସଙ୍ଗୀତ ଗୁରୁମାନଙ୍କୁ ମାସିକ ତିନିହଜାର ଟଙ୍କା ପେନ୍‌ସନ ପ୍ରଦାନ କଲେ ରାଜ୍ୟର ଅନେକ ଗରିବ କଳାକାର ତଥା ସଙ୍ଗୀତ ଗୁରୁମାନେ ଉପକୃତ ହୋଇପାରନ୍ତେ ଏବଂ କଳାକାରମାନେ ଆନନ୍ଦର ସହିତ ଅଧିକ କଳା କ୍ଷେତ୍ରରେ ସୁନାମ ଅର୍ଜନ କରିପାରନ୍ତେ। ଉକ୍ତ କଳାକାର ତଥା ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତରେ ରାଜ୍ୟରେ ସୁନାମ ଅର୍ଜନ କରିଥିବା ଗୁରୁମାନଙ୍କୁ ଆମ ଓଡ଼ିଶା ସରକାର ବିଚାର କରି ମାସିକ ତିନିହଜାର ଟଙ୍କା ପ୍ରଦାନ କରିବା ସହିତ, କଳାକାରମାନଙ୍କ ବୟସ ପୁରୁଷଙ୍କ ପାଇଁ ଚାଳିଶ ବର୍ଷ ଏବଂ ମହିଳାଙ୍କ ପାଇଁ ୩୫ ବର୍ଷ ଧାର୍ଯ୍ୟ କରିବା ଲାଗି ମୁଁ ସରକାରଙ୍କ ନିକଟରେ ପ୍ରାର୍ଥନା କରୁଛି।

ରବୀନ୍ଦ୍ର ସାଏ, ନେହେରୁ ନଗର, ଟିଟିଲାଗଡ, ବଲାଙ୍ଗୀର

### ନୂଆ ଟ୍ରାଫିକ ନିୟମ ସ୍ୱାଗତଯୋଗ୍ୟ

ଗାଡି ଚଲାଇଲା ବେଳେ ଅନେକେ ହେଲମେଟ ଲଗାଉନାହାନ୍ତି କି ସିଟ୍ ବେଲ୍ଟ ପିନ୍ଧୁ ନାହାନ୍ତି। ଚାଳକମାନେ ମୋବାଇଲରେ କଥା ହୋଇ ଦୁର୍ଘଟଣା ଘଟାଉଛନ୍ତି। ବସ୍‌ର ଡ୍ରାଇଭର ଓ କ୍ଲିନରମାନେ ଅନ୍ୟ ଗାଡ଼ିକୁ ଓଭରଟେକ୍ କରିବାକୁ କିଲ୍‌କିଲା ଶବ୍ଦ କରି ରାସ୍ତାରେ ସନ୍ତ୍ରାସ ସୃଷ୍ଟି କରି ଗାଡି ଚଲାଉଛନ୍ତି। ଏନ୍‌ଏଚ୍‌ରେ ଅନେକ ସ୍ଥଳରେ ଲୋକଙ୍କ ସୁବିଧା ପାଇଁ ଡିଭାଇଡରକୁ କଟାଯାଇଛି ଏକ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯିବାଆସିବା ଲାଗି। କିନ୍ତୁ ଲୋକେ ଦ୍ରୁତଗତିରେ ଗାଡି ଚଲାଇ ସହଜରେ ଲୋକଙ୍କୁ ରାସ୍ତା ପାର ହେବାକୁ ଦେଉନାହାନ୍ତି। ତେଣୁ ପ୍ରତିଦିନ ୧୬ ନମ୍ବର ଜାତୀୟ ରାଜପଥରେ ଥିବା କଳିଙ୍ଗବିହାର ଛକ, ଗୋହିରା ଛକ, ମହୁରା ଛକ, ବାଟ ଭୁଆସୁଣୀ ଛକ ଏବଂ ଗଙ୍ଗପଡା ଛକରେ ପ୍ରତିଦିନ କେଉଁଠି ନା କେଉଁଠି ଛୋଟବଡ ଦୁର୍ଘଟଣା ହେଉଛି। ଏ ସ୍ଥାନମାନଙ୍କରେ କୌଣସି ଟ୍ରାଫିକ ପୋଲିସ ମୁତୟନ କରାଯାଇ ନାହିଁ। ବର୍ତ୍ତମାନ ଯେଉଁ ନୂଆ ଟ୍ରାଫିକ୍ ନିୟମ ଲାଗୁ କରାଯାଇଛି, ତାହା କଡ଼ାକଡ଼ି ପାଳନ କରାଗଲେ ଦୁର୍ଘଟଣା ନିଶ୍ଚୟ ହ୍ରାସ ପାଇବ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଅକ୍ଟୋବର ୧୯୯୪

- ଭାରତରେ ବିଦ୍ୟୁତ୍ ସଙ୍କଟର ମୁକାବିଲା ପାଇଁ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ପରିଚାଳିତ ପାୱାର ଗ୍ରୀଡ୍ କର୍ପୋରେଶନକୁ ଏସୀୟ ଉନ୍ନୟନ ବ୍ୟାଙ୍କର ୨୫୦ ନିୟୁତ ଡଲାର ଋଣ।
- ଜାତିସଂଘ ସାଧାରଣ ଆସେମ୍ବ୍ଲିରେ ପାକିସ୍ତାନ ପ୍ରତିନିଧି ଦଳର ନେତୃତ୍ୱ ନେବା ପାଇଁ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କ ପ୍ରସ୍ତାବକୁ ନୱାଜ ଶରିଫଙ୍କ ପ୍ରତ୍ୟାଖ୍ୟାନ।

## ସଂକ୍ଷେପରେ

### ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ଚିକିତ୍ସା କରାଇଲେ ମନ୍ତ୍ରୀ

ବାଲିକୁଦା,୯।୧୦(ସ୍ୱ.ପ୍ର.): ବାଲିକୁଦା ଥାନା ତିହୁଡି ହନୁମାନ ଛକ ନିକଟରେ ରବିବାର ରାତିରେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଜଣେ ଯୁବକଙ୍କୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ନିଜ ଗାଡିରେ ନେଇ ମେଡିକାଲରେ ଚିକିତ୍ସା କରାଇଛନ୍ତି। ମନ୍ତ୍ରୀ ମାଛଗାଁରୁ ବାଲିକୁଦା ଅଭିମୁଖେ ଯାଉଥିବା ବେଳେ ତିହୁଡି ଛକରେ ଏକ ଦୁର୍ଘଟଣା ଘଟିଥିବା ଦେଖିଥିଲେ। ଜଣେ ବାଇକ ଆରୋହୀ ରାସ୍ତାରେ ଏକ କୁକୁରକୁ ଧକ୍କା ଦେବା ଫଳରେ ଗାଡିରୁ ଛିଟିକି ପଡି ଛଟ ପଟ ହେଉଥିଲେ। ଘଟଣାସ୍ଥଳରେ କିଛି ଲୋକ ଜମା ହୋଇ ଏହାକୁ ଦେଖୁଥିଲେ। ମାତ୍ର ମନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ସଙ୍ଗେସଙ୍ଗେ ନିଜ ଗାଡିରେ ସେହି ଯୁବକଙ୍କୁ ନେଇ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ଡାକ୍ତରଙ୍କୁ କହି ଯୁବକଙ୍କ ଚିକିତ୍ସା କରାଇଥିଲେ। ସମ୍ପୃକ୍ତ ଯୁବକ ଜଣକ ହେଲେ ମାଛଗାଁ ପଞ୍ଚାୟତ ସିଙ୍ଗିଟାଳିଆ ଗ୍ରାମର ପପୁ ସାହୁ। ମନ୍ତ୍ରୀଙ୍କ ଏପରି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ବହୁ ପ୍ରଶଂସା କରିଛନ୍ତି।

### ନାଉଗାଁରେ ଗୋପବନ୍ଧୁ ଜୟନ୍ତୀ ପାଳିତ

ନାଉଗାଁ,୯।୧୦(ସ୍ୱ.ପ୍ର.): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମ ଦିବସ ନାଉଗାଁ ବ୍ଲକର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ଜୟନ୍ତୀ ସମାରୋହ ସଂଯୋଜକ ସୁବାସ ସ୍ୱାଇଁ ଓ ଗୋପବନ୍ଧୁ ଅଗ୍ରଗାମୀ ପରିଷଦର ସମ୍ପାଦକ ପ୍ରସନ୍ନଜିତ ସାହୁଙ୍କ ସଂଯୋଜନାରେ ନାଉଗାଁହାଟରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତିରେ ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ଦାସ, ସରପଞ୍ଚ ବ୍ରଜକିଶୋର ପରିଜା, ମହେଶ୍ୱର ଦାସ, ନିରଞ୍ଜନ ମହାନ୍ତି, ବଂଶୀଧର ବେହେରା, ବସନ୍ତ ମଲ୍ଲିକ, ସୁରେଶ ବେହୁରା, ପ୍ରସନ୍ନ ଲେଙ୍କା, ହରେକୃଷ୍ଣ ମହାନ୍ତି, ରଘୁନାଥ ଦାସ, ଆର୍ତ୍ତ ଦାସ, ଭ୍ରମବର ଗୋଛାୟତ ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ପରେ କୋକିଡିଅ ନିକଟସ୍ଥ ଇଛାମା ମଣ୍ଡପରେ ସୁରେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରସନ୍ନ ଲେଙ୍କା, ରାଜକିଶୋର ସାମଲ ପ୍ରମୁଖ ଯୋଗଦେଇ ଗୋପବନ୍ଧୁ ଦାସଙ୍କ ଜୀବନ ସମ୍ପର୍କିତ ବିଭିନ୍ନ ଦିଗ ଓ ସାହିତ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଅଲଣାହାଟ ହାଇସ୍କୁଲ ଓ ଇନ୍ଦିରା ସ୍ମାରକୀ ଯୁବକ ସଂଘ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ ପାଳିତ ହୋଇଛି।

### ନମ୍ବର ବଦଳାଇ କଲା ତାଲିକାଭୁକ୍ତ ହେଲା ଡମ୍ପର

ପାରାଦୀପ,୯।୧୦(ସ୍ୱ.ପ୍ର.): ପାରାଦୀପ ବନ୍ଦର ଆନ୍ତଃ ପରିବହନରେ ନିୟୋଜିତ ଏକ ଡମ୍ପର ବନ୍ଦର ସୁରକ୍ଷା ବ୍ୟବସ୍ଥାକୁ ଚକ୍‌ମା ଦେଖାଇ ପଣ୍ୟ କାରବାର କରୁଥିଲା। ଏବେ ବନ୍ଦରର ଏକ ଗେଟ୍‌ରେ ସିଆଇଏସ୍‌ଏଫ ସୁରକ୍ଷା କର୍ମୀଙ୍କ ଦ୍ୱାରା ସେ ଧରାପଡ଼ିଛି। ସମ୍ପୃକ୍ତ ଗାଡ଼ି ନଂ- ଓଆର୍-୨୧-୯୧୧୮ ଗତ ୭ ତାରିଖରେ ଧରାପଡ଼ିବା ପରେ ସିଆଇଏସ୍‌ଏଫ୍‌ର ଟ୍ରାଫିକ ବିଭାଗ ଉକ୍ତ ଗାଡ଼ିକୁ କଳା ତାଲିକାଭୁକ୍ତ କରିଛି। ଏପରି କି ସମ୍ପୃକ୍ତ ଗାଡ଼ି ମାଲିକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡମ୍ପର ମାଲିକ ସଂଘ ସଭାପତି ବିଜୟ କୁମାର ନାୟକ କହିଛନ୍ତି। ସୂଚନାଯୋଗ୍ୟ, ବନ୍ଦର ଭିତରେ ଡମ୍ପର ଗୁଡ଼ିକ ୨୪ ଘଣ୍ଟା କାର୍ଯ୍ୟ କରନ୍ତି। ସମ୍ପୃକ୍ତ ଗାଡ଼ିର ମରାମତି କାମ ଥିବାରୁ ସମ୍ପୃକ୍ତ ମାଲିକ ସେହି ନମ୍ବରକୁ ବଦଳାଇ ଆଉ ଏକ ଗାଡ଼ିରେ ପଣ୍ୟ କାରବାର କରାଉଥିଲେ। ନମ୍ବର ପ୍ଲେଟରେ ବିବିଧତା ଦେଖାଯିବାରୁ ସିଆଇଏସ୍‌ଏଫ୍ ପକ୍ଷରୁ ଗାଡ଼ିକୁ ଅଟକ ରଖାଯାଇ ଟ୍ରାଫିକ ବଭାଗକୁ ଅବଗତ କରାଯାଇଥିଲା।

■ ଯୁବକ ଜୀବନ୍ତ ଜଳିଯିବା ଘଟଣା

# ମୃତ୍ୟୁ ପାଇଁ ପ୍ରେମିକା ହିଁ ଦାୟୀ

■ପୋଲିସର ପ୍ରାଥମିକ ତଦନ୍ତ
■ପ୍ରେମରେ ବିଫଳ ହୋଇ କରିଥିଲେ ଆତ୍ମହତ୍ୟା
■ମିଳିଲା ପରିଚୟ
■ହତ୍ୟା ଅଭିଯୋଗ ଆଣିଲେ ପରିବାର

ବାଲିକୁଦା,୯।୧୦(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଡ଼ଙ୍ଗା ଦେବଗ୍ରାମ ବିଦ୍ୟାଳୟର ଶିଡିଘର ଛାତରେ ଗତ ୫ ତାରିଖରେ ଜୀବନ୍ତ ଜଳିଯାଇ ସନ୍ଦେହଜନକ ଭାବେ ମୃତ୍ୟୁ ବରଣ କରିଥିବା ଯୁବକଙ୍କ ପରିଚୟ ମିଳିଛି। ମୃତ ଯୁବକ ହେଲେ ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅଧୀନ କାଞ୍ଚନପୁରର କୃଷ୍ଣଚନ୍ଦ୍ର ଚମ୍ପତିରାୟ(୨୮)ଓରଫ ସାଗର। ସାଗରଙ୍କ ମୃତ୍ୟୁ ଖବର ପାଇ ୬ ତାରିଖରେ ତାଙ୍କ ପରିବାର ଲୋକେ ଜଗତ୍‌ସିଂହପୁରରେ ପହଞ୍ଚିଥିଲେ। ୭ ତାରିଖରେ ସାଗରଙ୍କ ସ୍ତ୍ରୀ ରଶ୍ମିତା ଓ ବାପା, ମା'ବାଲିକୁଦା ଥାନାରେ ପହଞ୍ଚି ସାଗରଙ୍କ ମୃତ୍ୟୁ ପାଇଁ ତାଙ୍କ ପ୍ରେମିକା ହିଁ ଦାୟୀ ବୋଲି ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇବା ପରେ ସମ୍ପୃକ୍ତା ପ୍ରେମିକା ଓ ତାଙ୍କ ପରିବାର ଅନ୍ୟ ସଦସ୍ୟଙ୍କୁ ଆଣି ପଚରା ଉଚରା ଜାରି ରଖିଛି। ପୋଲିସ ପ୍ରାଥମିକ ତଦନ୍ତରୁ ସାଗର ବିବାହିତ ହେଲେ ମଧ୍ୟ ପ୍ରେମରେ ଅନ୍ଧହୋଇ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛି ବୋଲି ପ୍ରକାଶ କରିଛି। ତଥାପି ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ।

ସାଗରଙ୍କ ସ୍ତ୍ରୀ ରଶ୍ମିତା ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ସ୍ୱାମୀ ଅହମ୍ମଦାବାଦରେ ଏକ ଘରୋଇ କମ୍ପାନୀରେ କମ୍ପ୍ୟୁଟର ଆସିଷ୍ଟାଣ୍ଟ୍ ଭାବେ କାମ କରୁଥିଲେ। ସେ ବିବାହିତ ଓ ତାଙ୍କର ୫ ବର୍ଷର ଝିଅଟିଏ ଅଛି। ସାଗରଙ୍କ ମୃତଦେହ ନିକଟରେ ରକ୍ତରେ ଯେଉଁ ମହିଳାଙ୍କ ନାମ ଲେଖା ହୋଇଥିଲା ସେ ହେଉଛନ୍ତି ଦେବଗ୍ରାମର। ସେ ମୋ ସ୍ୱାମୀଙ୍କ ସହ ଫେସବୁକ୍‌ରେ ଫ୍ରେଣ୍ଡଶିପ କରି ବାରମ୍ବାର ତାଙ୍କ ମୋବାଇଲକୁ ଫୋନ କରୁଥିଲେ। ଏକଥା ଜାଣିବା ପରେ ମୁଁ ସେ ମହିଳାଙ୍କୁ ବାରମ୍ବାର ଫୋନ କରିବା ପାଇଁ ମନା କରିଥିଲି। ଯେଉଁଥିପାଇଁ ଆମ ସ୍ୱାମୀ, ସ୍ତ୍ରୀଙ୍କ ଭିତରେ ଝଗଡା ଲାଗିଥିଲା। ୫ ତାରିଖରୁ ମୋ ସ୍ୱାମୀ କମ୍ପାନୀକୁ ଯାଉଛି କହି ଘରୁ ଆସିଥିଲେ। କିନ୍ତୁ ୬ ତାରିଖରେ ତାଙ୍କର ମୃତ୍ୟୁ ଖବର ଆମେ ପାଇଲୁ। ମହିଳାଙ୍କ ଗାଁ ବିଦ୍ୟାଳୟରୁ ଯେହେତୁ ତାଙ୍କ ମୃତଦେହ ମିଳିଥିଲା ତେଣୁ ତାଙ୍କୁ ହତ୍ୟା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ୨୦୦/୧୯ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ଦେବଗ୍ରାମର ସମ୍ପୃକ୍ତ ମହିଳା ୫ ବର୍ଷ ହେବ କଟକରେ ବିବାହ କରିଛନ୍ତି। ସେ କଟକରେ ରୁହନ୍ତି। ଘରେ ତାଙ୍କ ମା'ବାପାଙ୍କ ସହିତ ଦୁଇ ଅବିବାହିତ ଭଉଣୀ ମଧ୍ୟ ରୁହନ୍ତି। ପୋଲିସ ୭ ତାରିଖରେ ପ୍ରଥମେ ମହିଳାଙ୍କ ବାପା ଓ ଦୁଇ ଭଉଣୀଙ୍କୁ ଡାକି ପଚରା ଉଚରା କରିଛି। ମହିଳାଙ୍କ ବାପାଙ୍କ କହିବା ଅନୁଯାୟୀ ଝିଅର ସାଙ୍ଗ ହିସାବରେ ସାଗର ତାଙ୍କ ଘରକୁ ପୂର୍ବରୁ ଦୁଇ ଥର ଆସିଛନ୍ତି। କିନ୍ତୁ ଗତ ୫ ତାରିଖରେ ତାଙ୍କ ଘରକୁ ଆସିନାହାନ୍ତି। ଅନ୍ୟପକ୍ଷରେ ପୋଲିସର ଆଉ ଏକ ଟିମ୍ କଟକ ଯାଇ ସମ୍ପୃକ୍ତ ମହିଳା ରହୁଥିବା କାଠଗୋଲା ସାହିରେ ଚଢାଉ କରିବା ସହ ମହିଳାଙ୍କୁ ଆଣି ଏକ ଅଜ୍ଞାତ ସ୍ଥାନରେ ପଚରା ଉଚରା ଜାରି ରଖିଛନ୍ତି। ମହିଳା ମଧ୍ୟ ପୋଲିସ ଆଗରେ ଫେସ୍‌ବୁକରେ ସାଗର ସହିତ ଫ୍ରେଣ୍ଡଶିପକୁ ସ୍ୱୀକାର କରିଛନ୍ତି। ସେ କହିଛନ୍ତି, ସାଗର ମୋତେ ବାରମ୍ବାର ପ୍ରେମ ନିବେଦନ କରୁଥିଲେ। ମୁଁ ଯେହେତୁ ଜଣେ ବିବାହିତା ସେଥିପାଇଁ ତାଙ୍କୁ ବାରଣ କରୁଥିଲି। ମାତ୍ର ସେ ଅଧିକାଂଶ ସମୟରେ ପାଗଳହୋଇ ଭିଡିଓ କଲିଂ ଦ୍ୱାରା ନିଜର ହାତ କାଟି ରକ୍ତ ଦେଖାନ୍ତି। ତୁମେ ମୋ ପାଖକୁ ନ ଆସିଲେ ମୁଁ ଆତ୍ମହତ୍ୟା କରିଦେବି ବୋଲି ଧମକ ମଧ୍ୟ ଦିଅନ୍ତି। ୫ ତାରିଖରେ ସାଗର ଫୋନ କରି ତାଙ୍କ ସହିତ ଅହମ୍ମଦାବାଦ ଯିବାକୁ ମଧୁକୁ ଜିଦ କରିଥିଲେ। ନହେଲେ ଆତ୍ମହତ୍ୟା କରିଦେବି ବୋଲି ଧମକ ଦେଇଥିଲେ ବୋଲି ସମ୍ପୃକ୍ତା ମହିଳା ଏସଡିପିଓ ପ୍ରକାଶ ଚନ୍ଦ୍ର ପାଲଙ୍କ ଆଗରେ ଏକଥା ପ୍ରକାଶ କରିଛନ୍ତି। ଯେଉଁଥି ପାଇଁ ସାଗର ପ୍ରେମରେ ଅନ୍ଧ ହୋଇ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପୋଲିସ ପ୍ରାଥମିକ ସୂଚନା ପ୍ରଦାନ କରିଛି।



ହାଜିପୁର ନୋଡାଲ ଉଚ୍ଚ ବିଦ୍ୟାଳୟକୁ ମନ୍ତ୍ରୀ ରଘୁନନ୍ଦନ ଦାସ ପରିଦର୍ଶନ କରୁଛନ୍ତି।

## ମନ୍ତ୍ରୀଙ୍କ ହାଇସ୍କୁଲ ପରିଦର୍ଶନ

ଏରସମା,୯।୧୦(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ ପଏଦା ପଞ୍ଚାୟତସ୍ଥିତ ହାଜିପୁର ନୋଡାଲ ଉଚ୍ଚ ବିଦ୍ୟାଳୟକୁ ମଙ୍ଗଳବାର ଜଳସମ୍ପଦଦ ଓ ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ପରିଦର୍ଶନ କରିଥିଲେ। ସେ ସ୍କୁଲର ଯତାୟାତ ପଥ, ଶ୍ରେଣୀଗୃହ ଓ କାର୍ଯ୍ୟାଳୟ ସହିତ ପରିବେଶକୁ ଅନୁଧ୍ୟାନ କରିଥିଲେ। ଏଥି ସହିତ ସ୍କୁଲର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉପରେ ଆଲୋଚନା କରିଥିଲେ। ଏଥିରେ ସ୍କୁଲ ପ୍ରତିଷ୍ଠାତା ସୁଶିଲ କୁମାର କାନୁନଗୋ, ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର, ସ୍କୁଲ ବିକାଶ କମିଟି ସଭାପତି ବିଭୂତି ପଟ୍ଟନାୟକ, ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବସନ୍ତ ମଞ୍ଜରୀ ଦାସ, ପ୍ରଫୁଲ୍ଲ ଦାସ ଓ କୈଳାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପୂଜା ମଣ୍ଡପ ବୁଲିଲେ ବିଧାୟକ ବିଷ୍ଣୁ ଦାସ

ବାଲିଆ:୯।୧୦

ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଦାସ ବିରିଡି ବ୍ଲକର ବିଭିନ୍ନ ପୂଜା ମଣ୍ଡପ ବୁଲି ମା' ଦୁର୍ଗାଙ୍କୁ ଦର୍ଶନ କରିଛନ୍ତି। ବିଧାୟକ ଦାସ ପ୍ରଥମେ କଇଜଙ୍ଗା, ହାଜିପୁର, ବିରିଡି, ରାଣୀପଡ଼ା, ଅଲାଣ୍ଡୋ ଓ ମାଣତିରି ମଣ୍ଡପରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ପରେ ମାଣତିରି ମା'ବନଦୁର୍ଗାଙ୍କ ମଣ୍ଡପରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ବନଦୁର୍ଗା କଳାପରିଷଦ ଦ୍ୱାରା ଆୟୋଜିତ ୫୨ ବର୍ଷର ସାଂସ୍କୃତିକ କାର୍ଯ୍ୟକ୍ରମ ଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରବିନାରାୟଣ ଜେନା, ନୃସିଂହ ଦାଶ, ନେତ୍ରାନନ୍ଦ ପାତ୍ର, ଜିଲାପରିଷଦ ସଭ୍ୟ ପ୍ରତାପ ବେହେରା, ଜିଲା ସଂଖ୍ୟାଲଘୁ ସେଲର ଅଧ୍ୟକ୍ଷ ମିର ଆଜମିର ଅଲି, ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ପ୍ରଦୀପ୍ତ ଭୂୟାଁ, ଅଲାଣ୍ଡୋ ସରପଞ୍ଚ ରଞ୍ଜିତା ବେହେରା, ଶଙ୍ଖପୁର ସରପଞ୍ଚ ରଶ୍ମିରଞ୍ଜନ ବେହେରା, ଅଲାଣ୍ଡୋ ସମିତିସଭ୍ୟା ଅନୁସୟା ରାଉତରାୟ, ହିମାଂସୁ ମଲିକ, କହ୍ନିମୂଳ ସରପଞ୍ଚ ଦେବଦ୍ୱିତୀ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବନଦୁର୍ଗା ପୂଜା କମିଟି ସଭାପତି ପ୍ରଦୀପ କିଶୋର ଜେନା, ସମ୍ପାଦକ ବ୍ରଜକିଶୋର ଖୁଣ୍ଟିଆ, କୋଷାଧ୍ୟକ୍ଷ ରାମଚନ୍ଦ୍ର ବେହେରା, ସହ କୋଷାଧ୍ୟକ୍ଷ ବିଜୟ ରାଉତ ପରିଚାଳନା କରିଥିବା ବେଳେ ଚିତରଞ୍ଜନ ମିଶ୍ର ସଭା ସଂଚାଳନା କରିଥିଲେ। ସଭା ପରେ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ମାଣିତ୍ରୀ ବନଦୁର୍ଗା ମଣ୍ଡପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

## କାର-ବାଇକ୍ ମୁହାଁମୁହିଁ: ଦମ୍ପତି ଗୁରୁତର

ନାଉଗାଁ,୯।୧୦(ସ୍ୱ.ପ୍ର.)

ନାଉଗାଁ ଥାନା ଅଧୀନ ଶିଖର-ଗଙ୍ଗଦାହାଟ ରାସ୍ତାର ଶାଳିଜଙ୍ଗା ଶିଶୁ ମନ୍ଦିର ନିକଟରେ ବୁଧବାର କାର-ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍‌ରେ ଥିବା ଦମ୍ପତି ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ମେଡିକାଲକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ, ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳର ଜଣେ ବ୍ୟକ୍ତି ଏକ ମାରୁତି ୱାଗନର କାରରେ ଶିଖରଘାଟ ଦେଇ ତାଳଦା ଗ୍ରାମକୁ ଯାଉଥିଲେ। ଏହି ସମୟରେ ମୁଣ୍ଡୁଣିଆ ଗ୍ରାମର ସୁଧୀର ସ୍ୱାଇଁ ଓ ତାଙ୍କ ସ୍ତ୍ରୀ ଉଷାରାଣୀ ବାଇକ୍ ଯୋଗେ ଗଙ୍ଗଦାହାଟ ପଟୁ ସୁଧୀରଙ୍କ ଶ୍ୱଶୁରଘର ବୋଦଳ ଗ୍ରାମକୁ ଯାଉଥିଲେ। ଶାଳିଜଙ୍ଗା ଶିଶୁ ମନ୍ଦିର ନିକଟରେ କାର ଓ ବାଇକ ମଧ୍ୟରେ ମୁହାଁ ମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଚାଳକ ସୁଧୀର ଓ ତାଙ୍କ ସ୍ତ୍ରୀ ଉଷାରାଣୀ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ହେଲେ ଆମ୍ବୁଲାନ୍ସ ନ ଆସିବାରୁ ଦମକଳ ବାହିନୀକୁ ଯୋଗାଯୋଗ କରିଥିଲେ। ନାଉଗାଁ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଦମ୍ପତିଙ୍କୁ ଉଦ୍ଧାର କରି ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ନାଉଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ଜବତ କରିଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ପ୍ରଜ୍ଞା ରିତାମ୍ବର କର ପ୍ରକାଶ କରିଛନ୍ତି।

## ଫନୀ ସହାୟତା ପାଇଁ ୩ କୋଟି ଟଙ୍କା ମଞ୍ଜୁର

ଜଗତ୍‌ସିଂହପୁର ଅଫିସ, ୯।୧୦

ବାତ୍ୟା ଫନୀ ପ୍ରଭାବରେ ଜଗତ୍‌ସିଂହପୁର ଜିଲାରେ ଅନେକ କିଛି କ୍ଷୟକ୍ଷତି ଘଟିଥିଲା। କ୍ଷତିଗ୍ରସ୍ତ ଲୋକଙ୍କୁ ସରକାରୀସ୍ତରରେ ସହାୟତା ରାଶି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ବିଳମ୍ବରେ ହେଉ ବରଂ ଚିହ୍ନଟ ହୋଇଥିବା ହିତାଧିକାରୀଙ୍କ ମଧ୍ୟରୁ ପ୍ରାଥମିକ ପର୍ଯ୍ୟାୟରେ ୫,୧୧୨ ଜଣଙ୍କ ପାଇଁ ୨,୯୨,୬୬,୧୦୦ ଟଙ୍କା ମଞ୍ଜୁର ହୋଇଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହି ରାଶି ମଞ୍ଜୁର କଲା ପରେ ତହସିଲଦାରମାନଙ୍କୁ ପ୍ରଦାନ କରାଯାଇଛି। ତହସିଲଦାରମାନେ ପ୍ରଭାବିତ ଲୋକଙ୍କୁ ଯଥାଶୀଘ୍ର ଏହି ରାଶି ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ତହସିଲଦାରମାନେ ହିତାଧିକାରୀଙ୍କୁ କ୍ୟାଶ ନ ଦେଇ ସେମାନଙ୍କ ଆକାଉଣ୍ଟରେ ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ରହିଛି। ଚିହ୍ନିତ ୫,୧୧୨ଜଣଙ୍କ ମଧ୍ୟରୁ ୨୯ ଜଣଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ସେହିପରି ୩,୬୬୬ ଜଣଙ୍କ ଘର ଆଂଶିକ ଓ ୧,୪୮୧ଟି ଗୁହାଳ ଘର ଭାଙ୍ଗିଥିବା ଦର୍ଶାଯାଇଛି। ଅନୁରୂପ ଭାବେ ୩୮ଜଣ ମତ୍ସଜୀବୀଙ୍କ ବୋଟ ଭାଙ୍ଗି ଯାଇଥିବାରୁ ଏହା ମରାମତି ଓ ଜାଲ କ୍ରୟ ପାଇଁ ୨,୭୫,୫୦୦ ଟଙ୍କା ଜିଲା ମତ୍ସ୍ୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସେ ଏହି ରାଶି ଚିହ୍ନିତ ହିତାଧିକାରୀଙ୍କୁ ପ୍ରଦାନ କରିବେ। ଚିହ୍ନଟ ହୋଇଥିବା ଅବଶିଷ୍ଟ ହିତାଧିକାରୀଙ୍କୁ ଯଥାଶୀଘ୍ର ସହାୟତା ରାଶି ପ୍ରଦାନ କରାଯିବ ବୋଲି ଜିଲାପାଳ କହିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

ତିର୍ତ୍ତୋଲ,୯।୧୦(ଡି.ଏନ.ଏ.)

ତିର୍ତ୍ତୋଲ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର (ବାଲିଆପଡ଼ା) ତେରମାଣପୁରଠାରେ ବୁଧବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଉତ୍ତ୍ୟକ୍ତ ଲୋକେ କିଛି ସମୟ ଧରି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଥାନା ଅଧିକାରୀ କୃଷ୍ଣ ପ୍ରସାଦ ମିଶ୍ର, ଏସ୍‌ଡିପିଓ ଦୀପକ ରଞ୍ଜନ ଜେନା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁସାରେ, ଛନ୍ଦାପାଟ ବାଇଳ ଅଞ୍ଚଳର ଜିତେନ୍ଦ୍ର ନାୟକ(୨୦) ଓ ଜଗବନ୍ଧୁ ପରିଡା (୨୫) ବାଇକ୍ ଯୋଗେ ଯାଉଥିଲେ। ଏହି ସମୟରେ ତେରମାଣଠାରେ ଏକ କାର୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଜିତେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

■ ମହାନଦୀ ମୁହାଣରେ ବୁଡ଼ିଲା ମାଛଧରା ଟ୍ରଲର

# ୧ ମୃତ, ଜଣେ ନିଖୋଜ, ୩ ବର୍ତ୍ତିଲେ

ପାରାଦୀପ,୯।୧୦(ସ୍ୱ.ପ୍ର.)

ଚାରିଆଡ଼େ ଶାରଦୀୟ ପୂଜା ଉତ୍ସବ ଚାଲିଥିବାବେଳେ ମଙ୍ଗଳବାର ପାରାଦୀପରେ ଦୁଃଖଦ ଘଟଣା ଘଟିଥିଲା। ସମୁଦ୍ରରୁ ମା' ଜାଉଁଆ ନାମକ ମାଛଧରା ଟ୍ରଲର ବନ୍ଦରକୁ ଫେରୁଥିବାବେଳେ ହଠାତ୍ ମହାନଦୀ ମୁହାଣ ଅଞ୍ଚଳରେ ବୁଡିଯାଇଥିଲା। ସେଥିରେ ଥିବା ୫ଜଣ ମତ୍ସ୍ୟଜୀବୀ ବୁଡ଼ିଯାଇଥିଲେ। ପରେ ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ ଅନ୍ୟ ଏକ ନୋଳିଆ ଡଙ୍ଗା ଉଦ୍ଧାର କରିଥିଲା। ଆଉ ଜଣେ ଏକ ପ୍ଲାଷ୍ଟିକ ଜାରକୁ ଆଶ୍ରାକରି ୮ ଘଣ୍ଟା ଭାସିବା ପରେ ଆଉ ଏକ ମାଛଧରା ଟ୍ରଲର ଦ୍ୱାରା ଉଦ୍ଧାର ହୋଇଥିଲେ। ଅନ୍ୟ ୨ଜଣଙ୍କ ମଧ୍ୟରୁ ଜଣଙ୍କ ମୃତଦେହ ବୁଧବାର ବାଲିଯାତ୍ରା ପଡ଼ିଆ ପାଖ ଜଟାଧାର ମୁହାଣରୁ ସାମୁଦ୍ରିକ ଥାନା ପୋଲିସ ଉଦ୍ଧାର କରିଛି। ଅନ୍ୟ ଜଣେ ଏବେବି ନିଖୋଜ ଅଛନ୍ତି। ମୃତ ମତ୍ସ୍ୟଜୀବୀ ହେଲେ ଭଦ୍ରକ ଜିଲା ବାସୁଦେବପୁର ଥାନା ଅନ୍ତର୍ଗତ ବଡ଼କିଆରୀ ଗ୍ରାମର ବଟକୃଷ୍ଣ ମଲ୍ଲିକ। ନିଖୋଜ ମତ୍ସ୍ୟଜୀବୀ ହେଲେ ବାସୁଦେବପୁର ଅଞ୍ଚଳର ଲକ୍ଷ୍ମୀଧର ଦାସ। ଉଦ୍ଧାର ମତ୍ସ୍ୟଜୀବୀ ହେଲେ ଭଦ୍ରକ ଆରଡ଼ି ଅଞ୍ଚଳର ଉମାକାନ୍ତ ଦାସ, ଗଙ୍ଗାଧର ଦାସ ଓ ସନ୍ତୋଷ ଦାସ। ଉମାକାନ୍ତ ଏକ ପ୍ଲାଷ୍ଟିକ ଡ୍ରମ୍ ସହାୟତାରେ ନିଜକୁ ବଞ୍ଚାଇଥିଲେ। ମୃତଦେହକୁ ପୋଲିସ ବୁଧବାର ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ୭/୧୯ରେ ଏକ ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ବୋଟ୍ ମାଲିକଙ୍କ ନାମ ପ୍ରତାପ ବିଶ୍ୱାଳ। ଉକ୍ତ ବୋଟର ପଞ୍ଜୀକୃତ ପୁରୀ ଜିଲାରେ ହୋଇଛି। ନିଖୋଜ ଓ ମୃତକଙ୍କ ପରିବାରଙ୍କୁ ଟ୍ରଲର ମାଲିକ ସଂଘ ଓମ୍ପା ପକ୍ଷରୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। କିନ୍ତୁ ସରକାରୀ ଅନୁଦାନ କିଛି ମିଳିନାହିଁ। ଏ ବିଷୟରେ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ) ମଧୁମୟ ସାମଲଙ୍କୁ ପଚାରିବାରେ ସେ କୁହନ୍ତି, ମୃତ-ନିଖୋଜଙ୍କ ପରିଚୟପତ୍ର ପାରାଦୀପ ଅଫିସରେ ନାହିଁ। ଏବେ ଆମେ ପୁରୀ ଅଫିସ ସହ ଏ ବିଷୟରେ ଯୋଗାଯୋଗ କରୁଛୁ। ଯଦି ପରିଚୟପତ୍ର ଥିବ ତାହେଲେ ସରକାରୀ ଅନୁଦାନ ୨ ଲକ୍ଷ ଟଙ୍କା ମିଳିବ। ସମ୍ପୃକ୍ତ ମହାନଦୀ ମୁହାଣ ଅଞ୍ଚଳ ପୋତି ହୋଇ ପଡ଼ିବା ଯୋଗୁ ବାରମ୍ବାର ଏପରି ଦୁର୍ଘଟଣା ଘଟୁଛି। ଗତବର୍ଷ ପାରାଦୀପ ବନ୍ଦର ପକ୍ଷରୁ ମୁହାଣ ଅଞ୍ଚଳକୁ ଖନନ କରିବା ପାଇଁ ୧୫ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଡ୍ରେଜର ନିୟୋଜିତ କରିଥିଲା। ସେହି ସ୍ଥାନରେ ପ୍ରଖର କରେଣ୍ଟ (ଅନ୍ତଃସ୍ରୋତ) ଯୋଗୁ ତାହା ଅସଫଳ ହୋଇଥିଲା। ସେବେଠାରୁ ଖନନ କାମ ବନ୍ଦ ରହିଛି।




ଶାରଦୀୟ ଦୁର୍ଗା ପୂଜା ଅବସରରେ ବାଲିକୁଦା, ଏରସମାବାସୀଙ୍କୁ ମୋର ଆନ୍ତରିକ ଅଭିନନ୍ଦନ । ମା' ଙ୍କ କୃପାରୁ ସମସ୍ତଙ୍କ ଚଲାପଥ କୁସୁମିତ ହେଉ।
ନଳିନୀ କୁମାର ସ୍ୱାଇଁ
ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର, ଏରସମା

ଜଗତ୍‌ଜନନୀଙ୍କ ଅପାର କରୁଣାରୁ ବାଲିକୁଦା, ଏରସମାବାସୀ ସୁଖ ସମୃଦ୍ଧି ଲାଭ କରନ୍ତୁ , ଏହା ହିଁ ପ୍ରାର୍ଥନା।
ଧ୍ୱଜରାଜ ଖଣ୍ଡୁଆଳ (ମୁନା)
ଯୁବନେତା



ପବିତ୍ର ଦୁର୍ଗା ପୂଜା ଅବସରରେ ବାଲିକୁଦା, ଏରସମା ଭାଇ ଭଉଣୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
ଶିଶିର କୁମାର ବିଶ୍ୱାଳ
ଯୁବନେତା, ବିଜୁ ଜନତା ଦଳ, ଏରସମା



**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**
ଟେଣ୍ଡର ସଂ. 32-KUR-TRD-OT-2019-20, ତା: 30.09.2019
**କାର୍ଯ୍ୟର ନାମ :** ସାକ୍ଷୀଗୋପାଳ ସ୍ଥିତ OHE ଡ଼ିପୋରେ ଦୁଇ ବର୍ଷ ସମୟାବଧି ପାଇଁ 24 ଘଣ୍ଟା ଉପଲବ୍ଧତା ସହିତ 4.5 T ବୋଝେଇ କ୍ଷମତା ବିଶିଷ୍ଟ ସ୍ୱରାଜ୍ ମାଜ୍‌ଦା ଲିମିଟେଡ୍ ନିର୍ମିତ ସରତାଜ୍ ଏଚ୍‌ଜି 72 BS-III 3335/ ଆଇଚର୍ 10.75 E2 ପ୍ଲସ୍ 3515 କିମ୍ବା ସମତୂଲ୍ୟ ଟ୍ରକ୍ ଭଡ଼ା ସୂତ୍ରରେ ନେବା ଏବଂ ପରିଚାଳନା।
**ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 17,64,825.70, EMD (ଟଙ୍କାରେ) : ₹ 35,300.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ): ₹ 2,360.00 ।
**ଟେଣ୍ଡର କାଗଜପତ୍ର ଖୋଲାଯିବାର ତାରିଖ ଓ ସମୟ :** ତା 21.10.2019 ର 1530 ଘ.ରେ
ଏହି ଟେଣ୍ଡର ନିମନ୍ତେ ମାନୁଆଲ୍ ଅଫର୍ ଗୁଡ଼ିକ ପାଇଁ ଅନୁମତି ନାହିଁ ଏବଂ ଗ୍ରହଣ କରାଯାଇଥିବା ଏହିଭଳି ମାନୁଆଲ୍ ଅଫର ଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ। ବିଡ୍‌ର୍ ମାନେ ସେମାନଙ୍କର ମୂଳ / ପରିବର୍ତ୍ତିତ ବିଡ୍ ଗୁଡ଼ିକୁ କେବଳ ବନ୍ଦ ହେବା ତାରିଖ ଓ ସମୟ ତା 21.10.2019 ରିଖ 1330 ଘଟିକା ପର୍ଯ୍ୟନ୍ତ ଦାଖଲ କରିପାରିବେ।
ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ, (TRD)/ ଖୋର୍ଦ୍ଧା ରୋଡ଼
PR-414/K/19-20

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. MSM-BIOTOILET-SBP-2-19
**କାର୍ଯ୍ୟର ନାମ :** ତିନି ବର୍ଷ ସମୟାବଧି ନିମନ୍ତେ ସମ୍ବଲପୁର କୋଚିଂ ଡ଼ିପୋ ଠାରେ କୋଚ୍ ଗୁଡ଼ିକରେ ବାୟୋ ଟଏଲେଟ୍ (Bio-Toilet) (DRDE ଟାଇପ୍) ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ଏବଂ ପରିଚାଳନା ଚୁକ୍ତି (AMOC) ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 2,47,15,347.80 EMD : ₹ 2,73,600.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹11,800.00, କାର୍ଯ୍ୟ ସମାପ୍ତିର ଅବଧି:03(ତିନି) ବର୍ଷ।
**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 22.10.2019 ରିଖ 1100 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ), ସମ୍ବଲପୁର
PR-416/K/19-20

**ଏକ୍ସ-ସର୍ଭିସ୍‌ମେନ କଣ୍ଟ୍ରିବ୍ୟୁଟାରୀ ହେଲ୍‌ଥ ସ୍କିମ୍ (ଇସିଏଚ୍‌ଏସ୍)**
**ଟେଣ୍ଡର ବିଜ୍ଞପ୍ତି**
(ଟେଣ୍ଡର ରେଫରେନ୍ସ ନମ୍ବର - 01/2019-20/ECHS/CHILKA/ALC)
**ଓଡ଼ିଶାର ଅନୁଗୁଳ, ବାଲେଶ୍ୱର, ଢେଙ୍କାନାଳ ଏବଂ ପୁରୀଠାରେ ଚାରୋଟି (ଇସିଏଚ୍‌ଏସ୍) ପଲିକ୍ଲିନିକ୍‌ସ ପାଇଁ ସ୍ୱୀକୃତିପ୍ରାପ୍ତ ସ୍ଥାନୀୟ କେମିଷ୍ଟ (ଏଏଲ୍‌ସି) ତାଲିକାଭୁକ୍ତ**
୧. ପ୍ରତିରକ୍ଷା ମନ୍ତ୍ରଣାଳୟ, ଭାରତ ସରକାର ଏକ୍ସ-ସର୍ଭିସମେନ କଣ୍ଟ୍ରିବ୍ୟୁଟାରୀ ହେଲ୍‌ଥ ସ୍କିମ୍ (ଇସିଏଚ୍‌ଏସ୍) ର ପଲିକ୍ଲିନିକ୍‌ସକୁ ମେଡିସିନ ସପ୍ଲାଇ ପାଇଁ ଓଡ଼ିଶାର ଅନୁଗୁଳ, ବାଲେଶ୍ୱର, ଢେଙ୍କାନାଳ ଏବଂ ପୁରୀ ପାଖାପାଖି ଅଞ୍ଚଳରେ ଖ୍ୟାତିଥିବା ସ୍ଥାନୀୟ କେମିଷ୍ଟମାନଙ୍କଠାରୁ ତାଲିକାଭୁକ୍ତ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
୨. ଟେଣ୍ଡର କାଗଜପତ୍ର https://eprocure.gov.in/epublish/app ରୁ ଡାଉନଲୋଡ କରାଯାଇପାରିବ କିମ୍ବା (ଇସିଏଚ୍‌ଏସ୍) ପଲିକ୍ଲିନିକ୍‌ସ ଏବଂ ଷ୍ଟେଶନ ହେଡ୍‌କ୍ୱାର୍ଟର୍ସ ଇସିଏଚ୍‌ଏସ୍, ଚିଲିକାରୁ ମଧ୍ୟ ପାଇପାରିବେ।
ସବିଶେଷ ବିବରଣୀ ପାଇଁ ନିମ୍ନମତେ ଯୋଗାଯୋଗ କରନ୍ତୁ:
(କ) ଷ୍ଟେଶନ ହେଡକ୍ୱାର୍ଟର୍ସ ଇସିଏଚ୍‌ଏସ୍, ଚିଲିକା ଦୂରଭାଷ – ୦୬୭୫୬ –୨୫୭୦୩୩ ଇ-ମେଲ୍ : echs.chilka@gmail.com
(ଖ) ଅନୁଗୁଳ ପଲିକ୍ଲିନିକ୍‌ସ ଦୂରଭାଷ – ୮୮୯୫୯୮୪୩୦୧ ଓ ଇ-ମେଲ୍: echs.angul@gmail.com
(ଗ) ବାଲେଶ୍ୱର ପଲିକ୍ଲିନିକ୍‌ସ ଦୂରଭାଷ – ୦୬୭୮୨-୨୬୮୧୩୬ ଓ ଇ-ମେଲ୍: echs.bls@rediffmail.com
(ଘ) ଢେଙ୍କାନାଳ ପଲିକ୍ଲିନିକ୍‌ସ ଦୂରଭାଷ – ୦୬୭୬୨-୨୨୧୧୩୩ ଓ ଇ-ମେଲ: echs.dhenkanal@gmail.com
(ଙ) ପୁରୀ ପଲିକ୍ଲିନିକ୍‌ସ ଦୂରଭାଷ – ୦୬୭୫୨-୨୨୦୫୪୪ ଓ ଇ-ମେଲ: echs.puri@gmail.com
୩. କୌଣସି ଅନୁସନ୍ଧାନ ପାଇଁ ଷ୍ଟେଶନ ହେଡକ୍ୱାର୍ଟର୍ସ ଇସିଏଚ୍‌ଏସ୍ ଚିଲିକା ଫୋନ ନମ୍ବର ୦୬୭୫୬-୨୫୭୦୩୩ ଏବଂ ଇ-ମେଲ echs.chilka@gmail.comରେ ଯୋଗାଯୋଗ କରନ୍ତୁ।
DAVP 10702/11/0164/1920
ଷ୍ଟେଶନ କମାଣ୍ଡର ଇସିଏଚ୍‌ଏସ୍ ଚିଲିକା

**ସଂକ୍ଷେପରେ**

### ମହାନଦୀରେ ୬ ଛାତ୍ରୀ ଭାସିଯିବା ଘଟଣା
## ମିଳିଲା ନିଖୋଜ ଛାତ୍ରୀଙ୍କ ମୃତଦେହ

**ସମ୍ବଲପୁର, ୯।୧୦(ବ୍ୟୁରୋ):** ସମ୍ବଲପୁର କ୍ଷେତରାଜପୁର ଥାନା ଅଧୀନ ବଙ୍ଗଳାପଡାର ପିଙ୍କି ବିଶ୍ୱକର୍ମା (୧୪)ଙ୍କ ମୃତଦେହ ୩ ଦିନ ପରେ ବୁଧବାର ଅପରାହ୍ନରେ ମହାନଦୀ ଦ୍ୱିତୀୟ ସେତୁ ନିକଟରୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଅଗ୍ନିଶମ କର୍ମଚାରୀ ଓ ପୋଲିସ ପିଙ୍କିଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ତାଙ୍କ ପରିବାର ଲୋକେ ମୃତଦେହ ଚିହ୍ନଟ କରିବା ପରେ ଜିଲା ମୁଖ୍ୟ ଡାକ୍ତରଖାନାର ଫ୍ରିଜର୍‌ରେ ରଖାଯାଇଛି । ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି । ସୂଚନାଯୋଗ୍ୟ, ରବିବାର ପୂର୍ବାହ୍ନ ୧୧ଟାରେ ପିଙ୍କି ତାଙ୍କର ୫ଜଣ ସାଙ୍ଗଙ୍କ ସହ ମହାନଦୀକୁ ଗାଧୋଇବାକୁ ଯାଇଥିଲେ। ସେମାନଙ୍କ ଭିତରୁ ଜଣେ ସାଙ୍ଗଙ୍କ ଗୋଡ ଖସିଯିବାରୁ ସେ ବୁଡି ଯାଇଥିଲେ। ତାଙ୍କୁ ସମସ୍ତେ ମିଶି ଉଦ୍ଧାର କରିଥିଲେ। ହେଲେ ଏହି ସମୟରେ ସ୍ରୋତରେ ପିଙ୍କି ଭାସି ଯାଇଥିଲେ। ଖବର ପାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି ପୁଣି ଖୋଜାଖୋଜି କରାଯାଇଥିଲା। ହେଲେ ଅଗ୍ନିଶମ କର୍ମଚାରୀଙ୍କୁ ନିରାଶ ହେବାକୁ ପଡିଥିଲା। ବାଧ ହୋଇ ବୁଧବାର ଉଦ୍ଧାର କାର୍ଯ୍ୟକୁ ବନ୍ଦ ରଖା ଯାଇଥିଲା। ମହାନଦୀ ତଟରେ ଥିବା ଅଗ୍ନିଶମ ବିଭାଗ ଓ ଥାନା ଗୁଡିକୁ ଦୃଷ୍ଟି ରଖିବାକୁ ସୂଚନା ଦିଆଯାଇଥିଲା ।

## ରାବଣ ଦେହରେ ଅଗ୍ନି ସଂଯୋଗ କଲେ ଦୁର୍ବୃତ୍ତ

**ସମ୍ବଲପୁର, ୯।୧୦ (ବ୍ୟୁରୋ):** ସମ୍ବଲପୁର ସହର ଉପକଣ୍ଠ ମାନେଶ୍ୱର ଦୁର୍ଗାପୂଜାରେ ମଙ୍ଗଳବାର ରାବଣପୋଡିକୁ ନେଇ ଅସନ୍ତୋଷ ଦେଖାଦେଇଛି। ପରମ୍ପରା ଅନୁସାରେ ରାବଣ ପ୍ରତିକୃତିରେ ରାମ ବେଶଧାରୀ ବ୍ୟକ୍ତି ଅଗ୍ନି ସଂଯୋଗ କରିବା କଥା। ହେଲେ ୨ଜଣ ଦୁର୍ବୃତ୍ତ ହଠାତ୍ ନିଆଁ ଲଗାଇ ଦେଇଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣାରେ ପୋଲିସ ମାନେଶ୍ୱର ଗ୍ରାମର ଅଜିତ ପାତ୍ରଙ୍କୁ ଗିରଫ କରିଛି। ଅନ୍ୟ ଜଣେ ଫେରାର ହୋଇ ଯାଇଛନ୍ତି। ବୁଧବାର ପୂଜା କମିଟି ଓ ବ୍ୟବସାୟୀ ସଂଘ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ଏକ ମାମଲା (ନଂ. ୨୦୧/୧୯) ରୁଜୁ କରିଛି।

### ■ କେନ୍ଦ୍ର ଯୋଜନାକୁ ହଡ଼ପ କରୁଛି ରାଜ୍ୟ ସରକାର
# ଆଜି ରାଜଭବନ ଆଗରେ ଭାଜପାର ଧାରଣା

**ଭୁବନେଶ୍ୱର,୯।୧୦(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ନିଜ ନାଁରେ କରି ରାଜ୍ୟ ସରକାର ବାହାବାହା ସାଉଁଟୁଥିବା ନେଇ ଭାଜପା ବାରମ୍ବାର ଅଭିଯୋଗ କରି ଆସୁଛି। ଏନେଇ ନିକଟରେ ଭାଜପା ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ମଧ୍ୟ କରାଯାଇଥିଲା। ଏହାସହ ଏହି ଘଟଣାକୁ ନେଇ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲା। କିନ୍ତୁ ଏହାର କୌଣସି ପ୍ରଭାବ ରାଜ୍ୟ ସରକାରଙ୍କ ପାଖରେ ପଡି ନ ଥିବା ନେଇ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜେଡି ନିଜ ନାଁରେ କରୁଥିବା ନେଇ ଭାଜପା ପୁଣିଥରେ ଅଭିଯୋଗ ଆଣିଛି। ଚାରୋଟି ପ୍ରସଙ୍ଗରେ ଭାଜପା ପକ୍ଷରୁ ଗୁରୁବାର ରାଜଭବନ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଦଳର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି, ରାଜ୍ୟ ସରକାର ଚଞ୍ଚକତା କରି ବିଭିନ୍ନ କେନ୍ଦ୍ରୀୟ ଯୋଜନାକୁ ହଡ଼ପ କରି ଚାଲିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିବା 'ହାଉସିଂ ଫର ଅଲ୍ ୨୦୨୨'ର ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସମସ୍ତଙ୍କୁ ପକ୍କା ଘର ଯୋଗାଇଦେବେ ବୋଲି କହିଛନ୍ତି। ଏହି ଯୋଜନାରେ ଓଡ଼ିଶାରେ ୧୬ ଲକ୍ଷରୁ ଅଧିକ ପକ୍କାଘର ନିର୍ମାଣ ହୋଇଛି। ମାତ୍ର ରାଜ୍ୟ ସରକାର ଅନୈତିକ ଓ ଅଗଣତାନ୍ତ୍ରିକ ଭାବେ କେନ୍ଦ୍ର ଯୋଜନାର ନାମ ପରିବର୍ତ୍ତନ କରି ମୋ ଆବାସ ନାଁରେ ରାଜ୍ୟବାସୀଙ୍କୁ ଠକି ଚାଲିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ନାଁ କାଟି ରାଜ୍ୟ ସରକାର ବିଜୁ ପକ୍କାଘର କହି ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି। ୨୦୧୮ ସର୍ଭେ ଅନୁଯାୟୀ ୪ ଲକ୍ଷ ଘରର କାର୍ଯ୍ୟାଦେଶ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନାଁରେ ବଣ୍ଟନ କରି ଗାଇଡ ଲାଇନ ଅନୁଯାୟୀ କାର୍ଯ୍ୟାଦେଶ ହେବାସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଫଳକ ଲଗାଯିବାର ଆବଶ୍ୟକତା ରହିଛି। କିନ୍ତୁ ରାଜ୍ୟ ସରକାର ଏହାକୁ ନିଜ ଲୋଗରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଓ ବିଜୁ ପକ୍କା ଘରର ଫଟୋ ଲଗାଇ ମୋ ଆବାସ ଲେଖି କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି। ସମସ୍ତେ ଘର ପାଇବେ ବୋଲି ଯେଉଁ ସର୍ଭେ ଚାଲିଛି ସେଥିରେ ଚଞ୍ଚକତା କରାଯାଉଛି। ଏଥିଲାଗି ସର୍ଭେ ହେଲାପରେ ଯେଉଁ ପ୍ରାରମ୍ଭିକ ତାଲିକା ଆସିଛି ତା'ର ପରବର୍ତ୍ତୀ ପ୍ରକ୍ରିୟାଟି ହେଉଛି ଘରର ଫଟୋ ଉଠାଇ ଜିଓ ଟାଗିଙ୍ଗ୍ କରିବା। କିନ୍ତୁ ଶାସକ ଦଳର ବିଧାୟକମାନେ ପଞ୍ଚାୟତ ଏକଜ୍ୟୁଟିଭ୍, ଜିଆରଏସ୍ ମାନଙ୍କୁ ଧରି କେବଳ ବିଜେଡି କର୍ମୀ ଓ ସମର୍ଥକମାନଙ୍କ ଘର ଜିଓ ଟାଗିଙ୍ଗ୍ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାଜ୍ୟ ସରକାରଙ୍କ ଭ୍ରଷ୍ଟାଚାରୀ, ଚଞ୍ଚକତା ପୂର୍ଣ୍ଣ ବ୍ୟବହାର ବିରୋଧରେ ରାଜରାସ୍ତାରେ ଆନ୍ଦୋଳନ କରାଯିବ ବୋଲି ପୃଥ୍ୱୀରାଜ କହିଛନ୍ତି।

## ଅଯଥା କଥା କହୁଛି ଭାଜପା

**ଭୁବନେଶ୍ୱର,୯।୧୦(ବ୍ୟୁରୋ)** କେନ୍ଦ୍ର ସରକାରଙ୍କ ପକ୍କାଘର ଯୋଜନାକୁ ରାଜ୍ୟ ସରକାର ହଡ଼ପ କରିବା ଘଟଣାକୁ ନେଇ ଭାଜପା କରିଥିବା ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ଅନୁଭବ ପଟ୍ଟନାୟକ କହିଛନ୍ତି, ଭାଜପା ପାଖରେ କୌଣସି ପ୍ରସଙ୍ଗ ନ ଥିବାରୁ ଏଭଳି ବିଭ୍ରାନ୍ତିକର ତଥ୍ୟ ରଖି ଲୋକଙ୍କୁ ଭୁଆଁ ବୁଲାଉଛି। ରାଜ୍ୟ ସରକାର ପକ୍କାଘର ନିର୍ମାଣ କ୍ଷେତ୍ରରେ ବାରମ୍ବାର କେନ୍ଦ୍ର ସରକାରଙ୍କ ପାଖରୁ ପ୍ରଶଂସିତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ୬୦ ପ୍ରତିଶତ ଏବଂ ରାଜ୍ୟ ୪୦ ପ୍ରତିଶତ ଅର୍ଥ ଦେଉଛି। ଅନ୍ୟାନ୍ୟ ଖର୍ଚ୍ଚ ମିଶାଇ ଦେଖିଲେ ରାଜ୍ୟ ଭାଗ କେନ୍ଦ୍ର ଠାରୁ ଅଧିକା ହୋଇଯାଉଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ନିୟମାବଳୀ ଅନୁଯାୟୀ ଯେଉଁମାନେ ଘର ପାଇପାରୁ ନାହାନ୍ତି ରାଜ୍ୟ ସରକାରଙ୍କ ନିଜସ୍ୱ ବିଜୁ ପକ୍କାଧର ଯୋଜନାରେ ଘର ଯୋଗାଇ ଦିଆଯାଉଛି। ଓଡ଼ିଶାବାସୀ ସହଜରେ ରାଜ୍ୟ ସରକାରଙ୍କ ଠାରୁ ସବୁ ସୁବିଧା ପାଇଯାଉଥିବା ଯୋଗୁ ଭାଜପା ଅଯଥା କଥାକୁ ନେଇ ରାଜନୀତି କରୁଛି ବୋଲି ଅନୁଭବ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହୋଇନାହିଁ, କେବେ ହେବ ନାହିଁ,**
**ଗାଁ ଦେଢ଼ଶୁର, ଗାଁ ଭାଇବୋହୂ;**
**ମୁଣ୍ଡରେ ଓଢ଼ଣା ଦେଇନାହିଁ,**
**କେବେ ଦେବ ନାହିଁ ।**

ଝିଅଟି ଏକା ଗାଁର, ସେଇ ଗାଁରେ ବି ବାହାଘର। ଯେଉଁ ଲୋକକୁ ଝିଅଟି ପିଲାଦିନୁ ଦେଖିଛି ସେ ଏବେ ମାନ୍ୟତାରେ ଦେଢ଼ଶୁର। ଚଳଣି ଅନୁସାରେ ଦେଢ଼ଶୁରକୁ ଭାଇବୋହୂ କଥା କହି ନ ଥାଏ, ମୁହଁରେ ଓଢ଼ଣା ଦେଇଥାଏ। ଏପରିସ୍ଥଳେ ଆଗରୁ ଚିହ୍ନା ପରିଚୟ ତଥା କଥାବାର୍ତ୍ତା ଥିବାରୁ ଆଉ ସେ ଝିଅ ପ୍ରଥାନୁସାରେ ଓଢ଼ଣା ଦେବାକୁ ସଙ୍କୋଚ କରୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ହାଣ୍ଡିଖାଇ କରିଛି ଓଷା,**
**ନଡ଼ିଆ ଫାଳକ ଛଅ ପଇସା ।**

ଓଷା କଲେ ଉପାସ ରହି କିଛି କଷ୍ଟ ସହିବାକୁ ପଡ଼େ। ଖାଇବା ପିଇବା କମ୍ କରାଯାଏ, କିନ୍ତୁ ଓଷାକୁ ତ୍ୟାଗ ଓ କଷ୍ଟର ସମୟ ବୋଲି ନ ଧରି ଆନନ୍ଦରେ ଅଧିକ ଖାଇପିଇ ଭଲ ପିନ୍ଧି ମଉଜ ମଜଲିସ୍ କରିବାର ମାନେ ଓଷା ନୁହେଁ, ଏହା ଏକ ଭଣ୍ଡାମି ହୋଇଥାଏ। ଧର୍ମକୁ ଆଖିଠାର ମାରିବା ସଦୃଶ ହୋଇଥାଏ। ଓଷାବ୍ରତ କରିବା ନାଁରେ ପେଟ ପୂରାଇ ଖାଦ୍ୟ ଖାଉଥିବା ଟାଉକୀମାନଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.



କଟକର ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ମେଢ଼।

# ସ୍ତ୍ରୀ, ପୁଅଙ୍କୁ ଛାଡ଼ି କାଠଯୋଡ଼ିକୁ ଡେଇଁଲେ ଯୁବକ

**କଟକ ଅଫିସ/ଫୁଲନଖରା, (ଡି.ଏନ.ଏ.)୯।୧୦**

ବୁଧବାର ଅପରାହ୍ନରେ କାଠଯୋଡ଼ି ନଦୀକୁ ଡେଇଁ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ନିଆଳି ଥାନା ଅଧୀନ କରଞ୍ଜ ଗ୍ରାମର ପ୍ରଧାନ ଦେବବ୍ରତ ମହାପାତ୍ର। ଖବରପାଇ ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ଦେବବ୍ରତଙ୍କ ପତ୍ତା ମିଳିପାରିନାହିଁ। ସ୍ତ୍ରୀଙ୍କ ସହ ଝଗଡା ଲାଗିବାରୁ ସେ ନଦୀକୁ ଡେଇଁ ପଡିଥିବା କଟକ ସଦର ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ପୋଲିସ ସୂତ୍ରରୁ ପ୍ରକାଶ, ଦେବବ୍ରତ ୨୦୧୪ରେ କଟକ ଜିଲା କିଶନନଗର ଥାନା ଅନ୍ତର୍ଗତ କଲରାବାଙ୍କ ଅଞ୍ଚଳର ଶୁଭଲକ୍ଷ୍ମୀ ପରିଡାଙ୍କୁ ବିବାହ କରିଥିଲେ। ଦେବବ୍ରତ ଯାଜପୁରରେ ଥିବା ଏକ କମ୍ପାନୀର ଆଉଟସୋର୍ସିଂ ବିଭାଗରେ କାର୍ଯ୍ୟ କରୁଥିବାବେଳେ ଶୁଭଲକ୍ଷ୍ମୀ ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ବନକାଟୀ ବାଳିକା ଉଚ୍ଚବିଦ୍ୟାଳୟରେ ଶିକ୍ଷକତା କରନ୍ତି। ଉଭୟଙ୍କର ଏକ ୪ବର୍ଷର ଶିଶୁପୁତ୍ର ଅଛି। କିଛିମାସ ହେବ ଉଭୟଙ୍କ ଭିତରେ ବିଭିନ୍ନ ଘଟଣାକୁ ନେଇ ଅନେକ ଥର ଝଗଡ଼ା ହୋଇଛି। ଏପରି କି ଉଭୟ ପକ୍ଷର ପରିବାର ଲୋକଙ୍କ ହସ୍ତକ୍ଷେପ ପରେ ଝଗଡ଼ା ସମାଧାନ ହୁଏ। ୫ ଦିନ ତଳେ ସ୍ତ୍ରୀ ଓ ପୁଅଙ୍କୁ ନେଇ ଦେବବ୍ରତ ନିଜ ଶଶୁଘର ଯାଜପୁର ଜିଲା ବାରଗାଡିଆ ଅଞ୍ଚଳକୁ ବୁଲିବାକୁ ଯାଇଥିଲେ। ସେଠାରେ ଦେବବ୍ରତ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ବୁଧବାର ସେ ତାଙ୍କ ସ୍ତ୍ରୀ ଓ ପୁଅଙ୍କୁ ବାଇକ୍(ନଂ.ଓଆର୦୫ଜେଡ୍-୪୩୭୪)ନେଇ କରଞ୍ଜ ଗ୍ରାମକୁ ଫେରୁଥିଲେ। ବାଟରେ ଦମ୍ପତିଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ଦେବବ୍ରତ କାଠଯୋଡ଼ି ପୋଲ ଉପରେ ବାଇକ୍ ରଖିଥିଲେ। ପରିସ୍ରା ଯିବେ ବୋଲି କହିଥିଲେ ମଧ୍ୟ ରାଗ ତମତମ ହେଉଥିବାରୁ ଶୁଭଲକ୍ଷ୍ମୀ ତାଙ୍କୁ ଯିବାକୁ ଦେଇ ନ ଥିଲେ। ଗୋଟିଏ ହାତରେ ପୁଅକୁ ଧରିଥିବା ବେଳେ ଅନ୍ୟ ହାତରେ ଦେବବ୍ରତଙ୍କୁ ଅଟକାଇବା ତାଙ୍କ ପକ୍ଷରେ କଷ୍ଟକର ହୋଇଥିଲା। ଫଳରେ ଶୁଭଲକ୍ଷ୍ମୀଙ୍କୁ ଠେଲି ଦେଇ ଦେବବ୍ରତ ନଦୀକୁ ଡେଇଁ ପଡ଼ିଥିଲେ। ଏହାଦେଖି ଶୁଭଲକ୍ଷ୍ମୀ ଚିତ୍କାର କରିବାରୁ ଘଟଣାସ୍ଥଳରେ ଲୋକେ ରୁଣ୍ଡ ହୋଇଯାଇଥିଲେ। କଟକ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବାଇକ୍‌କୁ ଜବତ କରିବା ସହ ଶୁଭଲକ୍ଷ୍ମୀ ଓ ତାଙ୍କ ପୁଅକୁ ଥାନାକୁ ନେଇ ପଚରାଉଚରା କରିଥିଲା।

**ଷ୍ଟାର୍ଟ ହେଲାନି ୱାଟରବୋଟ୍:** ଅପରାହ୍ନ ପ୍ରାୟ ୧ଟା ୧୫ ମିନିଟ୍‌ରେ ଏହି ଘଟଣା ଘଟିଥିଲା। ଏହାର କିଛି ସମୟ ପରେ ପ୍ରଥମେ ମଧୁପାଟଣା ଥାନାରେ ଖବର ପହଞ୍ଚିଥିଲା। ମଧୁପାଟଣା ଥାନା ପକ୍ଷରୁ ଓଡ୍ରାଫ ଟିମ୍ ଓ ସ୍କୁବା ଡାଇଭରଙ୍କୁ ଫୋନ କଲ୍ ଯାଇଥିଲା। ଅପରାହ୍ନ ପ୍ରାୟ ୨ଟାରେ ଓଡ୍ରାଫର ଗୋଟିଏ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ୩୦ରୁ ୪୦ ମିନିଟ୍ ଧରି ଟିମ୍‌ର ୱାଟରବୋଟ ଷ୍ଟାର୍ଟ ହୋଇ ନ ଥିଲା। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପରେ ଆଉ ଗୋଟିଏ ଓଡ୍ରାଫ ଟିମ୍ ସନ୍ଧାନ କାର୍ଯ୍ୟରେ ସାମିଲ ହୋଇଥିଲା।



ଓଡ୍ରାଫ ଟିମ୍ ଖୋଜାଖୋଜି କରୁଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
B-34/7 A Block Vijay Enclave Burari, New Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

!!ଋଣ ଋଣ!!
ଆଦିତ୍ୟ ଫାଇନାନ୍ସ
ବିନା ଗ୍ୟାରେଣ୍ଟରରେ ମୁଦ୍ରା ଋଣ
ଅଷ୍ଟମ / ଦଶମ ପାସ୍
ମହିଳା / ପୁରୁଷ / ଦୋକାନୀ
୨ରୁ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ନିଅନ୍ତୁ
୧% ସୁଧ ୨୫% ରିହାତି
୧୦ ବର୍ଷରେ ଫେରସ୍ତ
8586970773
9717483267
Add: 22/14, Sec.1, Andheri, Mumbai

FINANCE COMPANY
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ ଫାଇନାସ କମ୍ପାନୀ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ।
୨% ସୁଧ ୫୦%ଛାଡ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9736683901
8859983504

ଋଣ ଧମାକା!!! ଆଗେ ଆସନ୍ତୁ ଆଗେ ପାଆନ୍ତୁ
NATIONAL FINANCE
ଭାରତର ନଂ.1 କମ୍ପାନୀ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ *T&C
1% ସୁଧ | 50% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
095283-08829
ADDRESS: T-51, GAUTAMPURI, DELHI

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

ଦୀପାବଳି ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ଆଦର୍ଶ ଫାଇନାନ୍ସ
7289948952
7289999543
8929619951
SCO-106, Second Floor, Vishal Tower, Cannaught Place, Delhi.

ଧମାକା! ଦୀପାବଳି ଧମାକା!
Hindustan Finance (ରେଜି.)
କମ୍ପାନୀ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ପଶୁପାଳନ, ଗ୍ରୁପ୍ ଏବଂ ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ 50% ରିହାତି ।
(ମହିଳା ଓ ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି)
7065621830

Tower Vision Network Company
ଦୟାକରି ଧ୍ୟାନ ଦିଅନ୍ତୁ Tower Vision କମ୍ପାନୀ ଦ୍ୱାରା ସହର ଓ ଗ୍ରାମାଞ୍ଚଳରେ ଖାଲିଥିବା ଜମି, ଛାତ ଓ କ୍ଷେତରେ 4G ଡିଜିଟାଲ ଟାଓ୍ୱର ବସାଇ ଅଗ୍ରୀମ 70,000,00/-, ଭଡା 30,000/- ଟଙ୍କା ପାଆନ୍ତୁ ଜଣକୁ ଚାକିରି ମିଳିବ । ଦରମା 18,000 + ଅନ୍ୟାନ ସୁବିଧା । ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
B- 548, Sector-5, DLF City Centre Mall, MG Road, Gurgaon, Haryana, 122003.
9452940480
9813608775

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ
ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

All India Tower
ଗ୍ରୁପ୍ 20 ବର୍ଷ ଧରି ଆପଣଙ୍କ ସେବାରେ । ସବୁ କମ୍ପାନୀର ଡିଜିଟାଲ ଟାୱାର୍ ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଲଗାନ୍ତୁ। ଅଗ୍ରିମ 90 ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ। ଆମକୁ ସାରା ଓଡ଼ିଶାରେ 750 ଟାୱାର୍ ଲଗାଇବାର ଅଛି। ଶୀଘ୍ର ଯୋଗାଯୋଗ କରନ୍ତୁ।
7838639856

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ



## ଆଜି କ'ଣ କେଉଁଠି

**ଯାଜପୁର**

- ବ୍ୟାସନଗର ନାଗରିକ କମିଟି ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ସଭା। ସ୍ଥାନ-ରୟାଲ କଳିଙ୍ଗ ହୋଟେଲ। ସମୟ-ଅପରାହ୍ନ ୪ଟା।
- ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟନ ପର୍ବ ଭଜନ ସମାରୋହ। ସ୍ଥାନ-ଗୌତମବୁଦ୍ଧ ସଂସ୍କୃତି ଭବନ। ସମୟ-ପୂର୍ବାହ୍ନ ୧୦ଟା।
- ଇମାମି ସିମେଣ୍ଟରେ ଜମିହରାଙ୍କୁ ନିଯୁକ୍ତି ଦାବି ଉପରେ ତ୍ରିପାକ୍ଷିକ ବୈଠକ। ସ୍ଥାନ-କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁରରୋଡ। ସମୟ-ପୂର୍ବାହ୍ନ ସାଢେ ୧୦ଟା।

## ଭସାଣି ବେଳେ ନଈରେ ଭାସି ଯୁବକଙ୍କ ମୃତ୍ୟୁ

**ଯାଜପୁର ଅଫିସ,୯।୧୦:** ଯାଜପୁରରୋଡ ଥାନା ଅନ୍ତର୍ଗତ ପହଙ୍ଗା ଖରସ୍ରୋତା ନଈରେ ବୁଧବାର ସନ୍ଧ୍ୟା ୬ଟା ସମୟରେ ମା' ଦୁର୍ଗାଙ୍କ ଭସାଣି ସମୟରେ ଜଣେ ଯୁବକଙ୍କ ପାଣିରେ ବୁଡି ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ ପହଙ୍ଗା ଗ୍ରାମର ଦେବାଶିଷ ଜେନା(୨୦)। ଭଦ୍ରକ ଅଞ୍ଚଳର ଦେବାଶିଷ ମାମୁଘର ପହଙ୍ଗାରେ ରହି ପାଠ ପଢୁଥିଲେ। ବୁଧବାର ପହଙ୍ଗା ଦୁର୍ଗାପୂଜା ଭସାଣି ଉତ୍ସବରେ ସେ ଯୋଗ ଦେଇଥିଲେ। ତେବେ ଭସାଣି ସମୟରେ ଖରସ୍ରୋତା ନଈରେ ଦେବାଶିଷଙ୍କ ଗୋଡ଼ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ତେବେ ଉପସ୍ଥିତ ଲୋକେ ତାଙ୍କୁ ଉଦ୍ଧାର କରି ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବେଆଇନ ବାଣ ଭିଡ଼ା ବେଳେ ବିସ୍ଫୋରଣ ଘଟଣା
## ବାପାଙ୍କ ମୃତ୍ୟୁର ଚାରିଦିନ ପରେ ପୁଅ ମଧ୍ୟ ଆଖି ବୁଜିଲେ

**ବିଞ୍ଝାରପୁର/ସିଂହପୁର,୯।୧୦(ଡି.ଏନ୍.ଏ.):** ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଛୋଳ ପଞ୍ଚାୟତ ପଶ୍ଚିମ ବାଛୋଳ ଗ୍ରାମରେ ଶନିବାର ସନ୍ଧ୍ୟାରେ ବେଆଇନ ବାଣ ଭିଡୁଥିଲାବେଳେ ଘଟିଥିବା ବିସ୍ଫୋରଣ ଘଟଣାରେ ଏବେ ଆଉଜଣଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। କଟକସ୍ଥିତ ଶ୍ରୀରାମଚନ୍ଦ୍ର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ବିଳତିରେ ରମାକାନ୍ତ ସାହୁ(୪୮)ଙ୍କ ମୃତ୍ୟୁ ଘଟିଥିଲାବେଳେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିବା ପୁଅ ସୌଭାଗ୍ୟ(୨୩)ଙ୍କ ବୁଧବାର ମଧ୍ୟାହ୍ନରେ ମୃତ୍ୟୁ ଘଟିଛି। ୪ଦିନ ମଧ୍ୟ ବାପପୁଅଙ୍କ ମୃତ୍ୟୁ ଘଟିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ପ୍ରକାଶ ଥାଉକି, ବିଞ୍ଝାରପୁର ବ୍ଲକ ବାଛୋଳ ଗ୍ରାପର ପଶ୍ଚିମ ବାଛୋଳ ଗ୍ରାମରେ ରମାକାନ୍ତ ସାହୁ ନିଜ ଘରେ ଶନିବାର ସନ୍ଧ୍ୟାରେ ବେଆଇନ ବାଣ ଭିଡୁଥିଲାବେଳ ବିସ୍ଫୋରଣ ଘଟି ୬ଜଣ ଗୁରୁତର ଆହତ ହୋଇଥିଲେ। ଆହତଙ୍କୁ କଟକସ୍ଥିତ ବଡମେଡିକାଲରେ ଭର୍ତ୍ତି କରାଯାଇଥିଲା।

### ଇମାମି ସିମେଣ୍ଟ କାରଖାନାରେ ଅଶାନ୍ତି ତେଜିଲା
# ନିଯୁକ୍ତି ଦାବିରେ ଜମିହରାଙ୍କ ଧାରଣା

**ଯାଜପୁର ଅଫିସ/କଳିଙ୍ଗନଗର (ଡି.ଏନ୍.ଏ.),୯।୧୦**

ଯାଜପୁର ଜିଲା କଳିଙ୍ଗନଗର ଇମାମି ସିମେଣ୍ଟ କାରଖାନାରେ ଜମିହରା ପରିବାରଙ୍କୁ ନିଯୁକ୍ତି ପ୍ରଦାନକୁ ନେଇ ସର୍ବଦା ସମସ୍ୟା ଲାଗି ରହୁଛି। ଏପରିକି ବିଗତ ଦିନରେ ନିଯୁକ୍ତିକୁ ନେଇ ହୋଇଥିବା ବୈଠକର ନିଷ୍ପତ୍ତି କାର୍ଯ୍ୟକାରିତା ଦିଗରେ ଇମାମି ସିମେଣ୍ଟ କର୍ତ୍ତୃପକ୍ଷ ପକ୍ଷରୁ ଅବହେଳା ପ୍ରଦର୍ଶନ କରାଯାଇଛି। ଫଳସ୍ୱରୂପ ଆଶାନୁରୂପ ନିଯୁକ୍ତି ନ ପାଇ କ୍ଷତିଗ୍ରସ୍ତ ଓ ବିସ୍ଥାପିତ ପରିବାରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବଢ଼ିଚାଲିଛି। ବୁଧବାର ସକାଳୁ ଇମାମି ସିମେଣ୍ଟ କାରଖାନାର ମୁଖ୍ୟ ଫାଟକ ସମ୍ମୁଖରେ ଜମିହରାଙ୍କ ନିଯୁକ୍ତି ପାଇଁ ଜିଲା ପ୍ରଶାସନ, କାରଖାନା କର୍ତ୍ତୃପକ୍ଷ ଓ ଜମିହରାଙ୍କ ପ୍ରତିନିଧିଙ୍କ ମଧ୍ୟରେ ହୋଇଥିବା ତ୍ରିପାକ୍ଷିକ ରାଜିନାମା କାର୍ଯ୍ୟକାରୀ କରାଯିବା ଦାବିରେ ଧାରଣା ଦେଇଥିଲେ। ଆନ୍ଦୋଳନର ୪ଘଣ୍ଟା ପରେ ପୋଲିସ ପକ୍ଷରୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରଶମିତ ହୋଇଥିଲା।

ଇମାମି ସିମେଣ୍ଟ ପକ୍ଷରୁ ନିଯୁକ୍ତି ଓ ଥଇଥାନ ବ୍ୟବସ୍ଥାରେ ହେଉଥିବା ଅବହେଳାର ପ୍ରତିକାର ପାଇଁ ପ୍ରଶାସନ ମଧ୍ୟ ପ୍ରଭାବୀଢଙ୍ଗରେ କାର୍ଯ୍ୟ କରିବାର ଦେଖିବାକୁ ମିଳୁନାହିଁ। ଯାହାକି ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପରିବାରଙ୍କ ମଧ୍ୟରେ ଅଶାନ୍ତି ବୃଦ୍ଧିର ପ୍ରମୁଖ କାରଣ ସାଜିଛି। କେବଳ ଦାବି ମୁତାବକ ନିଯୁକ୍ତି ପ୍ରଦାନ ନ ହେବା ଆଳରେ ଦାନଗଦୀ ବ୍ଲକ ମାନତିରା ଗ୍ରାମର ଲୋକେ ଆନ୍ଦୋଳନମୁଖୀ ହୋଇ ଉଠିଛନ୍ତି। ପ୍ରାପ୍ତ ତଥ୍ୟ ଅନୁଯାୟୀ ଜମି ଅଧିଗ୍ରହଣ ନିୟମ ଅନୁସାରେ ମାନତିରା ଓ ମନୋହରପୁର ଗ୍ରାମର ମୋଟ ୬୬.୨୫ ଏକର ଘରୋଇ ଜମି ଅଧିଗ୍ରହଣ କରାଯାଇଛି। ଯେଉଁଥିରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ପରିବାର ଜମିହରା ହୋଇଛନ୍ତି। ଫଳରେ ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ପରିବାରବର୍ଗ ନିଯୁକ୍ତି ଆଶାରେ ରହିଛନ୍ତି। ଗତ ଆନ୍ଦୋଳନ ସମୟରେ ନିର୍ବାଚନର ଆଳ ଦେଖାଇ ଧାରଣାକୁ ବନ୍ଦ କରାଯାଇଥିଲା। ନିର୍ବାଚନ ପରେ ସମସ୍ୟାର ସମାଧାନ କରାଯିବ ବୋଲି କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ସମ୍ପ୍ରତି ଇମାମି ସିମେଣ୍ଟ ଉତ୍ପାଦନକ୍ଷମ ହୋଇ ସାରିଛି। କିନ୍ତୁ ଜମିହରାଙ୍କୁ ନିଯୁକ୍ତି ପ୍ରଦାନ ଦିଗରେ ଅବହେଳା କରି ଆସୁଛି। ତେଣୁ ଜମିହରାଙ୍କୁ ନିଯୁକ୍ତି ପ୍ରଦାନ ଦାବିରେ ବୁଧବାର କିଶୁଚରଣ ସିଂ, ରମେଶ ଚନ୍ଦ୍ର ସିଂ, ଶ୍ରୀଧର ଜେନା, କୃଷ୍ଣଚନ୍ଦ୍ର ନାୟକ, ନୀଳମଣି ସାମଲ, ନିତ୍ୟାନନ୍ଦ ଘଡେଇ, ସୁଶାନ୍ତ କୁମାର ଘଡେଇ, କୃତିବାସ ବ୍ରହ୍ମ, ପ୍ରଭାସ କୁମାର ସିଂ ପ୍ରମୁଖଙ୍କ ନେତୃତ୍ୱରେ କାରଖାନାର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ମାତ୍ର ଧାରଣାସ୍ଥଳକୁ କମ୍ପାନୀର କୌଣସି ଅଧିକାରୀ ଆସି ନ ଥିଲେ। ତେବେ କଳିଙ୍ଗନଗର ଅତିରିକ୍ତ ଏସ୍‌ପି ରାଜକିଶୋର ଦୋରା କଳିଙ୍ଗନଗର ଥାନାଧିକାରୀ ରାଜେନ୍ଦ୍ରନାରାୟଣ ପଟ୍ଟନାୟକ, ଯଖପୁରା ଥାନାଧିକାରୀ ଲକ୍ଷ୍ମଣ କୁମାର ଦଣ୍ଡସନା, ଟମ୍‌କା ଥାନାଧିକାରୀ ସଂଘମିତ୍ରା ନାୟକ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ ୧ ପ୍ଲାଟୁନ ଫୋର୍ସ ମୂତୟନ କରାଯାଇଥିଲା। ଗୁରୁବାର କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ତ୍ରିପାକ୍ଷିକ ବୈଠକ ହେବାର ନିଷ୍ପତ୍ତି ହେବା ପରେ ଧାରଣାକୁ ସ୍ଥଗିତ ରଖାଯାଇଥିଲା। ଜନ ଅଶାନ୍ତିକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ନିଯୁକ୍ତି ଓ ଥଇଥାନ ସମସ୍ୟା ସମାଧାନ ଦିଗରେ ଇମାମି କର୍ତ୍ତୃପକ୍ଷ ପଦକ୍ଷେପ ନ ନେଲେ ପରିସ୍ଥିତି ବିସ୍ଫୋରକ ରୂପ ନେବ ବୋଲି ଜମିହରା ପରିବାରବର୍ଗ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ନବେ ଦଶକରୁ କଳକାରଖାନା ପ୍ରତିଷ୍ଠା ପାଇଁ ଅତି କମ୍ ମୂଲ୍ୟରେ ସରକାରୀ ଓ ସାଧାରଣ ପ୍ରଜାଙ୍କ ଜମି ଇଡ୍‌କୋ ଦ୍ୱାରା ଅଧିଗ୍ରହଣ କରାଯାଇଛି। ତେଣୁ ଅଧିକ କ୍ଷତିପୂରଣ ଦାବିରେ ପୂର୍ବରୁ ଆନ୍ଦୋଳନ ହୋଇଥିଲା। ଏହାପରେ ଅତିରିକ୍ତ କ୍ଷତିପୂରଣ ବାବଦରେ ଏକର ପ୍ରତି ୧ଲକ୍ଷ ୩୫ହଜାର ଟଙ୍କା ଇମାମି କମ୍ପାନୀ ପ୍ରଦାନ କରିଛି। କମ୍ପାନୀ ପକ୍ଷରୁ ଆହୁରି କୁହାଯାଇଛି ଯେ, ଜମିହରା ପରିବାରଙ୍କ ମଧ୍ୟରୁ ୨୦ଜଣଙ୍କୁ ଠିକା ଶ୍ରମିକ ଭାବେ ନିଯୁକ୍ତି ଦିଆଯାଇଛି। ଏହାସହ ପାରିପାର୍ଶ୍ୱିକ ଉନ୍ନୟନ ବାବଦକୁ ରାସ୍ତା ନିର୍ମାଣ, ପାନୀୟ ଜଳ, ବୃକ୍ଷରୋପଣ ଆଦି କରାଯାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।



### ଆଜି କଳିଙ୍ଗନଗର ଏଡିଏମ୍ କାର୍ଯ୍ୟାଳୟରେ ତ୍ରିପାକ୍ଷିକ ବୈଠକ

## ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଚକ୍ରାନ୍ତ

**କଳିଙ୍ଗନଗର,୯।୧୦(ଡି.ଏନ.ଏ.):** କଳିଙ୍ଗନଗର ଇମାମି ସିମେଣ୍ଟ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ବୁଧବାର ସକାଳ ସାଢେ ୬ଟାରୁ ଜମିହରାଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଚକ୍ରାନ୍ତ ହୋଇଥିଲା। ଜମିହରା ଆନ୍ଦୋଳନକାରୀମାନେ ଶାନ୍ତି ଶୃଙ୍ଖଳାର ସହ ଧାରଣା ଦେଉଥିବା ସମୟରେ କେତେକ କମ୍ପାନୀ ସପକ୍ଷବାଦୀ ଅନତୀ ଦୂରରେ ଏକାଠି ହୋଇଥିଲେ। ଆନ୍ଦୋଳନ ସ୍ଥଳରେ ଉତ୍ତେଜନା ସୃଷ୍ଟି କରିବାକୁ କମ୍ପାନୀ ସପକ୍ଷବାଦୀ ଯୋଜନା ପ୍ରସ୍ତୁତ କରିଥିଲେ ବୋଲି ଜମିହରାମାନେ ପ୍ରକାଶ କରିଛନ୍ତି। ସେଥିପାଇଁ ବ୍ୟାପକ ପୋଲିସ ମୂତୟନ କରାଯାଇଥିଲା। ଆନ୍ଦୋଳନକାରୀ ଓ ପୋଲିସ ମଧ୍ୟରେ ଆଲୋଚନା ସମୟରେ କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରି ଜମିହରାମାନଙ୍କୁ ପୋଲିସର ଲାଠିମାଡ଼ କରାଇ ଧାରଣାସ୍ଥଳରୁ ତଡ଼ି ଦେବାକୁ ଉଦ୍ୟମ ହୋଇଥିଲା। ଏପରିକି କେତେକ ରାଜନୈତିକ ନେତୃବୃନ୍ଦଙ୍କ ଇଶାରାରେ କମ୍ପାନୀ ସପକ୍ଷବାଦୀ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଯୁକ୍ତି ମଧ୍ୟ ହୋଇଥିଲା। ହେଲେ ଏଥିରେ ପୋଲିସ ହସ୍ତକ୍ଷେପ କରିବାରୁ ପରିସ୍ଥିତି ନିୟନ୍ତ୍ରଣାଧିନ ହୋଇଥିଲା। କାରଖାନା ପକ୍ଷରୁ କିଛି ଗୁଣ୍ଡା ଶ୍ରେଣୀର ଲୋକଙ୍କୁ ନିୟୋଜିତ କରାଯାଇଥିଲା। ଏପରିକି ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଚକ୍ରାନ୍ତ କରିଥିବା କମ୍ପାନୀ ସପକ୍ଷବାଦୀଙ୍କ ମଧ୍ୟରେ ଧାରଣା ସରିବା ପରେ ଏକ ଭୋଜିଭାତର ମଧ୍ୟ ଆୟୋଜନ ହୋଇଥିଲା ବୋଲି ଜମିହରାମାନେ ପ୍ରକାଶ କରିଛନ୍ତି।

## ଗରିବ ପରିବାରକୁ ସହାୟତାର ହାତ ବଢ଼ାଇଲା ଖବରଦାତା ସଂଘ

**ରସୁଲପୁର,୯।୧୦(ଡି.ଏନ୍.ଏ.)**

ପେଟ ପାଇଁ ଭିକ୍ଷାବୃତ୍ତି ସମାଜ ପାଇଁ ଲଜ୍ଜା ବୋଲି କୁହାଯାଉଛି। ହେଲେ ଦାରିଦ୍ର୍ୟତା, ପରିବାରର ଦୁର୍ବଳ ଆର୍ଥିକ ସ୍ଥିତି ପରିବାର ପାଇଁ ବୋଝ ସାଜିଛି। ଫଳରେ କଅଁଳ ଶିଶୁ ହାତରେ ଭିକ୍ଷାଥାଳ ଧରାଇ ଦିଆଯାଇଛି। ଭିକ୍ଷା ବୃତ୍ତି କରି ଶିଶୁ କନ୍ୟା ଏବେ ଅନ୍ଧୁଣି ଜେଜେ ମା'ର ଆଶାବାଡ଼ି ସାଜିଛି। ଏଭଳି ସ୍ଥିତି ଯାଜପୁର ବ୍ଲକ ଖାଡ଼ପଡ଼ା ପଞ୍ଚାୟତ କାକୁଡିକୁଦ ଗ୍ରାମର ସଂଜିତ ମଲିକଙ୍କ ପରିବାର କ୍ଷେତ୍ରରେ ଦେଖିବାକୁ ମିଳିଛି। ଏଖବର ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଥିଲେ ସୁଦ୍ଧା ପରିବାରର ଦୟନୀୟ ସ୍ଥିତି ଖବରଦାତାଙ୍କ ମନକୁ ଆନ୍ଦୋଳିତ କରିଛି। ଏହି ପରିବାର ଦୁଃସ୍ଥିତି ସମ୍ପର୍କରେ ଖବର ପ୍ରସାରଣ ପରେ ବିଭିନ୍ନ ଆଡୁ ସହାୟତା ଆସି ପହଁଚିଛି। ଏଦିଗରେ ଖବରଦାତା ସଂଗଠନ ମଧ୍ୟ ପଛରେ ପଡି ନାହିଁ। ଖବର ପ୍ରସାରଣ ସାଙ୍ଗକୁ ଗରୀବ ପରିବାରକୁ ସହାୟତାର ହାତ ବଢାଇଛି ଯାଜପୁର ଜିଲା ସାମ୍ବାଦିକ ୟୁନିୟନ। ୟୁନିୟନ ପକ୍ଷରୁ ସାଧାରଣ ସମ୍ପାଦକ ରଞ୍ଜିତ ରାଉତଙ୍କ ନେତୃତ୍ୱରେ ବରୀ ବ୍ଲକ ଆବାହକ ବିଶ୍ୱଭୂଷଣ ଜେନା, ରସୁଲପୁର ବ୍ଲକ ଆବାହକ ଜଗମୋହନ ରାଉତ, ସଦସ୍ୟ ବିଶ୍ୱଜିତ ନାୟକ, ଶରତ ଦାସ, ବାପୁଜୀ ଜେନା, ପ୍ରକାଶ ଚନ୍ଦ୍ର ସାହୁ, ଯଜ୍ଞଦତ୍ତ ତ୍ରିପାଠୀ, ନାରୀନେତ୍ରୀ ଅହଲ୍ୟା ମଣ୍ଡଳ, ସାମାଜସେବୀ ମଣ୍ଟୁ ଦାସ ପ୍ରମୁଖ ସୋମବାର ଦିନ ଅସହାୟ ପରିବାର ନିକଟରେ ପହଁଚି ଶୁଖିଲା ଖାଦ୍ୟ ସାମଗ୍ରୀ, ମହିଳାଙ୍କ ପାଇଁ ଶାଢୀ, ପିଲାମାନଙ୍କୁ ପୋଷାକ, ପନିପିରବା, ବିଛଣା ପାଇଁ ମଶିଣା ଆଦି ସାମଗ୍ରୀ ପ୍ରଦାନ କରିଛନ୍ତି। ନାରୀନେତ୍ରୀ ମଣ୍ଡଳ ପରିବାରର ମହିଳା ସଦସ୍ୟଙ୍କୁ ରୋଜଗାରକ୍ଷମ କରିବାକୁ ନେଇ ପଦକ୍ଷେପ ନେବାକୁ ଗୁରୁତ୍ୱ ଦେଇଛନ୍ତି। ସ୍ୱେଚ୍ଛାସେବୀ ସଂଗଠନ ନୂଆ ଆଲୋକ, ଜିଲା ଦିବ୍ୟାଙ୍ଗ କମିଟି, ସ୍ଥାନୀୟ ରିଟେଲର ପ୍ରମୁଖ ବି ଖାଦ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି।



### ପେଟ ପୋଷିବା ପାଇଁ ଭିକ୍ଷାବୃତ୍ତି

### ବେଆଇନ ବାଣକାରଖାନା ଉପରେ ଚଢାଉ, ଜଣେ ଗିରଫ
## ବ୍ୟାପକ ବାଣ ତିଆରି ସାମଗ୍ରୀ ଜବତ

**ବିଞ୍ଝାରପୁର,୯।୧୦ (ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ଅର୍ନ୍ତଗତ ବାଛୋଳ ଗ୍ରାମରେ ଗତ ସପ୍ତାହରେ ବେଆଇନ ବାଣ ଭିଡୁଥିବା ସମୟରେ ବିସ୍ଫୋରଣ ଘଟିବା ଏବଂ ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିବା ପରେ ବିଞ୍ଝାରପୁର ପୋଲିସ ତତ୍ପର ହୋଇ ଉଠିଛଇ। ଥାନା ଅଞ୍ଚଳରେ ଥିବା ବେଆଇନ ବାଣ କାରଖାନା ଉପରେ ଚଢାଉ ଆରମ୍ଭ କରିଛି। ସୋମବାର ବିଳମ୍ବିତ ରାତିରେ ବିଞ୍ଝାରପୁର ପୋଲିସ ପକ୍ଷରୁ ବାଛୋଳ,ଚିକଣା, ଅଳକୁଣ୍ଡ ପଞ୍ଚାୟତରେ ବେଆଇନ ବାଣ କାରଖାନା ଉପରେ ଚଢାଉ କରିବା ସହିତ ବିପୁଳ ପରିମାଣରେ ବାଣ ପ୍ରସ୍ତୁତ ସାମଗ୍ରୀ ଜବତ କରିଛି। ଖବରମୁତାବକ ବିଞ୍ଝାରପୁର ପୋଲିସ ବେଆଇନ ବାଣ କାରଖାନାର ସମ୍ପର୍କରେ କୌଣସି ସୁତ୍ରରୁ ଖବରପାଇ ଚିକଣା ପଞ୍ଚାୟତର ମଣିତାପୁର ଗ୍ରାମର ଗୋପାଳ ମଲ୍ଲିକଙ୍କ ଘରେ ଚଢାଉ କରି ତାଙ୍କ ଘରୁ ବିପୁଳ ପରିମାଣର ବାରୁଦ, ଅଫୁଟା ବାଣ ଓ ବାଣ ତିଆରି ପ୍ରସ୍ତୁତ ସାମଗ୍ରୀ ଜବତ କରିବା ସହିତ ଗୋପାଳଙ୍କୁ ଗିରଫ କରିଥିବା ଜଣା ପଡ଼ିଛି। ଏହି ଘଟଣାରେ ପୋଲିସ ବିଞ୍ଝାରପୁର ଥାନରେ ଏକ ମାମଲା(ନଂ.୨୭୦/୧୯) ରୁଜୁ କରିବା ସହିତ ଗୋପାଳ ମଲ୍ଲିକ(୬୫)ଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଏହି ଚଢାଉରେ ଥାନା ଅଧିକାରୀ ଶିବଚରଣ ବେହେରା,ଏସଆଇ ଭାଗ୍ୟଶ୍ରୀ ବେହେରା, ଏଏସ୍ଆଇ ଅଶୋକ କୁମାର ସ୍ୱାଇଁ, କନଷ୍ଟେବଳ ପ୍ରମୋଦ କୁମାର ଭଞ୍ଜ,ଦୀପକ କୁମାର ରାଉତ, ଦିବାକର ତରେଇ ପ୍ରମୁଖ ସାମିଲ ଥିଲେ।



ଜବତ ହୋଇଥିବା ବାଣ ସାମଗ୍ରୀ।

## ଅପହରଣ ପରେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ସୁକିନ୍ଦା,୯।୧୦(ଡି.ଏନ୍.ଏ.)**

ସୁକିନ୍ଦା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ନେଇ ମଙ୍ଗଳବାର ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାରେ ବୁଧବାର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବନ୍ଧଙ୍ଗା ପଞ୍ଚାୟତ ଉଦୟପୁର ଗ୍ରାମର ଦୀପକ ମହାନ୍ତ(୨୨)। ଅନ୍ୟ ଜଣେ ନାବାଳକ ହୋଇଥିବାରୁ ତାଙ୍କୁ ଯାଜପୁର ରୋଡ୍ ବାଲ ଅପରାଧ ଅଦାଲତକୁ ପଠାଯାଇଛି।

ପ୍ରକାଶ ଯେ, ସୋମବାର ନାବାଳିକା ଦୁଧୁଯୋଡିରେ ହେଉଥିବା ଯାତ୍ରା ଦେଖିବାକୁ ଆସିଥିଲେ। ସେଠାରୁ ଦୀପକ ତାଙ୍କ ସହଯୋଗୀ ନାବାଳକଙ୍କ ସହ ମିଶି ବାଇକ୍‌ରେ ପୀଡିତାଙ୍କୁ ଅପହରଣ କରିଥିଲେ। ମଙ୍ଗଳପୁର ପୋଲିଆ ନିକଟ ଡୁବୁରୀ ଅନୁଗୋଳ ରେଳ ପଥ ରାସ୍ତା ନିର୍ମାଣ ରାସ୍ତାର ମଠନାଳ ପାଖରେ ନାବାଳିକାଙ୍କୁ ଛାଡି ନାବାଳକ ଯୁବକଙ୍କ ଆସିବା ପରେ ଦୀପକ ତାଙ୍କୁ ବଳାତ୍କାର କରି ପଳାଇଥିଲେ। ପୀଡିତା ଜଣଙ୍କ ଘରକୁ ଫେରି ସମସ୍ତ ଘଟଣା କହିଥିଲେ। ଏ ନେଇ ନାବାଳିକାଙ୍କ ପିତାଙ୍କ ଅଭିଯୋଗ ଆଧାରରେ ଥାନା ଅଧିକାରୀ ବିଚିତ୍ରାନନ୍ଦ ସେଠୀ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ପୀଡିତାଙ୍କ ବୟାନ ଆଧାରରେ ପୋଲିସ ଆଇପିସି ୩୭୬(ଡି) ୬ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୨୪୦/୧୯) ରୁଜୁକରି ଦୀପକଙ୍କୁ ଗିରଫ କରିବା ସହ ନାବାଳକଙ୍କୁ ଅଟକ ରଖିଥିଲା। ବୁଧବାର ସମସ୍ତଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ଦୀପକ କେନ୍ଦୁଝରରେ ମେଶିନ୍ ଅପରେଟର ଭାବେ କାମ କରୁଥିଲେ। ସେଠାରେ ନାବାଳିକାଙ୍କ ମୋବାଇଲ୍ ନମ୍ବର ଜଣେ ଯୁବକଙ୍କଠାରୁ ପାଇଥିଲେ। ଘଟଣାଦିନ ଦୀପକ ଉକ୍ତ ନାବାଳିକାଙ୍କ ସହ ଫୋନ୍‌ରେ କଥାହେବା ପରେ ତାଙ୍କୁ ଅପହରଣ କରିଥିବା ପୋଲିସ ସୂଚନା ଦେଇଛି।

## ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**କାଳିଆପାଣି,୯।୧୦(ଡି.ଏନ୍.ଏ.)**

କାଳିଆପାଣି ଖଣି ଅଞ୍ଚଳର କୋଳିପଶି ନିକଟ ଗୁରଜଙ୍ଗପାଳ ବସ୍ତିରୁ ସୋମବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ଜଣଙ୍କ ଜିତୁ ଓରାମ (୪୫)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୧/୧୯) ରୁଜୁକରି ତଦନ୍ତ ଚଳାଇଛି। ଜିତୁଙ୍କ ନାକ ଓ ମୁହଁରୁ ରକ୍ତ ବାହାରୁଥିବାରୁ ତାଙ୍କୁ ହତ୍ୟା କରାଯାଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ଯୁବକଙ୍କ ମୃତ୍ୟୁର ତିନିଦିନ ପରେ ପୋଲିସ ମୃତ୍ୟୁ ଖବର ପାଇଥିବା କୁହାଯାଉଛି। ପୋଲିସ ଅଧିକ ତଦନ୍ତ କରୁଥିବା ବେଳେ ପୋଷ୍ଟମର୍ଟମ ରିପୋର୍ଟ ଆସିଲେ ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଏସ୍ଆଇ ବିଭୂତି ମହାପାତ୍ର କହିଛନ୍ତି। ପ୍ରକାଶ ଯେ, କାଳିଆପାଣି ପଞ୍ଚାୟତ ଗୁରୁଜଙ୍ଗପାଳ ବସ୍ତିରେ ଦୀର୍ଘବର୍ଷ ଧରି ଜିତୁ ଓ ତୁଳସୀ ମୁଣ୍ଡା (୪୦) ଏକତ୍ରିତ ରହୁଥିଲେ। ଗତ ଶନିବାର କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟର ଗଣ୍ଡଗୋଳ ହୋଇଥିଲା। ସେହିଦିନ ରାତିରେ ଜିତୁଙ୍କ ମୃତ୍ୟୁ ହୋଇଥିବା କୁହାଯାଉଥିବାବେଳେ କିଛିବାଟ ଦୂରରେ ରହୁଥିବା ତାଙ୍କ ପରିବାର ଲୋକେ ଜାଣି ପାରି ନ ଥିଲେ। ସୋମବାର ପରିବାର ଲୋକେ ଜିତୁଙ୍କ ଘରେ ପହଞ୍ଚିବା ପରେ ସେ ମରିପଡ଼ିଥିବା ଦେଖିଥିଲେ। ଜିତୁ କୌଣସି ରୋଗରେ ଶନିବାର ମରି ଯାଇଥିବା ତୁଳସୀ କହିଥିଲେ। ମୃତଦେହକୁ ପରିବାର ଲୋକ ଦାହ କରିବାକୁ ଚେଷ୍ଟା କରୁଥିବାବେଳେ କାଳିଆପାଣି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିଲା। ମୟୂରଭଞ୍ଜ ଜିଲାର ଅଙ୍ଗାରପଦା ଅଞ୍ଚଳର ତୁଳସୀଙ୍କ ତୃତୀୟ ସ୍ୱାମୀ ହେଉଛନ୍ତି ଜିତୁ। ଉଭୟ ଗୁରୁଜଙ୍ଗପାଳ ଠାରେ ରହୁଥିଲେ। ଏହି ବସ୍ତିକୁ ଓଡ଼ିଶା ଖଣି ନିଗମ ପକ୍ଷରୁ ବିସ୍ଥାପିତ କରାଯାଇଥିଲା। ବିସ୍ଥାପିତ ତାଲିକାରେ ସେମାନଙ୍କ ନାମ ସାମିଲ ପରେ ୪ ଲକ୍ଷ ଟଙ୍କା ପାଇଥିଲେ। ଏହି ଟଙ୍କା ପାଇବା ଦିନରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିବା କୁହାଯାଉଛି।

# ୫୪ ଜଣଙ୍କୁ ମହାତ୍ମା ଗାନ୍ଧୀ ପ୍ରତିଭା ସମ୍ମାନ

**ଯାଜପୁର ଅଫିସ,୯।୧୦**

ସାହିତ୍ୟ, ଶିକ୍ଷା, ପରିବେଶ, ସମାଜସେବା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯାଜପୁର ଜିଲାର ୫୪ଜଣ ବ୍ୟକ୍ତି ବିଶେଷଙ୍କୁ ମହାତ୍ମାଗାନ୍ଧୀ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ଭାରତୀୟ କ୍ରାନ୍ତିକାରୀ ଆନ୍ଦୋଳନର ଅପ୍ରତିଦ୍ୱନ୍ଦ୍ୱୀ ଜନନାୟକ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପୂର୍ତ୍ତି ପାଳନ ଉପଲକ୍ଷେ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହ-୨୦୧୯' କଟକ ଗୌରୀଶଙ୍କର ଟାଉନ୍‌ହଲଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସାମୟିକ ସାହିତ୍ୟ ସଂକଳନ କ୍ରାନ୍ତି କାମୋଦୀ କଳକୀ- ଶାରଦୀୟ ଓ ସ୍ୱନକ୍ଷତ୍ର ବିଶେଷାଙ୍କ-୨୦୧୯ ଉନ୍ମୋଚନ ହେବା ସହିତ ସାହିତ୍ୟିକ ଓ ସାହିତ୍ୟ ଅନୁରାଗୀ ବିଭିନ୍ନ ବର୍ଗର ଶତାଧିକ ବ୍ୟକ୍ତିବିଶେଷଙ୍କୁ ସେମାନଙ୍କ ଗୁଣାଗ୍ରଗଣ୍ୟ ପ୍ରତିଭା ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ଯାଜପୁର ଜିଲାର ସାହିତ୍ୟପାଇଁ ଗାଳ୍ପିକ ଅଚ୍ୟୁତାନନ୍ଦ ପତି, ଭାଷାବିତ୍ ରଙ୍ଗାଧର ମହାପାତ୍ର, ଗଙ୍ଗାଧର ସାହୁ, ବ୍ୟଙ୍ଗ କଥାଶିଳ୍ପୀ ପୀତାମ୍ବର ଜେନା, କବୟିତ୍ରୀ ବିଦ୍ୟୁତ୍‌ଲତା ଦାସ, ସାହିତ୍ୟିକା ଅନ୍ନପୂର୍ଣ୍ଣା ମହାନ୍ତି, ପତ୍ରିକା ସମ୍ପାଦନା ପାଇଁ ସର୍ବେଶ୍ୱର ଶତପଥୀ, ପ୍ରଭାତୀ ରାଉତ, ଶିଶୁ ସାହିତ୍ୟ ପାଇଁ କଲ୍ୟାଣୀ ନାୟକ, ସ୍ନେହଲତା ବିଶ୍ୱାଳ, ଅଞ୍ଜୁବାଳା ଜେନା, ରତିକାନ୍ତ ସାମଲ, ଲକ୍ଷ୍ମୀପ୍ରିୟା ରାଉତରାୟ ଏବଂ ସାହିତ୍ୟ ସଂଗଠନ ପାଇଁ ଅନନ୍ୟା ସାହିତ୍ୟ ସଂସଦ ସଭାପତି ସନ୍ତୋଷ କୁମାର ନନ୍ଦ, ଗୀତି କବିତା ପାଇଁ ଶଶିଭୂଷଣ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜ ସେବାପାଇଁ ବ୍ୟାସନଗର ପୌରପାଳିକା ପୂର୍ବତନ ଅଧ୍ୟକ୍ଷ ରସାନନ୍ଦ ମହାନ୍ତି, ବରିଷ୍ଠ ଜିଲାପରିଷଦ ସଭ୍ୟ ରାହାସବିହାରୀ ଦାସ, ରୁଦ୍ରନାରାୟଣ ପୃଷ୍ଟି, ହରେକୃଷ୍ଣ ସାହୁ, ଚନ୍ଦ୍ରମଣି ସାମଲ, ପ୍ରଶାନ୍ତ କୁମାର ରାୟ, ଦେବେନ୍ଦ୍ର କୁମାର ପଣ୍ଡା, କୃଷ୍ଣଚନ୍ଦ୍ର ପୃଷ୍ଟି, ଦର୍ପନାରାୟଣ ପରିଡ଼ା, ବ୍ରଜବନ୍ଧୁ ଲେଙ୍କା, ସଙ୍କର୍ଷଣ କୁଣ୍ଡୁ, ଉମାକାନ୍ତ ଧଳ, ଅଟଳବିହାରୀ ନାୟକ ଓ ନର୍ମଦା ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସ୍ୱାସ୍ଥ୍ୟସେବା ପାଇଁ ପ୍ରଫେସର ସତ୍ୟନାରାୟଣ ରାଉତରାୟ, ପ୍ରଫେସର ସସ୍ମିତା ସ୍ୱାଇଁ, ଗୋପାଳଚନ୍ଦ୍ର ମିଶ୍ର, ସୁପ୍ରକାଶ ଶତପଥି, ଗଙ୍ଗାଧର ମହାପାତ୍ର, କିଶୋର ଚନ୍ଦ୍ର ମିଶ୍ର, ରଶ୍ମିରଞ୍ଜନ ପଶାୟତ, ପ୍ରମୋଦ ଶତପଥୀ ଓ ସଞ୍ଜୟ ପ୍ରତିହାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷା ଓ ପରିବେଶ ପାଇଁ ବିଷ୍ଣୁମୋହନ ସାହୁ, ରବିନାରାୟଣ ପୁହାଣ, ସତ୍ୟାନନ୍ଦ ଦାସ, ସଲୀଳା ଜେନା, ହିମାଂଶୁ ଶେଖର ଦ୍ୱିବେଦୀ, ବୃନ୍ଦାବନ ପାଣି, ଶୁଭେନ୍ଦ୍ର କୁମାର ମହାପାତ୍ର, ରବିନାରାୟଣ ଦାସ, କଳ୍ପନା ସାହୁ, ଗୋପନ ବିହାରୀ ବାରିକ, ଅଶୋକ ଦାସ, ରମା ଦାସ, ସୁଶାନ୍ତ କୁମାର ନାୟକ, ଦୁର୍ଗାଶଙ୍କର ଶତପଥୀ, କେଶବ ଚନ୍ଦ୍ର ସାହୁ ପ୍ରମୁଖଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରାନ୍ତି କାମୋଦୀ କଳକୀର ସମ୍ପାଦକ ଘନ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାବେଶରେ ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ଅକ୍ଷୟ କୁମାର ମିଶ୍ର ଉଦ୍‌ଘାଟକ, ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ମୁଖ୍ୟ ଅତିଥି, ଗାଳ୍ପିକ ଅଚ୍ୟୁତାନନ୍ଦ ପତି, କବି ଶରତ କୁମାର ଦାଶ ଓ ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ସତ୍ୟନାରାୟଣ ରାଉତରାୟ ଓ ଆଇନଜୀବୀ ଶଶିଭୂଷଣ ଦାସ ସମ୍ମାନନୀୟ ଅତିଥିଭାବେ ଯୋଗଦେଇ ଗାନ୍ଧିଜୀଙ୍କ ଜୀବନୀ, ଜୀବନଚର୍ଯ୍ୟା, ଭାରତଗଠନର ଅପୂର୍ବ ବିଧାଣୀ ହିସାବରେ ଜାତିର ପିତାଙ୍କ ସମ୍ପର୍କରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।



ହ୍ୱାଇଟ୍ ହାଉସ୍ ଅନ୍ତର୍ଜାତୀୟ ଆଇନ ଉଲ୍ଲଂଘନ କରି ଇରାନ ବିରୋଧରେ ଯୁଦ୍ଧ ରଣନୀତି ସ୍ଥିର କରିଛି। ଇରାନର କେନ୍ଦ୍ରୀୟ ବ୍ୟାଙ୍କ (ସିବିଆଇ) ଉପରେ କଟକଣା ଜାରି କରିବା ପାଇଁ ଆମେରିକା ନେଇଥିବା ପଦକ୍ଷେପ ଏକ ଯୁଦ୍ଧ ଅପରାଧ। କାରଣ ଏଥିଯୋଗୁ ଔଷଧ ଓ ଅନ୍ୟ ଜରୁରୀ ଖାଦ୍ୟ ସାମଗ୍ରୀ କିଣାକିଣିରେ ବାଧାସୃଷ୍ଟି ହୋଇଛି।
-ମହମ୍ମଦ ଜାଭେଦ ଜରିଫ୍, ଇରାନ ବହିର୍ବ୍ୟାପାର ମନ୍ତ୍ରୀ



# ଭାରତକୁ ମିଳିଲା ପ୍ରଥମ ରାଫାଲ

## ଫ୍ରାନ୍ସ ଆକାଶରେ ଯୁଦ୍ଧବିମାନରେ ଉଡ଼ିଲେ ରାଜନାଥ ସିଂ

ପ୍ୟାରିସ୍/ନୂଆଦିଲ୍ଲୀ,୯।୧୦
(ପି.ଟି./ଆଇଏଏନ୍ଏସ୍)




ଭାରତୀୟ ବାୟୁସେନା (ଆଇଏଏଫ୍) ନୂଆ ଯୁଦ୍ଧବିମାନ ଦାବି କରିବାର ଦୁଇ ଦଶନ୍ଧି ପରେ ଶେଷରେ ଭାରତକୁ ମିଳିଛି ରାଫାଲ ଫାଇଟର ଜେଟ୍। ଫ୍ରାନ୍ସର ଯୁଦ୍ଧବିମାନ ନିର୍ମାଣକାରୀ କମ୍ପାନୀ ଦାସଲ୍ଟ ଆଭିଏଶନ୍ ପ୍ରଥମ ରାଫାଲ ଯୁଦ୍ଧବିମାନ ମଙ୍ଗଳବାର ଭାରତକୁ ହସ୍ତାନ୍ତର କରିଛି। ଆଇଏଏଫ୍‌ର ୮୭ତମ ପ୍ରତିଷ୍ଠା ଦିବସ(ବିଜୟା ଦଶମୀ)ରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ରାଫାଲର ଶସ୍ତ୍ରପୂଜା କରିବା ସହ ଏଥିରେ ଉଡ଼ାଣ କରିଛନ୍ତି। ଆଣବିକ ଅସ୍ତ୍ର ପ୍ରୟୋଗ ପାଇଁ ସମ୍ପୂର୍ଣ୍ଣ ସକ୍ଷମ ରାଫାଲକୁ ପାକିସ୍ତାନ ଓ ଚାଇନାର ମୁକାବିଲା କରିବା ସକାଶେ ପ୍ରତିରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି।

କିଛିବର୍ଷ ଧରି ନାନା ବାଦବିବାଦ ଓ ରାଜନୈତିକ ଆରୋପ ପ୍ରତ୍ୟାରୋପ ଲାଗି ରହିବା ପରେ ଭାରତକୁ ପ୍ରଥମ ରାଫାଲ ଯୁଦ୍ଧବିମାନ (ଆର୍‌ବି-୦୦୧) ମିଳିଛି। ବହୁ କୋଟି ଟଙ୍କା ବ୍ୟୟରେ ନିର୍ମିତ ୩୬ ରାଫାଲ ଯୁଦ୍ଧବିମାନ ମଧ୍ୟରୁ ଗୋଟିଏକୁ ଫ୍ରାନ୍ସ ଆନୁଷ୍ଠାନିକ ଭାବେ ହସ୍ତାନ୍ତର କରିଛି। ଫ୍ରାନ୍ସର ମେରିଗ୍ନାକ୍‌ସ୍ଥିତ ଦାସଲ୍ଟ ଆଭିଏଶନ୍ ଫାସିଲିଟିରେ ଆୟୋଜିତ ଏକ ଉତ୍ସବରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଫ୍ରାନ୍ସ ପ୍ରତିପକ୍ଷ ଫ୍ଲୋରେନ୍ସ ପାର୍ଲେଙ୍କ ଉପସ୍ଥିତିରେ ଏହାକୁ ଗ୍ରହଣ କରିଥିଲେ। ରାଜନାଥ ପାରମ୍ପରିକ ଭାବେ ଏହାର ଶସ୍ତ୍ରପୂଜା କରି ଯୁଦ୍ଧବିମାନରେ 'ଓଁ' ଲେଖିବା ସହ ଫୁଲ ଓ ନଡ଼ିଆ ଚଢ଼ାଇଥିଲେ। ପରେ ସେ ୩୮ ମିନିଟ ପାଇଁ ଏଥିରେ ଉଡ଼ାଣ କରିଥିଲେ। ଦୁଇ ସିଟ୍ ବିଶିଷ୍ଟ ଏହି ଯୁଦ୍ଧବିମାନର କକ୍‌ପିଟରେ ରାଜନାଥ ପାଇଲଟ ପୋଷାକ ପିନ୍ଧି ବସିଥିବାବେଳେ ପାଇଲଟ ସିଟରେ ବସି ଏହାକୁ ଚଳାଇଥିଲେ ଦାସଲ୍ଟ ଆଭିଏଶନ୍‌ର ଚିଫ୍ ଟେଷ୍ଟ ପାଇଲଟ୍ ଫିଲିପ୍ ଡଚାଟେଉ। ଉଡ଼ାଣ ପରେ ୬୮ ବର୍ଷୀୟ ରାଜନାଥ କହିଥିଲେ, ଫରାସୀ ଭାଷାରେ ରାଫାଲ ଅର୍ଥ ଝଡ଼। ଏପରି ସୁପରସୋନିକ୍ ବିମାନରେ ବସିବା ନେଇ ସେ କେବେ କଳ୍ପନା କରି ନ ଥିଲେ। ଉଡ଼ାଣ ଅନୁଭୂତି ତାଙ୍କ ପାଇଁ ସ୍ମରଣୀୟ ହୋଇ ରହିବ। ରାଫାଲ ଭାରତୀୟ ବାୟୁସେନାର ଯୁଦ୍ଧ କ୍ଷମତା ବୃଦ୍ଧି କରିବ। ଏହା କେବଳ ଆତ୍ମରକ୍ଷା ପାଇଁ ଉଦ୍ଦିଷ୍ଟ ବୋଲି ସେ ସ୍ପଷ୍ଟ କରିଥିଲେ। ଫ୍ରାନ୍ସ ପ୍ରତିରକ୍ଷାମନ୍ତ୍ରୀ ପାର୍ଲେଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ସଫଳ ହୋଇଛି। ଭାରତ ଓ ଫ୍ରାନ୍ସ ପ୍ରତିରକ୍ଷା ସମ୍ପର୍କକୁ ସୁଦୃଢ଼ କରି ଆତଙ୍କବାଦ ବିରୋଧରେ ଲଢ଼େଇ ଜାରି ରଖିବାକୁ ସହମତ ହୋଇଥିବା ବୁଧବାର ରାଜନାଥ କହିଛନ୍ତି।

ପ୍ରକାଶ ଯେ, ୨୦୧୬ ସେପ୍ଟେମ୍ବରରେ ୩୬ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ଫ୍ରାନ୍ସ ଓ ଭାରତ ମଧ୍ୟରେ ୫୯, ୦୦୦ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି କଂଗ୍ରେସ ୨୦୧୯ ସାଧାରଣ ନିର୍ବାଚନରେ ରାଫାଲକୁ ଏକ ପ୍ରମୁଖ ପ୍ରସଙ୍ଗ କରିଥିଲା। ପ୍ରଥମ ରାଫାଲ ୨୦୨୦ ମେ'ରେ ଭାରତ ଅସିବ। ସମସ୍ତ ୩୬ ଯୁଦ୍ଧବିମାନ ଆସୁ ଆସୁ ୨୦୨୨ ସେପ୍ଟେମ୍ବର ହୋଇଯିବ। ଅମ୍ବାଲାରେ ୧୮ଟି ଓ ହାସିମାରାରେ ୧୮ଟି ଯୁଦ୍ଧବିମାନ ମୁତୟନ ହେବ। ୩୬ ଯୁଦ୍ଧବିମାନ ମଧ୍ୟରୁ ୮ଟିରେ ଦୁଇଟି ଲେଖାଏ ସିଟ୍ ରହିଥିବାବେଳେ ଅବଶିଷ୍ଟ ୨୮ଟି ହେଉଛି ଗୋଟିଏ ସିଟ୍ ବିଶିଷ୍ଟ। ଏହାର ଆକ୍ରମଣ କ୍ଷମତା ୭୮୦ କି.ମି.ରୁ ୧୬୫୦ କି.ମି., ଯାହାକି ଅପରେଶନ ଉପରେ ନିର୍ଭର କରେ। ପ୍ରତ୍ୟେକ ରାଫାଲ ଯୁଦ୍ଧବିମାନ ୯.୩ ଟନ୍ ଓଜନର ଯୁଦ୍ଧାସ୍ତ୍ର ବହନ କରି ସର୍ବାଧିକ ୯ ଘଣ୍ଟା (ଆବଶ୍ୟକ ସ୍ଥଳେ ୧୧ ଘଣ୍ଟା) ଯାଏ ଉଡ଼ିପାରିବ। ଏହା ଭାରତର ସୀମା ଅତିକ୍ରମ ନ କରି ପାକିସ୍ତାନ ଓ ଚାଇନାକୁ ଟାର୍ଗେଟ କରିପାରିବ ବୋଲି ପ୍ରତିରକ୍ଷା ବିଶେଷଜ୍ଞମାନେ କହିଛନ୍ତି।

### ମେ'ରେ ଆସିବ ଫାଇଟର ଜେଟ୍

- ୫୯,୦୦୦ କୋଟି ଟଙ୍କାର ଡିଲ୍
- ୨୦୧୬ ସେପ୍ଟେମ୍ବରରେ ହୋଇଥିଲା ଚୁକ୍ତି
- ୩୬ ଯୁଦ୍ଧବିମାନ ମଧ୍ୟରୁ ୮ଟିରେ ଦୁଇଟି ଲେଖାଏ ସିଟ୍
- ଆକ୍ରମଣ କ୍ଷମତା ୭୮୦ କି.ମି.ରୁ ୧୬୫୦ କି.ମି.
- ୯.୩ ଟନ୍ ଯୁଦ୍ଧାସ୍ତ୍ର ବହନ କ୍ଷମତା
- ୨୦୨୨ ଏପ୍ରିଲ ସୁଦ୍ଧା ଆସିବ ସମସ୍ତ ଯୁଦ୍ଧବିମାନ

## ଦୁଇମାସ ପରେ ହଟିଲା କଟକଣା
# ଆଜିଠୁ କଶ୍ମୀର ଯାଇପାରିବେ ପର୍ଯ୍ୟଟକ

ଶ୍ରୀନଗର,୯।୧୦

ଜମ୍ମୁ-କଶ୍ମୀରରେ ପର୍ଯ୍ୟଟକଙ୍କ ଭ୍ରମଣ ଉପରେ ଦୁଇମାସରୁ ଊର୍ଦ୍ଧ୍ୱ ସମୟ ଧରି ରହିଥିବା କଟକଣାକୁ ଶେଷରେ ହଟାଇଦିଆଯାଇଛି। ଫଳରେ ଗୁରୁବାରଠାରୁ ପର୍ଯ୍ୟଟକମାନେ ଜମ୍ମୁ-କଶ୍ମୀରକୁ ଗୁରୁବାରଠାରୁ ଭ୍ରମଣରେ ଯାଇପାରିବେ।

ଅଗଷ୍ଟ ୫ରେ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରି ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାର ଅବ୍ୟବହିତ ପୂର୍ବରୁ ଆତଙ୍କବାଦୀ ଆକ୍ରମଣ ଆଶଙ୍କା କରି ଉପତ୍ୟକାରୁ ପର୍ଯ୍ୟଟକମାନଙ୍କୁ ଫେରିଯିବା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟର ଗୃହ ବିଭାଗ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଅନ୍ୟ କେତେକ କଟକଣା ଜାରି କରାଯାଇଥିଲା, ଯାହାକି ଧୀରେ ଧୀରେ କୋହଳ କରାଯାଉଛି। ଏହିକ୍ରମରେ ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକ ବୁଧବାର ଉପତ୍ୟକାର ସ୍ଥିତି ଓ ସୁରକ୍ଷା ନେଇ ଏକ ସମୀକ୍ଷା ବୈଠକ କରିଛନ୍ତି। ଏଥିରେ ମୁଖ୍ୟ ଶାସନ ସଚିବଙ୍କ ସହ ରାଜ୍ୟପାଳଙ୍କ ପରାମର୍ଶଦାତାମାନେ ଉପସ୍ଥିତ ଥିଲେ। ବୈଠକରେ ରାଜ୍ୟପାଳ ଗୃହ ବିଭାଗକୁ ପୂର୍ବ ନିର୍ଦ୍ଦେଶନାମା ତତ୍କାଳ ଉଠାଇନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୧୦ରୁ ଏହି କଟକଣା ହଟିବ ବୋଲି ଜମ୍ମୁ-କଶ୍ମୀର ପ୍ରଶାସନ ପକ୍ଷରୁ ଟୁଇଟ୍ କରାଯାଇଛି। ଏହାକୁ ନେଇ ଟୁରିଷ୍ଟ ଅପରେଟରମାନେ ଖୁସିବ୍ୟକ୍ତ କରିଛନ୍ତି।



# ଶସ୍ତ୍ରପୂଜାକୁ ନେଇ ବିବାଦ

**ନୂଆଦିଲ୍ଲୀ,୯।୧୦:** ବିଜୟା ଦଶମୀରେ ଫ୍ରାନ୍ସ ପକ୍ଷରୁ ୩୬ ମଧ୍ୟରୁ ପ୍ରଥମ ରାଫାଲ ଯୁଦ୍ଧବିମାନ ହସ୍ତାନ୍ତର ପରେ ଏହା ଆଗରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କରିଥିବା ଶସ୍ତ୍ରପୂଜାକୁ ନେଇ ବିବାଦ ସୃଷ୍ଟି ହୋଇଛି। ବରିଷ୍ଠ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏହାକୁ ଡ୍ରାମା ବୋଲି ଅଭିହିତ କରିବା ସହ ବୋଫର୍ସ ତୋପ କିଣିବାବେଳେ କଂଗ୍ରେସ ଏପରି ପ୍ରଦର୍ଶନ କରି ନ ଥିଲା ବୋଲି କହିଛନ୍ତି। ସେହିପରି ପୂର୍ବତନ ମନ୍ତ୍ରୀ ଉଦିତ୍ ରାଜ୍ ମଧ୍ୟ ଏହାକୁ ଅନ୍ଧବିଶ୍ୱାସ ବୋଲି ଅଭିହିତ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ବୋଫର୍ସ ଡିଲ୍ ମଧ୍ୟସ୍ଥ ଓଟ୍ଟାଭିଓ କ୍ୱାଟ୍ରୋଚିଙ୍କୁ ପୂଜା କରୁଥିଲା ବୋଲି ଭାଜପା ସମାଲୋଚନା କରିଛି। କଂଗ୍ରେସ ନେତା ସଞ୍ଜୟ ନିରୁପମ୍ ନିଜ ଦଳର ସମାଲୋଚକମାନଙ୍କୁ ନାସ୍ତିକ ବୋଲି ଅଭିହିତ କରିଛନ୍ତି। ରାଜନାଥଙ୍କ କ୍ୟାବିନେଟ ସହଯୋଗୀ ତଥା ଭାଜପା ମୁଖ୍ୟ ଅମିତ୍ ଶାହ ଏହାର ଜବାବ ରଖିଛନ୍ତି।



## ରାଜନାଥଙ୍କୁ ରାଫାଲ ଇଞ୍ଜିନ ନିର୍ମାତା କହିଲେ
# ଆମକୁ ଟାକ୍ସ ଭୟ ଦେଖାଅନି

**ପ୍ୟାରିସ୍,୯।୧୦(ପି.ଟି.):** ଭାରତ ଆମକୁ ଟାକ୍ସ ଓ ସୀମାଶୁଳ୍କ ଆଇନର ଭୟ ଦେଖାଇବା ବଦଳରେ ଏକ ଆକର୍ଷଣୀୟ ବାଣିଜ୍ୟିକ ପରିବେଶ ପ୍ରଦାନ କରିବା ଉଚିତ। ଟିକସ ଭୟ ଦେଖାଇ ଆମକୁ ଆତଙ୍କିତ କରନାହିଁ ବୋଲି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କୁ ବୁଧବାର ରାଫାଲ ଇଞ୍ଜିନ ନିର୍ମାଣକାରୀ ସଂସ୍ଥା ସାଫ୍ରନ୍ କହିଛି।

ରାଫାଲ ଯୁଦ୍ଧବିମାନରେ ଖଞ୍ଜାଯାଇଥିବା ଏମ୍।୮୮ ଇଞ୍ଜିନର ନିର୍ମାତା ହେଉଛି ଫ୍ରାନ୍ସର ବହୁରାଷ୍ଟ୍ରୀୟ କମ୍ପାନୀ ସାଫ୍ରନ୍। ରାଜନାଥ ବୁଧବାର ରାଜଧାନୀ ପ୍ୟାରିସ୍ ନିକଟସ୍ଥ ଭିଲାରୋଚେରେ ଥିବା କମ୍ପାନୀର ଇଞ୍ଜିନ ନିର୍ମାଣସ୍ଥଳକୁ ପରିଦର୍ଶନ କରିଥିଲେ। ସେଠାରେ ସାଫ୍ରନ୍ ଏୟାରକ୍ରାଫ୍ଟ ଇଞ୍ଜିନ୍ସ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଓଲିଭର ଆଣ୍ଡ୍ରିସ୍ କହିଥିଲେ, ତାଙ୍କ କମ୍ପାନୀ ଭାରତରେ ପ୍ରଶିକ୍ଷଣ ଓ ରକ୍ଷଣାବେକ୍ଷଣ କ୍ଷେତ୍ରରେ ୧୫୦ ନିୟୁତ ଡଲାର ନିବେଶ କରିବାକୁ ଯାଉଛି। ଭାରତ ବିଶ୍ୱରେ ଆଭିଏଶନ୍ ସେକ୍ଟରରେ ତୃତୀୟ ବୃହତ୍ ବାଣିଜ୍ୟିକ ବଜାର ହେବାକୁ ଯାଉଛି। କିନ୍ତୁ ଦେଶର ଟାକ୍ସ ଓ କଷ୍ଟମ୍ସ ବ୍ୟବସ୍ଥା ତାଙ୍କ କମ୍ପାନୀକୁ ଆତଙ୍କିତ ନ କରୁ ବୋଲି ସେ ଚାହାନ୍ତି। ରାଜନାଥ କହିଥିଲେ, ଭାରତରେ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଅଧୀନରେ ପୁଞ୍ଜିନିବେଶ ପାଇଁ ଉପଯୁକ୍ତ ପରିବେଶ ରହିଛି। ଆସନ୍ତା ଫେବୃୟାରୀରେ ଲକ୍ଷ୍ନୌରେ ହେବାକୁ ଥିବା ଡିଫେନ୍ସ ଏକ୍ସପୋରେ ସାମିଲ ହେବା ପାଇଁ ସାଫ୍ରନ୍‌କୁ ସେ ଆମନ୍ତ୍ରଣ କରିଥିଲେ।


ଓଲିଭର ଆଣ୍ଡ୍ରିସ୍

## ୨୪ରେ ଜମ୍ମୁ-କଶ୍ମୀର ବିଡିସି ନିର୍ବାଚନ
# ବର୍ଜନ କରିବ କଂଗ୍ରେସ

ଜମ୍ମୁ,୯।୧୦(ପି.ଟି.)

ଜମ୍ମୁ-କଶ୍ମୀରରେ ଆଗାମୀ ୨୪ରେ ବ୍ଲକ୍ ଉନ୍ନୟନ ପରିଷଦ (ବିଡିସି) ନିର୍ବାଚନ ହେବାକୁ ଯାଉଥିବା ବେଳେ ଏହାକୁ ବର୍ଜନ କରିବା ଲାଗି କଂଗ୍ରେସ ବୁଧବାର ନିଷ୍ପତ୍ତି ନେଇଛି। ରାଜ୍ୟ ପ୍ରଶାସନର ମନୋଭାବରେ କୌଣସି ପରିବର୍ତ୍ତନ ଦେଖାଦେଇ ନ ଥିବାବେଳେ କଂଗ୍ରେସର ବରିଷ୍ଠ ନେତାମାନଙ୍କୁ ଅଟକ ରଖାଯାଇଥିବାରୁ ଏହାର ପ୍ରତିବାଦରେ ଦଳ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ଏହା ପ୍ରଥମ ନିର୍ବାଚନ। ଗଣତାନ୍ତ୍ରିକ ଅନୁଷ୍ଠାନର ସୁଦୃଢ଼ୀକରଣ ଉପରେ ବିଶ୍ୱାସ କରୁଥିବା କଂଗ୍ରେସ କେବେ ବି କୌଣସି ନିର୍ବାଚନରୁ ଦୂରେଇ ରହିନାହିଁ। ତେବେ ବର୍ତ୍ତମାନ ସ୍ଥିତିରେ ଦଳ ନିର୍ବାଚନ ବର୍ଜନ କରିବାକୁ ବାଧ୍ୟ ହେଉଛି ବୋଲି ଜମ୍ମୁ-କଶ୍ମୀର କଂଗ୍ରେସ ସଭାପତି ଜି.ଏ. ମୀର୍ ଖବରଦାତାମାନଙ୍କୁ କହିଛନ୍ତି। ଗୃହବନ୍ଦୀ ଥିବା ମୀର୍‌ଙ୍କୁ ନିକଟରେ ମୁକ୍ତ କରାଯାଇଛି। ଭାଜପାକୁ ଜିତାଇବା ଲାଗି ପ୍ରଶାସନ ଜାଣିଶୁଣି ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ପାଇଁ ପ୍ରତିବନ୍ଧକ ସୃଷ୍ଟି କରୁଥିବା ସେ କହିଛନ୍ତି। ସେମାନେ ନେତା ଓ କର୍ମୀମାନଙ୍କୁ ଅଟକ ରଖି ରାଜ୍ୟରେ ରାଜନୈତିକ ବାତାବରଣ ସୃଷ୍ଟି କରିବାକୁ ଅନୁମତି ଦେଉନାହାନ୍ତି। ବୁଧବାର ନାମାଙ୍କନପତ୍ର ଦାଖଲର ଶେଷ ଦିନ ଥିଲାବେଳେ ବିରୋଧୀ ଦଳଗୁଡିକର ଦାବିକୁ ପ୍ରଶାସନ ଗ୍ରହଣ କରୁ ନ ଥିବାରୁ ନିର୍ବାଚନରୁ ଦୂରେଇ ରହିବାକୁ ନିଷ୍ପତ୍ତି ନିଆଯାଇଥିବା ମୀର୍ କହିଛନ୍ତି।

## ଉଇଗର ମୁସ୍‌ଲିମ୍‌ଙ୍କୁ ନିର୍ଯାତନା ଅଭିଯୋଗ
# ଚାଇନା ଉପରେ ଆମେରିକାର ଭିଜା କଟକଣା

ୱାଶିଂଟନ/ବେଜିଂ,୯।୧୦(ପି.ଟି.)

ଜିନ୍‌ଜିଆଙ୍ଗ୍ ପ୍ରଦେଶରେ ଉଇଗର ମୁସ୍‌ଲିମ ସମ୍ପ୍ରଦାୟ ସମେତ ସଂଖ୍ୟାଲଘୁଙ୍କ ଉପରେ ବେଜିଂର ଦମନକାରୀ ଅଭିଯାନକୁ ନେଇ କ୍ଷୁବ୍ଧ ଆମେରିକା ଚାଇନା ଉପରେ ଭିଜା କଟକଣା ଜାରି କରିଛି। ଚାଇନା ସରକାର ଓ ଶାସକ କମ୍ୟୁନିଷ୍ଟ ପାର୍ଟିର ଅଧିକାରୀମାନଙ୍କ ବିରୋଧରେ ଏହାର ଲାଗୁ ହେବ ବୋଲି ଆମେରିକା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଚାଇନା ଏହାକୁ ଆମେରିକାର ମନ୍ଦ ଉଦ୍ଦେଶ୍ୟ ଭାବେ ଅଭିହିତ କରି ତୁରନ୍ତ କଟକଣା ପ୍ରତ୍ୟାହାର ପାଇଁ ଦାବି କରିଛି।

ଚାଇନାର ସ୍ୱୟଂଶାସିତ ଅଞ୍ଚଳ ଜିନ୍‌ଜିଆଙ୍ଗ୍‌ରେ ଉଇଗର ମୁସ୍‌ଲିମଙ୍କ ଉପରେ ବେଜିଂ ଦମନଲୀଳା ଚଳାଇଛି। ସେହିପରି କାଜାଖ, କିର୍ଗିଜ୍ ଓ ଅନ୍ୟ ସଂଖ୍ୟାଲଘୁଙ୍କ ଉପରେ ମଧ୍ୟ ଅନୁରୂପ ଅଭିଯାନ ଚଳାଇଛି। ସେମାନଙ୍କୁ ବିଭିନ୍ନ କ୍ୟାମ୍ପରେ ଅଟକ ରଖି ବେଜିଂ ପକ୍ଷରୁ ଉଚ୍ଚ କ୍ଷମତାସମ୍ପନ୍ନ ସର୍ଭିଲାନ୍ସ ଓ କଠୋର ନିୟନ୍ତ୍ରଣର ପ୍ରୟୋଗ କରାଯାଉଛି। ସଂଖ୍ୟାଲଘୁଙ୍କ ସାଂସ୍କୃତିକ ଓ ଧାର୍ମିକ ସ୍ୱାଧୀନତାକୁ ଚାଇନା ଛଡ଼ାଇ ନେଇଥିବା ଆମେରିକା ଅଭିଯୋଗ କରିଛି। ଏହି ଦମନମୂଳକ ଅଭିଯାନ ଯୋଗୁ ଚାଇନା ଅଧିକାରୀଙ୍କ ଉପରେ ଭିଜା କଟକଣା ଜାରି କରାଯାଇଥିବା ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ କହିଛନ୍ତି। ଭିଜା କଟକଣା ସମ୍ପୃକ୍ତ ଅଧିକାରୀଙ୍କ ପରିବାର ସଦସ୍ୟଙ୍କ ଉପରେ ମଧ୍ୟ ଲାଗୁ ହେବ। ଜିନ୍‌ଜିଆଙ୍ଗ୍‌ରେ ମାନବାଧିକାର ଉଲ୍ଲଂଘନ ଅଭିଯୋଗରେ କୌଣସି ପ୍ରକାର ଆମେରିକୀୟ ଉତ୍ପାଦ କିଣିବା ନେଇ ୨୮ ଚାଇନା କମ୍ପାନୀକୁ କଳାତାଲିକାଭୁକ୍ତ କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଗେଙ୍ଗ୍ ଶୁଆଙ୍ଗ୍ ଏଭଳି ଅଭିଯୋଗକୁ ଭିତ୍ତିହୀନ ଓ ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିବା ସହ ଭିଜା କଟକଣା ଉଠାଇବାକୁ ଦାବି କରିଛନ୍ତି।


ମାଇକ୍ ପମ୍ପିଓ

### ବେଜିଂ କହିଲା 'ମନ୍ଦ ଉଦ୍ଦେଶ୍ୟ'

# ଆରେ ଗଛକଟା ଉପରେ ସ୍ଥଗିତାଦେଶ

ନୂଆଦିଲ୍ଲୀ,୯।୧୦(ପି.ଟି.)

ଆରେ ଜଙ୍ଗଲରେ ଗଛକଟା ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ଗଛକଟା ବନ୍ଦ କରି ସ୍ଥିତାବସ୍ଥା ଜାରି ରଖିବା ଲାଗି ସର୍ବୋଚ୍ଚ ଅଦାଲତ ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନକୁ କହିଛନ୍ତି। ଏଥିସହିତ ଗଛକଟାକୁ ବିରୋଧ କରି ଗିରଫ ହୋଇଥିବା ଲୋକଙ୍କୁ ତୁରନ୍ତ ମୁକ୍ତ କରିଦେବାକୁ ଜଷ୍ଟିସ୍ ଅରୁଣ ମିଶ୍ର ଓ ଅଶୋକ ଭୂଷଣଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ୧୮ରେ ହେବ। ସୂଚନାଯୋଗ୍ୟ ମେଟ୍ରୋ କାର୍ ଶେଡ୍ ନିର୍ମାଣ ଲାଗି ଆରେ ଲୋନିରେ ବ୍ୟାପକ ଗଛକଟା ଚାଲିଥିଲାବେଳେ ଏହାକୁ ବିରୋଧରେ କରି ଆଇନ ଛାତ୍ର ରିଷଭ ରଞ୍ଜନ ଭାରତର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କୁ ପତ୍ର ଲେଖିବା ପରେ ଏହାକୁ ଜନସ୍ୱାର୍ଥ ମାମଲା ଭାବେ ପଞ୍ଜୀକୃତ କରିବା ଲାଗି ରବିବାର ସର୍ବୋଚ୍ଚ ଅଦାଲତ ନିଷ୍ପତ୍ତି ନେଇଥିଲେ। ଏଥିସହିତ ମାମଲାର ଜରୁରୀ ଶୁଣାଣି ଲାଗି ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରାଯାଇଥିଲା।

# ସର୍ବାଧିକ ବିଳମ୍ବରେ ଫେରୁଛି ମୌସୁମୀ

ନୂଆଦିଲ୍ଲୀ,୯।୧୦(ପି.ଟି.)

ଦକ୍ଷିଣପଶ୍ଚିମ ମୌସୁମୀ ବୁଧବାରଠାରୁ ପ୍ରତ୍ୟାବର୍ତ୍ତନ ଆରମ୍ଭ କରିଛି। ଚଳିତବର୍ଷ ମୌସୁମୀ ପ୍ରତ୍ୟାବର୍ତ୍ତନରେ ସର୍ବାଧିକ ବିଳମ୍ବ ହୋଇଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ବୁଧବାର ପଞ୍ଜାବ, ହରିୟାଣାର କେତେକ ଅଞ୍ଚଳ ଓ ଉତ୍ତର ରାଜସ୍ଥାନରୁ ମୌସୁମୀ ପ୍ରତ୍ୟାବର୍ତ୍ତନ କରିଛି। ଏହିସବୁ ଅଞ୍ଚଳରୁ ସାଧାରଣତଃ ସେପ୍ଟେମ୍ବର ୧ରୁ ମୌସୁମୀ ପ୍ରତ୍ୟାବର୍ତ୍ତନ କରିଥାଏ। ପୂର୍ବରୁ ୧୯୬୧ ଅକ୍ଟୋବର ୧ ଏବଂ ୨୦୦୭ ସେପ୍ଟେମ୍ବର ୩୦ରେ ମୌସୁମୀ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ଏଥର ସବୁ ରେକର୍ଡକୁ ଟପିଯାଇଛି। ଆଉ ଦିନେ ଦୁଇଦିନ ମଧ୍ୟରେ ଉତ୍ତରପଶ୍ଚିମ ଭାରତର ଅଧିକ ଅଞ୍ଚଳରୁ ମୌସୁମୀ ଫେରିଯିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# କଶ୍ମୀର ପ୍ରସଙ୍ଗରେ ପାକିସ୍ତାନକୁ ଝଟକା

## ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସମାଧାନ ଲାଗି ଚାଇନାର ପରାମର୍ଶ

ବେଜିଂ,୯।୧୦(ପି.ଟି.)

ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଆସନ୍ତା ୧୧ ଓ ୧୨ ତାରିଖ ଦୁଇଦିନ ଭାରତ ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦ୍ୱିତୀୟ ଅନୌପଚାରିକ ସମିଟ୍‌ରେ ଯୋଗଦେବେ। ଏହି ଅବସରରେ ସେମାନେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଅନେକ ପ୍ରସଙ୍ଗରେ ଆଲୋଚନା କରିବାକୁ ଥିବାବେଳେ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ମଧ୍ୟ ମତବିନିମୟ କରିବା ଆଶା କରାଯାଉଛି। ଚେନ୍ନାଇ ନିକଟବର୍ତ୍ତୀ ମାମଲ୍ଲାପୁରମ୍ ଉପକୂଳ ସହରରେ ଏହି ବୈଠକ ଅନୁଷ୍ଠିତ ହେବ ବୋଲି ଚାଇନା ବହିର୍ବ୍ୟାପାର ମୁଖପାତ୍ର ହୁଆ ଚୁନିଙ୍ଗ ବୁଧବାର ଘୋଷଣା କରିଛନ୍ତି।

ମୋଦି ଓ ଜିନ୍‌ପିଙ୍ଗଙ୍କ ମଧ୍ୟରେ ଗତବର୍ଷ ଚାଇନାର ୟୁହାନ୍‌ରେ ପ୍ରଥମ ଅନୌପଚାରିକ ସମିଟ୍ ହୋଇଥିଲା। ଡୋକଲାମରେ ଉଭୟ ପକ୍ଷର ସୈନ୍ୟବାହିନୀ ଦୀର୍ଘ ୭୩ ଦିନ ଧରି ମୁହାଁମୁହିଁ ଅବସ୍ଥାରେ ରହିବାରୁ ଏହାକୁ ନେଇ ସୀମାରେ ଉତ୍ତେଜନାପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଥିଲା। ତେବେ ୟୁହାନ ବୈଠକ ପରେ ଦୁଇଦେଶର ସମ୍ପର୍କ ସ୍ୱାଭାବିକ ହୋଇଥିଲା। ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ସଂଯୋଗ କରୁଥିବା ସିଲିଗୁଡି କରିଡର ନିକଟରେ ଚାଇନା ସୈନ୍ୟବାହିନୀ ରାସ୍ତା ନିର୍ମାଣ ଯୋଜନା କରିବାରୁ ଏଭଳି ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଚାଇନା ସେନା ରାସ୍ତା ନିର୍ମାଣ ଯୋଜନା ସ୍ଥଗିତ ରଖିବା ଫଳରେ ଅଚଳାବସ୍ଥା ଦୂର ହୋଇଥିଲା।

ଜିନ୍‌ପିଙ୍ଗଙ୍କ ଭାରତ ଗସ୍ତ ଘୋଷଣା ପୂର୍ବରୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏବଂ ପାକ୍ ସେନାମୁଖ୍ୟ ଜେନେରାଲ କମାର ଜାଭେଦ୍ ବାଜ୍‌ୱା ଚାଇନା ଗସ୍ତ କରିଛନ୍ତି। ଇମ୍ରାନ ମଙ୍ଗଳବାର ଚାଇନା ପ୍ରତିପକ୍ଷ ଲି କେକିଆଙ୍ଗ୍ ଓ ବୁଧବାର ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କୁ ଭେଟିଥିଲେ। ତେବେ ବିଭିନ୍ନ ପ୍ରସଙ୍ଗରେ ପାକିସ୍ତାନକୁ ସମର୍ଥନ କରିଆସିଥିବା ଚାଇନା ମଙ୍ଗଳବାର ମତ ବଦଳାଇ କଶ୍ମୀର ପ୍ରସଙ୍ଗର ସମାଧାନ ନୂଆଦିଲ୍ଲୀ ଓ ଇସ୍‌ଲାମାବାଦ ମଧ୍ୟରେ କରାଯିବା ଉଚିତ ବୋଲି କହିଛି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଚାଇନା ଜାତିସଂଘ ଓ ଜାତିସଂଘ ସୁରକ୍ଷା ପରିଷଦର ସଂକଳ୍ପନାମା ଆଧାରରେ କଶ୍ମୀର ପ୍ରସଙ୍ଗର ସମାଧାନ କରାଯିବା କଥା କହିଥିଲାବେଳେ ମଙ୍ଗଳବାର ମନ୍ତବ୍ୟରୁ ଏହାକୁ ବାଦ୍ ଦେଇଛି। ୩୭୦ ଉଚ୍ଛେଦ ପରେ କଶ୍ମୀର ସମ୍ପର୍କରେ ସମର୍ଥନ ହାସଲ ଲାଗି ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଥିବା ଇମ୍ରାନଙ୍କ ପାଇଁ ଚାଇନାର ଏଭଳି ମନ୍ତବ୍ୟ ଶକ୍ତ ଧକ୍କା ହୋଇଛି।

ଅଗଷ୍ଟ ୫ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ପରେ ଦୁଇମାସ ହେଲା ପାକିସ୍ତାନ ଭାରତ ବିରୋଧରେ ସମର୍ଥନ ହାସଲ ଲାଗି ଉଦ୍ୟମ ଚଳାଇଆସୁଛି। ଏହି ପ୍ରସଙ୍ଗରେ ଚାଇନା ଓ ତୁର୍କୀ ପୂର୍ବରୁ ଇସ୍‌ଲାମାବାଦକୁ ସମର୍ଥନ କରୁଥିଲାବେଳେ ଏବେ ସେମାନଙ୍କ ମତ ବଦଳାଇଛନ୍ତି। ଭାରତ-ପାକିସ୍ତାନ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ କଶ୍ମୀର ପ୍ରସଙ୍ଗ ସମାଧାନ କରନ୍ତୁ ବୋଲି ଚାଇନା କହିଥିବାବେଳେ ତୁର୍କୀ ମଧ୍ୟ ଜାତିସଂଘ ସାଧାରଣ ସଭାରେ ଭାରତର ଆଭିମୁଖ୍ୟକୁ ସମର୍ଥନ କରିଛି। କଶ୍ମୀର ପ୍ରସଙ୍ଗର ସମାଧାନ ଆଲୋଚନା ମାଧ୍ୟମରେ ହେବା ଜରୁରୀ ବୋଲି ତୁର୍କୀ ରାଷ୍ଟ୍ରପତି ରେସେପ୍ ତାୟିପ୍ ଏର୍ଦୋଗାନ ଜାତିସଂଘରେ କହିଥିଲେ। ଇମ୍ରାନ ଓ ଏର୍ଦୋଗାନଙ୍କ ମଧ୍ୟରେ ବୈଠକ ପରେ ତୁର୍କୀ ଏହାର ମତ ବଦଳାଇଦେଇଥିଲା। ଚାଇନା ମଧ୍ୟ ଅନୁରୂପ ନୀତି ଆପଣାଇଛି।


ଜିନ୍‌ପିଙ୍ଗଙ୍କ ଗସ୍ତ ଲାଗି ମାମଲ୍ଲାପୁରମ୍ ସହରରେ ବ୍ୟାପକ ପ୍ରସ୍ତୁତି।

### ୧୧ରେ ଭାରତ ଆସିବେ ଜିନ୍‌ପିଙ୍ଗ

## ଇତିହାସର ଆଇନାରେ — ଅକ୍ଟୋବର ୧୦ର ପ୍ରମୁଖ ଘଟଣା

୧ ୯୮୬ ଅକ୍ଟୋବର ୧୦ରେ ସାନ୍ ସାଲ୍‌ଭାଡରରେ ଭୂକମ୍ପ ହେବାରୁ ଏଥିରେ ପ୍ରାୟ ୧୫ ଶହ ଲୋକ ପ୍ରାଣ ହରାଇଥିଲେ। ଭୂକମ୍ପର ତୀବ୍ରତା ୫.୭ ଥିଲା। ପ୍ରାୟ ୧୦ ହଜାର ଲୋକ ଏହାର ପ୍ରଭାବରେ ଆହତ ହୋଇଥିବାବେଳେ ପାଖାପାଖି ୨ ଲକ୍ଷ ଘର ଭାଙ୍ଗିଯାଇଥିଲା। ଲୋକମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗିଥିଲେ।

୨ ୦୧୫ ଅକ୍ଟୋବର ୧୦ରେ ତୁର୍କୀର ରାଜଧାନୀ ସହର ଆଙ୍କାରାର କେନ୍ଦ୍ରୀୟ ରେଲୱେ ଷ୍ଟେଶନ ନିକଟରେ ଦୁଇଟି ବୋମା ବିସ୍ଫୋରଣ ହେବା ଫଳରେ ଶତାଧିକ ବ୍ୟକ୍ତି ପ୍ରାଣ ହରାଇଥିଲେ। ଏଥିରେ ପ୍ରାୟ ୪୦୦ ଜଣ ଆହତ ହୋଇଥିଲେ। ଏକ ଟ୍ରେଡ୍ ୟୁନିୟନର ରାଲିକୁ ଟାର୍ଗେଟ କରି ଏହି ବିସ୍ଫୋରଣ କରାଯାଇଥିଲା।



"ନିକ୍ ଜେନାସ୍ ଓ ମୋ ମଧ୍ୟରେ କେବେ ଉପଦେଶ ଦିଆନିଆ ହୋଇନି। ଆମେ ଦୁହେଁ ପରସ୍ପରର ଅନ୍ତର୍ନିହିତ ଦକ୍ଷତା ନେଇ ଆଲୋଚନା କରିଥାଉ।"
-ପ୍ରିୟଙ୍କା ଚୋପ୍ରା, ବଲିଉଡ୍ ଅଭିନେତ୍ରୀ

# ନିକ୍‌ଙ୍କ ବଲିଉଡ୍ ପ୍ରେମ



**ମୁମ୍ବାଇ:** ହଲିଉଡ୍ ଷ୍ଟାର୍ ବଲିଉଡ୍ ପ୍ରେମରେ ପଡ଼ିବା କିଛି ନୂଆ କଥା ନୁହେଁ। ତେବେ ଏଭଳି ଜଣେ ହଲିଉଡ୍ ଷ୍ଟାର୍ ଯିଏ ବଲିଉଡ୍ ଫିଲ୍ମ, ଗୀତ ଆଉ ଆକ୍ଟ୍ରେସଙ୍କ ପ୍ରେମରେ ପଡ଼ିଛନ୍ତି ଆଉ ବିବାହ ମଧ୍ୟ କରିଛନ୍ତି। ଆମେ କହୁଛୁ ବଲିଉଡ୍ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରାଙ୍କ ସ୍ୱାମୀ ନିକ୍ ଜୋନସ୍‌ଙ୍କ କଥା। ବଲିଉଡ୍ ଗୀତର ଜଣେ ବଡ଼ ଫ୍ୟାନ୍ ହେଉଛନ୍ତି ନିକ୍ ଜୋନସ୍। କିଛିଦିନ ପୂର୍ବରୁ ପ୍ରିୟଙ୍କା ଏକ ସାକ୍ଷାତ୍‌କାରରେ ନିକ୍‌ଙ୍କ ବଲିଉଡ୍ ଗୀତ ପ୍ରତି ଥିବା ଦୁର୍ବଳତା ବିଷୟ ଖୁଲାସା କରିଥିଲେ। କିନ୍ତୁ ଏବେ ତା'ର ସିଧାସଳଖ ପ୍ରମାଣ ଦେଖିବାକୁ ମିଳିଛି। ନିକ୍ ନିଜ ଅଫିସିଆଲ ଇନ୍‌ଷ୍ଟାଗ୍ରାମରେ ନିଜର ବଲିଉଡ୍ କ୍ରେଜ୍ ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓରେ ସେ ଆୟୁଷ୍ମାନ୍ ଖୁରାନାଙ୍କ ସୁପରହିଟ୍ ଗୀତ 'ମୋର୍‌ନୀ ବନକେ'ରେ ଝୁମୁଥିବା ଦେଖିବାକୁ ମିଳିଛି। ଶୋ ଆରମ୍ଭ ହେବା ପୂର୍ବରୁ ନିକ୍ ରିଲାକ୍ସ ହେବାକୁ ଏଭଳି ବଲିଉଡ୍ ଗୀତରେ ଝୁମିଥାନ୍ତି ବୋଲି ପ୍ରିୟଙ୍କା ମଧ୍ୟ କହିଥିଲେ। ଏବେ ନିକ୍‌ଙ୍କ ବଲିଉଡ୍ ପ୍ରେମର ପ୍ରମାଣ ମିଳିଛି। ନିକ୍ ନିଜ ଭାଇମାନଙ୍କ ସହ 'ହାପିନେସ୍ ଟୁର୍' କରୁଛନ୍ତି। ପ୍ରାୟ ୬ବର୍ଷ ପରେ ପୁଣି ମ୍ୟୁଜିକ୍ ବ୍ୟାଣ୍ଡ୍ ଆରମ୍ଭ କରିଥିବା 'ଜୋନସ୍ ବ୍ରଦର୍ସ'ଙ୍କ ଏହି ଟୁର୍ ଆସନ୍ତା ବର୍ଷ ପ୍ୟାରିସ୍‌ଠାରେ ଶେଷ ହେବ।

# ଥାଇ ପାର୍କେ ଗଜରାଜଙ୍କ ମୃତ୍ୟୁଯନ୍ତା

## ୧୧ ହାତୀଙ୍କ ମୃତ୍ୟୁ ପରେ ଚେତାପଶିଲା



**ବ୍ୟାଙ୍କକ, ୯।୧୦ :** ହାତୀଙ୍କ ସୁରକ୍ଷା ଲାଗି ବିଶ୍ୱବ୍ୟାପୀ ଅନେକ ପଦକ୍ଷେପ ହାତକୁ ନିଆଯାଉଛି। ସେମାନଙ୍କ ରହିବା, ଖାଇବା, ସ୍ୱାସ୍ଥ୍ୟାବସ୍ଥା ସହ ମୁକ୍ତ ଭ୍ରମଣ ଓ ସୁରକ୍ଷିତ ଜୀବନଯାପନ ଲାଗି ବିଭିନ୍ନ ଦେଶ ଭିନ୍ନ ଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ତଥାପି ସେମାନଙ୍କ ସୁରକ୍ଷା ଶତ ପ୍ରତିଶତ ସମ୍ଭବ ହୋଇପାରିନାହିଁ। କେତେବେଳେ ଶିକାରୀଙ୍କ ଲୋଲୁପ ଦୃଷ୍ଟିର ସେମାନେ ଶିକାର ହେଉଛନ୍ତି ତ ପୁଣି କେତେବେଳେ ସେମାନଙ୍କ ଅସାବଧାନତା ତାଙ୍କୁ ମୃତ୍ୟୁମୁଖକୁ ଟାଣିଆଣୁଛି। ଥାଇଲାଣ୍ଡର ଖାଓ ୟାଇ ଜାତୀୟ ପାର୍କରେ ୧୧ ହାତୀଙ୍କ ମୃତ୍ୟୁ ଘଟିବା ପରିବେଶବିତ୍‌ଙ୍କୁ ଆଶ୍ଚର୍ଯ୍ୟ କରିଛି। ଏଠାରେ ଥିବା ଏକ ଜଳପ୍ରପାତର ନିମ୍ନଭାଗରେ ହାତୀଙ୍କ ମରଶରୀର ପଡ଼ିଥିବା ଦେଖାଯିବା ପରେ ସରକାରଙ୍କ ତରଫରୁ ଗଜରାଜଙ୍କ ସୁରକ୍ଷା ଲାଗି ଚିନ୍ତା ବଢ଼ିଯାଇଛି। ହେଲ୍ଲ ଆବିସ୍ ନାମକ ଏହି ଜଳପ୍ରପାତର ନିମ୍ନ ଅବବାହିକାରେ ପୂର୍ବରୁ ୬ ହାତୀଙ୍କ ମୃତ୍ୟୁ ଘଟିଥିବାବେଳେ ପୁଣି ବୁଧବାର ୫ ହାତୀଙ୍କ ମୃତଦେହ ଠାବ କରାଯାଇଛି। ଖାଦ୍ୟ ଅନ୍ୱେଷଣରେ ହେଉ ଅବା ପାଣି ପିଇବା ଲାଗି ହେଉ, ସେମାନେ ଜଳପ୍ରପାତକୁ ଆସି ଜଳସ୍ରୋତରେ ଭାସିଯାଇ ପ୍ରାଣ ହରାଉଥିବା ଜଣାପଡ଼ିଛି। ଆଉମାତ୍ର ଦୁଇଟି ହାତୀ ରହିଥିବା ଜଣାପଡିଛି। ହାତୀ ମୃତ୍ୟୁକୁ ରୋକିବା ଲାଗି ଏବେ ଥାଇଲାଣ୍ଡ ସରକାର ପାର୍କ ଚାରିପଟେ ବାଡ଼ର ବ୍ୟବସ୍ଥା କରିବା ସହ ଡ୍ରୋନ୍ ସହାୟତାରେ ସେମାନଙ୍କ ଗତିବିଧି ଉପରେ ନଜର ରଖିବା ଲାଗି ପଦକ୍ଷେପ ଗ୍ରହଣ କରିଛନ୍ତି। ଉତ୍ତର-ପୂର୍ବ ବ୍ୟାଙ୍କକସ୍ଥିତ ପାର୍କର ଚାରିପଟେ ପ୍ରାୟ ୧୨୦ କି.ମି. ସୁରକ୍ଷା ବ୍ୟବସ୍ଥାକୁ ସରକାର କଡ଼ାକଡ଼ି କରିଛନ୍ତି। ଏଭଳି ମୃତ୍ୟୁଠାରୁ ଦୂରେଇ ରଖାଯିବା ଲାଗି ହାତୀଙ୍କ ପାଇଁ ପ୍ରଚୁର ଖାଦ୍ୟ ଓ ପାନୀୟ ଉତ୍ସ ବ୍ୟବସ୍ଥା ଉପରେ ଅଧିକାରୀମାନେ ପଦକ୍ଷେପ ଗ୍ରହଣ କରିଛନ୍ତି। ଚାରିପଟ ବାଡ଼ କରାଯିବା ଓ ବ୍ୟାରିକେଡ୍ ବ୍ୟବସ୍ଥା କରାଯିବା ଲାଗି ବ୍ୟବସ୍ଥା କରାଯାଉଥିବା ପରିବେଶ ମନ୍ତ୍ରୀ ବରଉତ୍ ଶିଲ୍ପା-ଆର୍ଚ୍ଚା ପ୍ରକାଶ କରିଛନ୍ତି। ହାତୀ ହେଉଛନ୍ତି ଥାଇଲାଣ୍ଡର ଜାତୀୟ ପଶୁ। ଜଙ୍ଗଲ ଧ୍ୱଂସ ଯୋଗୁ ଏମାନେ ଖାଦ୍ୟ ଅନ୍ୱେଷଣରେ ଆସି ଏଭଳି ଭୟଙ୍କର ମୃତ୍ୟୁର ଶିକାର ହେଉଥିବା ସେ କହିଛନ୍ତି। ଚଳିତବର୍ଷ ଥାଇଲାଣ୍ଡରେ ମରୁଡ଼ି ଦେଖାଦେଇଥିଲା। ପ୍ରାଣୀମାନେ ଜଙ୍ଗଲ ମୁହାଁ ହେବା ପରିବର୍ତ୍ତେ ଖାଦ୍ୟ ଲାଗି ଜନବସତି ଆଡ଼କୁ ମାଡ଼ିଆସିବା ସ୍ୱାଭାବିକ। ଏହାକୁ ଏଡ଼ାଇବା ଲାଗି ସରକାରଙ୍କ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଥିବା ସେ ମତ ଦେଇଛନ୍ତି।

# ଇଣ୍ଡିଆନ୍ ଆଇଡଲ୍ ୧୧ରେ ଓଡିଆ ଝିଅ ଚେଲ୍‌ସି



**ଭୁବନେଶ୍ୱର:** ପୁଣି ଜାତୀୟସ୍ତରୀୟ ରିଆଲିଟି ଶୋ'ରେ ଆସିବେ ଓଡ଼ିଆ ଝିଅ ଚେଲ୍‌ସି ବେଉରା। ସୋନି ଟିଭି ପକ୍ଷରୁ ପ୍ରସାରିତ ଇଣ୍ଡିଆନ୍ ଆଇଡଲ୍-୧୧ରେ ଚେଲ୍‌ସି ଭାଗ ନେଇଛନ୍ତି। ଏହି ଶୋ'ର ଏକ ଭିଡିଓରେ ଚେଲ୍‌ସିଙ୍କ ଝଲକ୍ ଦେଖିବାକୁ ମିଳିଛି। ଏହି ଭିଡିଓରେ ସେ ଇଶକ୍‌ଜାଦେ ଫିଲ୍ମର 'ମେଁ ପରେଶାନ' ଗୀତ ଗାଉଥିବାର ଦେଖାଯାଉଛି। ତାଙ୍କ ଗୀତକୁ ଜଜ୍‌ମାନେ ପ୍ରଶଂସା କରିବା ସହିତ ବିଶାଲ ଦଦ୍‌ଲାନୀ ଚେଲ୍‌ସିଙ୍କୁ 'ଫ୍ୟୁଚର୍ ଷ୍ଟାର' ବୋଲି କହିଛନ୍ତି। ତେବେ ଚେଲ୍‌ସି ପୂର୍ବରୁ ମଧ୍ୟ ଜାତୀୟସ୍ତରୀୟ ପ୍ଲାଟ୍‌ଫର୍ମରେ ଅଂଶଗ୍ରହଣ କରି ଦର୍ଶକଙ୍କ ଭଲପାଇବା ସାଉଁଟିଛନ୍ତି। ମ୍ୟୁଜିକ୍ ରିଆଲିଟି ଶୋ' ରାଇଜିଂ ଷ୍ଟାର୍ ଓ ଇଣ୍ଡିଆନ୍ ଆଇଡଲ୍‌ରେ ସେ ଶିଶୁ କଳାକାର ଭାବେ ଭାଗ ନେଇଥିଲେ। ରାଇଜିଂ ଷ୍ଟାରରେ ସେ ଟପ୍-୧୧ ପର୍ଯ୍ୟନ୍ତ ଯାଇଥିଲେ। ଏବେ ପୁଣିଥରେ ସାରା ଓଡ଼ିଶାକୁ ଗର୍ବିତ କରିବା ପାଇଁ ଇଣ୍ଡିଆନ୍ ଆଇଡଲ୍-୧୧ରେ ଆସୁଛନ୍ତି ଚେଲ୍‌ସି। ଏଥର ଆରମ୍ଭରୁ ଏତେ ଭଲ ପ୍ରଦର୍ଶନ କରିଛନ୍ତି ଯେ ଆଗକୁ ଆହୁରି ଭଲ କରିବେ ବୋଲି କୁହଯାଉଛି। ସୂଚନାଯୋଗ୍ୟ, ଆସନ୍ତା ୧୨ତାରିଖରେ ଇଣ୍ଡିଆନ୍ ଆଇଡଲ୍-୧୧ ଶୋ' ଆରମ୍ଭ ହେବାକୁ ଯାଉଛି। ଏନେଇ ଚ୍ୟାନେଲ୍ ବିଭିନ୍ନ ପ୍ରତିଯୋଗୀଙ୍କ ଉତ୍ତମ ପ୍ରଦର୍ଶନର ଛୋଟ ଛୋଟ ଭିଡିଓ କ୍ଲିପ୍ସ ସୋସିଆଲ୍ ମିଡିଆରେ ଛାଡ଼ି କାର୍ଯ୍ୟକ୍ରମର ଆରମ୍ଭ ସମ୍ପର୍କରେ ସୂଚନା ଦେଉଛି।

# ୧୬୦ ଫୁଟ ଉପରେ ବସି ଖାଇବାର ମଜା

## ନୋଏଡାରେ ରହିଛି ଫ୍ଲାଇଂ ଡାଇନିଂ



**ନୋଏଡା:** ପ୍ରତି କ୍ଷେତ୍ରରେ ପ୍ରତିଯୋଗିତାମୂଳକ ମନୋଭାବ ଲୋକମାନଙ୍କୁ କିଛି ନିଆରା କରି ଦେଖାଇବା ପାଇଁ ପ୍ରେରଣା ଯୋଗାଉଛି। ଯେକୌଣସି ବ୍ୟବସାୟ ହେଉନା କାହିଁକି ଗ୍ରାହକଙ୍କୁ ଆକୃଷ୍ଟ କରିବା ସକାଶେ ସମସ୍ତେ ବିଭିନ୍ନ ପ୍ରକାର ଉପାୟ ଆପଣାଉଛନ୍ତି। ରେଷ୍ଟୁରାଣ୍ଟରେ ଉନ୍ନତମାନର ଖାଦ୍ୟ ସାଙ୍ଗକୁ ଭିନ୍ନ ଶୈଳୀରେ ଏହାକୁ ପରଷିବା ପାଇଁ ଏକ ନିଆରା ପ୍ରୟାସ ଆରମ୍ଭ କରିଛନ୍ତି ନୋଏଡାର ଏକ ରେଷ୍ଟୁରାଣ୍ଟ ମାଲିକ ନିଖିଲ କୁମାର। 'ଫ୍ଲାଇଂ ଡାଇନିଂ ଆଟ୍ ନୋଏଡା' ନାମରେ ସେ ଏକ ରେଷ୍ଟୁରାଣ୍ଟ ଖୋଲିଛନ୍ତି, ଯେଉଁଠି ଗ୍ରାହକମାନେ ଭୂପୃଷ୍ଠରୁ ୧୬୦ ଫୁଟ ଉପରେ ଡାଇନିଂରେ ବସି ଖାଇବାର ମଜା ନେଇପାରିବେ। ରେଷ୍ଟୁରାଣ୍ଟର ମ୍ୟାନେଜିଂ ଡାଇରେକ୍ଟର ନିଖିଲ କୁହନ୍ତି, ଥରେ ଦୁବାଇ ଯାଇଥିବା ବେଳେ ସେଠାରେ ସେ ଏଭଳି ଫ୍ଲାଇଂ ଡାଇନିଂ ବିଷୟରେ ଜାଣିବାକୁ ପାଇଥିଲେ। ଏହାପରେ ଭାରତରେ ଏଭଳି ରେଷ୍ଟୁରାଣ୍ଟ ଆରମ୍ଭ କରିବାକୁ ମନସ୍ଥ କରିଥିଲେ। କିନ୍ତୁ ଲୋକଙ୍କ ସୁରକ୍ଷା ଓ ଅନୁଭବକୁ ଆହୁରି ଉତ୍କୃଷ୍ଟ କରି ଗଢ଼ିତୋଳିବା ପାଇଁ ରେଷ୍ଟୁରାଣ୍ଟ ତିଆରି କରିବାକୁ ୨ବର୍ଷ ସମୟ ଲାଗିଗଲା ବୋଲି ନିଖିଲ କହିଛନ୍ତି। ସେ ଆହୁରି କୁହନ୍ତି, ଏଠାରେ କାମ କରୁଥିବା ଲୋକମାନଙ୍କୁ ଜର୍ମାନୀରୁ ଆସିଥିବା ପ୍ରଶିକ୍ଷକମାନେ ଟ୍ରେନିଂ ଦେଇଛନ୍ତି। କ୍ରେନ୍ ସାହାଯ୍ୟରେ ଏହି ଡାଇନିଂ ଟେବୁଲ୍‌କୁ ଉପରକୁ ନିଆଯାଏ। ତା'ପୂର୍ବରୁ ସମସ୍ତେ ଠିକ୍ ଭାବେ ସିଟ୍ ବେଲ୍ଟ ଲଗାଇଛନ୍ତି କି ନାହିଁ ସେ ନେଇ ୩ ଥର ଯାଞ୍ଚ କରାଯାଏ। ସୁରକ୍ଷା ପାଇଁ ଲଗାଯାଇଥିବା ସମସ୍ତ ଉପକରଣ ଜର୍ମାନୀର ଏକ ସାର୍ଟିଫାଏଡ୍ କମ୍ପାନୀରୁ ଟେଷ୍ଟ କରାଯାଇଛି। ତଥାପି ସୁରକ୍ଷା ଦୃଷ୍ଟିରୁ ଗର୍ଭବତୀ ଓ ଛୋଟ ପିଲାମାନଙ୍କୁ ୪ ଫୁଟ ଉପରକୁ ଯିବାକୁ ଦିଆଯାଏନାହିଁ।

# କ୍ରିତିଙ୍କ ନିଶ



**ମୁମ୍ବାଇ:** ବଲିଉଡ୍ କମେଡି ସିକ୍ୱେଲ୍ 'ହାଉସ୍‌ଫୁଲ-୪'ରିଲିଜ୍ ସମୟ ପାଖେଇ ଆସିଲାଣି। ଏଥିପାଇଁ ଫିଲ୍ମର ସମସ୍ତ ଷ୍ଟାର୍‌କାଷ୍ଟ ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଏହାସହ ଦର୍ଶକଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ପ୍ରକାର ଫଟୋ ସୋସିଆଲ ମିଡିଆରେ ଶେୟାର କରୁଛନ୍ତି, ଯାହା ଫିଲ୍ମ ପ୍ରତି ଥିବା ଉତ୍ସାହକୁ ଦ୍ୱିଗୁଣିତ କରୁଛି। ନିକଟରେ ଫିଲ୍ମର 'ବାଲା, ଶୈତାନ୍ କା ଶାଲା' ଗୀତଟି ରିଲିଜ୍ ହୋଇଥିଲା, ଯାହାକୁ ଦର୍ଶକ ବେଶ୍ ପସନ୍ଦ ମଧ୍ୟ କରିଛନ୍ତି। ଏହାରି ମଧ୍ୟରେ ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା କ୍ରିତି ସାନନ୍ ସୋସିଆଲ ମିଡିଆରେ ଏକ ଗ୍ରୁପ୍ ଫଟୋ ଶେୟାର କରିଛନ୍ତି। ଫଟୋରେ କ୍ରିତିଙ୍କ ନିଶ ଥିବା ଦେଖିବାକୁ ମିଳିଛି। ସେପଟେ ବାଲାଙ୍କ କିନ୍ତୁ ନିଶ ଗାଏବ ହୋଇଯାଇଛି। ଫଟୋଟି ଶେୟାର କରି କ୍ରିତି ଲେଖିଛନ୍ତି,"ବାଲାଙ୍କ ନିଶ ମୋ ମୁହଁରେ ବେଶି ଭଲ ଦେଖାଯାଉଛି।" ଏହାସହ ଅକ୍ଷୟ, ପୂଜା ହେଗ୍‌ଡେ, ରିତେଶ୍, ବବି ଓ କ୍ରିତି ଖରବନ୍ଦା ଅଜବ-ଗଜବ ମୁହଁ କରି ଠିଆ ହୋଇଥିବା ଦେଖିବାକୁ ମିଳିଛି। ତେବେ ପୂରା ଟିମ୍‌ର ଏଭଳି ପ୍ରମୋଶନ୍ ସୋସିଆଲ ମିଡିଆରେ ଲୋକଙ୍କୁ ବେଶ୍ ଉତ୍ସାହିତ କରୁଛି। ଫିଲ୍ମରେ ବାଲା ଚରିତ୍ରରେ ଅକ୍ଷୟ ନଜରକୁ ଆସିବେ। ୬୦୦ ବର୍ଷ ପୂର୍ବର କାହାଣୀକୁ ନେଇ ପ୍ରସ୍ତୁତ ଏହି ଫିଲ୍ମରେ ଏହି ୬ କପଲ୍‌ଙ୍କ କାହାଣୀ ଦେଖିବାକୁ ମିଳିବ। ପୁନଃଜନ୍ମକୁ ନେଇ ନିର୍ମିତ ଏହି ଫିଲ୍ମରେ ଭରପୂର୍ କମେଡି ଓ ଏଣ୍ଟରଟେନ୍‌ମେଣ୍ଟ ରହିଛି। ଫିଲ୍ମ ଆସନ୍ତା ୨୬ରେ ରିଲିଜ୍ ହେବ।

# ଘର ଖର୍ଚ୍ଚ ପାଇଁ ଗହଣା ବିକିଲେ ଅଭିନେତ୍ରୀ



**ନୂଆଦିଲ୍ଲୀ:** ପଞ୍ଜାବ ଆଣ୍ଡ ମହାରାଷ୍ଟ୍ର କୋ-ଅପରେଟିଭ୍ (ପିଏମ୍‌ସି)ବ୍ୟାଙ୍କର ମାନ୍ଦାବସ୍ଥା ଏହାର ଗ୍ରାହକଙ୍କ ଜୀବନଶୈଳୀକୁ ପ୍ରଭାବିତ କରିଛି। ପରିସ୍ଥିତି ଏପରି ହୋଇଛି ଯେ, କେବଳ ସାଧାରଣ ଗ୍ରାହକ ନୁହେଁ, ଟିଭି ଅଭିନେତ୍ରୀ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। 'ଅଗ୍‌ଲେ ଜନମ୍ ମୋହେ ବିଟିୟା ହି କିଜୋ', 'ସ୍ୱରାଗିଣି' ଭଳି ଅନେକ ଶୋ'ରେ ଅଭିନୟ କରିଥିବା ଟେଲିଭିଜନ୍ ଅଭିନେତ୍ରୀ ନୂପୁର୍ ଅଲଙ୍କାର ପିଏମ୍‌ସି ବ୍ୟାଙ୍କ୍‌ର ଜଣେ ଆକାଉଣ୍ଟଧାରୀ ଥିବାବେଳେ ସେ ମଧ୍ୟ ଗୁରୁତର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପ୍ରକାଶ କରିଛନ୍ତି। କିଛିବର୍ଷ ତଳେ ଅନ୍ୟ ବ୍ୟାଙ୍କରେ ରହିଥିବା ଜମା ଟଙ୍କାକୁ ସେ ପିଏମ୍‌ସି ବ୍ୟାଙ୍କ୍‌କୁ ଟ୍ରାନ୍ସଫର୍ କରିଥିଲେ। ଫଳରେ ଅନ୍ୟ ବ୍ୟାଙ୍କ ଆକାଉଣ୍ଟ ଅଚଳ ହୋଇଯାଇଥିଲା। ଏଭଳି ପରିସ୍ଥିତିରେ ପିଏମ୍‌ସି ବ୍ୟାଙ୍କର ମାନ୍ଦାବସ୍ଥା ଯୋଗୁ ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ଘରେ ଟଙ୍କା ନାହିଁ। ଫଳରେ ସେ ନିଜ ଗହଣା ବିକ୍ରି କରିବାକୁ ବାଧ୍ୟ ହୋଇଛନ୍ତି ବୋଲି ନୂପୁର କହିଛନ୍ତି। ଏପରକି ସେ ଘର ଖର୍ଚ୍ଚ ପାଇଁ ସାଙ୍ଗସାଥୀଙ୍କ ଠାରୁ ଏ ପର୍ଯ୍ୟନ୍ତ ୫୦ ହଜାର ଟଙ୍କା କରଜ ମଧ୍ୟ ନେଇଥିବା କହିଛନ୍ତି। ବ୍ୟାଙ୍କ୍‌ର ଏହି ପରିସ୍ଥିତି କେବେ ସୁଧୁରିବ ସେ ନେଇ କୌଣସି ସୂଚନା ଦିଆଯାଉ ନ ଥିବାରୁ ନିଜ ଜମା ଟଙ୍କା ହରାଇବା ଆଶଙ୍କାରେ ରହିଛନ୍ତି ନୂପୁର୍। ଠିକ୍ ସମୟରେ ଆୟ କର ଦେଇ ମଧ୍ୟ ନିଜ କଷ୍ଟ ଅର୍ଜିତ ଧନ ସେ କାହିଁକି ପାଇପାରୁନାହାନ୍ତି। ଏପରିକି ତାଙ୍କ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ମଧ୍ୟ ଅଚଳ ହୋଇପଡ଼ିଛି ଏବଂ ପିଏମ୍‌ସି ବ୍ୟାଙ୍କରେ ଆକାଉଣ୍ଟ ଥିବା ଯୋଗୁ ସେ ଋଣ ମଧ୍ୟ ପାଇପାରୁ ନ ଥିବା କହିଛନ୍ତି। ପ୍ରକାଶ ଯେ, ଗତ ସେପ୍ଟେମ୍ବରରୁ ଏହି ବ୍ୟାଙ୍କରେ ମାନ୍ଦାବସ୍ଥା ଚାଲିଛି।

## କେମିତି ରହିବ ଆଜିର ପାଗ



ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓ ଦକ୍ଷିଣ ଓଡ଼ିଶାର କେତେକ ଜିଲାରେ ବର୍ଷା ସହ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘୁଆ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୬ | ୨୨.୩ |
| ଚାନ୍ଦବାଲି | ୩୦.୨ | ୨୪.୦ |
| କଟକ | ୩୨.୦ | ୨୨.୫ |
| ପାରାଦ୍ୱୀପ | ୩୨.୦ | ୨୪.୯ |
| ଭୁବନେଶ୍ୱର | ୩୨.୦ | ୨୩.୫ |
| ଗୋପାଳପୁର | ୩୪.୧ | ୨୪.୧ |
| ପୁରୀ | ୨୮.୪ | ୨୪.୦ |
| ଅନୁଗୋଳ | ୩୧.୭ | ୧୯.୬ |
| ବାରିପଦା | ୨୬.୮ | -- |
| ଝାରସୁଗୁଡ଼ା | ୩୧.୯ | ୨୨.୭ |
| କେନ୍ଦୁଝର | ୨୯.୨ | ୨୨.୦ |
| ସମ୍ବଲପୁର | ୩୨.୦ | ୨୧.୬ |
| ସୁନ୍ଦରଗଡ଼ | ୨୭.୦ | ୧୭.୦ |
| ହୀରାକୁଦ | ୩୧.୦ | ୨୨.୨ |
| ତାଳଚେର | ୩୦.୩ | ୨୩.୬ |
| ଭବାନୀପାଟଣା | ୨୯.୫ | ୨୨.୬ |
| ବଲାଙ୍ଗୀର | ୩୧.୭ | ୨୩.୫ |
| କୋରାପୁଟ | ୨୮.୬ | ୧୮.୦ |
| ଫୁଲବାଣୀ | ୨୯.୨ | ୨୧.୩ |
| ଟିଟିଲାଗଡ଼ | ୩୧.୦ | ୨୦.୧ |
| ମାଲକାନଗିରି | ୩୫.୨ | -- |
| ସୋନପୁର | ୩୩.୨ | ୧୮.୬ |
| ଦାରିଙ୍ଗିବାଡ଼ି | ୨୭.୦ | ୧୬.୦ |

ଡିଗ୍ରୀ ସେଲ୍‌ସିୟସ୍

# ଚିନ୍ତା ବଢ଼ାଉଛି ମାନସିକ ସ୍ୱାସ୍ଥ୍ୟ ସମସ୍ୟା




ପ୍ରତିବର୍ଷ ୧୦ ଅକ୍ଟୋବରରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି। ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରଥମଥର ୧୯୯୨ରେ ଏହି ଦିବସ ପାଳନ କରାଯାଇଥିଲା। ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ ବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ୱାର୍ଲ୍ଡ ଫେଡେରେଶନ ଅଫ୍ ମେଣ୍ଟାଲ୍ ହେଲ୍‌ଥ( ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ମହାସଂଘ) ଦ୍ୱାରା ମାନସିକ ରୋଗ ପ୍ରତି ସଚେତନତା ସୃଷ୍ଟି ଓ ମାନସିକ ବିକୃତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ଏହି ଦିବସର ଉଦ୍ଦେଶ୍ୟ। ଏହି ଦିନ ପୂରା ବିଶ୍ୱରେ ବିଭିନ୍ନ ଦେଶର ସରକାର ତଥା ସାମାଜିକ ସଂଗଠନଗୁଡିକ ଦ୍ୱାରା ଲୋକମାନଙ୍କୁ ମାନସିକ ଚାପମୁକ୍ତ କରିବା ପାଇଁ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଏ। ୨୦୧୮ରେ ଏହି ଦିବସର ସ୍ଲୋଗାନ୍ 'ବିଶ୍ୱରେ ପରିବର୍ତ୍ତିତ ପରିସ୍ଥିତିରେ ବୟସ୍କ ଓ ମାନସିକ ସ୍ୱାସ୍ଥ୍ୟ' ବୋଲି ରଖାଯାଇଥିଲା । ୨୦୧୯ରେ ଏହି ଦିବସର ସ୍ଲୋଗାନ ରହିଛି'ଆତ୍ମହତ୍ୟା ରୋକିବା ଲାଗି ଧ୍ୟାନଦେବା'। ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସରେ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ରୋଗଗୁଡିକ ବିଷୟରେ ଲୋକମାନଙ୍କୁ ସଚେତନ କରାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ,ବିଶ୍ୱରେ ପାଖାପାଖି ୩୫୦ ମିଲିୟନରୁ ଅଧିକ ଲୋକ ମାନସିକ ବିଷାଦଗ୍ରସ୍ତ। ଏ କ୍ଷେତ୍ରରେ ପୁରୁଷମାନଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ବେଶି। ବିଷାଦ ଯୋଗୁ ପ୍ରତିବର୍ଷ ମାନସିକ ବିକାରଗ୍ରସ୍ତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏବେ ବିଶ୍ୱରେ ଆନୁମାନିକ ୪୫୦ ମିଲିୟନ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ରହିଛନ୍ତି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟରୁ ଜଣାପଡିଛି। ଭାରତରେ ପ୍ରାୟ ୧.୫ ମିଲିୟନ ବ୍ୟକ୍ତି ମାନସିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ। ଏମାନଙ୍କ ମଧ୍ୟରେ ଶିଶୁ ଓ କିଶୋର ବି ସାମିଲ ରହିଛନ୍ତି। ଆଧୁନିକ ତଥା ବ୍ୟସ୍ତ ଜୀବନଶୈଳୀ ଏବେ ଏହି ସମସ୍ୟାକୁ ଆହୁରି ଜଟିଳ କରିଦେଉଛି। ବିଷାଦ ଆତ୍ମହତ୍ୟାର ଏକ ପ୍ରମୁଖ କାରଣ ଭାବେ ଉଭା ହୋଇଛି। ଏଣୁ ଏହି ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବାର ଯଥାର୍ଥତା ରହିଛି। ମାନସିକ ରୋଗ ବ୍ୟକ୍ତିଙ୍କ ଭାବନା ଓ କାର୍ଯ୍ୟଶୈଳୀକୁ ପ୍ରଭାବିତ କରେ। ଏହି ରୋଗ ଏକାଗ୍ରତା,ସ୍ୱଭାବ,ସଂଯୋଜନା ଏବଂ କହିବା କ୍ଷମତାରେ ସମସ୍ୟା ଆଣିଥାଏ। ଏହାଦ୍ୱାରା ସେମାନଙ୍କୁ ଦୈନନ୍ଦିନ କାର୍ଯ୍ୟରେ ବି ସଂଘର୍ଷ କରିବାକୁ ପଡେ। ଏଣୁ ଏହି ସମସ୍ୟା ଏବେ ବିଶ୍ୱରେ ଚିନ୍ତା ବଢାଇ ଦେଇଛି ଓ ସବୁ ଦେଶ ପାଇଁ ବୋଝ ପାଲଟିଯାଇଛି। ଭାରତ ସରକାର ଏହି ସମସ୍ୟାକୁ ରୋକିବା ପାଇଁ ୧୯୮୨ରେ ରାଷ୍ଟ୍ରୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଏନ୍‌ଏମ୍‌ଏଚ୍‌ପି) ଆରମ୍ଭ କରିଛନ୍ତି।

## ସଂକ୍ଷେପରେ

### ରାବଣପୋଡ଼ି ବେଳେ ବାଣୁଆ ଗୁରୁତର

**ଦଶରଥପୁର,୯।୧୦(ଡିଏନ୍ଏ):** ଦଶରଥପୁର ବ୍ଲକ ଝୁମ୍ପୁରୀ ବଜାରରେ ଦଶହରା ଅବସରରେ ରାବଣ ପୋଡ଼ି ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ପ୍ରାୟ ୫ଜଣ ବାଣୁଆଙ୍କୁ ନେଇ ଏହି ରାବଣ ପୋଡ଼ି ଉତ୍ସବରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇଥିଲା। ବାଣୁଆମାନେ ବିଭିନ୍ନ ପ୍ରକାର ଆତସବାଜି ପ୍ରାୟ ୨ଘଣ୍ଟା ଧରି ଜାରି ରଖିଥିବାବେଳେ ପାଖାପାଖି ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଏହାକୁ ଉପଭୋଗ କରିଥିଲେ। ବାଣ ପ୍ରତିଯୋଗିତା ପରେ ରାବଣ ପୋଡ଼ି ଅନୁଷ୍ଠିତ ହୋଇଥିଲା। ଦୁର୍ଗାପୂଜା କମିଟି ସଭାପତି ଚନ୍ଦ୍ରକାନ୍ତ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ରାବଣ ପୋଡ଼ି ଉତ୍ସବରେ ମୁଖ୍ୟ ଅତିଥିଭାବେ ଯାଜପୁର ପୌର ପରିଷଦର ପୂର୍ବତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ, ସାମାଜିକ କର୍ମୀ  କେଦାର ନାରାୟଣ ପରିଡ଼ା, ଦଶରଥପୁର ସମିତି ସଭ୍ୟ ମହେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ରାବଣ ଦେହରେ ଅଗ୍ନିସଂଯୋଗ କରିଥିଲେ। ରାବଣ ଦେହରେ ଅଗ୍ନି ସଂଯୋଗ ପରେ ବାଣର ପ୍ରକୋପରେ ସାରା ଅଞ୍ଚଳ କମ୍ପି ଉଠିଥିଲା। ମାତ୍ର ରାବଣ ପୋଡ଼ି ଉତ୍ସବରେ ପ୍ରତିଯୋଗିତାରେ ସାମିଲ ହୋଇଥିବା ବାଣୁଆଙ୍କ ମଧ୍ୟରୁ ନୀଳାମ୍ବର ଦାସ ନାମକ ବାଣୁଆ ବାଣ ଫୁଟାଉଥିବାବେଳେ ତାଙ୍କ ହାତରେ ଏକ ବମ୍ ବିସ୍ଫୋରଣ ହେବାରୁ ବାମ ହାତ ପାପୁଲି ସହିତ ୫ଟି ଯାକ ଅଙ୍ଗୁଳି ଛିଡ଼ି ଯାଇଥିଲା। ତାଙ୍କୁ ତୁରନ୍ତ ଜିଲା ସଦର ମହକୁମା ଚିକିତ୍ସାଳୟକୁ ନିଆଯିବା ପରେ ସେଠାରୁ କଟକ ସ୍ଥାନାନ୍ତରିତ କରାଯାଇଛି।

### ଗଳ୍ପ କାଗଜ ଡଙ୍ଗା ଲୋକାର୍ପିତ

**ରସୁଲପୁର,୯।୧୦(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବିଜୟା ଦଶମୀ ଅବସରରେ ମଧ ତାରୁଣ୍ୟର ଗାଳ୍ପିକ ହରେକୃଷ୍ଣ ସାହୁଙ୍କ ଗଳ୍ପ ସଂକଳନ କାଗଜ ଡଙ୍ଗା ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ନିରାଡମ୍ବର ଉତ୍ସବରେ ଗବେଷକ ପ୍ରଫେସର ବିନୋଦ ବିହାରୀ ବିକ୍ରମ, କବି ପାଣ୍ଡବ ଦାସ, ପୁସ୍ତକ ପ୍ରକାଶନର ପ୍ରମୁଖ ତତ୍ତ୍ୱାବଧାରକ ସାହିତ୍ୟିକ ଡାକ୍ତର ରବିନାରାୟଣ ସେନାପତି, ଅଧ୍ୟାପକ ସିର୍ଦ୍ଧାତ ଶଙ୍କର ରଥ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ।

### କମେଣ୍ଟ ମରାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ: ୫ଆହତ

**ରସୁଲପୁର,୯।୧୦(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦାଠାରେ ସୋମବାର ସନ୍ଧ୍ୟାରେ କମେଣ୍ଟମରାକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଉକ୍ତ ଘଟଣାରେ ୫ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଏ ସଂପର୍କରେ ଧର୍ମଶାଳା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଛି।  ସ୍ଥାନୀୟ ମୁରବୀଙ୍କ ପକ୍ଷରୁ ମାମଲାକୁ ଆପୋଷ ସମାଧାନ ପାଇଁ ଉଦ୍ୟମ ଜାରି ରହିଥିବା ପୋଲିସ କହିଛି।

ମିଳିଥିବା ସୂଚନା ଅନୁସାରେ ବ୍ରହ୍ମବରଦା ପଞ୍ଚାୟତ ତାରିଣୀ ଛକସ୍ଥିତ ଦୁର୍ଗାମଣ୍ଡପ ନିକଟକୁ ଏହି ଅଞ୍ଚଳର ବରଦା ସାହିର ୨ଜଣ ଯୁବକ ଓ ବରୀ ବ୍ଲକ ଅନ୍ତର୍ଗତ ଗୋଲକୁଣ୍ଡ ପଞ୍ଚାୟତ ମେଣ୍ଢ ଗ୍ରାମର ଜଣେ ଯୁବକ ପୂଜା ସ୍ଥଳକୁ ବୁଲିବାକୁ ଆସିଥିଲେ। ସେମାନେ ସ୍ଥାନୀୟ ଛକର ଜନୈକ ଯୁବତୀଙ୍କୁ କମେଣ୍ଟ ମାରିବାରୁ ଛେନାପଦା ଗ୍ରାମର ଅରୁଣ ବେହେରା ଏହାକୁ ବିରୋଧ କରିଥିଲା। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଏହା ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଓ ଟେକାପଥର ମାଡ ହୋଇଥିଲା । ଏଥିରେ ଅରୁଣ, ତାଙ୍କ ଭାଇ ଦିଲୀପ ଓ ଅକ୍ଷୟ ଗୁରୁତର ହୋଇଛନ୍ତି। ଏଥିରେ କ୍ଷୁବ୍ଧ ହୋଇ ଅରୁଣ ଗୋଷ୍ଠୀ ପକ୍ଷରୁ ସେହି ବାଟ ଦେଇ ଯାଉଥିବା ବରଦା ସାହିର ପ୍ରଶାନ୍ତ ଦେଓ(୪୦)କୁ ମାଡମାରି ମୁଣ୍ଡ ଫଟାଇ ଦେଇଥିଲେ । ସେ ଏବେ ଚିକିତ୍ସାଧୀନ ଅଛନ୍ତି । ଉକ୍ତ ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଗଣ୍ଡଗୋଳ ପରବର୍ତ୍ତି ହିଂସାକୁ ଏଡାଇବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି।  ଆସନ୍ତା ୧୩ତାରିଖରେ ଶାନ୍ତି କମିଟି ଜରିଆରେ ଏହି ମାମଲାକୁ ଆପୋଷ ସମାଧାନ କରିବା ପାଇଁ ବୈଠକ ବସିବ ବୋଲି ଦିନ ଧାର୍ଯ୍ୟ କରାଯାଇଥିବା ଜଣାପଡ଼ିଛି।

## ■ ଖାଦ୍ୟ ସୁରକ୍ଷା ଯୋଜନା

# ବାଦ୍ ପଡ଼ିବେ ୧୦,୩୬୪ ହିତାଧିକାରୀ

**ଚଣ୍ଡିଖୋଲ,୯।୧୦(ଡି.ଏନ.ଏ)**

ଆଧାର ସଂଯୋଗୀକରଣ ପରେ ଏବେ ହିତାଧିକାରୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। କାହାର ଆଧାର କାର୍ଡ଼ ନ ଥିବାବେଳେ ଆଉ କାହାର ଆଧାର କାର୍ଡ଼ରେ ତ୍ରୁଟି ପରିଲକ୍ଷିତ ହେବା ଯୋଗୁ ସମସ୍ୟା ଜଟିଳ ହୋଇଛି। ବଡ଼ଚଣା ବ୍ଲକରେ କେନ୍ଦ୍ରୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧ଲକ୍ଷ ୬୯ ହଜାର ୬୯୫ ଜଣ ହିତାଧିକାରୀ ଅଛନ୍ତି। ଏଥିରୁ ୪୧ହଜାର ୨୫୫ଜଣ କେନ୍ଦ୍ରୀୟ ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଡ଼ ପାଇଥିବା ବେଳେ ୨୬ଶହ ୬୩ଜଣ କାର୍ଡ଼ଧାରୀ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଛନ୍ତି। ସେହିଭଳି ଅନ୍ତ୍ୟୋଦୟ ଯୋଜନାରେ ୫ହଜାର ୭୭୦ ଜଣ ଥିଲାବେଳେ ୨୯୯ ଜଣ ଅନ୍ନପୂର୍ଣ୍ଣା ଯୋଜନାରେ ଚାଉଳ ପାଉଛନ୍ତି। ମାତ୍ର ସରକାର ଆଧାର କାର୍ଡ଼କୁ ବାଧ୍ୟତାମୂଳକ କରିବା ପରେ ବର୍ତ୍ତମାନ ସୁଦ୍ଧା ୧୦ହଜାର ୩୬୪ଜଣ ହିତାଧିକାରୀଙ୍କ ଆଧାର କାର୍ଡ଼ ସଂଯୋଗ ହୋଇପାରି ନାହିଁ। ସେଥିପାଇଁ ଆସନ୍ତା ମାସରୁ ସମ୍ପୃକ୍ତ ହିତାଧିକାରୀମାନେ ଚାଉଳ କିମ୍ବା ଗହମ ପାଇପାରିବେ ନାହିଁ। ସବୁଠାରୁ ଦୁଃଖର ବିଷୟ ଯେ, ଯେଉଁମାନେ ଅତ୍ୟନ୍ତ ଗରିବ, ସେମାନଙ୍କୁ ଅନ୍ନପୂର୍ଣ୍ଣା ଯୋଜନାରେ ୧୦କିଲୋ ମାଗଣା ଚାଉଳ ଦିଆଯାଇଥାଏ। ତେବେ ବଡ଼ଚଣା ବ୍ଲକର ୪୩ଟି ପଞ୍ଚାୟତରେ ୨୯୯ଜଣ ଅତ୍ୟନ୍ତ ଗରିବ ଲୋକ ଏହି ଯୋଜନାରେ ଉପକୃତ ହେଉଥିଲେ। ଅକ୍ଟୋବର ୯ ସୁଦ୍ଧା ଅର୍ଣ୍ଣପୂର୍ଣ୍ଣା ଯୋଜନାରେ ପାଉଥିବା ହିତାଧିକାରୀଙ୍କ ତାଲିକା ଆସିନାହିଁ। ଯେଉଁଥି ପାଇଁ ଆଗାମୀ ଦିନରେ ଏହି ଯୋଜନାର ଅନ୍ତର୍ଭୁକ୍ତ ଅତ୍ୟନ୍ତ ଗରିବ ହିତାଧିକାରୀ ବଞ୍ଚିତ ହୋଇଯିବେ। ବହୁ ବୟସ୍କ ବ୍ୟକ୍ତି ଅଥବା ୭୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କର ଆଧାରକାର୍ଡ଼ ହୋଇପାରୁ ନାହିଁ। କାରଣ ସେମାନଙ୍କ ଟିପ ଚିହ୍ନର ରେଖା ଅସ୍ୱଷ୍ଟ ରହୁଛି। ସେଥିପାଇଁ ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ ହେଉଥିବା ବୃଦ୍ଧାବୃଦ୍ଧମାନେ ଆଧାରକାର୍ଡ଼ ଦେଇପାରି ନ ଥିବା ଜଣାପଡ଼ିଛି। ଏହା ସହ କେତେଜଣ ବ୍ୟକ୍ତିଙ୍କର ଅନ୍ୟ ବ୍ଲକ୍‌ରେ ଆଧାର ସଂଯୋଗ ହୋଇଥିବା ହେତୁ ସେମାନଙ୍କ ଆଧାର ଚଢିପାରୁ ନାହିଁ। ଏଭଳି ବିଭିନ୍ନ କାରଣ ନେଇ ୧ଲକ୍ଷ ୬୯ହଜାର ୬୯୫ ହିତାଧିକାରୀଙ୍କ ମଧ୍ୟରୁ ୧୦ହଜାର ୩୬୪ ହିତାଧିକାରୀ ବାଦ ପଡ଼ିଯିବେ। ବଡ଼ଚଣା ବ୍ଲକରେ ପ୍ରତେକ ମାସରେ ୭ହଜାର ୪ଶହ୩୯ କୁଇଣ୍ଟାଲ ଚାଉଳର ଆବଶ୍ୟକତା ଥିବାବେଳେ ୨ଲକ୍ଷ ୭ହଜାର ୪୭୨ କୁଇଣ୍ଟାଲ ଗହମ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥାଏ। ତେବେ ଯଦି ୧୦ହଜାର ୩୬୪ ହିତାଧିକାରୀ ଏଥିରୁ ବଞ୍ଚିତ ହୁଅନ୍ତି ସେତିକି ପରିମାଣର ଚାଉଳ ଓ ଗହମ କମ୍ ଆସିବ ବୋଲି ଜଣାପଡ଼ିଛି। ଆଧାର ସଂଯୋଗ ଯୋଗୁ ଅନ୍ନପୂର୍ଣ୍ଣା ଯୋଜନାରେ ଚାଉଳ ପାଇବାକୁ ଥିବା ବ୍ୟକ୍ତିମାନେ ଆସନ୍ତା ମାସରୁ ଚାଉଳ ନ ପାଇବା ନେଇ ଆଶଙ୍କା ଦେଖାଦେଇଛି। ଯେଉଁଥି ପାଇଁ ଏହି ଗରିବ ହିତାଧିକାରୀମାନେ ସମ୍ପୂର୍ଣ୍ଣ ବଞ୍ଚିତ ହୋଇପଡ଼ିବେ। ଏ ସମ୍ପର୍କରେ ଯୋଗାଣ ଅଧିକାରୀ ବିଶ୍ୱଜିତ୍ ମିଶ୍ରଙ୍କୁ ପଚାରିବାରେ, ଯେଉଁ ବୃଦ୍ଧାବୃଦ୍ଧଙ୍କ ଆଧାର ସଂଯୋଗ ନ ହୋଇପାରୁଛି ସେମାନଙ୍କ ପାଇଁ ସରକାର ବିକଳ୍ପ ବ୍ୟବସ୍ଥା ବାହାର କରିଛନ୍ତି। ଖୁବ୍ ଶୀଘ୍ର ତାହା କାର୍ଯ୍ୟକାରୀ ହେବ। ଯେଉଁମାନେ ଆଧାର ସଂଯୋଗ ନ କରିବେ ସେମାନେ ଏସବୁ ଯୋଜନାରୁ ବଞ୍ଚିତ ହେବେ ବୋଲି କହିଛନ୍ତି।

## ବିରଜା ମହୋତ୍ସବ ଉଦ୍‌ଯାପିତ



ମହୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

**ଯାଜପୁର ଟାଉନ,୯।୧୦(ଡିଏନଏ)**

ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମହାଷ୍ଟମୀ ଅବସରରେ ମା' ଟିଭି ପକ୍ଷରୁ ବିରଜା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ଖବରଦାତା ତଥା ଓଡ଼ିଶା ସାମ୍ବାଦିକ ୟୁନିଅନର ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କୁ ବିରଜାଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ଏହି ଉତ୍ସବରେ ଅଧ୍ୟାପିକା ବିନ୍ଦୁରେଖା ମହାପାତ୍ରଙ୍କୁ ତାଙ୍କ ଦ୍ୱାରା ରଚିତ ଭାଗବତ, କୁସୁମାରାଣୀ ଓ ଅପରାହ୍ନର ନାୟକ ପୁସ୍ତକ ନିମନ୍ତେ ବିରଜା ସେବାଶ୍ରୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ତଥା ବିରଜା ସେବା ସମିତି ସଭାପତି ବିଶ୍ୱମ୍ଭର ମିଶ୍ର, ମା' ଟିଭିର ଉପଦେଷ୍ଟା ତଥା ବିରଜା ସଂସ୍କୃତି ପ୍ରଚାର ସମିତିର ସଭାପତି ପଣ୍ଡିତ ଭୂପତି ଭୂଷଣ ମିଶ୍ର, ବୈତରଣୀ କୁମ୍ଭମେଳା ସମିତି ସମ୍ପାଦକ ଆଇନଜୀବୀ ବିବେକାନନ୍ଦ ମହାନ୍ତି, ପ୍ରାଧ୍ୟାପକ ବଟକୃଷ୍ଣ ମହାପାତ୍ର, ପ୍ରେସ କ୍ଲବ ସଭାପତି ରାଜୀବ ମହାନ୍ତି, ପ୍ରଶାସକ ଅନୁପ କୁମାର ବେହେରା, ତହସିଲଦାର ସୁନୀଲ କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଓ ବିରଜା ସେବା ସମିତି ସଭାପତି ବିଶ୍ୱମ୍ଭର ମିଶ୍ର ବରିଷ୍ଠ ଖବରଦାତା ମହାନ୍ତିଙ୍କୁ ବିରଜା ଶ୍ରୀ ସମ୍ମାନରେ ସମ୍ମାନିତ କରିବା ସହ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମା' ଟିଭିର ନିର୍ଦ୍ଦେଶକ ତଥା ଜିଲା ଖବରଦାତା ସଂଘ ସଭାପତି ପ୍ରଭାତ କୁମାର ରାଉତରାୟ ଉପସ୍ଥିତ ଥିଲେ।

## ■ ସ୍କୁଟି ଡିକିରୁ ୧ଲକ୍ଷ ଟଙ୍କା ଲୁଟି ନେବା ଘଟଣା

# ୪ ମାସ ପରେ ଧରାପଡ଼ିଲେ ୨ ଲୁଟେରା

**ଦଶରଥପୁର,୯।୧୦(ଡିଏନ୍ଏ)**



ଗିରଫ ଦୁଇ ଲୁଟେରା।

ମଙ୍ଗଳପୁର ପୋଲିସ ବାହାର ଜିଲାର ୨ଜଣ ଲୁଟେରାଙ୍କୁ ବୁଧବାର ଗିରଫ କରି ଥାନାରେ ଅଟକ ରଖିଥିବା ଜଣାଯାଇଛି। ଗିରଫ ୨ ଲୁଟେରା ମଙ୍ଗଳପୁର ବଜାରରେ ଥିବା ଚନ୍ଦ୍ରିକା ମେଡିସିନ୍ ଷ୍ଟୋର ସମ୍ମୁଖରୁ ମେ ୨୨ ତାରିଖ ଏକ ସ୍କୁଟିର ସିଟ୍ ଲକ୍ ଖୋଲି ଡିକିରୁ ୧ଲକ୍ଷ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ତେବେ ଡିକିଭାଙ୍ଗି ଲୁଟ୍ କରୁଥିବା ସମୟରେ ଲୁଟେରାଙ୍କ ଫଟୋ ମେଡିସିନ୍ ଷ୍ଟୋର ନିକଟରେ ଲାଗିଥିବା ସିସି ଟିଭିରେ କଏଦ ହୋଇଯାଇଥିଲା। ଏହାପରେ ଦୀର୍ଘ ୪ମାସ ପରେ ପୋଲିସ ଲୁଟେରା ଦ୍ୱୟଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ଗିରଫ ଲୁଟେରା ଦ୍ୱୟ ବ୍ରହ୍ମପୁରର ହୋଇଥିବାବେଳେ ସେମାନଙ୍କ ନିକଟରୁ ପୋଲିସ ଏକ ବାଇକ୍, ନଗଦ ୨୦ ହଜାର ଟଙ୍କା, ନିଶା ଦ୍ରବ୍ୟ, ମୋବାଇଲ୍ ସେଟ୍ ଜବତ କରିଛି। ସ୍ଥାନୀୟ ଅଞ୍ଚଳର ଜଣେ କିମ୍ବା ଦୁଇଜଣ ଏହି ଲୁଟେରାଙ୍କ ସହ ସାମିଲ ଥିବା ପୋଲିସ ଅନୁମାନ କରିଛି। ସୂଚନା ଥାଉକି, ଶୁଶୁଆ ପଞ୍ଚାୟତ ଇଶ୍ୱରପୁର ଗ୍ରାମର ଲୋକନାଥ ପଣ୍ଡାଙ୍କ ଝିଅ ବାହାଘର ଥିବାରୁ ତାଙ୍କ ସ୍ତ୍ରୀ ବାସନ୍ତୀଲତା ଓ ପୁଅ ରବୀନ୍ଦ୍ର ମଙ୍ଗଳପୁର ବଜାରରେ ଥିବା ଆହ୍ଲାହାବାଦ ବ୍ୟାଙ୍କରୁ ୧ଲକ୍ଷ ଟଙ୍କା ଉଠାଇ ଥିଲେ। ଏହାପରେ ମା'ଙ୍କୁ ଛାଡ଼ି ରବୀନ୍ଦ୍ର ମଙ୍ଗଳପୁର ବଜାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ଚନ୍ଦ୍ରିକା ମେଡିସିନ୍ ଷ୍ଟୋର ସମ୍ମୁଖରେ ସ୍କୁଟି ଥୋଇ ଷ୍ଟୋର ମାଲିକଙ୍କୁ ନିମନ୍ତ୍ରଣ ପତ୍ର ଦେବାକୁ ଯାଇଥିବାବେଳେ ଲୁଟେରାମାନେ ସ୍କୁଟି ଡିକିରୁ ଟଙ୍କା ଲୁଟି ନେଇଥିଲେ। ଏହା ନିକଟସ୍ଥ ସିସିଟିଭିରେ କଏଦ ହୋଇଯାଇଥିଲାବେଳେ ତାହାକୁ ଚନ୍ଦ୍ରିକା ମେଡିସିନ୍‌ର ଜଣେ କର୍ମଚାରୀ ଦେଖିଥିଲେ। ଉକ୍ତ କର୍ମଚାରୀ ବୁଧବାର ସମ୍ପୃକ୍ତ ଲୁଟେରା ଦ୍ୱୟଙ୍କୁ ବଜାରରେ ଥିବା ଷ୍ଟେଟ୍ ବ୍ୟାଙ୍କରେ ପୁଣି ଥରେ ଦେଖି ସନ୍ଦେହରେ ଥାନାକୁ ଫୋନ୍ କରିଥିଲେ। ଏହାପରେ ଆଇଆଇସି ଅସିତ୍ ରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ହରିଶ ସିଂ ଓ ଦୁଇ ପୋଲିସ୍ କର୍ମଚାରୀ କୌଶଳକ୍ରମେ ଉଭୟ ଲୁଟେରାଙ୍କୁ କାବୁ କରିଥିଲେ। ତେବେ ଏହି ଲୁଟେରାଙ୍କ ସମ୍ପର୍କରେ ପୋଲିସ ଅଧିକ କିଛି ତଥ୍ୟ ଦେଇ ନ ଥିବାବେଳେ ତଦନ୍ତ ଜାରି ରହିଥିବା କହିଛନ୍ତି।

## ଗ୍ୟାରେଜରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

**କୋରେଇ,୯।୧୦(ସ୍ୱ.ପ୍ର)**

ପାଣିକୋଇଲି ଥାନା ଶର୍ମା ପେଟ୍ରୋଲ ପମ୍ପ ନିକଟସ୍ଥ ଏକ ଗ୍ୟାରେଜରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପାଣିକୋଇଲି ଅଞ୍ଚଳର ଶେଖ ଚନ୍ଦାଙ୍କର ୧୬ ନମ୍ବର ଜାତୀୟ ରାଜପଥ ନିକଟରେ ଅରମାନ ଇଲେକ୍ଟ୍ରିକାଲସ ନାମରେ ଏକ ଗ୍ୟାରେଜ ରହିଛି। ଦୁର୍ବୃତ୍ତମାନେ ଉକ୍ତ ଗ୍ୟାରେଜ ତାଲା କାଟି କାମ ହେବା ଲାଗି ଥିବା ଗୋଟିଏ ଇଞ୍ଜିନ, ଗିୟର ବକ୍ସ, ୧୯ଟି ବ୍ୟାଟେରି, ୩ କାର ମ୍ୟୁଜିକ ସିଷ୍ଟମ ସମେତ କ୍ୟାସ ବାକ୍ସରେ ଥିବା ନଗଦ ୪୫ହଜାର ଟଙ୍କା ଚୋରି କରି ନେଇଛନ୍ତି। ଗ୍ୟାରେଜରେ ଲାଗିଥିବା ସିସିଟିଭି ରେକର୍ଡର ଓ ସିପିୟୁକୁ ମଧ୍ୟ ନେଇ ଯାଇଛନ୍ତି। ବୁଧବାର ମେକାନିକ ଗ୍ୟାରେଜ ଖୋଲି ଘଟଣା ବାବଦରେ ମାଲିକଙ୍କୁ ଖବର ଦେବା ପରେ ସେ ପାଣିକୋଇଲି ଥାନାରେ ଏତଲା ଦେଇଥିଲେ। ଏ ସଂକ୍ରାନ୍ତରେ ପାଣିକୋଇଲି ପୋଲିସ ଏକ ମାମଲା ରୁଜୁ କରିଛି। ଫିଙ୍ଗରପ୍ରିଣ୍ଟ ଏକ୍ସପର୍ଟଙ୍କୁ ତଦନ୍ତରେ ସହଯୋଗ କରିବା ଲାଗି ଚିଠି ଲେଖାଯାଇଥିଲେ ମଧ୍ୟ ସେମାନେ ଆସି ନ ଥିବାରୁ ପୋଲିସର କାର୍ଯ୍ୟଶୈଳୀ ପ୍ରତି ଅସନ୍ତୋଷ ଦେଖାଦେଇଛି। ଗୁରୁବାର ବିଶ୍ୱକର୍ମା ଆସୋସିଏଶନ ସଭାପତି କୈଳାସ ଚନ୍ଦ୍ର ବିଶ୍ୱାଳ ଓ ସମ୍ପାଦକ ଶେଖାଓତ ଅଲ୍ଲୀଙ୍କ ନେତୃତ୍ୱରେ ଶତାଧିକ ଗ୍ୟାରେଜ ମାଲିକ ଓ କର୍ମଚାରୀ ତଦନ୍ତରେ ଶିଥିଳତାକୁ ନେଇ ଥାନା ଘେରାଉ କରିବା ପରେ ଥାନାଧିକାରୀ ଅଜୟ କୁମାର ଜେନା ବହୁଶୀଘ୍ର ଚୋରଙ୍କୁ ଧରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ।

## ଦଶହରାରେ ଗାଡ଼ି ଯାଞ୍ଚ ମହଙ୍ଗା ପଡ଼ିଲା

# ଟେକା ମାଡ଼ରେ ଟ୍ରାଫିକ ଥାନାଧିକାରିଣୀଙ୍କ ମୁଣ୍ଡ ଫାଟିଲା

**ଚଣ୍ଡିଖୋଲ, ୯।୧୦(ଡି.ଏନ.ଏ)**

**ସନ୍ଦେହରେ ୨ ଅଟକ**

ଦୁର୍ଗାମଣ୍ଡପ ବୁଲିବାକୁ ଯାଉଥିବା ଲୋକଙ୍କ ଗାଡ଼ି ଯାଞ୍ଚ କରିବା ଯୋଗୁ ଜଣେ ଟ୍ରାଫିକ ଥାନାର ମହିଳା ଅଧିକାରୀଙ୍କୁ ମହଙ୍ଗା ପଡ଼ିଛି। ଗାଡ଼ି ଯାଞ୍ଚବେଳେ କେହି ଦୁର୍ବୃତ୍ତ ତାଙ୍କ ଉପରକୁ ଟେକା ମାଡ଼ କରିବାରୁ ମହିଳା ଅଧିକାରୀଙ୍କ ମୁଣ୍ଡ ଫାଟି ଯାଇଥିବା ଜଣାପଡ଼ିଛି। ଏଭଳି ଘଟଣା ଘଟିଛି ଯାଜପୁର ଜିଲା ଚଣ୍ଡିଖୋଲଠାରେ। ବଡ଼ଚଣା ପୋଲିସ ଏହି ଘଟଣାରେ ଏକ ମାମଲା(ନଂ. ୨୨୮/୧୯) ରୁଜୁ କରି ୨ ଜଣଙ୍କୁ ଅଟକ ରଖି ପଚରା ଉଚରା କରୁଛି।

ପ୍ରକାଶ ଯେ, ମଙ୍ଗଳବାର ଦଶହରା ଥିଲା। ଏହି ଅବସରରେ ଚଣ୍ଡିଖୋଲ ଛକସ୍ଥିତ ଦୁର୍ଗା ମଣ୍ଡପକୁ ମା'ଙ୍କୁ ଦର୍ଶନ କରିବା ପାଇଁ ବହୁ ସଂଖ୍ୟାରେ ଭକ୍ତ ଯାଉଥିଲେ। ୧୬ନଂ. ଜାତୀୟ ରାଜପଥ କଡ଼ରେ ଥିବା ଏକ ବାଇପାସ ରାସ୍ତାରେ ଯାତ୍ରୀମାନେ ମା'ଙ୍କୁ ଦର୍ଶନ କରିବାକୁ ଯାଇଥାନ୍ତି। ଉକ୍ତ ରାସ୍ତାରେ ଚଣ୍ଡିଖୋଲ ଟ୍ରାଫିକ ଥାନା ଅଧିକାରିଣୀ ବିଜୟିନୀ ମଲ୍ଲ ଗାଡ଼ି ଅଟକାଇ ଯାଞ୍ଚ କରିବା ସହିତ ଜରିମାନା ଆଦାୟ କରୁଥିଲେ। ଏଣୁ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସେଥିପାଇଁ କେତେଜଣ ମୁରବି ସ୍ଥାନୀୟ ଲୋକେ ଏହି ଗୋଟିଏ ରାସ୍ତା ଦେଇ ମା'ଙ୍କ ଦର୍ଶନ କରିବାକୁ ଯାଉଥିବାରୁ ଉକ୍ତ ରାସ୍ତାରେ ତନଖି କରିବାକୁ ବାରଣ କରିଥିଲେ। ମାତ୍ର ସେମାନଙ୍କ ଅନୁରୋଧକୁ ଥାନାଧିକାରିଣୀ ଅଗ୍ରାହ୍ୟ କରିଦେଇଥିଲେ। ଏଥିସହ ଉକ୍ତ ରାସ୍ତାରେ ଦୁଇଟି ବିଦେଶୀ ମଦ ଦୋକାନ ରହିଛି। ତନଖି ହେଉଥିବାରୁ ମଦ ଦୋକାନ ଗ୍ରାହକମାନେ ସେହି ରାସ୍ତା ଦେଇ ଯାଇପାରି ନ ଥିଲେ। ଫଳରେ ରାତି ୯ଟା ପରେ କେହି ଟେକା ମାଡ଼ କରିଥିଲେ। ପୋଲିସ ଗାଡ଼ି ଉପରେ ପ୍ରଥମେ ପଡ଼ିଥିଲା। ଏହାର କିଛି ସମୟ ପରେ ପୁଣିଥରେ ଏକ ଟେକା ଥାନା ଅଧିକାରିଣୀଙ୍କ ମୁଣ୍ଡରେ ବାଜିଥିଲା, ଯେଉଁଥିରେ ସେ ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କ ମୁଣ୍ଡରେ ୬ଟି ଷ୍ଟିଜ ପଡ଼ିଥିବା ଜଣାପଡ଼ିଛି। ଏ ନେଇ ଟ୍ରାଫିକ ଥାନା ଗାଡ଼ିର ଡ୍ରାଇଭର ବଡ଼ଚଣା ଥାନାରେ ଏକ ଏତଲା ଦେବା ପରେ ପୋଲିସ ତଦନ୍ତ ଚଳାଇଛି।

# ୯ ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା

**ଧର୍ମଶାଳା,୯।୧୦(ଡି.ଏନ୍.ଏ.)**

ଧର୍ମଶାଳା ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ବୁଧବାର ୯ ପଞ୍ଚାୟତରେ  ଜନସମ୍ପର୍କ ପଦଯାତ୍ରା କରିଛନ୍ତି। ଏହି ଅବସରରେ ବିଧାୟକ ଦଳୀୟ ସଂଗଠନକୁ ମଜଭୁତ କରିବାକୁ କର୍ମୀମାନଙ୍କୁ କହିଥିଲେ। ପଦଯାତ୍ରାରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲା ସମ୍ପାଦକ ପ୍ରିୟନାଥ ମହାପାତ୍ର, ଜଳଧର ମହାନ୍ତି, ଜଳଧର ସାହୁ, ନିରଞ୍ଜନ ବଳ, ପ୍ରସନ୍ନ ରାଉତ, ନିରଞ୍ଜନ ରାଉତ, ରେଣୁବାଳା ଶତପଥୀ, ରାଜଶ୍ରୀ ଦାଶ, ଝୁନୁବାଳା ଦାସ, ନିର୍ମଳ ଚନ୍ଦ୍ର ପ୍ରଧାନ, ପ୍ରତାପ ପ୍ରଧାନ, ଇନ୍ଦ୍ରମଣି ନାୟକ, ପୂର୍ଣ୍ଣଚନ୍ଦ୍ର ଶତପଥୀ, କଳ୍ପତରୁ ସାହୁ, ନଟବର ସାହୁ ଯୋଗଦେଇଥିଲେ। ଏଥିସହ ୧୩ ଜୋନର ସମସ୍ତ ସରପଞ୍ଚ, ସମିତିସଭ୍ୟାସଭ୍ୟ, କର୍ମୀ, ୯ଟିପଞ୍ଚାୟତର ସମସ୍ତ ସଂଯୋଜକ ଅଂଶ ଗ୍ରହଣ କରିଥିବା ମିଡିଆ ସେଲର ଅଧ୍ୟକ୍ଷ ସଂଗ୍ରାମ କେଶରୀ ଜେନା ସୂଚନା ଦେଇଛନ୍ତି। ଏହି ଜୋନ୍‌ର ଆରୁହା ଗ୍ରାମ ପଞ୍ଚାୟତ ତରଞ୍ଜିଆ, ଥାନୁଆଳ, ଗଙ୍ଗାଧରପୁର, କୁମାରୀ, ନେଉଳପୁର, କ୍ଷେତ୍ରପାଳ, ହରିଦାସ ପୁର ପଞ୍ଚାୟତଗୁଡିକରେ ଜନସମ୍ପର୍କ ପଦଯାତ୍ରା ହୋଇଥିଲା।

# ସାହିତ୍ୟ ସମାଜର ୩୦ତମ ବାର୍ଷିକ ଉତ୍ସବ

**ଧର୍ମଶାଳା,୯।୧୦(ଡି.ଏନ୍.ଏ.)**

ଧର୍ମଶାଳା ସାହିତ୍ୟ ସମାଜର ୩୦ତମ ବାର୍ଷିକ ଉତ୍ସବ, ସମ୍ବର୍ଦ୍ଧନା ପର୍ବ ଓ ପୁସ୍ତକ ଉନ୍ମୋଚନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜାରକାସ୍ଥିତ ସିଭିକ ସେଣ୍ଟରରେ ସଭାପତି ଜଗନ୍ନାଥ ଜେନାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ପୂର୍ବତନ ବିଧାୟକ ରବି ଲାବଣ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରି ଓଡ଼ିଶାରେ ସାହିତ୍ୟ ପତ୍ରିକା ସହ ସାହିତ୍ୟିକ ସୃଷ୍ଟି କରିବାରେ ଧର୍ମଶାଳା ପ୍ରମୁଖ ସ୍ଥାନ ଅଧିକାର କରିଛି ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ବାଉରିବନ୍ଧୁ କର, ମୁଖ୍ୟ ବକ୍ତାଭାବେ ଅଜାମ୍ବର ମଲ୍ଲ ଯୋଗଦେଇ ସାହିତ୍ୟ ସୃଷ୍ଟି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପାର୍ବଣ ବିଶେଷାଙ୍କ ''ଗଙ୍ଗଶିଉଳି'',ଜଗନ୍ନାଥ ଜେନାଙ୍କ ''ଏମିତି ସମ୍ପର୍କ ଇଏ'' ଯୋଗେନ୍ଦ୍ରନାଥ ସାହୁଙ୍କ ''ପୁଣ୍ୟ ପରାଗ'' ନିର୍ମଳ ରାଉତଙ୍କ '' କେତେ କଥା କେତେ ବ୍ୟଥା'' ଗୋଲଖ ପଲେଇଙ୍କ '' ସେବା ଫୁଲ'' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପତ୍ରିକା ଗଙ୍ଗଶିଉଳି ଉପରେ ଅର୍ଜୁନ ପୃଷ୍ଟି ଓ ଯୁଧିଷ୍ଠିର ସ୍ୱାଇଁ ସୂଚନା ପ୍ରଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସାହିତ୍ୟିକ ଶ୍ରୀହରି ଧଳ, ଶିଶୁ ସାହିତ୍ୟିକ ଦିଗରାଜ ବ୍ରହ୍ମା,  ଯାତ୍ରା ନିର୍ଦ୍ଦେଶକ ହରେକୃଷ୍ଣ ସାମନ୍ତ, ଚିତ୍ରଶିଳ୍ପୀ ସରୋଜ ବଳଙ୍କୁ ମାନପତ୍ର ସହ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ମାନପତ୍ରଗୁଡ଼ିକୁ ଯଥାକ୍ରମେ ସସ୍ମିତା ଦାଶ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ସବିତା ମିଶ୍ର ପାଠ କରିଥିଲେ। ମନୋରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ, ପ୍ରଶାନ୍ତ କୁମାର ସ୍ୱାଇଁ ବିବରଣୀ ପାଠ ଓ କାହ୍ନୁ ଚରଣ ଦାଶ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଗଙ୍ଗଶିଉଳି ପତ୍ରିକା ସମ୍ପର୍କରେ ଗ୍ରନ୍ଥକାର ନବଘନ ଜେନା ବକ୍ତବ୍ୟ ପ୍ରଦାନ କରିଥିଲେ । କୁନି କଳାକାର ସାଇକୃପା ଓ ଋତୁପର୍ଣ୍ଣା ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ପ୍ରାଧ୍ୟାପିକ ରାଧାଶ୍ୟାମ ସାହୁ ଅତିଥି ଭାବେ ଯୋଗଦେଇଥିଲେ। କବିତାଗୁଡ଼ିକୁ ଅର୍ଜୁନ ପୃଷ୍ଟି, ସବିତା ମିଶ୍ର ସଂଯୋଜନା କରିଥିଲେ। ଶେଷରେ ଯୁଗଳ କିଶୋର ଦାସ ଧନ୍ୟବାଦ ଦେଇଥିଲେ।

## ■ ୭ ଦିନରେ ଆମରଣ ଅନଶନ

# ଅସୁସ୍ଥ ହେବାରେ ଲାଗିଛନ୍ତି କର୍ମଚାରୀ

**କାଳିଆପାଣି,୯।୧୦(ଡି.ଏନ୍.ଏ.)**



■ଧାରଣାସ୍ଥଳକୁ ଆସୁନାହାନ୍ତି କର୍ତ୍ତୃପକ୍ଷ

■ସ୍ପଷ୍ଟୀକରଣ ରଖିଲା କମ୍ପାନୀ

ସୁକିନ୍ଦା ଟାଟା ଖଣି ମୁଖ୍ୟ ଫାଟକ ସମ୍ମୁଖରେ କାର୍ଯ୍ୟରତ କର୍ମଚାରୀ ଏବଂ ଛଟେଇ ଶ୍ରମିକଙ୍କ ଅନଶନ ବୁଧବାର ୭ମ ଦିନରେ ପହଞ୍ଚିଛି। ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ ହୋଇଥିବା ଅନଶନରେ ଇତିମଧ୍ୟରେ ୪ ଜଣ ଅସୁସ୍ଥ ହୋଇ ଟାଟା ଡାକ୍ତରଖାନାରେ ଚିକିତ୍ସାଧୀନ ରହିଛନ୍ତି। ହେଲେ ଠିକାସଂସ୍ଥା କର୍ମଚାରୀ କି କାରଖାନା କର୍ତ୍ତୃପକ୍ଷ ଧାରଣାସ୍ଥଳକୁ ନ ଆସିବା ନେଇ ଅସନ୍ତୋଷ ବଢିବାରେ ଲାଗିଛି। ଏ ନେଇ ଆଗାମୀ ଦିନରେ ଅନଶନକାରୀମାନେ ଆସିଷ୍ଟାଣ୍ଟ ଲେବର କମିଶନ (ଏଏଲ୍‌ସି)ଙ୍କ ସହ ଆଲୋଚନା କରି ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି ।

ଦୀର୍ଘ ୩୫ ବର୍ଷ ହେବ କମ୍ପାନୀରେ ଶ୍ରମିକମାନେ ଠିକାସଂସ୍ଥା ଅଧୀନରେ କାର୍ଯ୍ୟ କରିଆସୁଥିଲେ। କିନ୍ତୁ ଗତମାସରୁ ସଂସ୍ଥା ପକ୍ଷରୁ ଲୁକ୍‌ଆଉଟ ନୋଟିସ ଜାରି କରାଯାଇଛି। ଏକ ମାସ ହେବ କର୍ମଚାରୀଙ୍କର ବକେୟା ପ୍ରାପ୍ୟ କମ୍ପାନୀ ଦେଇ ନ ଥିବା ବେଳେ ସରକାରୀ ନିୟମ ମୁତବାକ ୪୫ ଦିନର ଫାଇନାଲ ନେବାକୁ କର୍ମଚାରୀମାନେ କମ୍ପାନୀ ନିକଟରେ ଦାବି କରିଛନ୍ତି। ହେଲେ ନିୟମକୁ ବେଖାତିର କରି ନିଜ ଇଚ୍ଛାମୁତାବକ କର୍ମଚାରୀଙ୍କୁ ବର୍ଷକୁ ୧୫ ଦିନର ଅର୍ଥ ଦେବାକୁ କମ୍ପାନୀ ପକ୍ଷରୁ କୁହାଯାଇଥିଲା। ଏହାକୁନେଇ ଶ୍ରମିକମାନେ ଧାରଣା ଦେଇଥିଲେ। ଏହାପରେ ଗତ ୬ ତାରିଖରେ ଠିକାଦାର ରହିଥିବା କିଛି ବକେୟା ପାଉଣାକୁ ରିଲିଜ କରି ବାକିଥିବା ଅଗଷ୍ଟ ମାସ ଦରମା ଦେଇଦେଇଥିବା ଜଣାପଡ଼ିଛି। କିନ୍ତୁ ଫାଇନାଲ ବିଲ୍ ପ୍ରଦାନକୁ ନେଇ କର୍ମଚାରୀମାନେ ଧାରଣା ଜାରି ରଖିଛନ୍ତି। ଅଟୋଓ୍ୱାଲ କମ୍ପାନୀ ସମାଧାନ ସୂତ୍ର ବାହାର କରିବା ବଦଳରେ ଦିନ ଗଡାଇବାରେ ଲାଗିଛି। ଫଳରେ କର୍ମଚାରୀମାନେ ଧାରଣାରେ ବସି ଅସୁସ୍ଥ ହୋଇ ମେଡିକାଲରେ ଭର୍ତ୍ତି ହେଉଛନ୍ତି। ଗତ ସୋମବାର ବିଜୟ କୁମାର ଚହ୍ୱାନ, ସୁନାରାମ ହେମ୍ବ୍ରମ ଓ ମଙ୍ଗଳବାର ଗୌତମ ବିଶ୍ୱାସ, ସମ୍ଭୁନାଥ ମହାନ୍ତ ପ୍ରମୁଖ ୪ ଜଣ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ପବିତ୍ର ମହାନ୍ତ, ଅଜିତ ସିଂ, କୁନାଲ ରାଉତ, ଅଜୟ ନାୟକ, ମନୋରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ କର୍ମଚାରୀମାନେ ଧାରଣାରେ ବସିଥିବାବେଳେ ଏ ନେଇ ଟାଟା କମ୍ପାନୀ କର୍ପୋରେଟ କମ୍ୟୁନିକେଶନ ମୁଖ୍ୟ କୁଲଭିନ ସୋରୀଙ୍କ ପକ୍ଷରୁ ଏକ ଲିଖିତ ସ୍ପଷ୍ଟୀକରଣ କରାଯାଇଛ, ଯେଉଁଥିରେ ଟାଟା କମ୍ପାନୀରେ ଅଟୋଓ୍ୱାଲ ଠିକା ସଂସ୍ଥାଭାବେ କାର୍ଯ୍ୟ କରୁଥିବାବେଳ ଠିକାସଂସ୍ଥା ପାଇବାକୁ ଥିବା ସମସ୍ତ ବିଲ୍ ରିଲିଜ କରାଯାଇଛି। ହେଲେ ସଂସ୍ଥାର କାର୍ଯ୍ୟ ଅବଧି ୨୦୨୦ ମାର୍ଚ୍ଚ ୩୧ ତାରିଖରେ ସରିବାକୁ ରହିଛି। କିନ୍ତୁ ଠିକାଦାର ବନ୍ଦ ନୋଟିସ ଦେଇ ଉତ୍ତୋଳନ କାମ ବନ୍ଦ କରିଦେବାରୁ କମ୍ପାନୀର ଉତ୍ତୋଳନ ପ୍ରଭାବିତ ହୋଇଛି। ଅପରପକ୍ଷେ କମ୍ପାନୀ ନିକଟରେ ରହିଥିବା କିଛି ଅର୍ଥ ସେମାନଙ୍କର ଫାଇନାଲରେ ପାଇବାକୁ ଥିବା ଅର୍ଥ ପାଇଁ ପର୍ଯ୍ୟାପ୍ତ ହେଉନି। ଏ ବାବଦରେ ଆଞ୍ଚଳିକ ଶ୍ରମ ଅଧିକାରୀ ଭୁବନେଶ୍ୱର ଓ ଯାଜପୁର ଜିଲାପାଳଙ୍କୁ ଅବଗତ କରିଛୁ। ତୁରନ୍ତ ସମାଧାନ ବାହାର କରି କର୍ମଚାରୀଙ୍କ ପ୍ରାପ୍ୟ ପ୍ରଦାନ କରିବାକୁ ସହଯୋଗ କରିବେ ବୋଲି ଆଶା ରଖିଥିବା କହିଛନ୍ତି।

# ଗାଁରେ କଳା ଅଛି ଚିହ୍ନିବା ଦରକାର

ଗୋଟିଏ
ପଟେ ରୋଗୀ ସେବା ଅନ୍ୟପଟେ
କଳାରେ ରୁଚି। ବ୍ୟସ୍ତତା ଭିତରେ ଅଭିନୟ, ପୁଣି
ତା'ସାଙ୍ଗକୁ ବୃକ୍ଷରୋପଣ। ଏମିତି 'ଏକରେ ଅନେକ' ପରିଚୟ
ନେଇ ଚାଲିଥିବା ଡା.ନୃପେନ୍ଦ୍ର କୁମାର ଶତପଥୀଙ୍କ ନିଜକଥା ସମ୍ପର୍କରେ ...

## ନିଜ କଥା


ଡା.ନୃପେନ୍ଦ୍ର କୁମାର ଶତପଥୀ

◆ **ପିଲାଦିନ କେମିତି କଟିଥିଲା?**

ପୈତୃକ ଗାଁ କଟକ ଜିଲା ମାହାଙ୍ଗା ପଦନଦାସପୁରରେ। ୧୯୭୦ ସେପ୍ଟେମ୍ବର ୧ରେ କଟକରେ ଜନ୍ମ। ପ୍ରାଥମିକ , ଉଚ୍ଚପ୍ରାଥମିକ ଶିକ୍ଷା ଓ କଲେଜ ଜୀବନ ବି କଟିଛି କଟକରେ। ବାପା(କୃଷ୍ଣଚନ୍ଦ୍ର ଶତପଥୀ) ଓଡିଶା ଇଲେକ୍ଟ୍ରିସିଟି ବୋର୍ଡରେ ଚାକିରି କରିଥିଲେ। ପ୍ରତି ରବିବାର ଓ ଛୁଟିଦିନଗୁଡିକରେ ବାପା ମୋତେ ଗାଁକୁ ନିଅନ୍ତି। ଆମ ଗାଁରେ ଦଶହରା ଓ ଦୋଳରେ ଡ୍ରାମା ହୁଏ। ମୋତେ ତାହା ଦେଖିବାର ସୁଯୋଗ ମିଳୁଥିଲା। ପିଲାଦିନେ ପାଇଥିବା ସେହି ସୁଯୋଗ ମୋ ପାଇଁ ସୌଭାଗ୍ୟ ଆଣିଦେଇଛି କଳା କ୍ଷେତ୍ରରେ। ଆଉ ବିଶିଷ୍ଟ ନାଟ୍ୟକାର ଜଗମୋହନ ଲାଲାଙ୍କ ଗ୍ରାମ ପାଖରେ ଆମ ଗାଁ। ଅନ୍ୟପକ୍ଷେ ଏହା ବୈଷ୍ଣବ ପାଣିଙ୍କ ଅଞ୍ଚଳ। ସମସ୍ତେ ତାଙ୍କ ବିଷୟରେ କଥା ହୁଅନ୍ତି, ଏହା ମୁଁ ଶୁଣେ। କଳା ପ୍ରତି ଆକର୍ଷିତ ହେବାର ଏହା ବି ଏକ କାରଣ।

◆ **ଅଭିନୟ କେବେଠୁ ଆରମ୍ଭ ହୋଇଥିଲା?**

ଷ୍ଟୁଆର୍ଟ ସାଇନ୍ସ କଲେଜରେ ଆଇଏସ୍‌ସି ପଢ଼ିବାବେଳେ ମୁଁ ପ୍ରଥମେ 'ଚୁପ୍ ଶୁଟିଂ ଚାଲିଛି' ନାଟକରେ ଅଭିନୟ କରିଥିଲି। ସେତେବେଳେ ଦୂରଦର୍ଶନରେ 'ମଧୁରେଣ' ସିରିୟଲରେ ମୋତେ ଅଭିନୟ କରିବାର ସୁଯୋଗ ମିଳିଥିଲା। ୧୯୮୭ରେ ବୀର ସୁରେନ୍ଦ୍ର ସାଏ ମେଡ଼ିକାଲ କଲେଜର ଆନୁଆଲ୍ ଡ୍ରାମାରେ ମୁଁ 'ଜଗୁ'ଭୂମିକାରେ ଅଭିନୟ କରି ସିନିୟରମାନଙ୍କର ପ୍ରିୟ ହେବା ସହ କଲେଜରେ ଏକ ସ୍ୱତନ୍ତ୍ର ପରିଚୟ ପାଇଥିଲି। ଏମ୍‌ବିବିଏସ୍‌ର ତୃତୀୟ ଓ ଚତୁର୍ଥ ବର୍ଷ ମୁଁ ଡ୍ରାମାଟିକ ସେକ୍ରେଟାରି ମଧ ରହିଥିଲି। ଏହାପରେ ଏସ୍‌ସିବି ମେଡିକାଲ କଲେଜ, କଟକରେ ହାଉସ୍‌ମ୍ୟାନଶିପ୍ କରିବା ସମୟରେ କଲେଜର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ଡ୍ରାମାରେ ଅଭିନୟ କରିଥିଲି।

◆ **ଚାକିରି ସହ ଅଭିନୟ କେମିତି ସମ୍ଭବ ହୋଇଛି?**

ଏମ୍‌ବିବିଏସ୍ ପାସ୍ କରିବାପରେ ନୟାଗଡ଼ର ଭାପୁରରେ ପ୍ରଥମେ ୧୯୯୪ରେ ଚାକିରି କଲି। ପରେ ୧୯୯୫ରେ ବଦଳି ହୋଇ ଆସିଥିଲି କଳାର ମାଟି ମାହାଙ୍ଗାକୁ। ମାହାଙ୍ଗା ସିଏଚ୍‌ସିରେ ଚାକିରିର ଦୀର୍ଘବର୍ଷ ଭିତରେ ପେସା ଭିତରେ ଡ୍ରାମାକୁ ଧରି ରଖିବାକୁ ପ୍ରୟାସ କରି ଅନେକାଂଶରେ ସଫଳ ବି ହୋଇଛି। ଅଲ୍‌ଇଣ୍ଡିଆ ରେଡିଓ, କଟକରେ ୨୦୦୮ରେ ଡ୍ରାମା ଅଡିଶନରେ ଯୋଗ୍ୟ ହେବା ପରେ ୧୦ଟି ଡ୍ରାମାରେ ଅଭିନୟ କରିଛି। ୨୦୧୧ରୁ ୨୦୧୪ ଯାଏ ୩ ବର୍ଷରେ ୩୦୦ ଭାଗରେ ପ୍ରସାରଣ କରାଯାଇଥିବା ଟିଭି ସିରିୟଲ୍'ଭାଇ ଭାଉଜ'ରେ ମୁଁ ଅଭିନୟ କରିଛି।

◆ **ପରିବାର ସମ୍ପର୍କରେ ?**

ବାପା, ବୋଉ (ଉର୍ମିଳା ଶତପଥୀ) ,ସ୍ତ୍ରୀ କିରଣମୟୀ ଓ ଦୁଇ ପୁଅକୁ ନେଇ ମୋ ପରିବାର। ବଡ଼ ପୁଅ ନିତ୍ୟସୁନ୍ଦର ବିଡିଏସ୍ ପଢୁଛି। ସାନ ପୁଅ ୧୦ମ ପରୀକ୍ଷା ଦେବ।

◆ **ଆପଣଙ୍କ ଆଦର୍ଶ କିଏ?**

ମା ଓ ବାପା ମୋ ଜୀବନର ଆଦର୍ଶ। କଳା କ୍ଷେତ୍ରରେ ଷ୍ଟୁଆର୍ଟ ସାଇନ୍ସ କଲେଜର ଅବସରପ୍ରାପ୍ତ ଅଧ୍ୟାପକ ସୁରେଶ ମିଶ୍ର ମୋତେ ଶିକ୍ଷା ଓ ନାଟକ କ୍ଷେତ୍ରରେ ଆଗକୁ ଯିବାରେ ସହାୟ୍ୟ କରିଛନ୍ତି।

◆ **କ'ଣ ଖାଇବାକୁ ପସନ୍ଦ କରନ୍ତି?**

ଆମିଷ ଖାଇବାକୁ ଭଲ ପାଉଥିଲେ ବି ପଖାଳ ମୋର ସବୁଠୁ ପ୍ରିୟ। ପଖାଳ ସାଙ୍ଗକୁ ଆଳୁ ଭର୍ତ୍ତା ମୋତେ ଭାରି ଭଲ ଲାଗେ।

◆ **ଟିଭି ଦେଖନ୍ତି କି?**

ହଁ, ସମୟ ମିଳିଲେ ଟିଭି ଦେଖେ। ପୁରୁଣା ଓଡିଆ ସିନେମା ଦେଖିବାକୁ ଭଲ ପାଏ।

କ'ଣ ପଢିବାକୁ ଭଲ ଲାଗେ ?

ମୁଁ ବେଶି ଉପନ୍ୟାସ ପଢେ। ବିଶେଷକରି ପ୍ରତିଭା ରାୟଙ୍କ ଉପନ୍ୟାସ ମୋର ପସନ୍ଦ।

◆ **ସମୟ ପାଇଲେ କ'ଣ କରନ୍ତି?**

ରୋଗୀ ସେବା, ଡ୍ରାମା ଭିତରୁ ସମୟ ବାହାର କରି ପରିବେଶ ଆଡ଼କୁ ବି ନଜର ଦିଏ। ମାହାଙ୍ଗାରେ ରହିବା ସମୟରେ ସେହି ଅଞ୍ଚଳରେ ପ୍ରାୟ ୬ହଜାର ବୃକ୍ଷରୋପଣ କରିଛି। ଏଥିପାଇଁ ମୁଁ ଜିଲାସ୍ତରରୁ ତଥା ବିଭିନ୍ନ ଅନୁଷ୍ଠାନରୁ ସମ୍ମାନିତ ହୋଇଛି। ଛୁଟିରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ପୁରୀ ଯାଏ। ମାର୍କେଟିଂ ବି କରେ। ପୋଷାକ କିଣିବାରେ ମୋର ଆଗ୍ରହ ଥାଏ।

◆ **ଅବସର ପରେ କ'ଣ ଯୋଜନା ରଖିଛନ୍ତି?**

୨୦୧୮ରେ ଜଏଣ୍ଟ ଡାଇରେକ୍ଟର(ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ)ଭାବେ ଯୋଗଦେବା ପରେ ପ୍ରାୟତଃ ସମୟ ପାଉନାହିଁ। ଡ୍ରାମା ଲେଖିବାର ଅଭ୍ୟାସ ବି କମି ଯାଇଛି। ଅବସର ନେବାପରେ ଡ୍ରାମା ଲେଖିବା ସହ ଅଭିନୟରେ ପୂରା ସମୟ ଦେବି। ଗାଁ ପିଲାମାନେ କଳା ପ୍ରତି ଭରସା ହରାଉଛନ୍ତି। ଏଣୁ ଯେଉଁ ଗାଁରେ ଡ୍ରାମା ହେଉଛି ସେଠାରେ ପିଲାମାନଙ୍କୁ ଉତ୍ସାହିତ କରିବାକୁ ଚେଷ୍ଟା କରିବି। କହିବାକୁ ଗଲେ ଗାଁରେ କଳା ରହିଛି ତାହାକୁ ଚିହ୍ନିବା ଦରକାର।

# ଫିଟ୍‌ନେସ୍‌ର ସିକ୍ରେଟ୍ ବାସ୍କେଟ୍‌ବଲ

**ଏଫ୍‌ବିବି ଫେମିନା ମିସ୍ ଇଣ୍ଡିଆ ଫାଇନାଲିଷ୍ଟ ଟାଇଟଲ୍ ସହ ମିସ୍ ଓଡ଼ିଶା ଓ ମିସ୍ ରୂପଶ୍ରୀ ଟାଇଟଲ୍। କେବଳ ଏତିକି ନୁହେଁ, ଭାରତରେ ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ବିଶ୍ୱ ଯୁବ ସମ୍ମିଳନୀ(ୱାର୍ଲଡ ୟୁଥ୍ କନ୍‌ଫରେନ୍ସ ଅନ୍ କାଇଣ୍ଡନେସ୍)ରେ ଏକମାତ୍ର ଓଡ଼ିଆଭାବେ ଯୋଗଦେଇଥିଲେ ମଡେଲ ପୂଜା ମିଶ୍ର। ଭାରତ-ମାଲ୍‌ଡିଭ୍‌ସ ୟୁଥ୍ ଏକ୍ସଚେଞ୍ଜ୍ ପ୍ରୋଗ୍ରାମରେ ମାଲଡିଭ୍‌ସ ପାଇଁ ପ୍ରଥମ ଇଣ୍ଡିଆନ୍ ଆମ୍ବାସାଡର ହେବାସହ କିନ୍ନର, ଦିବ୍ୟାଙ୍ଗ ଏବଂ ହ୍ୱିଲ୍ ଚେୟାର ବ୍ୟବହାରକାରୀମାନଙ୍କୁ ର୍ୟାମ୍ପ୍‌ରେ ଚଲାଇ ଏକ ନିଆରା ଉଦାହରଣ ସୃଷ୍ଟି କରିଥିଲେ। ମଡେଲିଂ ପାଇଁ ନିଜ ଫିଟ୍‌ନେସ୍ ଉପରେ ବିଶେଷ ଧ୍ୟାନ ଦେଉଥିବା ପୂଜା ବାସ୍କେଟ୍‌ବଲ ଓ ବ୍ୟାଡ୍‌ମିଣ୍ଟନ୍ ଭଳି କ୍ରୀଡାକୁ ନିଜ ଫିଟ୍ ରହିବାର ସମସ୍ତ କ୍ରେଡିଟ୍ ଦିଅନ୍ତି।**

ବିଉଟି ପ୍ୟାଜେଣ୍ଟ କିମ୍ବା କୌଣସି ପ୍ରତିଯୋଗିତା ଥିଲେ ସେ ଫିଟ୍‌ନେସ୍ ଉପରେ ବିଶେଷ ଧ୍ୟାନ ଦେଇଥାନ୍ତି। ନଚେତ୍ ନିଜ ପସନ୍ଦର ଖାଦ୍ୟ ଖାଇବାକୁ ସେ ପଛାନ୍ତି ନାହିଁ। ଦିନକୁ ୫/୬ ଲିଟର ପାଣି ପିଇବା ସହ ଯଥାସମ୍ଭବ ଫ୍ରୁଟ୍‌ସ ଖାଇଥାନ୍ତି। ସ୍ପୋର୍ଟସ୍ ବ୍ୟତୀତ ପାଣି ଓ ଫଳ ତାଙ୍କ ଫିଟ୍‌ନେସ୍‌ର ଆଉଏକ ସିକ୍ରେଟ୍ କହିଲେ ଚଳେ। ଦୀର୍ଘବର୍ଷ ଧରି ବାସ୍କେଟବଲ୍ ଭଳି କ୍ରୀଡା ସହ ଜଡ଼ିତ ଥିବା ପୂଜା ଏବେବି ଫିଟ୍ ରହିବାକୁ ବାସ୍କେଟ୍‌ବଲ୍ ଖେଳିଥାନ୍ତି। ଅନ୍ୟ ମଡେଲ୍‌ମାନଙ୍କ ଭଳି ସେ ଜିମ୍ ଯିବାକୁ ଆଦୌ ପସନ୍ଦ କରନ୍ତିନାହିଁ। ଏହା ପରିବର୍ତ୍ତେ ଯଦି ସମୟ ମିଳେ ଘରେ ୱାର୍କଆଉଟ୍ କରିବାକୁ ପସନ୍ଦ କରନ୍ତି। 'ସ୍କ୍ୱାଟ୍' ତାଙ୍କ ଫେଭରାଇଟ୍ ଏକ୍ସରସାଇଜ୍ ହୋଇଥିବା ବେଳେ କୌଣସି ଶୋ' ପୂର୍ବରୁ ସେ ଅଧିକ ଏକ୍ସରସାଇଜ୍ କରିଥାନ୍ତି। ଏନେଇ ପୂଜା କୁହନ୍ତି, ଖାଇବା ମୋତେ ଏତେ ଭଲ ଲାଗେନା। କିନ୍ତୁ ମୁଁ ବହୁତ ଅଧିକ ଫ୍ରୁଟ୍‌ସ ଖାଏ ଓ ପାଣିପିଏ। ଅଧିକ ପାଣି ଓ ଫଳ କେବଳ ଫିଟ୍ ରହିବାରେ ନୁହେଁ, ତ୍ୱଚାରେ ଗ୍ଲୋ ଆଣିବାରେ ମଧ୍ୟ ସାହାଯ୍ୟ କରେ। ଆଜିକାଲି ଭଲ ଦେଖାଯିବା ପାଇଁ ସମସ୍ତେ ମେଡିସିନ୍ ଖାଉଛନ୍ତି। ବିଶେଷକରି ଯୁବପିଢ଼ି ବହୁତ ଷ୍ଟେରଏଡ୍ ନେଉଛନ୍ତି। ମୁଁ ଏତିକି କହିବି ସେସବୁଠାରୁ ଯଥାସମ୍ଭବ ଦୂରେଇ ରୁହନ୍ତୁ। ଅଳ୍ପ ଟାଇମ୍‌ରେ ଯାହା କାମକରେ ତାହା ଆମ ଉପରେ ଖରାପ ପ୍ରଭାବ ପକାଏ। ଘରେ ଏକ୍ସରସାଇଜ୍ କରନ୍ତୁ। ଜଙ୍କ୍‌ଫୁଡ୍‌ଠାରୁ ଯଥାସମ୍ଭବ ଦୂରେଇ ରୁହନ୍ତୁ ଓ ଘରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ।


ପୂଜା ମିଶ୍ର

# ସିଙ୍ଗାପୁର ବ୍ଲାକ୍ ପିପର ପ୍ରନ୍

ଖାଦ୍ୟ ରୁଚି



ଚିଙ୍ଗୁଡ଼ି ଭିତରେ ରାଜା ଟାଇଗର ପ୍ରନ୍। ଚିଙ୍ଗୁଡ଼ି ଖାଉଥିବା ଲୋକଙ୍କର ଏହା ପ୍ରଥମ ପସନ୍ଦ। ଝୋଳ କରିବାଠୁ ନେଇ ଭାଜି ଖାଇବାର ସ୍ୱାଦ ନିଆରା। ଟାଇଗର ପ୍ରନକୁ ନେଇ ଏବେ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ ହେଉଛି। କୌଣସି ଗୋଟିଏ ଦେଶର ଖାଦ୍ୟ ତାଲିକାରେ ସୀମିତ ନ ରହି ମଲ୍ଟି କୁଜିନ କିଚେନ ଭିତରେ ଏହା କେବେଠୁ ପ୍ରବେଶ କରିସାରିଛି। ଭୁବନେଶ୍ୱର ସ୍ଥିତ ହୋଟେଲ ଫର୍ଚ୍ଚୁନ୍‌ରେ କାର୍ଯ୍ୟରତ ଶେଫ୍ କୃଷ୍ଣଚନ୍ଦ୍ର ବିଶ୍ୱାଳ କୁହନ୍ତି,ସିଙ୍ଗାପୁର ବ୍ଲାକ୍ ପିପର ପ୍ରନର ନାଁ ବିଦେଶୀ ଲାଗୁଥିଲେ ମଧ ଏହାକୁ ଘରେ ପ୍ରସ୍ତୁତ କରାଯାଇପାରିବ।



## ଆବଶ୍ୟକ ସାମଗ୍ରୀ

ଟାଇଗର ପ୍ରନ୍ ୬ପିସ୍, କର୍ନଫ୍ଲୋର ୭୦ ଗ୍ରାମ୍, ମଇଦା ୪୦ ଗ୍ରାମ୍, ଅଣ୍ଡା ୧ଟା, ବ୍ଲାକ୍ ପିପର ସସ୍ ୨୦ ଗ୍ରାମ୍ (ଅଲଗା ପ୍ରସ୍ତୁତ ହେବ), ଓଏଷ୍ଟର ସସ ୧୦ ଗ୍ରାମ୍, ଶୁଖିଲା ଲଙ୍କା ପେଷ୍ଟ ୧୦ ଗ୍ରାମ୍, ଲାଇଟ୍ ସୋୟା ସସ୍ ୧୦ ଗ୍ରାମ୍, ଲୁଣ(ସ୍ୱାଦ ଅନୁସାରେ), ଗୋଲମରିଚ ଗୁଣ୍ଡ ୫ ଗ୍ରାମ୍, ରିଫାଇନ ତେଲ ୧ଲିଟର ନାଲି ହଳଦୀ କ୍ୟାପ୍ସିକମ(୧+୧), ଏକ ଚାମଚ ଚିନି।

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ପ୍ରନ୍‌ଗୁଡିକୁ ପେଟ ପାଖରୁ ଅଧା ଚିରନ୍ତୁ। ଅଣ୍ଡାର ଧଳା ଅଂଶକୁ ଚିଙ୍ଗୁଡିରେ ମିଶାଇ ସେଥିରେ ଲୁଣ ପକାନ୍ତୁ। ପୁନଶ୍ଚ ଏଥିରେ ମଇଦା ଏବଂ କର୍ନଫ୍ଲୋର ମିଶାଇ ଗୋଳାନ୍ତୁ। କଡ଼େଇରେ ୧ ଲିଟର ତେଲ ଗରମ କରିବା ପରେ ଗୋଳା ହୋଇଥିବା ଚିଙ୍ଗୁଡିକୁ ସେଥିରେ ଗୋଟି ଗୋଟି କରି ଛାଣନ୍ତୁ। ଆଉ ଗୋଟେ କଡ଼େଇରେ ସସ୍ ପ୍ରସ୍ତୁତ କରନ୍ତୁ। କଡ଼େଇରେ ତେଲ ୧୦ ଗ୍ରାମ୍ ଗରମ କରି, ରସୁଣ ଚପ୍, ଅଦା ଚପ୍ ୫ଗ୍ରାମ୍, ପିଆଜ ଚପ୍ ୫ ଗ୍ରାମ୍ ଭାଜନ୍ତୁ। ଶୁଖିଲା ଲଙ୍କା ପେଷ୍ଟ ୫ ଗ୍ରାମ୍, ଓଏଷ୍ଟର ସସ୍, ବ୍ଲାକ୍ ପିପର ସସ୍, ଗୋଲମରିଚ ଗୁଣ୍ଡ, ଲୁଣ, ଚିନି(ସ୍ୱାଦ ଅନୁସାରେ) ମିଶାନ୍ତୁ। ପରେ ଛଣା ହୋଇଥିବା ଚିଙ୍ଗୁଡ଼ି ଏହି ସସ୍‌ରେ ମିଶାନ୍ତୁ। ପରେ ହଳଦୀ ଓ ନାଲି କ୍ୟାପ୍‌ସିକମ୍ ଚପ୍ କରି ସେଥିରେ ଧନିଆ ପତ୍ର ପକାଇ ଗୋଳାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ସିଙ୍ଗାପୁର ବ୍ଲାକ୍ ପିପର ପ୍ରନ୍।

■ ଶେଫ: କୃଷ୍ଣଚନ୍ଦ୍ର ବିଶ୍ୱାଳ ■ ରିପୋର୍ଟ: ଶୋଭେନ୍

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
latecityselfie@gmail.com


ଗିରିଜା


କିଶୋର


ବାଦଲ


ମଧୁସ୍ମିତା


ଲିପିକା


ମିତାଲି


ରାକେଶ


କାର୍ତ୍ତିକେଶ୍ୱର


ରବୀନ୍ଦ୍ର

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/





ଜଗତ୍‌ସିଂହପୁର ସହରରେ ପୂଜା ପାଉଥିବା ମା'ଦୁର୍ଗାଙ୍କୁ ଅନ୍ୟ ଦେବଦେବୀଙ୍କୁ ବିସର୍ଜନ ପାଇଁ ଶୋଭାଯାତ୍ରାରେ ନିଆଯାଉଛି।





# ମେଲାଣି ନେଲେ ମହାମାୟା

**ଜଗତ୍‌ସିଂହପୁର ଅଫିସ, ୯।୧୦**

ଦୁର୍ଗାପୂଜା ସାରା ଜଗତ୍‌ସିଂହପୁର ଜିଲାରେ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରତ୍ୟହ ରୀତି, ନୀତି ଅନୁଯାୟୀ ପୂଜା, ପାଠ କରାଯାଇଥିଲା। ମା' ମହାମାୟାଙ୍କ ଦର୍ଶନ ପାଇଁ ପ୍ରତ୍ୟହ ଶହସ୍ରାଧିକ ଭକ୍ତଙ୍କ ସମାଗମ ହେଉଥିଲା। ବୁଧବାର ଜଗତ୍‌ଜନନୀ ମା' ଦୁର୍ଗା ମେଲାଣି ନେଇଛନ୍ତି। ବିଶେଷକରି ଜଗତ୍‌ସିଂହପୁର ସହରରେ ଏହି ପୂଜା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମାପନ ହୋଇଛି। ଏନେଇ ଜଗତ୍‌ସିଂହପୁର ସହରର ବିଭିନ୍ନ ଦୁର୍ଗାପୂଜା କମିଟି ପକ୍ଷରୁ ଭସାଣି ଉତ୍ସବର ଆୟୋଜନ ହୋଇଥିଲା। ପ୍ରଚଳିତ ଧାରା ଅନୁଯାୟୀ ସହରର ବିଭିନ୍ନ ପ୍ରାନ୍ତରେ କରାଯାଇଥିବା ମେଢ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ମେଳଣ ଅନୁଷ୍ଠିତ ହୋଇଥିଲା। ବିଗତ ବର୍ଷଗୁଡିକ ପରି ଚଳିତବର୍ଷ ଏହି ମେଳଣର ଆୟୋଜନ କରିଥିଲା ସାନ ବଜାରସ୍ଥିତ ଥାନପତି ମହାଦେବ କ୍ଲବ। କ୍ଲବ ପକ୍ଷରୁ ପୂଜାପାଠ ଓ ଭୋଗ ପରେ ସମସ୍ତ ମେଢ ପୂର୍ବପରି ଶୋଭାଯାତ୍ରାରେ ବିସର୍ଜନ ପାଇଁ କରାଯାଇଥିବା ୪ଟି ଅସ୍ଥାୟୀ ପୋଖରୀ ଅଭିମୁଖେ ଯାତ୍ରା କରିଥିଲେ। ମେଳଣ ଏବଂ ବିସର୍ଜନ ସମୟର ଦୃଶ୍ୟ ବେସ୍ ଆକର୍ଷଣୀୟ ଥିଲା। ସହର ଲୋକାରଣ୍ୟ ହୋଇ ପଡିଥିଲା। ସହରର ବ୍ୟବସାୟୀ ଦୋକାନବଜାର ବନ୍ଦ କରି ଉତ୍ସବରେ ସାମିଲ ହୋଇଥିଲେ। ଅପରାହ୍ନରୁ ବିଭିନ୍ନ କ୍ଲବ ତଥା ପୂଜା କମିଟି ପକ୍ଷରୁ କରାଯାଇଥିବା ମେଢ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। କ୍ଲବ ସଦସ୍ୟଙ୍କ ସମେତ ସ୍ଥାନୀୟ ଅଞ୍ଚଳର ପିଲାଙ୍କଠାରୁ ବଡ ପର୍ଯ୍ୟନ୍ତ ଏଥିରେ ସାମିଲ ଥିଲେ। ଶୋଭାଯାତ୍ରା ସମୟରେ ବିଭିନ୍ନ ବ୍ୟାଣ୍ଡ ପାର୍ଟିର ବାଦ୍ୟ ତାଳେ ତାଳେ ଲୋକେ ଭାବପ୍ରବଣ ହୋଇ ନାଚିବା ଦୃଶ୍ୟ ବେସ୍ ଆକର୍ଷଣୀୟ ଥିଲା। ପ୍ରଥମେ ଥାନପତି ମହାଦେବ କ୍ଲବ ମେଢ ଶୋଭାଯାତ୍ରାରେ ସହର ପରିକ୍ରମା କରି ମେଳଣ ସ୍ଥଳରେ ପହଞ୍ଚି ଥିଲା। କ୍ଲବର ଘଣ୍ଟ ନାଦରେ ସହର ପ୍ରକମ୍ପିତ ହୋଇ ପଡିଥିଲା। ଏହାପରେ ଗୋଟିଏ ପରେ ଗୋଟିଏ ମେଢ ଶୋଭାଯାତ୍ରାରେ ଯାଇ ମେଳଣ ସ୍ଥଳରେ ପହଞ୍ଚିଥିଲେ। ତେବେ ସହରରେ କରାଯାଇଥିବା ୨୩ଟି ମେଢ ମଧ୍ୟରୁ ସ୍ଥାୟୀ ଛାଡିଦେଲେ ଅବଶିଷ୍ଟ ୧୯ଟି ଚାରିଆଡୁ ଶୋଭାଯାତ୍ରାରେ ଆସୁଥିବା ବେଳର ଦୃଶ୍ୟ ବେସ୍ ହୃଦୟସ୍ପର୍ଶୀ ଥିଲା। ବିଭିନ୍ନ ପ୍ରକାର ବାଦ୍ୟରୋଳ ଏବଂ ଆତସବାଜୀରେ ସମଗ୍ର ପରିବେଶ ନିଆରା ଅନୁଭୂତ ହେଉଥିଲା।

**ତିର୍ତ୍ତୋଲ,(ଡି.ଏନ.ଏ.):** ତିର୍ତ୍ତୋଲ ଅଞ୍ଚଳର ଜଡ଼ତିରା, ଥାନାଗଡା, ତିର୍ତ୍ତୋଲ, ଜଗନ୍ନାଥପୁର, ବିରିତୋଳ, ଇବ୍ରିସିଂ, ତୁଳଙ୍ଗ ଆଦି ସ୍ଥାନରେ ଦୁର୍ଗା ପୂଜା ଅନୁଷ୍ଠିତ ହୋଇଥିଲା। ଏହି ସବୁ ମଣ୍ଡପ ମଧ୍ୟରୁ ବୁଧବାର ଜଡ଼ତିରା, ଥାନାଗଡା, ତିର୍ତ୍ତୋଲ ମେଢ ବିସର୍ଜନ କରାଯାଇଛି। ଅନ୍ୟ ମଣ୍ଡପମାନଙ୍କରେ ପୂଜା ପାଉଥିବା ମୃଣ୍ମୟୀ ମୂର୍ତ୍ତି ପର୍ଯ୍ୟାୟକ୍ରମେ ବିଷର୍ଜନ ହେବାର କାର୍ଯ୍ୟକ୍ରମ ରହିଛି।

**ନାଉଗାଁ,(ସ୍ୱ.ପ୍ର.):** ନାଉଗାଁ ବ୍ଲକରେ ଦୁର୍ଗାପୂଜା ଶାନ୍ତି ଶୃଙ୍ଖଳା ସହ ଶେଷ ହୋଇଛି। ଦଶହରା ଦିନ ବର୍ଷା ହେବାରୁ ପୂଜାକୁ କିଛି ସମୟ ପାଇଁ ଫିକା ପକାଇ ଦେଇଥିଲା। ପରେ ବିଭିନ୍ନ ପୂଜା ମଣ୍ଡପ ଯଥା ନାଉଗାଁବଜାର, ବ୍ଲକ ଛକ, ନନ୍ଦିଗ୍ରାମ, ଗଙ୍ଗଦାହାଟ, କଣ୍ଟୁଣିଆହାଟ, ଅଲଣାହାଟ ଆଦି ପୂଜା ମଣ୍ଡପକୁ ଜଳସମ୍ପଦ ଓ ସୂଚନା ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ଜିଲା ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ସ୍ୱାଇଁ, ଜିଲା ବିଜେଡି ସଭାପତି ଅମରେନ୍ଦ୍ର ଦାସ ପ୍ରମୁଖ ପରିଦର୍ଶନ କରି ମା'ଙ୍କ ଆଶିଷ ଭିକ୍ଷା କରିଥିଲେ।

**ବିରିଡ଼ି,(ଡି.ଏନ.ଏ.):** ବିରିଡ଼ି ଅଞ୍ଚଳରେ ଦଶହରା ପର୍ବ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ପାଗ ପ୍ରତିକୂଳ ହେତୁ ପୂଜାମଣ୍ଡପଗୁଡିକରେ ଲୋକ ସମାଗମ ହୋଇ ନ ଥିଲା। କିନ୍ତୁ ଭସାଣିରେ ପାଗ ଅନୁକୂଳ ହେତୁ ପ୍ରବଳ ଜନସମାଗମ ହୋଇଥିଲା। ଅଞ୍ଚଳରେ ହୋଇଥିବା ୧୦ଟି ମା'ଦୁର୍ଗାଙ୍କ ମଣ୍ଡପ ଓ ୭୦ଟି ଅନ୍ୟାନ୍ୟ ଦେବଦେବୀଙ୍କ ପୂଜା ମଣ୍ଡପଗୁଡିକରେ ଜନସାଧାରଣ ବୁଲି ଦେଖିଥିଲେ। କୁଳକଇଜଙ୍ଗା ନୂଆପାରୀ ଜଗତଗୁରୁ ରାମାନନ୍ଦାଚାର୍ଯ୍ୟଙ୍କ ପୀଠର ବିଂଶଭୁଜା ଦୁର୍ଗା ମୂର୍ତ୍ତି, ଅଲାଣ୍ଡୋ ଦୁର୍ଗା, ବାଲିଆ ଦୁର୍ଗା, ହାଜିପୁର ଦୁର୍ଗା ଓ ବିରିଡ଼ି ହାଟ ଦୁର୍ଗା ପୂଜା ମଣ୍ଡପ, ବାଲିଆରେ ସୋଲ ନିର୍ମିତ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ମୂର୍ତ୍ତି ଆଦି ବୁଧବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ବାଲିଆ ଗୋପୀନାଥପୁର ଶାନ୍ତି କମିଟି ଆନୁକୂଲ୍ୟରେ ଶାନ୍ତି ଶୃଙ୍ଖଳାରେ ଭସାଣି ହୋଇଥିବାବେଳେ କେତେକ ମେଢ ବିଲୁଆଖାଇ ନଦୀରେ ବିସର୍ଜନ ହୋଇଥିଲା। ଅନ୍ୟ ସମସ୍ତ ମେଢଗୁଡିକ ମାଛଗାଁ କେନାଲରେ ବିସର୍ଜନ କରାଯାଇଥିଲା। ବିରିଡ଼ି ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।

**ପାରାଦୀପ,(ସ୍ୱ.ପ୍ର.):** ପାରାଦୀପ ପୋର୍ଟ ବଣିକ ସଂଘ ପକ୍ଷରୁ ଆୟୋଜିତ ଶାରଦୀୟ ପୂଜନ ବୁଧବାର ଶେଷ ହୋଇଛି। ମହାମାୟାଙ୍କୁ ସଂଘର କର୍ମକର୍ତ୍ତା ଓ ସାଧାରଣ ଲୋକ ଆଡମ୍ବର ସହକାରେ ସହରାଞ୍ଚଳରେ ପରିକ୍ରମା କରିବା ପରେ ସନ୍ଧ୍ୟାରେ ଉଦ୍ଦିଷ୍ଟ ବେଳାଭୂମି ପୁଷ୍କରିଣୀରେ ବିସର୍ଜନ କରାଯାଇଛି। ସଂଘ ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପ୍ରମୁଖ କର୍ମକର୍ତ୍ତା ଦେବବ୍ରତ ସାହୁ, ମାନସ ବିଶ୍ୱାଳ, ଅନାଦି ପରିଡ଼ା, କ୍ଷୀରୋଦ ସ୍ୱାଇଁ, ପ୍ରବୋଧ କୁମାର ଦାସ, ବିଜୟ କୁମାର ନାୟକ, ନିରଞ୍ଜନ ସ୍ୱାଇଁଙ୍କ ସମେତ ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଭସାଣିର ଆକର୍ଷଣ ଥିଲା ଅଲଗା ଭାବେ ଘଣ୍ଟ, ପଟୁଆ, ମୃଦଙ୍ଗ, ଆଦିବାସୀ ନୃତ୍ୟ, ମହୁରୀ ନୃତ୍ୟ, ହୁଳହୁଳି ଶବ୍ଦ ଭଳି ପାରମ୍ପରିକ ବାଦ୍ୟ ନୃତ୍ୟ ଲମ୍ବା ଲାଇନରେ ସହର ବୁଲିଥିଲେ।



ପାରାଦୀପରେ ମା'ଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।



ବିରିଡ଼ିରେ ମା' ଦୁର୍ଗାଙ୍କୁ ବିସର୍ଜନ ପାଇଁ ନିଆଯାଉଛି।



ବିରିଡ଼ିର ଏକ ପୂଜା ମଣ୍ଡପ କର୍ମକର୍ତ୍ତା ମା'ଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।



ତିର୍ତ୍ତୋଲ ଥାନାଗଡ଼ା ଭସାଣି ଉତ୍ସବ।

## ଏରସମାରେ ବିଜୟା ଦଶମୀ ଉତ୍ସବ

**ଏରସମା,୯।୧୦(ସ୍ୱ.ପ୍ର.)**

ଏରସମା ମୁଖ୍ୟାଳୟସ୍ଥିତ ଦେବୀ ପଡ଼ିଆରେ ମଙ୍ଗଳବାର ବିଜୟା ଦଶମୀ ଉତ୍ସବ ପାଳିତ ହୋଇଛି। ଏଥିରେ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟ ଅତିଥିଭାବରେ ଯୋଗଦେଇ ପ୍ରତ୍ୟେକ ସତ୍ୟ ପଥରେ ଅଗ୍ରସର ହେବାକୁ ଆହ୍ୱାନ ଦେଇଥିଲେ। ଏହିଅବସରରେ ସେ କହିଥିଲେ, ମାତୃଶକ୍ତିକୁ ଉପାସନା କରିବାର ପବିତ୍ର ପରମ୍ପରା ଯୁଗେଯୁଗେ ରହିଛି। ଅଧର୍ମକୁ ଲୋପ କରି ଧର୍ମ ପ୍ରତିଷ୍ଠା କରିବା ବିଜୟା ଦଶମୀ ଉତ୍ସବର ତାତ୍ପର୍ଯ୍ୟ। ଏରସମା ବ୍ଲକ ଉପସଭାପତି ବିଜୟ ପାଲଙ୍କ ସଭାପତିତ୍ୱରେ ଅୟୋଜିତ ସଭାରେ ବଜେଡି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ବିଜୟା ଦଶମୀରେ ସତ୍ୟ ନ୍ୟାୟ ପଥରେ ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ। ଏମପିଙ୍କ ପ୍ରତିନିଧି ତଥା ବିଜେଡି ଏରସମା ବ୍ଲକ ସଭାପତି ପୀତବାସ ଗଛାୟତ, ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ସ୍ୱର୍ଣ୍ଣଲତା ସେନାପତି, ଅକ୍ଷୟ କୁମାର ସ୍ୱାଇଁ, ଗୀତାଞ୍ଜଳି ପାଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

## ବେଳାଭୂମିରେ ରାବଣପୋଡ଼ି

**ପାରାଦୀପ,୯।୧୦(ସ୍ୱ.ପ୍ର.)**

ସ୍ଥାନୀୟ କଳିଙ୍ଗ ବାଲିଯାତ୍ରା ପଡ଼ିଆରେ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଛି। ସାଗର କ୍ଲବ ଦ୍ୱାରା ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ରାଜଶ୍ରୀ ମଲ୍ଲିକ, ବିଧାୟକ ସମ୍ବିତ ରାଉତରାୟ ଓ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଷ୍ଟଶକ୍ତିର ଦମନ ରାବଣପୋଡ଼ିର ମୁଖ୍ୟ ଉଦ୍ଦେଶ୍ୟ




ଜିଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ରାବଣ ପୋଡ଼ି ଉତ୍ସବରେ ଯୋଗଦେଇଥିବା ଅତିଥି।

**ଜଗତ୍‌ସିଂହପୁର ଅଫିସ, ୯।୧୦**

**ରାବଣପୋଡ଼ି ଉତ୍ସବ**

ଜଗତ୍‌ଜନନୀ ମା'ଦୁର୍ଗାଙ୍କ ଆବିର୍ଭାବ ସେତିକିବେଳେ ହୋଇଥିଲା ଯେତେବେଳେ ପାପର ଭାର ବଢି ଯାଇଥିଲା। ଦୁଷ୍ଟ ଶକ୍ତିର ବିନାଶ ପାଇଁ ମା'ଧରା ପୃଷ୍ଠକୁ ଅବତରଣ କରିଥିଲେ। ସମ୍ପ୍ରତି କାମ, କ୍ରୋଧ, ଈର୍ଷା, ଅନ୍ୟାୟ, ଅନିତି, ଦୁର୍ନୀତି, ନାରୀ ନିର୍ଯ୍ୟାତନା ଅସହ୍ୟ ହେଲାଣି। ସମାଜରେ ରାବଣଙ୍କ ସଂଖ୍ୟା ବଢି ଚାଲିଛି। ନାରୀ ନିର୍ଯ୍ୟାତନା ଚିନ୍ତାର କାରଣ ହେଲାଣି। ଏ ପରିସ୍ଥିତିରେ ମା'ଙ୍କ ଆବିର୍ଭାବ ଏହି ରାବଣ ରୂପି ରାକ୍ଷସଙ୍କ ନିଧନ ପାଇଁ ଉଦ୍ଦିଷ୍ଟ। ମଙ୍ଗଳବାର ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ପଡିଆରେ ଅନୁଷ୍ଠିତ ରାବଣ ପୋଡି ଉତ୍ସବରେ ଯୋଗଦେଇ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଏହା କହିଛନ୍ତି। ସେ ଏକଥା ମଧ୍ୟ କହିଥିଲେ, ସାଧାରଣ ଲୋକ କଥା ଛାଡନ୍ତୁ ସମାଜରେ ନିଜକୁ ପ୍ରତିଷ୍ଠିତ ବ୍ୟକ୍ତି ବୋଲି ପରିଚୟ ଦେଉଥିବା ଅନେକ ଲୋକଙ୍କ ଭିତରେ ରାବଣ ପ୍ରବୃତ୍ତି ରହିଛି। ପ୍ରତି ଦିନ ନାରୀ ନିର୍ଯାତନା ଆମ ପ୍ରତ୍ୟେକଙ୍କ ପାଇଁ ଆହ୍ୱାନ ହୋଇଛି। ଆମେମାନେ ଯେଉଁଦିନ ଆମ ମା',ଭଉଣୀ, ଝିଅଙ୍କୁ ସୁରକ୍ଷା ଦେଇପାରିବା ସେଦିନ ଆମର ପୌରୁଷତ୍ତ୍ୱ ସାର୍ଥକ ହେବ। କେବଳ ଜିଲାପାଳ, ଏସ୍‌ପି କି ବିଧାୟକ ଚାହିଁଲେ ଏ ସବୁର ସମାଧାନ କରିବା ସମ୍ଭବ ନୁହେଁ। ପ୍ରତ୍ୟେକଙ୍କ ଭିତରେ ମାତୃ ଶକ୍ତିର ସୁରକ୍ଷା ପ୍ରତି ଦୃଢ ଇଚ୍ଛାଶକ୍ତି ଓ କର୍ତ୍ତବ୍ୟବୋଧ ରହିବା ଜରୁରୀ। ନିଜ ଭିତରୁ ଅହଁକାର, କ୍ରୋଧ, ଈର୍ଷା ଆଦି ମନ୍ଦ ଶକ୍ତି ଦୂର କରି ଶାନ୍ତି, ମୈତ୍ରୀ, ପ୍ରେମ, କରୁଣା, ସଦ୍‌ଭାବନା ଉଦ୍‌ଜୀବିତ କରିବାକୁ ପଡିବ। ତାହା ହେଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ବିଧାୟକ କହିଥିଲେ। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଥିଲେ ବିଜୟ ଦଶମୀରେ ଅଧର୍ମ ଉପରେ ଧର୍ମ, ଅସତ୍ୟ ଉପରେ ସତ୍ୟର ଜୟ ହୋଇଛି। କାରଣ ଏହିଦିନ ପାପ, ଅହଁକାର, ଅସତ୍ୟର ପ୍ରତୀକ ଦୁଷ୍ଟ ଶକ୍ତି ରାବଣକୁ ଦହନ କରାଯାଉଛି। ରାମ ହେଉଛନ୍ତି ମର୍ଯ୍ୟଦା ପୁରୁଷ। ତାଙ୍କ ଆଦର୍ଶରେ ଜିଲାବାସୀ ଅନୁପ୍ରାଣିତ ହେବା ଉଚିତ। ଜଗତ୍‌ସିଂହପୁର ଏସ୍‌ପି ପ୍ରକାଶ ଆର୍ ଜଗତ୍‌ଜନନୀ ମା' ଦୁର୍ଗା ପ୍ରତ୍ୟେକଙ୍କ ଭିତରେ ସୁଖ, ଶାନ୍ତି ଓ ସୌହାର୍ଦ୍ଧ୍ୟ ଭରିଦିଅନ୍ତୁ ବୋଲି କହିବା ସହ ଜିଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଉତ୍ସବର ଆୟୋଜକ ଶ୍ରୀରାମ କ୍ଲବର ସଭାପତି ରତ୍ନାକର ବିଶ୍ୱାଳ ଓ ସମ୍ପାଦକ ବିଜୟ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ ପକ୍ଷରୁ ସୀତା ହରଣ, ସୁନାର ହରିଣ ଓ ରାବଣ ବଦ୍ଧ ଗୀତିନାଟ୍ୟ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ଦ୍ୱାରା ପରିବେଷିତ ହୋଇଥିଲା। ଉତ୍ସବରେ ବହୁ ସଂଖ୍ୟକ ଜନ ସମାଗମ ହୋଇଥିଲା। ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଶେଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ DHARITRI CAREER APPOINTMENT ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**DOMINOS PIZZA HIRING**
Delivery Boy Full Time / Part Time
Salary Rs.9000/- to 10,000/- per month + Incentive.
**Qualification :** 10th Pass
Driving Licence Must
CALL : 9040033665

**WANTED**
The following staffs for our Office At- Paradeep.
1) **ACCOUNTANT (TALLY)** Male Candidate with 3 Years Experience.
2) **CAR DRIVER**
CONTACT MOB : 9937763988, 8249193688

**REQUIRED**
Airport Ground Staff. (10th to Graduate) Airticketing Airhostess, I.T.I, Diploma, X.Man Guard, Supervisor, Lodder, Driver.
***Salary 27,500 to 95,700***
Sent your resume.
akashaviationacademy11@gmail.com
9811057388/9811135247

**ସାଉଥ୍ ଆଫ୍ରିକାରେ ଚାକିରୀ**
ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍ - ସମସ୍ତ ପ୍ରକାର ୱାର୍କର ଏବଂ ଡ୍ରାଇଭର, ହେଲପର୍, ଅଫିସ୍ ଷ୍ଟାଫ୍ ଆବଶ୍ୟକ। ଦରମା - ୪୦,୦୦୦/- (୨ ବର୍ଷ କଣ୍ଟ୍ରାକ୍ଟ, ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ)
କମଲ ପ୍ଲେସ୍‌ମେଣ୍ଟ, ୪୧୫, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରଟ୍, ଗୁଜୁରାଟ
M : 9157312448, 9157012447

PETER ENGLAND
Branded Mens Wear Showroom required 3 **Salesman** and **Store Manager** with computer knowledge. At Dhenkanal, Kanchan Bazar.
Contact Person: 7008865051

**WALK- IN INTERVIEW**
**GHANASHYAM HEMALATA VIDYAMANDIR, PURI**
Estd: 1995
(A CBSE Affiliated Co-educational Residential School)
**A walk- in interview** will be held at **Shramik Bhawan, Near Nishamani Cinema Hall, Link Road, Cuttack on 13.10.2019, 10.30 am.** for the following posts :
**PGT** - Math, Physics, Chemistry & Biology
**TGT** - English, SST, Hindi, Math, Science (PCM & CBZ)
**PRT** - English, SST, Computer & Science (PCM & CBZ)
**NTT** - (Female)
**Qualification:** As per CBSE norms. Minimum Salary is Rs. 26,000/- (PGT), Rs. 16,000/- (TGT), Rs. 12,000/- (PRT). Higher package for experienced candidates. **Free Accommodation, Fooding & Laundry for all the above posts**
**Kindly attend the interview with original certificates and mark sheets .**
Contact Nos. : 9437943924 / 7377148406 / 7873480470 / 7735629062
**email id : ghvm.puri@gmail.com**

**WALK-IN-INTERVIEW**
**BRAHMABARADA DEGREE MAHAVIDYALAYA**
**AT-BARADA VIHAR, PO/VIA-BRAHMABARADA, JAJPUR**
Temporary contractual Lecturers required for the post of **ODIA, ENGLISH, SANSKRIT, URDU and EDUCATION.** Interested Candidates having 55% Marks in P.G Level are required to attend the interview on dated. 20.10.2019 at 11.00 A.M. in the College Campus.
**Principal-in-charge -cum-Secretary**

**ନୋଟିସ୍**

ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସଂକ୍ଷେପରେ

### ଛାତ୍ରୀଙ୍କୁ ଗଣବଳାତ୍କାର, ୨ ଯୁବକ ଅଟକ

**ଆଳି, ୯।୧୦ (ଡି.ଏନ୍.ଏ.):** ଆଳି ଥାନା ଅଞ୍ଚଳର ଜନୈକା ନବମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର ଅଭିଯୋଗରେ ବୁଧବାର ମାନପୁର ଅଞ୍ଚଳର ୨ଜଣ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଘଟଣା ମୁତାବକ, ଗତ ୬ ତାରିଖ ରାତିରେ ପୀଡ଼ିତା ବାହାରକୁ ପରିସ୍ରା କରିବାକୁ ଆସିଥିବା ବେଳେ ଅଭିଯୁକ୍ତଦ୍ୱୟ ତାଙ୍କୁ ଉଠାଇ ନେଇ ବଳାତ୍କାର କରିଥିଲେ। ତେବେ ନାବାଳିକାଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ ଉଠିଯିବାରୁ ସେମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଘଟଣାର ଗୋଟିଏ ଦିନ ପରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ୧୭୮/୧୯ ନଂ.ରେ ଏକ ମାମଲା ରୁଜୁ କରିଛି। ଏଥିସହ ଅଭିଯୁକ୍ତ ଦ୍ୱୟଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି।

### କୁମ୍ଭୀର ଆକ୍ରମଣରେ ମହିଳା ଆହତ

**ରାଜକନିକା, ୯।୧୦( ଡି.ଏନ୍.ଏ):** ରାଜକନିକା ଥାନା ଅଧୀନ ଖୁଣ୍ଟା ଗ୍ରାମର ସଜନୀ ମଳିକ(୪୨) କୁମ୍ଭୀର ଆକ୍ରମଣରେ ଆହତ ହୋଇଛନ୍ତି। ସେ ସୋମବାର ପୂର୍ବାହ୍ନ ୧୧ଟା ବେଳେ ବୈତରଣୀ ନଦୀ ସଂଲଗ୍ନ ଖୁଣ୍ଟା ଜୋରକୁ ବାସନ ଧୋଇବାକୁ ଯାଇଥିବା ବେଳେ ୧୦ ଫୁଟ ଲମ୍ବର ଏକ ବଉଳା କୁମ୍ଭୀର ତାଙ୍କୁ ଆକ୍ରମଣ କରିଥିଲା। କୁମ୍ଭୀରଟି ତାଙ୍କ ବାମ ଗୋଡ଼କୁ କମୁଡ଼ି ଧରିଥିଲେ ବି ସେ କୌଶଳକ୍ରମେ ସେଠାରୁ ଖସି ଆସିଥିଲେ। ଗୁରୁତର ଅବସ୍ଥାରେ ସଜନୀଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

### ହୁଣ୍ଡିରୁ ଦୁଇ ଲକ୍ଷ ଟଙ୍କା ବାହାରିଲା

**କେନ୍ଦ୍ରାପଡା ଅଫିସ, ୯।୧୦:** ଇଚ୍ଛାପୁରସ୍ଥ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପରିସରସ୍ଥ ମାଆ ମହାଲକ୍ଷ୍ମୀ ମନ୍ଦିରରେ ସ୍ଥାପିତ ହୁଣ୍ଡି ଗତ ୬ ତାରିଖରେ ଖୋଲାଯାଇଛି। ଏଥିରୁ ମୋଟ ୨,୧୮,୪୨୬ ଟଙ୍କା ଆୟ ହୋଇଥିବା ଶ୍ରୀଜୀଉଙ୍କ ଦେବୋତ୍ତର ସଂସ୍ଥା ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ବୁଧବାର ସୂଚନା ଦେଇଛନ୍ତି। ଏହି ଗଣତିରେ ଟ୍ରଷ୍ଟି ଧୀରେନ ସାହୁ, ବଳରାମ ସୁଆର, ରଞ୍ଜନ ପୃଷ୍ଟି, ଯଯାତି କେଶରୀ ମହାନ୍ତି, ସୁପରଭାଇଜର ନୃସିଂହ ଚରଣ ପତ୍ରୀ ପ୍ରମୁଖ ସାମିଲ ହୋଇଥିଲେ। ସୂଚନାଯୋଗ୍ୟଯେ, ଗତ ଡିସେମ୍ବର ୧୩ ତାରିଖରେ ଏହି ହୁଣ୍ଡିରୁ ମୋଟ ୨,୮୭୬୩୦ ଟଙ୍କା ଆୟ ହୋଇଥିଲା।

### ପଟ୍ଟାମୁଣ୍ଡାଇରେ ରାବଣପୋଡ଼ି

**ପଟ୍ଟାମୁଣ୍ଡାଇ, ୯।୧୦ (ସ୍ୱ.ପ୍ର.):** ଜଗତ ଜନନୀ ମା'ଦୁର୍ଗାଙ୍କ ବିଜୟା ଦଶମୀ ଅବସରରେ ପୋଖରୀଆପଡ଼ା ଦୁର୍ଗା ପୂଜା କମିଟି ପକ୍ଷରୁ ଏମ୍ଏନ୍ ହାଇସ୍କୁଲ ପଡ଼ିଆରେ ମଙ୍ଗଳବାର ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ରଞ୍ଜନ ଦେ, ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ ଓ ପୂଜା କମିଟି ସଦସ୍ୟ ମିଟୁ ଦାଶ, ଚିତ୍ତରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ କହିଥିଲେ ଯେ, ମଣିଷ ଭିତରେ ଥିବା ଆସୁରିକ ପ୍ରବୃତ୍ତିକୁ ଜଳାଞ୍ଜଳି ଦେବା ପାଇଁ ପ୍ରତି ବର୍ଷ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହେଉଛି। ତଥାପି ସମାଜରେ ହିଂସାତ୍ମକ ଓ ଭ୍ରଷ୍ଟାଚାର ବ୍ୟଭିଚାର ଆଦି ବଢ଼ିବାରେ ଲାଗିଛି। ସଭିଏଁ ଏକାଠି ହୋଇ ଅନ୍ୟାୟ, ଅସତ୍ୟ ବିରୋଧରେ ଲଢ଼େଇ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଶେଷରେ ଆଇଆଇସି ରାବଣ ପୁତୁଳାରେ ଅଗ୍ନି ସଂଯୋଗ କରିଥିଲେ।

### ଥାନା ଭିତରେ ଭିଡିଓ ରେକର୍ଡିଂ କରି ଜଣେ ଗିରଫ

**କେନ୍ଦ୍ରାପଡା ଅଫିସ, ୯।୧୦:** ଏକ ମାମଲା ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାକୁ ଟାଉନ ଥାନାକୁ ଯାଇଥିବା ବେଳେ ବେଆଇନ ଭାବେ ଭିଡିଓ ରେକର୍ଡିଂ କରିବା ନେଇ ଆନନ୍ଦ ଗୋପାଳ ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଟାଉନ ଥାନାରେ ୧୯୫/ ୧୯ ନଂରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ସାହୁ ବୁଧବାର ଏକ ମାମଲା ସମ୍ପର୍କରେ ବୁଝିବା ପାଇଁ ଟାଉନ ଥାନା ଯାଇଥିଲେ। ଏସଆଇ ସୌମ୍ୟରଞ୍ଜନ ଜାଲିଙ୍କ ସହିତ ଏ ସଂପର୍କରେ ପଚରାଉଚରା କରୁଥିବା ବେଳେ ତାଙ୍କ ଶାର୍ଟ ପକେଟରେ ଥିବା ମୋବାଇଲରେ ଭିଡିଓ ରେକର୍ଡିଂ କରୁଥିଲେ। ଏ ସମ୍ପର୍କରେ ଅନ୍ୟ ଜଣେ ଏସଆଇ ଅନ୍ତର୍ଯ୍ୟାମୀ ବିଶ୍ୱାଳ ଜାଣିବା ପରେ ସାହୁଙ୍କୁ ଏହାର କାରଣ ପଚାରିଥିଲେ। କିନ୍ତୁ ସାହୁ ନିଜକୁ ଖବରଦାତା କହିଥିଲେ ମଧ୍ୟ ଏହାର ପ୍ରମାଣ ଦେଇ ପାରି ନ ଥିଲେ।

## ■ ଇନ୍ଦୁପୁରରେ ଦୁର୍ଗାଙ୍କ ମେଲଣ ଉତ୍ସବ

# ପାରମ୍ପରିକ ବାଦ୍ୟରେ ଦୁଲୁକିଲା ମେଲଣ ପଡ଼ିଆ

**ଡେରାବିଶ,୯।୧୦(ସ୍ୱ.ପ୍ର.)**

କେନ୍ଦ୍ରାପଡା ବ୍ଲକର ଇନ୍ଦୁପୁରଠାରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ମେଲଣୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଗତ ଶନିବାର ଠାରୁ ଇନ୍ଦୁପୁର, ଧୂମାତ ଅଞ୍ଚଳ ମାଆଙ୍କ ପୂଜାର୍ଚ୍ଚନା ପାଇଁ ଚଳଚଞ୍ଚଳ ଥିଲା । ବିଜୟା ଦଶମୀ ତିଥିରେ ଏହି ଅଞ୍ଚଳରେ ପୂଜା ପାଉଥିବା ୩୦ରୁ ଉର୍ଦ୍ଧ୍ୱ ପୂଜା ମଣ୍ଡପରେ ମା'ଙ୍କ ଘଟ ବିସର୍ଜନ ହୋଇଥିଲା । ମେଲଣ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ହବେଳିସାହିର ମାଆ ଦୁର୍ଗାଙ୍କ ମେଢ଼ । ମାଆଙ୍କୁ ଦେଖିବା ପାଇଁ ଇନ୍ଦୁପୁର ବଜାର ସମେତ ଆଖପାଖ ଅଞ୍ଚଳ ଲୋକାରଣ୍ୟ ହୋଇଥିଲା । ପରମ୍ପରା ଅନୁଯାୟୀ, ପୂଜା ମଣ୍ଡପ ଠାରୁ ମେଲଣ ପଡିଆ ମଧ୍ୟରେ ଥିବା ଅଞ୍ଚଳରେ ଶ୍ରଦ୍ଧାଳୁଗଣ ୭ ଥର ପ୍ରଦକ୍ଷିଣ କରିଥିଲେ । ଅପରାହ୍ନ ୧ଟାରେ ମେଲଣ ପଡିଆକୁ ପ୍ରବେଶ କରି ଉପବେଶନ କରିଥିଲେ । ଅପରପକ୍ଷରେ ଚଳିତବର୍ଷ ପ୍ରଶାସନ ଓ ଶାନ୍ତି କମିଟି ଦ୍ୱାରା ନିର୍ଦ୍ଧାରିତ ୧୫ଟି ମେଢ ପ୍ରାଚୀନ ପରମ୍ପରାକୁ ଆଧାର କରି କ୍ରମାନ୍ୱୟରେ ମେଲଣ ପଡିଆକୁ ପ୍ରବେଶ କରିଥିଲେ । ମେଲଣ ଉତ୍ସବରେ ଆଇନଶୃଙ୍ଖଳା ରକ୍ଷା ପାଇଁ ଜିଲା ପ୍ରଶାସନ ଓ ନିକିରାଇ ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଏଥିସହ ସମସ୍ତ କାର୍ଯ୍ୟ ଶାନ୍ତିଶୃଙ୍ଖଳାରେ ସମାପନ ପାଇଁ ଶାନ୍ତି କମିଟି ସଦସ୍ୟଗଣ ସଜାଗ ଥିବା କମିଟି ସଭାପତି ଡ. ବିରଞ୍ଚି ନାରାୟଣ ଜଗଦେବ କହିଛନ୍ତି । ମେଲଣର ଥାନପତି ହବେଳିସାହି ଦୁର୍ଗା ମୂର୍ତ୍ତିକୁ ବିରୂପା ନଦୀକୂଳରେ ଥିବା ମା' ଚଣ୍ଡୀଙ୍କ ପୀଠରେ ଅନୁଷ୍ଠିତ ମେଲଣ ପଡିଆରେ ଅପରାହ୍ନରେ ଉପବେଶନ କରାଯାଇଥିଲା । ପରେ ଇନ୍ଦୁପୁର ଓ ଧୂମାତ ଅଞ୍ଚଳରୁ ଆସିଥିବା ମେଢ଼ ପାରମ୍ପରିକ ବାଦ୍ୟ ଶୋଭାଯାତ୍ରା ମଧରେ ପଡିଆ ମଧକୁ ପ୍ରବେଶ କରିଥିଲେ । ଶାନ୍ତି କମିଟି ପକ୍ଷରୁ ସମ୍ପାଦକ ପ୍ରଭାତ ରଞ୍ଜନ ସୂତାର, କର୍ମକର୍ତ୍ତା ଶରତ କୁମାର ମଲ୍ଲିକ, ଧୂମାତ ସରପଞ୍ଚ ନରହରି ପାଣି, ଇନ୍ଦୁପୁର ସରପଞ୍ଚ ରୀନା ମଲ୍ଲିକ, ସମିତି ସଭ୍ୟ ସନ୍ତୋଷ ବେହେରା, ପ୍ରଭାତ ରଞ୍ଜନ ଜେନା, କେଦାର ନାଥ ବିହାରୀ, ସାମାଜିକ କର୍ମୀ ଆଲୋକ ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ପରିଚାଳିତ ହୋଇଥିଲା। ସେହିପରି ଶାନ୍ତିଶୃଙ୍ଖଳା ପାଇଁ ପଟ୍ଟାମୁଣ୍ଡାଇ ଏସଡିପିଓ ରଞ୍ଜନ କୁମାର ଦେ, ଥାନା ଅଧିକାରୀ କାବୁଲି ବାରିକଙ୍କ ନେତୃତ୍ୱରେ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।



ଡେରାବିଶ ବ୍ଲକର ଭୋଳାହାଟ ପୂଜା ମଣ୍ଡପଠାରେ ପୂଜା ପାଉଥିବା ଦୁର୍ଗା ମୂର୍ତ୍ତି।



ଚଉଦକୁଳାଟର ମା' ଦୁର୍ଗା।

## ଚଉଦକୁଳାଟରେ ମାଆଙ୍କୁ ମେଲାଣି

**କେନ୍ଦ୍ରାପଡା ଅଫିସ, ୯।୧୦**

କେନ୍ଦ୍ରାପଡା ବ୍ଲକ ଚଉଦକୁଳାଟ ଅଞ୍ଚଳର ଚନ୍ଦନପୁର ଗ୍ରାମରେ ମାଆ ଦୁର୍ଗାଙ୍କ ପୂଜୋତ୍ସବ ଶାନ୍ତିଶୃଖଂଳାର ସହ ଶେଷ ହୋଇଛି । ବୁଧବାର ଭସାଣି ଉତ୍ସବ ହୋଇଥିଲା । ମା' ଦୁର୍ଗା ପୂଜା କମିଟି ପକ୍ଷରୁ ଆୟୋଜିତ ଉତ୍ସବରେ ମାଆଙ୍କ ମହାସପ୍ତମୀ, ମହାଷ୍ଟମୀ, ବିଜୟା ଦଶମୀ ଆଦି ପାରମ୍ପାରିକ ରୀତିନୀତିକୁ ପୁରୋହିତ ମନୋଜ ନନ୍ଦ ସମାପନ କରିଥିଲେ । ଏହି ଅବସରରେ ପ୍ରତିଦିନ ସନ୍ଧ୍ୟାରେ ପାଲା ପରିବେଷଣ ହୋଇଥିଲା । ଦୁର୍ଗାପୂଜା ଦେଖିବା ପାଇଁ ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ସ୍ଥାନୀୟ ପୋଲିସ ପ୍ରଶାସନ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ । ସଭାପତି ତପନ କୁମାର ଦାସଙ୍କ ନେତୃତ୍ୱରେ ପୂଜା କମିଟିର ସଦସ୍ୟ ଗୋପବନ୍ଧୁ ସାହୁ, ରାଜକିଶୋର ସେଠୀ, ଦୋଳଗୋବିନ୍ଦ ସାହୁ ପ୍ରମୁଖ ଏହି ଉତ୍ସବରେ ସହଯୋଗ କରିଥିଲେ।

## କ୍ଷତ୍ରିୟ ସମାଜର ଖଣ୍ଡାପୂଜା



ମା'ଦୁର୍ଗାଙ୍କ ପାଖରେ ଖଣ୍ଡା ପୂଜା କରାଯାଉଛି।

**ମାର୍ଶାଘାଇ, ୯।୧୦ (ଡି.ଏନ୍.ଏ.)**

ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ମାର୍ଶାଘାଇ ଅଞ୍ଚଳର ବିଭିନ୍ନ ସ୍ଥାନରେ କ୍ଷତ୍ରିୟମାନଙ୍କ ଖଣ୍ଡାପୂଜା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର କୁସୁନପୁର ଆଖଣ୍ଡଳମଣି ମନ୍ଦିର ପରିସରରେ ମା'ଦୁର୍ଗାଙ୍କ ଘଟସ୍ଥାପନ କରାଯାଇ କ୍ଷତ୍ରିୟମାନଙ୍କର ପାରମ୍ପରିକ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ପୂଜା କରାଯାଇଥିଲା। ଏହି ଅବସରରେ ହୋମଯଜ୍ଞ ଓ ନାମ ସଂକୀର୍ତ୍ତନର ଆୟୋଜନ କରାଯାଇଥିଲା। କୁସୁନପୁର ଗ୍ରାମର ବରିଷ୍ଠ ନାଗରିକ ପର୍ଶୁରାମ ନାୟକଙ୍କ ପୌରୋହିତ୍ୟରେ ଖଣ୍ଡା ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁକାନ୍ତ ନାୟକ, ହିମାଂଶୁ ଶେଖର ନାୟକ, ରତ୍ନାକର ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ସେହିପରି କାନପୁର, ଡଅଁରମୁଣ୍ଡ, ଶିଳିପୁର, ମାର୍ଶାଘାଇ, ମାଣିକପୁର, ବନ୍ଧକଟା ଆଦି ଗ୍ରାମ ଗୁଡ଼ିକରେ ମହାଆଡ଼ମ୍ବରରେ ଖଣ୍ଡାପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

## ଭସାଣି ବେଳେ ଗଣ୍ଡଗୋଳ ପୋଲିସକୁ ଢେଲାମାଡ଼

**ପଟ୍ଟାମୁଣ୍ଡାଇ, ୯।୧୦ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ କେନାଲ ପୋଲ ଛକଠାରେ ଦୁର୍ଗା ମେଢ଼ ଭସାଣି ପୋଲିସ ଉପରକୁ ଢେଲାମାଡ଼ ହୋଇଛି। କୌଣସି କାରଣରୁ ଗଣ୍ଡଗୋଳ ହେବା ପରେ ଉପସ୍ଥିତ ଜନସାଧାରଣ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହାପରେ କେତେଜଣ ବ୍ୟକ୍ତି ପୋଲିସ ଉପରକୁ ଢେଲାମାଡ଼ କରିଥିଲେ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏସ୍‌ପି ନୀତିଶେଖର ଏ ନେଇ ଘଟଣାସ୍ଥଳରେ ପହଞ୍ଚିଥିବା ଜଣାପଡ଼ିଛି। ତେବେ ଭସଣି ବେଳେ ପଟ୍ଟାମୁଣ୍ଡଇ ବ୍ଲକର ଡାକବଙ୍ଗଳା ଛକ ସମେତ ଅନ୍ୟ କେତେକ ସ୍ଥାନରେ ଗଣ୍ଡଗୋଳ ହୋଇଥିବା ସୂଚନା ମିଳିଛି।

## ଶାନ୍ତିଶୃଙ୍ଖଳାରେ ଦୁର୍ଗାପୂଜା ଶେଷ

**ରାଜନଗର,୯।୧୦(ଡି.ଏନ.ଏ.)**

ରାଜନଗର ଅଞ୍ଚଳରେ ଦୁର୍ଗାପୂଜା ଶାନ୍ତିଶୃଙ୍ଖଳା ମଧ୍ୟରେ ଶେଷ ହୋଇଛି। ରାଜନଗର ଦେବୀ ଘରେ ଥାନପତି ମା' ଦୁର୍ଗାଙ୍କ ସହିତ ରାଜନଗରରେ ୨୦ଟି ଓ ସମଗ୍ର ବ୍ଲକରେ ୫୦ଟି ପୂଜାମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା କରାଯାଇଥିଲା। ଦେବୀଘରେ ମା'ଦୁର୍ଗାଙ୍କ ଆରାଧନା ସହିତ ଗଳିଦାଣ୍ଡରେ ବନଦୁର୍ଗା, ଜଗନ୍ନାଥ ଛକରେ ମା'ଲକ୍ଷ୍ମୀ, ଯୁବଶକ୍ତି କ୍ଲବ ପକ୍ଷରୁ ରାଧାକୃଷ୍ଣ, ଟାଉନ୍ କ୍ଲବରେ ଶିବ ପାର୍ବତୀ, ପୁରୁଣା ବଜାରରେ ହରପାର୍ବତୀ, ପରିବାମାର୍କେଟରେ ବିଶ୍ୱରୂପ, ଥାନାରେ ଶିବପାର୍ବତୀ, ଅନନ୍ତଶୟନ ବଜାରରେ ଅନନ୍ତ ଶୟନ, ଲକ୍ଷ୍ମୀନାରାୟଣ ବଜାରରେ ଲକ୍ଷ୍ମୀନାରାୟଣ, ମାଛ ମାର୍କେଟରେ ଗଙ୍ଗାମାତାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ପୋଲ ପାଖ ମହାବୀର ବଜାରରେ ବଜରଙ୍ଗବାଲି, ମା'ତାରିଣୀ ଛକରେ ଧନଲକ୍ଷ୍ମୀ, ଷ୍ଟେଟ୍ ବ୍ୟାଙ୍କ ଛକରେ ଗଣପତି, ରାଜସ୍ୱ ଡାକବଙ୍ଗଳା ସମ୍ମୁଖରେ ମା' ସରସ୍ୱତୀ ଓ ଗଜାନନ. ଘାଟରୋଡରେ ସାଇବାବାଙ୍କ ସମେତ ସାନବଡ ଗୋପାଳପୁରରେ ମା' ଶାରଳା, ପଞ୍ଚାୟତ ଅଫିସରେ ହନୁମାନ, ତ୍ରିନାଥ ବଜାରରେ ତ୍ରିନାଥଙ୍କ ମୃଣ୍ମୟୀ ମୂର୍ତ୍ତିର ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହ ସୁସଜ୍ଜିତ ତୋରଣ ସହିତ ଆଲୋକମାଳା ରାଜନଗରକୁ ନୂଆ ରୂପରେ ସଜେଇ ଥିଲା। ଦଶହରାରେ ରାଜନଗରର ବିଭିନ୍ନ ପୂଜା ମଣ୍ଡପରେ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ମଦନପୁର, ଓକିଲପାଳ, ଗୁପ୍ତି, ଜୁନୁସ୍‌ନଗର, ଇଶ୍ୱରପୁର, ଦୋଳସାହି, ପଟ୍ଟାପାରିଆ ଓ ଜରିମୂଳ ପ୍ରଭୃତି ସ୍ଥାନରେ ଦୁର୍ଗାପୂଜା ପାଳିତ ହୋଇଯାଇଛି । ତହସିଲଦାର ତଥା ମାଜିଷ୍ଟ୍ରେଟ୍ ଦିବ୍ୟେନ୍ଦୁ ଶେଖର ଦାସ , ଆଇଆଇସି ତପନ କୁମାର ନାୟକଙ୍କ ନେତୃତ୍ୱରେ ପୋଲିସ ବାହିନୀ ଶାନ୍ତିଶୃଙ୍ଖଳା ତଦାରଖ କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ ରାଜନଗର ସମେତ ବ୍ଲକର ବିଭିନ୍ନ ସ୍ଥାନରେ ହୋଇଥିବା ପୂଜାମଣ୍ଡପ ବୁଲି ମା'ଙ୍କୁ ଦର୍ଶନ କରିଥିଲେ। ରାଜନଗର ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ଅଂଶୁମାନ ମହାନ୍ତି, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, କୃଷି ବିଭାଗର ରାଜ୍ୟ ଉପଦେଷ୍ଟା କୃତ୍ତିବାସ ପାତ୍ର ପ୍ରମୁଖ ବିଭିନ୍ନ ପୂଜାମଣ୍ଡପ ବୁଲିଥିଲେ।

## ବିଦାୟ ନେଲେ ମା' ଦଶଭୁଜା

**ପାଟକୁରା/ମାର୍ଶାଘାଇ, ୯।୧୦ (ଡି.ଏନ୍.ଏ.)**

ଗରଦପୁର ବ୍ଲକ ଅଞ୍ଚଳରେ ମା' ଦୁର୍ଗାଙ୍କ ଭସାଣି ଉତ୍ସବ ବୁଧବାର ଶେଷ ହୋଇଛି। ବ୍ଲ ଅଧୀନ କଳାବୁଦାଠାରେ ରୀତିନୀତି ମୁତାବକ ପୂଜା ଶେଷ ହୋଇଥିବା ବେଳେ ଭସାଣି ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଭସାଣି ଉତ୍ସବରେ ୯ ଟି ମେଢ଼ ଅଂଶ ଗ୍ରହଣ କରିଥିବା ବେଳେ ରାତି ୧୦ ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରମ୍ପରା ଅନୁଯାୟୀ ପ୍ରଥମେ ଗୋବିନ୍ଦପୁରର ପୁରୁଣା ଦେବୀଙ୍କ ମେଢ଼ ଭସାଣି ଉତ୍ସବ ପ୍ରଥମେ ହୋଇଥିଲା। ପରେ ବଡ଼ କଳାବୁଦା, ସାନ କଳାବୁଦା, ବାରୁଣୀ, ଅଣ୍ଡାଳୋ, ଭଦିଳୋ, ଢ଼ିଅସାହି, ଢ଼ିଅସାହି ହରିପୁର ସମେତ ତିକନପୁରର ମେଢ଼ ଶୋଭାଯାତ୍ରାରେ ଆସି ବାରୁଣୀ ଡୁଠରେ ପହଞ୍ଚିଥିଲେ। ସେଠାରେ ଶାନ୍ତି କମିଟି ତରଫରୁ ମା'ଙ୍କୁ ମେଲାଣି ଦିଆଯାଇଥିଲା। ପରେ ଚିତ୍ରୋତ୍ପଳା ନଦୀର ଶନିଶ୍ଚର ଘାଟରେ ଓ ବାରୁଣୀ ଘାଟରେ ବିସର୍ଜନ କରାଯାଇ ଜଳସମାଧି କରାଯାଇଥିଲା। ଶାନ୍ତି କମିଟି ସଭାପତି ଶୈଳେନ୍ଦ୍ର ମହାନ୍ତି, ସାମାଜିକ କର୍ମୀ ଅଞ୍ଜନ ଦେବତା, ସରପଞ୍ଚ ପ୍ରକାଶ ଚନ୍ଦ୍ର ସାହୁଙ୍କ ସମେତ ପାଟକୁରା ଥାନା ପୋଲିସ୍ ସଦଳବଳେ ଉପସ୍ଥିତ ରହି ଭସାଣି ଉତ୍ସବ ପରିଚାଳନା କରିଥିଲେ।

ସେହିପରି ମାର୍ଶାଘାଇ ବ୍ଲକର ବିଭିନ୍ନ ସ୍ଥାନରେ ମା' ଦୁର୍ଗାଙ୍କ ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏ ନେଇ ବିଭିନ୍ନ ପୂଜା କମିଟି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବାଜା, ବାଣ, ଘଣ୍ଟ ଆଦି ବାଦ୍ୟଯନ୍ତ୍ରର ତାଳେ ତାଳେ ମାର୍ଶାଘାଇ ବଜାର ମଣ୍ଡପରୁ ମା'ଙ୍କୁ ନିଆଯାଇ ବଜାର ପରିକ୍ରମା କରାଯାଇଥିଲା। ଏହାପରେ ଜୁଣଛକ ଦେଇ ମା' ଦେବୀ ଘାଟକୁ ଯାଇଥିଲେ। ସେଠାରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଶେଷ ହେବା ପରେ ମା'ଙ୍କୁ ମେଲାଣି ଦିଆଯାଇଥିଲା। ଭସାଣି ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସେହିପରି ମଧୁସୂଦନପୁର, ପୋତାରୀ, ମାଣିକପୁର, ବନ୍ଧକଟା, ପରକୂଳା, ପିକରାଳୀ, ନରସିଂହପୁର, ଆଖୁଆ ଓଡ଼ଙ୍ଗ, କରିଲୋପାଟଣା ଆଦି ଗ୍ରାମରେ ଦୁର୍ଗାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି।





ପାଟକୁରା ଓ ମାର୍ଶାଘାଇ ବ୍ଲକରେ ମା'ଦୁର୍ଗାଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

## ସହର ମଧ୍ୟରେ ଭାରି ଯାନ ପ୍ରବେଶ ଉପରେ କଟକଣା

**କେନ୍ଦ୍ରାପଡା ଅଫିସ, ୯।୧୦**

କେନ୍ଦ୍ରାପଡାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଆସନ୍ତା ୧୩ରୁ ଆରମ୍ଭ ହୋଇ ୨୧ ତାରିଖରେ ଶେଷ ହେବ। ଏହି ସମୟରେ ସହର ମଧ୍ୟରେ ଭାରୀଯାନ ପ୍ରବେଶକୁ ନିଷିଦ୍ଧ କରା ଯାଇଥିବା ବେଳେ ୨ଚକିଆ ଓ ହାଲୁକା ଯାନ ଉପରେ ଜିଲା ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶ ଅନୁଯାୟୀ, ଏହି ୧୦ ଦିନ ରାଜ୍ୟ ରାଜପଥ (୯ଏ)ର କୁସୁନପୁର ଠାରୁ ପଟ୍ଟାମୁଣ୍ଡାଇ ପର୍ଯ୍ୟନ୍ତ ସକାଳ ୭ଟାରୁ ୧୧ଟା ୩୦ ମିନିଟ ଓ ଅପରାହ୍ନ ୩ଟାରୁ ରାତ୍ର ୧ଟା ୩୦ ମିନିଟ ମଧ୍ୟରେ ଭାରୀଯାନ ଚଳାଚଳକୁ ନିଷିଦ୍ଧ କରାଯାଇଛି । ଏହି ସମୟ ମଧ୍ୟରେ ସହର ମଧ୍ୟକୁ ତିନିମୁହାଣି ପାର୍ଶ୍ୱରୁ ଆସୁଥିବା ୨ ଚକିଆ, ଅଟୋ ରିକ୍ସା ଆଦି ସହରର ଗୋବରୀ ରିଂ ରୋଡ, ନୂଆ ବସଷ୍ଟାଣ୍ଡ, କୋର୍ଟ ଛକ, ବ୍ଲକ ରୋଡ ଦେଇ ଇଚ୍ଛାପୁରକୁ ଯାଇହେବ। ସେହିପରି ଇଚ୍ଛାପୁର ପାର୍ଶ୍ୱରୁ ଆସୁଥିବା ଗାଡିଗୁଡିକ କେଶପୁର, ମୀରପାଟଣା, କାକଟରୋଡ ଦେଇ ଶ୍ୟାମସୁନ୍ଦରପୁର ଛକରେ ବାହାରିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ପୁରାତନ ଛାତ୍ର ସଂସଦର ବାର୍ଷିକୋତ୍ସବ

**ମାର୍ଶାଘାଇ, ୯।୧୦ (ଡି.ଏନ୍.ଏ.)**

ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ୩୩ତମ ବାର୍ଷିକୋତ୍ସବ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ନିରଞ୍ଜନ ବସନ୍ତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ବରିଷ୍ଠ ଆଇଏଏସ ସୁରେଶ ଚନ୍ଦ୍ର ମନ୍ତ୍ରୀ, ଡା. ସୁନାକର ସାମଲ, ମାର୍ଶାଘାଇ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରଞ୍ଜିତ କୁମାର ଦାସ, ପୂର୍ବତନ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଦଳାଇ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରାତନ ଛାତ୍ର ସଂସଦ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସଂସଦର ସହ ସମ୍ପାଦକ ଆଇନଜୀବୀ ବିଚିତ୍ରାନନ୍ଦ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଅଧ୍ୟାପକ ଉମାକାନ୍ତ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଭାବଗ୍ରାହୀ ମଲ୍ଲ ଧନ୍ୟବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ଭାସ୍କର ଚନ୍ଦ୍ର ଦାସଙ୍କ ସ୍ମୃତିରେ ସଂସଦ ତରଫରୁ କରାଯାଇଥିବା ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର ୧୫ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ପୁରାତନ ଛାତ୍ର ସଂସଦର ପ୍ରାକ୍ତନ ସଭାପତି ଇଂ. ଜ୍ଞାନଦେବ ବେଉରା, ପୂର୍ବତନ ସଭାପତି ଚନ୍ଦ୍ରମଣି ସାହୁ, ପୂର୍ବତନ ସଭାପତି ଆଇନଜୀବୀ ଅନଙ୍ଗ କୁମାର ସାହୁ, ପୂର୍ବତନ ଡିଆଇ ମଧୁସୂଦନ ବେହେରା, ମନୋରଞ୍ଜନ ସାମଲ, ଦିବାକର ରାଉତ, ପ୍ରବୋଧ ନାୟକ, ସଂଗ୍ରାମ କେଶରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆସନ୍ତା ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ସୁନାକର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ସାହୁ, ଉପ ସଭାପତି ଭାବଗ୍ରାହୀ ମଲ୍ଲ, ସମ୍ପାଦକ ବିଚିତ୍ରାନନ୍ଦ ବେହେରା, ଯୁଗ୍ମ ସମ୍ପାଦକ ହିମାଂଶୁ ଶେଖର ନାୟକ, ସହ ସମ୍ପାଦକ ପ୍ଲାବନ ସ୍ୱାଇଁ ଏବଂ କୋଷାଧ୍ୟକ୍ଷ ଭାବେ ସରୋଜ କୁମାର ପତିଙ୍କୁ ଚୟନ କରାଯାଇଛି।

## ପୂର୍ବତନ ମନ୍ତ୍ରୀ ଦୀନବନ୍ଧୁ ଥିଲେ ଦରଦୀ ମଣିଷ

**କେନ୍ଦ୍ରାପଡା ଅଫିସ, ୯।୧୦**

ପୂର୍ବତନ ଆଡଭୋକେଟ ଜେନେରାଲ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦୀନବନ୍ଧୁ ସାହୁ କେନ୍ଦ୍ରାପଡା ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବିକାଶ ପାଇଁ ସର୍ବଦା ତତ୍ପରତା ଦେଖାଇଥିଲେ। ଏଥିସହ ସେ ଜଣେ ଦରଦୀ ମଣିଷ ଭାବେ ଜଣାଶୁଣା ଥିଲେ ବୋଲି ସ୍ୱର୍ଗତ ସାହୁଙ୍କ ୩୯ ତମ ଶ୍ରାଦ୍ଧୋତ୍ସବରେ ଅତିଥିମାନେ ସୋମବାର ମତ ଦେଇଛନ୍ତି। ସହରର କଜଳାସ୍ଥିତ ସ୍ୱର୍ଗତ ସାହୁଙ୍କ ପ୍ରତିମୂର୍ତ୍ତି ନିକଟରେ ଆୟୋଜିତ ଉତ୍ସବରେ ଶିକ୍ଷାବିତ ନନ୍ଦକିଶୋର ପରିଡା ଅଧ୍ୟକ୍ଷତା କରିଥିଲେ। ଏଥିରେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା, ପୂର୍ବତନ ପୌରାଧ୍ୟକ୍ଷ ଧୀରେନ କୁମାର ସାହୁ, ଜିଲା ଯୁବ ବିଜେଡି ସଭାପତି ରାଜେଶ କୁମାର ପଣ୍ଡା, ଡ. ବାସୁଦେବ ଦାସ, ଶିକ୍ଷାବିତ ଅଜୟ କୁମାର ସାମଲ, ଡ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ସରୋଜରାଜ ସିଂହ, ଧ୍ରୁବ ଚରଣ ଜେନା, ସଞ୍ଜୟ ଜେନା ପ୍ରମୁଖ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ।




ସ୍ୱର୍ଗତ ସାହୁଙ୍କ ପ୍ରତିମୂର୍ତ୍ତି ତଳେ ଅତିଥିମାନେ।

# ଚାପଖେଳି ମେଲାଣି ନେଲେ ମା'

**ରାଜନଗର,୯।୧୦(ଡି.ଏନ.ଏ.)**

ବୁଧବାର ମଧ୍ୟାହ୍ନରେ ହଂସୁଆ ନଦୀରେ ଚାପ ଖେଳି ରାଜନଗରର ଥାନପତି ମା' ଦୁର୍ଗା ମେଲାଣି ନେଇଛନ୍ତି । ଯାଦବ ସଂପ୍ରଦାୟର ଲୋକେ ମା'ଙ୍କୁ କାନ୍ଧରେ ନେଇ ରାଜନଗର ବଜାର ପରିକ୍ରମା କରିଥିଲେ। ପାରମ୍ପରିକ ବାଦ୍ୟ, ନୃତ୍ୟ ସାଙ୍ଗକୁ ହରିବୋଲ, ହୁଳହୁଳି ଧ୍ୱନି ମଧ୍ୟରେ ମା'ଙ୍କୁ ଭକ୍ତମାନେ ପାଛୋଟି ନେଇଥିଲେ। ପରିକ୍ରମା ପରେ ହଂସୁଆ ନଦୀରେ ଥିବା ସୁସଜ୍ଜିତ ଡଙ୍ଗାରେ ମା'ଙ୍କୁ ବସାଯାଇ ନଦୀରେ ଚାପ ଖେଳାଯାଇଥିଲା। ହଂସୁଆ ନଦୀରେ ୭ ଘେରା ଚାପ ଖେଳିବା ପରେ ମା'ଙ୍କୁ ପାଣିରେ ବିସର୍ଜନ କରାଯାଇଥିଲା। ମା' ଥାନପତି ଦୁର୍ଗାଙ୍କ ସହିତ ଗଳିଦାଣ୍ଡର ବନଦୁର୍ଗାଙ୍କୁ ମଧ୍ୟ ମେଲାଣି ଦେବା ପାଇଁ ବାଜା ମୃଦଙ୍ଗର ତାଳେ ତାଳେ ହଂସୁଆ ନଦୀ ପାଖକୁ ପାଛୋଟି ଅଣାଯାଇଥିଲା। ସେହିପରି ସାନବଡଗୋପାଳପୁରର ମା' ଶାରଳା, ମାଛ ମାର୍କେଟ୍‌ର ମା' ଗଙ୍ଗାମାତାଙ୍କୁ ଭକ୍ତ ଓ ପୂଜା କମିଟିର ସଦସ୍ୟମାନେ କାନ୍ଧେଇ ନେଇ ସୁସଜ୍ଜିତ ଡଙ୍ଗାରେ ବସାଇ ନଦୀରେ ଚାପଖେଳ ସାରି ବିସର୍ଜନ କରିଥିଲେ। ନଦୀ ମଧ୍ୟରେ ମା'ଙ୍କ ନିଆରା ଭସାଣୀ ଉତ୍ସବ ଦେଖିବାକୁ ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଭସାଣୀ ଉତ୍ସବ ପାଇଁ ପୋଲିସ ବାହିନୀ ଓ ଅଗ୍ନିଶମ ବାହିନୀ ପକ୍ଷରୁ ନଦୀ ମଧ୍ୟରେ ପଇଁତରା ମରାଯାଇଥିଲା। ଆଇଆଇସି ତପନ କୁମାର ନାୟକ ନଦୀ ମଧ୍ୟରେ ରହି ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ। ନଦୀ ମଧ୍ୟରେ ଠାକୁର ଚାପ ଖେଳୁଥିବା ଡଙ୍ଗାରେ କ୍ଷମତା ଅନୁଯାୟୀ ଲୋକଙ୍କୁ ଚଢ଼ିବାକୁ ଦିଆଯାଇଥିଲା। ସେହିଭଳି ଆଇସିଆଇସିଆଇ ବ୍ୟାଙ୍କ ନିକଟରେ ହୋଇଥିବା ଶ୍ରୀ ଗଣପତିଙ୍କ ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗଣପତିଙ୍କ ବିସର୍ଜନ ଶୋଭାଯାତ୍ରାରେ ଘୋଡାନାଚ ଦେଖିବାକୁ ମିଳିଥିଲା। ନଦୀ ମଧ୍ୟରେ ଚାପଖେଳ କରାଯାଇ ସୁସଜ୍ଜିତ ନୌକାରେ ମା'ଙ୍କ ଭସାଣୀ ଉତ୍ସବ ଓଡିଶାରେ ବିରଳ।



ବିସର୍ଜନ ପୂର୍ବରୁ ମା'ହଂସୁଆ ନଦୀରେ ଚାପ ଖେଳୁଛନ୍ତି।



ରାନୀ ପ୍ରିୟଦର୍ଶିନୀ

# ରାନୀଙ୍କ ନୂଆ ଯୋଜନା

ରାନୀ ପ୍ରିୟଦର୍ଶିନୀ। ନିଜ ରିଲ୍ ଲାଇଫକୁ ନେଇ ସେ ବେଶ୍ ସଚେତନ। 'କଟି ପତଙ୍ଗ'ରେ ଅଭିନୟ କରିବା ପରେ ଏଣିକି ଦେଖିଚାହିଁ ପାଦ ପକାଇବେ ବୋଲି କହନ୍ତି ଏହି ଅଭିନେତ୍ରୀ। ଏ ସମ୍ପର୍କରେ ସେ କହନ୍ତି, 'ଏହି ଫିଲ୍ମରେ ମୋତେ ଯେଉଁ ଭୂମିକାଟି ମିଳିଥିଲା ତାହା ମୋ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। ତା'ପାଇଁ ମୋତେ ମଧ୍ୟ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। ନିକଟରେ ମୋତେ ୨-୩ ଓଡିଆ ସିନେମାରେ ଅଭିନୟ କରିବାକୁ ଅଫର ମିଳିଛି। ସେହି ଫିଲ୍ମଗୁଡିକର କାହାଣୀ ଏବଂ ମୋ ଭୂମିକାକୁ ଭଲ ଭାବରେ ତର୍ଜମା କରିବା ପରେ ହିଁ ସେଥିରେ ଅଭିନୟ କରିବି କି ନାହିଁ ସେ ବିଷୟରେ ନିଷ୍ପତ୍ତି ନେବି। ଆକ୍ଟିଂ କ୍ଷେତ୍ରରେ ଆଦୌ ତରତର ହେବି ନାହିଁ। ଦେଖିଚାହିଁ ପାଦ ପକାଇବି। ଶସ୍ତା ଭୂମିକାରେ ଆକ୍ଟିଂ କରିବା ଅପେକ୍ଷା ବର୍ଷକୁ ଗୋଟିଏ ଦୁଇଟି ସିନେମାରେ ଅଭିନୟ କଲେ କିଛି କ୍ଷତି ନାହିଁ।' ତେବେ ଆଲବମ୍ କୁଇନ୍ ଭାବରେ ପରିଚିତା ରାନୀ ନିଜ ନୂଆ ଯୋଜନା ଅନୁସାରେ ଓଲିଉଡ୍‌ରେ କେତେ ବାଜିମାତ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ନୂଆ ସିନେମା

# ଏନ୍‌କାଉଣ୍ଟର

ଓଲିଉଡ୍‌ରେ ଏନକାଉଣ୍ଟର-ଏ କଥା ଶୁଣିବା ପରେ ଅନେକେ ନିଶ୍ଚୟ ଚମକି ପଡ଼ିବେ। ହେଲେ ଏହା ପଛରେ ସତ୍ୟତା ରହିଛି। କଥା କ'ଣ କି, ନିର୍ଦ୍ଦେଶକ ସୁଧାକର ବସନ୍ତ ଏପରି ଏକ ଆକ୍ସନଭିତ୍ତିକ କାହାଣୀକୁ ନେଇ ଏକ ଓଡ଼ିଆ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି। ଅନ୍ୟପକ୍ଷରେ ସିନେମାଟିର ସଂଳାପ ଲେଖିଛନ୍ତି ଅନ୍ୟତମ ଆଗଧାଡିର ସଂଳାପକାର ଡ. ରଜନୀ ରଞ୍ଜନ। ଫିଲ୍ମଟିର ଟାଇଟଲ ରହିଛି 'ଏନ୍‌କାଉଣ୍ଟର'। ଏହି ଅବସରରେ ଡ. ରଜନୀ ରଞ୍ଜନ ଫିଲ୍ମ ସମ୍ପର୍କରେ କହନ୍ତି, 'ଏହି କାହାଣୀ ସମ୍ପୂର୍ଣ୍ଣ ଭିନ୍ନ ଧରଣର। ଏଥିରେ କେବଳ ଆକ୍ସନ ନୁହେଁ, ଲଭ୍, ଇମୋଶନ ଏବଂ ଫ୍ୟାମିଲି ଡ୍ରାମା ମଧ୍ୟ ରହିଛି। ଏହି ଚଳଚ୍ଚିତ୍ରର ପ୍ରତିଟି ସଂଳାପ କିପରି ଦମ୍‌ଦାର ହେବ ସେନେଇ ବେଶ୍ ପରିଶ୍ରମ କରିବାକୁ ପଡୁଛି। ଆଶା ରହିଛି, ଫିଲ୍ମଟି ଦର୍ଶକଙ୍କୁ ନିଶ୍ଚୟ ସ୍ପେଶାଲ ଏଣ୍ଟରଟେନ୍‌ମେଣ୍ଟ ଦେବ।' ଖାସ୍ କଥା ହେଲା, ଏହାର ମେଲ୍ ଲିଡ୍‌ରେ ଦେବାଶିଷ ପାତ୍ର ଅଭିନୟ କରୁଥିବା ବେଳେ ନିର୍ଦ୍ଦେଶକ ସୁଧାକର ଏବଂ ପିଣ୍ଟୁ ନନ୍ଦ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ପରଦା ଉପରକୁ ଆସିବେ। ଏହି ଚିତ୍ରରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଉଛନ୍ତି ଅଭିଜିତ୍ ମଜୁମ୍‌ଦାର।

# ପୁଣି ବାଜିବ ଆଶୁତୋଷଙ୍କ ସାହାନାଇ

ଶୁଭ ବିବାହରେ ସାହାନାଇଟିଏ ଲୋଡା ପଡ଼େ। ଏହାକୁ ପେସା କରି ଚଳୁଥିବା ଲୋକଟିର ଜୀବନରେ କେମିତି କଳା ଅନ୍ଧାର ଘୋଟି ଆସେ ଆଉ ତା'ପରେ କ'ଣ ହୁଏ ତାହାକୁ ନେଇ କାହାଣୀ ଗତିଶୀଳ। ହଁ, ଏପରି କାହାଣୀକୁ ନେଇ ପ୍ରସ୍ତୁତ ହେଉଛି ଓଡ଼ିଆ ସିନେମା 'ବାଜିବ ଲୋ ସାହାନାଇ'। ଗୌରୀ ଗଣନାଟ୍ୟ ପରିବେଷିତ ତଥା ଆଶୁତୋଷ ମହାପାତ୍ରଙ୍କ ନିର୍ଦ୍ଦେଶିତ ଅପେରା ନାଟକ 'ବାଜିବ ଲୋ ସାହାନାଇ' ସେହି ସମୟରେ ଯାତ୍ରାପ୍ରେମୀଙ୍କୁ ଫୁଲ୍ ଏଣ୍ଟରଟେନମେଣ୍ଟ କରିଥିଲା। ଅର୍ଥାତ୍, ଏହି କାହାଣୀକୁ ଓଡ଼ିଆ ଚଳଚ୍ଚିତ୍ରର ରୂପ ଦେଉଛନ୍ତି ନବାଗତ ପ୍ରଯୋଜକ ଜନ୍ମେଜୟ ଡଗରା। ତା'ସହ ଏହାକୁ କିପରି ଏକ ସୁନ୍ଦର ସିନେମାଟିଏ କରାଯାଇପାରିବ ସେ ନେଇ ପୂରା ଦମ୍‌ରେ ଅଣ୍ଟା ଭିଡିଛନ୍ତି ଆଶୁତୋଷ। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ସମ୍ବିତ, ଅମ୍ଳାନ କୁମାର ଏବଂ ବଙ୍ଗୀୟ ଅଭିନେତ୍ରୀ ଝିଲିକ୍। ଚଳଚ୍ଚିତ୍ରର ବୈଷୟିକ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ସୁରେଶ ଦାସ। ଫିଲ୍ମଟିର ଅର୍ଦ୍ଧାଧିକ ଶୁଟିଂ ଶେଷ ହୋଇଛି।



ଦୀପିକା

# ଡରୁଛନ୍ତି ଦୀପିକା

ଦୀପିକାଙ୍କ ମନରେ ଏବେ ଭୟ ଘାରିଛି। ଗୋଟିଏ କଥା ପ୍ରକାଶ କରିବାକୁ ସେ ଡରୁଛନ୍ତି। କଥା କ'ଣ କି ନିକଟରେ ସେ ଏକ ନୂଆ ସିନେମାରେ ସାଇନ୍ କରିଛନ୍ତି। ଏଥିରେ ତାଙ୍କ ବ୍ୟତୀତ ଅଜୟ ଦେବଗନ ଏବଂ ରଣବୀର କପୁର ମଧ୍ୟ ଅଭିନୟ କରିବେ। ଶୁଣିବାକୁ ମିଳୁଛି ଯେ ଏହି ଫିଲ୍ମ ପାଇଁ ଏକ ରୋମାଣ୍ଟିକ ଟାଇଟଲ ବଛାଯାଇଛି। ହେଲେ ସେନେଇ ପ୍ରଯୋଜନା ସଂସ୍ଥା ପକ୍ଷରୁ କିଛି ସୂଚନା ଦିଆଯାଇନାହିଁ। ଏ ବିଷୟରେ ଦୀପିକା ପାଦୁକୋନଙ୍କୁ ପଚାରିଲେ ସେ କହୁଛନ୍ତି ଯେ, 'ଏହି ଟାଇଟଲଟି ସମସ୍ତଙ୍କ ସମ୍ମୁଖରେ ପ୍ରକାଶ କରିବାକୁ ମୋତେ ଡର ଲାଗୁଛି। ହେଲେ କାହିଁକି ଡର ଲାଗୁଛି ତାହା ମୁଁ କହିବି ନାହିଁ। ସମୟ ଆସିଲେ ପ୍ରଯୋଜନା ସଂସ୍ଥା ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯିବ। ହେଲେ ଏଥିପାଇଁ ଦୀପିକା କାହିଁକି ଡରୁଛନ୍ତି ତାହା କେବଳ ତାଙ୍କୁ ହିଁ ଜଣା।

## ବେଲପାହାଡ଼ ଲଢ଼େଇ

# ବିନୋଦ ବନାମ ସତ୍ୟ

ଚଳିତ ଅପେରା ସିଜନରେ ନିଜ ନିଜ ନାଟକକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ କେବଳ ପାର୍ଟିରେ ପ୍ରୋପ୍ରାଇଟର ନୁହନ୍ତି, କଳାକାରମାନେ ଅଣ୍ଟା ଭିଡ଼ିଛନ୍ତି। ନିକଟରେ ଶେଷ ହୋଇଛି ବେଲପାହାଡ଼ ଦଶହରା ମହୋତ୍ସବ। ଏହି ଅପେରା ଲଢ଼େଇରେ ଦୁଇଟି ପାର୍ଟି-ନବଗଠିତ ତଥା ବଙ୍କିମ ସ୍ୱାଇଁଙ୍କ ଦ୍ୱାରା ପରିଚାଳିତ ସୂର୍ଯ୍ୟମହଲ ଏବଂ ଅପେରା ଜଗତର ଅନ୍ୟତମ ଆଗଧାଡିର ପାର୍ଟି ତୁଳସୀ ଗଣନାଟ୍ୟ ମୁହାଁମୁହିଁ ହୋଇଥିଲେ। ଦୁଇ ପାର୍ଟି ଦ୍ୱାରା ପରିବେଷିତ ନାଟକଗୁଡ଼ିକ ଯାତ୍ରାପ୍ରେମୀଙ୍କୁ ଭରପୂର ଏଣ୍ଟରଟେନମେଣ୍ଟ ଯୋଗାଇଥିଲା। ବିଶେଷଭାବରେ ଜଲିଉଡ୍‌ର ନିଆରା ଅଭିନେତା ତଥା ଅପେରା ସୂର୍ଯ୍ୟମନ୍ଦିରର ଷ୍ଟାର ଆକ୍ଟର ବିନୋଦ ନାଥ ଏବଂ ତୁଳସୀର ରୋମାଣ୍ଟିକ ନାୟକ ସତ୍ୟ ସେଠାରେ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଥିଲେ। କେବଳ ଅତ୍ୟାଧୁନିକ ସାଜସଜ୍ଜାରେ ସଜ୍ଜିତ ତୁଳସୀ ଗଣନାଟ୍ୟ ନୁହେଁ ହାଇବଜେଟରେ ନବଗଠିତ ସୂର୍ଯ୍ୟମନ୍ଦିରର ମେଲୋଡି ଏବଂ ଆକ୍ଟିଂ ମଧ୍ୟ କୌଣସି ଗୁଣରେ କମ୍ ନ ଥିଲା। ଏହି ପାଞ୍ଚ ଦିନବ୍ୟାପୀ ଲଢ଼େଇରେ ସୂର୍ଯ୍ୟମନ୍ଦିର ପରିବେଷିତ ନାଟକ 'ମାୟାବିନୀ ମୌସୁମୀ', 'ପୁଅ ଯିବ ଶାଶୁଘର', ଅନୁସନ୍ଧାନ ନାଟକ 'କାହାଣୀ କହିବ ସୂର୍ଯ୍ୟମନ୍ଦିର' ଏବଂ 'ଭିତିରି କଥା'ରେ ବିନୋଦଙ୍କ ଭୂମିକାକୁ ଦର୍ଶକ ବେଶ୍ ପ୍ରଶଂସା କରୁଥିବାର ଦେଖିବାକୁ ମିଳିଥିଲା। ଅପରପକ୍ଷରେ ତୁଳସୀ ଗଣନାଟ୍ୟ ପରିବେଷିତ ନାଟକ 'ସାବିତ୍ରୀ କରିବ ସ୍ୱାମୀ ନିଲାମ', 'ହସୁଛି କେବଳ କାନ୍ଦିବା ପାଇଁ', 'ଲକ୍ଷେ ପୁଅ ନଷ୍ଟ ତୋରି ପାଇଁ', 'ଆଖିର ସପନ ଲୁହରେ ଶେଷ' ଏବଂ 'କହିଦେଲେ କଥା ସରିଯିବ' ମଧ୍ୟ ଦର୍ଶକଙ୍କ ପ୍ରଶଂସା ସାଉଁଟିବାରେ ସକ୍ଷମ ହୋଇଥିଲା।

## ଅପେରା ହାଲଚାଲ



ବିନୋଦ



ସତ୍ୟ

## ଅପେକ୍ଷାରେ

# ଆଲିୟା



ଆଲିୟା

ଆଲିୟାଙ୍କ ଅଭିନୀତ 'ବ୍ରହ୍ମାସ୍ତ୍ର' ଏବେ ରିଲିଜ ଅପେକ୍ଷାରେ ରହିଛି। ଏହି ଖୁସିରେ ସେ ଏକ ଡିନର ପାର୍ଟିର ଆୟୋଜନ କରିଥିଲେ। ଏଥିରେ ତାଙ୍କର କେତେ ଜଣ ଅନ୍ତରଙ୍ଗ ସାଙ୍ଗଙ୍କ ବ୍ୟତୀତ ଏହି ଫିଲ୍ମର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ହେଲେ ପାର୍ଟି ଆରମ୍ଭ ହେବା ପୂର୍ବରୁ ଆଲିୟା ଯେମିତି ବ୍ୟସ୍ତ ଜଣାପଡୁଥାଆନ୍ତି। ବାରମ୍ବାର ଦ୍ୱାର ଆଡକୁ ଚାହୁଁଥାଆନ୍ତି। କାରଣ ସେତେବେଳ ପର୍ଯ୍ୟନ୍ତ ପାର୍ଟିର ମୁଖ୍ୟ ଆକର୍ଷଣ ତଥା ତାଙ୍କର ପ୍ରେମିକ ରଣବୀର କପୁର ଆସି ନ ଥାନ୍ତି। ହେଲେ ଯେତେବେଳେ ସେ ଆସି ପହଞ୍ଚି ଗଲେ ସେତେବେଳେ ଆଲିୟାଙ୍କ ଖୁସି ଦେଖେ କିଏ। ବାସ୍, ତା'ପରେ ସମସ୍ତେ ମିଶି ପାର୍ଟିର ମଜା ନେଇଥିଲେ।

# ଅଂଶୁମାନ ଯାହା ଚାହୁଁଥିଲେ..



ଅଂଶୁମାନ ସାମନ୍ତରାୟ ଯାହା ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି। ରିଲିଜ ଅପେକ୍ଷାରେ ଥିବା ହରିଶ ଶର୍ମାଙ୍କ ହିନ୍ଦୀ ସିନେମା 'ମାୟରା'ରେ ତାଙ୍କୁ ଏକ ସୁପାରିକିଲର ଭୂମିକାରେ ଦେଖିବାକୁ ମିଳିବ। ଏ ନେଇ ଅଂଶୁମାନ କହନ୍ତି, 'ଏହି ଭୂମିକାରେ କେତେ ଦମ୍ ଅଛି ତାହା ମୁଁ ଜାଣିଛି। ଯେଉଁଭଳି ଏକ ଭୂମିକାଟିଏ ଚାହୁଁଥିଲି ତାହା ମୋତେ ମିଳିଯାଇଛି। ଏହାବ୍ୟତୀତ 'ଏହସାସ୍' ନାମକ ଆଉ ଏକ ସିନେମା ରିଲିଜ ଅପେକ୍ଷାରେ ରହିଛି। କେବଳ ସେତିକି ନୁହେଁ, ରାଜୀବ ମହାନ୍ତିଙ୍କ ନିର୍ଦ୍ଦେଶିତ 'ତୁ ମୋର ନିହାତି ଦରକାର'ର ମୁଖ୍ୟ ଖଳନାୟକ ଭୂମିକାରେ ମୁଁ ଅଭିନୟ କରିଛି। ଏହି ଫିଲ୍ମରେ ପାଣି ଭିତରେ ଏକ ଫାଇଟ୍ ଶଟ୍ ଶୁଟିଂ କରାଯାଇଛି, ଯାହା ଫିଲ୍ମର ମୁଖ୍ୟ ଆକର୍ଷଣ।' ତେବେ ଦୁଇଟି ହିନ୍ଦୀ ସିନେମାରେ ଅଭିନୟ କରିବା ପରେ ଏବେ ତାଙ୍କ ହାତରେ ୨-୩ଟି ବଲିଉଡ୍ ଅଫର ରହିଛି। ଏହାବ୍ୟତୀତ ହରିଶ ଶର୍ମାଙ୍କ ପ୍ରଯୋଜିତ ଏକ ଭୋଜପୁରୀ ଫିଲ୍ମରେ ସେ ମୁଖ୍ୟ ଖଳନାୟକ ଭୂମିକାରେ ଅଭିନୟ କରିବେ। ସେପଟେ ଭଲ ଭୂମିକାକୁ ସବୁବେଳେ ଗୁରୁତ୍ୱ ଦେବି ବୋଲି କହନ୍ତି ଏହି ଅଭିନେତା।

# ଆଉ କେତେ ଦିନ



ଓଡ଼ିଆ ସିନେମାର ଇତିହାସ ବେଶ୍ ଋଦ୍ଧିମନ୍ତ। ୧୯୩୬ରେ ମୁକ୍ତିଲାଭ କରିଥିଲା ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ'। ବର୍ତ୍ତମାନ ଗୁଣାତ୍ମକ ଦୃଷ୍ଟିକୋଣରୁ ଆଲୋଚନା କଲେ ଆମ ଓଡ଼ିଆ ସିନେମାର ଭବିଷ୍ୟତ ଉପରେ ସ୍ୱତଃ ପ୍ରଶ୍ନବାଚୀ ଲାଗିଯାଉଛି। କାରଣ ଗତ କିଛି ବର୍ଷ ହେବ ପ୍ରତିବର୍ଷ ୩୦ରୁ ଅଧିକ ସିନେମା ରିଲିଜ ହେଉଛି। ସେଗୁଡିକ ମଧ୍ୟରୁ ଅଧିକାଂଶ କୌଣସି ଦୃଷ୍ଟିକୋଣରୁ ଦର୍ଶକଙ୍କୁ ପ୍ରଭାବିତ କରିପାରୁନାହିଁ। ମନକୁ ଛୁଇଁଲା ଭଳି ନିଚ୍ଛକ ଓଡ଼ିଆ ଚିତ୍ରଟିଏ ଦେଖିବା ବିରଳ ହୋଇଗଲାଣି। ଆବଶ୍ୟକ ଜ୍ଞାନ ନ ଥାଇ ପ୍ରଯୋଜକ, ନିର୍ଦ୍ଦେଶକ ସାଜି ବାହାବା ନେବାକୁ ଅନେକେ ଆଗେଇ ଆସୁଛନ୍ତି। ଓଡ଼ିଆ ସିନେମା ନିର୍ମାଣ କରି ନିଜକୁ ଜଣେ ପ୍ରଯୋଜକ କିମ୍ବା ନିର୍ଦ୍ଦେଶକ କହି ପ୍ରଶଂସିତ ହେବାକୁ କାହାକୁ କିଏ ମନା କରୁନାହିଁ। ହେଲେ ଓଡ଼ିଆ ସିନେମାର ଦିନକୁ ଦିନ ଯେପରି ଅଧୋଗତି ହେଉଛି ତାହା ଚିନ୍ତାର କାରଣ ସାଜିଛି।

ନୂଆ ଓଡ଼ିଆ ସିନେମା ନିର୍ମାଣ ହେଉ । କାରଣ ଓଡ଼ିଆ ସିନେମା ସହ ସଂଶ୍ଳିଷ୍ଟ ଅନେକ ବ୍ୟକ୍ତିବିଶେଷଙ୍କ ପେଟପାଟଣା ଏହା ଉପରେ ନିର୍ଭର କରୁଛି। ସିନେମାଟିଏ ରିଲିଜ ହୋଇ ଯଦି ଦି' ପଇସା ଲାଭ କଲା ତେବେ ତାହା ସଂପୃକ୍ତ ପ୍ରଯୋଜକଙ୍କୁ ଆଉ ଏକ ସିନେମା ନିର୍ମାଣ କରିବାକୁ ଉତ୍ସାହିତ କରିଥାଏ। ହେଲେ ହାତଗଣତି ଦିନ କେଇଟାରେ ଯେନତେନ ପ୍ରକାରେ ଶୁଟିଂ ଶେଷ କରିଦିଆଯାଉଛି। ତେଣୁ ଗୋଟିଏ ସିକୁଏନ୍ସକୁ ଯେତିକି ଗୁରୁତ୍ୱ ଦିଆଯିବା କଥା ତାହା ଦିଆଯାଉନାହିଁ। ଆଉ ଏପରି ସିନେମାଟିଏ ଦେଖିଲା ବେଳେ ସେପରି ତ୍ରୁଟି ଜଳଜଳ ହୋଇ ଦେଖାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବଜେଟ। ଆମର ଛୋଟ ଇଣ୍ଡଷ୍ଟ୍ରି, ଏଠି ରିଟର୍ନ ମିଳୁନି। ଓଡ଼ିଆ ଫିଲ୍ମଟିଏ ନିର୍ମାଣ କରିବା କାଠିକର ପାଠ। ତେଣୁ ବଜେଟକୁ ନେଇ କମ୍ପ୍ରମାଇଜ କରିବାକୁ ପଡୁଛି- ଏମିତିକା ସଫେଇ ଦେଇ କେତେକ ପ୍ରଯୋଜକ ନିଜ ମୁଣ୍ଡରୁ ଦୋଷ ଖସାଇ ଦେଉଛନ୍ତି। ଭଲ କାହାଣୀଟିଏ ଚୟନ କରିବା ଅପେକ୍ଷା ତେଲୁଗୁ-ତାମିଲ କିମ୍ବା କୌଣସି ପ୍ରାନ୍ତୀୟ ଭାଷାରେ ନିର୍ମିତ ସିନେମା ଦେଖି ତାକୁ କପି କରିଦେଲେ କାମ ଶେଷ। ମୂଳ ସିନେମା ସହ ଆମ ଓଡ଼ିଆ ସିନେମାକୁ ମିଳାଇଲା ବେଳକୁ ଆକାଶ ପାତାଳ ଫରକ ଦେଖିବାକୁ ମିଳୁଛି। ସମୟ ଥିଲା, ଭଲ କାହାଣୀଟିଏ ନେଇ ପ୍ରଯୋଜକ ଓଡିଆ ଫିଲ୍ମ ପ୍ରସ୍ତୁତ କରୁଥିଲେ। ଆଉ ସେଗୁଡିକୁ ଏଭଳି ନିର୍ମାଣ କରାଯାଉଥିଲା ଯାହାକୁ ଥରେ ନୁହେଁ, ଅନେକ ଥର ଦେଖିବାକୁ ଇଚ୍ଛା ହେଉଥିଲା। ହେଲେ ଏବେ ଓଡ଼ିଆ ସିନେମାଟିଏ ଦେଖିବାକୁ ଅଧିକାଂଶ ଦର୍ଶକ ମନ ବଳାଉ ନ ଥିବା ଦେଖିବାକୁ ମିଳୁଛି। କେତେକ ସିନେମା ରିଲିଜ ହେବାର ଦିନେ-ଦୁଇ ଦିନ ପରେ ପ୍ରେକ୍ଷାଳୟରୁ ଓହ୍ଲାଇ ଯାଉଛି।

ଏଭଳି ସିନେମାଟିଏ ନିର୍ମାଣ ହେବା ଦରକାର, ଯାହା ସବୁ ଦୃଷ୍ଟିକୋଣରୁ ଦର୍ଶକଙ୍କୁ ଆକର୍ଷିତ କରୁଥିବ। ଯଦି ନିଜର ମନୋରଞ୍ଜନ ପାଇଁ ଓଡ଼ିଆ ଚିତ୍ର ପ୍ରସ୍ତୁତ କରିବାକୁ କେହି ମନ ବଳାନ୍ତି କିମ୍ବା ଆଗେଇ ଆସନ୍ତି ତେବେ ସେମାନେ ଆରମ୍ଭରୁ ସାବଧାନ ନ ରହିଲେ କଥାଟି ବହ୍ୱାରମ୍ଭରେ ଲଘୁକ୍ରିୟା ପରି ହେବ। ଓଡ଼ିଆ ସିନେମା ସଂଖ୍ୟା ବଢୁ। ତା'ସହ ଏଭଳି ସିନେମା ନିର୍ମାଣ ହେଉ, ଯାହା ଆମ ଇଣ୍ଡଷ୍ଟ୍ରିର ଭବିଷ୍ୟତକୁ ଅନ୍ଧକାରକୁ ଠେଲିଦେବା ପରିବର୍ତ୍ତେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜୁ। ଓଡ଼ିଆ ସିନେମା ନିର୍ମାଣ ପ୍ରତି ଯଦି ଆବଶ୍ୟକ ମୁତାବକ ଦୃଷ୍ଟି ଦିଆ ନ ଯାଏ ତେବେ କଥାଟି ନିଶ୍ଚୟ 'ଗୋଦରା କୋଡେ ଯେତେ ମାଡେ ସେତେ' ସଦୃଶ ହେବ।

"ଗତ କିଛି ବର୍ଷ ହେବ ପ୍ରତିବର୍ଷ ୩୦ରୁ ଊର୍ଦ୍ଧ୍ୱ ସିନେମା ରିଲିଜ ହେଉଛି। ସେଗୁଡ଼ିକ ମଧ୍ୟରୁ ଅଧିକାଂଶ କୌଣସି ଦୃଷ୍ଟିକୋଣରୁ ଦର୍ଶକଙ୍କୁ ପ୍ରଭାବିତ କରିପାରୁନାହିଁ। ଆମେ କେବଳ ଏଠାରେ ଓଡ଼ିଆ ସିନେମାର ସଂଖ୍ୟା ହିସାବ କରୁଛେ। ମନକୁ ଛୁଇଁଲା ଭଳି ନିଚ୍ଛକ ଓଡ଼ିଆ ଚିତ୍ରଟିଏ ଦେଖିବା ବିରଳ ହୋଇଗଲାଣି।"

-ଶୁଭ୍ର ମହାପାତ୍ର

ଧରିତ୍ରୀ
DHARITRI
Thursday, 10 October 2019



| Dollar | Sensex | Nifty | Gold | Silver |
|---|---|---|---|---|
| 71.07 (5) | 38,177.95 (645) | 11,313.30 (186.90) | 39,325.00 (₹315) | 47,330.00 (₹1010) |

"ଘରୋଇ ବଜାରରେ ଅନେକ ଚ୍ୟାଲେଞ୍ଜ ରହିବା ସତ୍ତ୍ୱେ ବଜାରରେ ଲିଡରଶିପ ସ୍ଥାନ ବଜାୟ ରଖିବାକୁ ସକ୍ଷମ ହୋଇଛୁ।
– ମାର୍ଟିନ ସ୍ୱେଙ୍କ, ମର୍ସିଡିଜ୍ ବେଞ୍ଜ ଇଣ୍ଡିଆ ଏମ୍‌ଡି



"ଗ୍ରାହକଙ୍କ ବାଣିଜ୍ୟିକ ଆବଶ୍ୟକତାକୁ ଧ୍ୟାନରେ ରଖି ନୂଆ ନୂଆ ଟିଗୋର ଇଭିର ପରିବର୍ଦ୍ଧିତ ରେଞ୍ଜ ବଜାରକୁ ଛାଡିଛୁ।
– ଅଶେଷ ଧର, ମୁଖ୍ୟ, ଟାଟା ଇ-ଯାନ ବାଣିଜ୍ୟ



## ସଂକ୍ଷେପରେ

### ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସିଇଓଙ୍କୁ ଭେଟିବେ ସୀତାରାମନ

**ନୂଆଦିଲ୍ଲୀ,୯-୧୦:** ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଚଳିତ ମାସ ୧୪ରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସିଇଓଙ୍କୁ ଭେଟିବେ। ବ୍ୟାଙ୍କଗୁଡିକରେ ସ୍ଥିତିକୁ ତଥା ଅନ୍ୟ ପ୍ରସଙ୍ଗଗୁଡିକୁ ସେ ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଛି। ଏହାବାଦ ବ୍ୟାଙ୍କଗୁଡିକର ଋଣ ପ୍ରଦାନ ଧାରାରେ ଉନ୍ନତି ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗ ଉପରେ ଏଠାରେ ଆଲୋଚନା କରାଯିବ। ଅଣ ବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନ, ଏମ୍‌ଏସ୍‌ଏମ୍‌ଇକୁ ପ୍ରଦାନ କରାଯାଉଥିବା ଋଣ ସ୍ଥିତିକୁ ସେ ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଛି।

### ଅନ୍ୟ ନେଟୱର୍କ କଲ୍ ଉପରେ ଚାର୍ଜ ନେବ ଜିଓ

**ନୂଆଦିଲ୍ଲୀ,୯-୧୦:** ବିଲିୟନେୟାର ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଜିଓ ପ୍ରଥମଥର ଲାଗି ଏୟାରଟେଲ ଏବଂ ଭୋଡାଫୋନ ଭଳି ଅନ୍ୟ ନେଟୱର୍କକୁ କଲ୍ ଉପରେ ଚାର୍ଜ ନେବ। ଅନ୍ୟ କମ୍ପାନୀର ନମ୍ବରକୁ ଭଏସ୍ କଲ ଉପରେ କମ୍ପାନୀ ମିନିଟ ପିଛା ୬ ପଇସା ନେବ। ଏହା ବଦଳରେ ଗ୍ରାହକଙ୍କୁ ମାଗଣା ଡାଟା ପ୍ରଦାନ କରି କ୍ଷତିପୂରଣ ଦେବାକୁ କମ୍ପାନୀ ପକ୍ଷରୁ କୁହାଯାଇଛି। ଇଣ୍ଟରକନେକ୍ଟ ୟୁଜର ଚାର୍ଜ (ଆଇୟୁସି) ବାବଦକୁ କମ୍ପାନୀ ଏହାର ପ୍ରତିଦ୍ୱନ୍ଦ୍ୱୀଙ୍କୁ ପ୍ରଦାନ କରିଥିବା ଅର୍ଥ ସଂଗ୍ରହ ଲାଗି ଏଭଳି ନିଷ୍ପତ୍ତି ନେଇଛି। ଆଇୟୁସି ଚାର୍ଜ ଶେଷ ହେବା ଯାଏ କମ୍ପାନୀ ଏଭଳି ଚାର୍ଜ ନେବାକୁ ସୂଚନା ଦେଇଛି। ଆଇୟୁସି ଚାର୍ଜ କମାଇବା ଲାଗି ଜିଓ ବାଧବାଧକତା ସହ ଏଭଳି ନିଷ୍ପତ୍ତି ନେଇଥିବା ଏୟାରଟେଲ ପକ୍ଷରୁ ଅଭିଯୋଗ ହୋଇଛି। ଅପରପକ୍ଷରେ ଜିଓ ଫୋନ, ଲ୍ୟାଣ୍ଡ ଲାଇନ, ହ୍ୱାଟସ ଆପ୍, ଫେସ୍‌ଟାଇମ ଭଳି ପ୍ଲାଟଫର୍ମକୁ କଲ୍ ଲାଗି କୌଣସି ଦେୟ ଦେବାକୁ ପଡିବ ନାହିଁ ବୋଲି ଜିଓ ପକ୍ଷରୁ କୁହାଯାଇଛି। ଗ୍ରାହକଙ୍କ ଲାଗି ଟାରିଫରେ କୌଣସି ବୃଦ୍ଧି କରାଯିବ ନାହିଁ ବୋଲି କମ୍ପାନୀ କହିଛି। କମ୍ପାନୀ ପକ୍ଷରୁ ଆଇୟୁସି ଟପ୍‌ଅପ୍ ଭାଉଚର ୧୦ ଟଙ୍କାରୁ ଆରମ୍ଭ ହେଉଛି। ଏହା ୧୨୪ ଆଇୟୁସି ମିନିଟ ପ୍ରଦାନ କରିବ। ଏଥିରେ ଗ୍ରାହକ ଅତିରିକ୍ତ ୧ ଜିବି ଡାଟା ପାଇବେ।

# ଭାରତ ଉପରେ ବିଶ୍ୱ ମାନ୍ଦାବସ୍ଥାର ପ୍ରଭାବ

ନୂଆଦିଲ୍ଲୀ,୯-୧୦

ମାନ୍ଦାବସ୍ଥାର ପ୍ରଭାବ ସାରା ବିଶ୍ୱର ଦେଶଗୁଡିକ ଉପରେ ଏବେ ପରିଲକ୍ଷିତ ହେଉଛି। ଏହାର ପ୍ରଭାବରେ ବିଶ୍ୱ ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି ହାର ଏକ ଦଶନ୍ଧିର ସବୁଠାରୁ ନିମ୍ନ ସ୍ତରକୁ ଚାଲିଯିବା ସମ୍ଭାବନା ରହିଛି। ମାନ୍ଦାବସ୍ଥା ପ୍ରଭାବ ଭାରତ ସମେତ ବିଶ୍ୱର ପ୍ରମୁଖ ଅଭିବୃଦ୍ଧିଶୀଳ ଅର୍ଥନୀତିଗୁଡିକ ଉପରେ ଦେଖାଯାଇଥିବା ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍‌ଏଫ୍) ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟଲିନା ଜର୍ଜିଓ୍ୱା କହିଛନ୍ତି। ଆଇଏମ୍‌ଏଫ୍ ମୁଖ୍ୟ ଦାୟିତ୍ୱ ଭାର ସମ୍ଭାଳିବା ପରେ ମାନ୍ଦାବସ୍ଥା ସହ ଜଡିତ ବିଭିନ୍ନ ପ୍ରସଙ୍ଗ ଉପରେ ସେ ନିଜର ପ୍ରଥମ ଅଭିଭାଷଣ ରଖିଛନ୍ତି।

### ଅଭିବୃଦ୍ଧି ଆକଳନ କମାଇଲା ରିଜର୍ଭ ବ୍ୟାଙ୍କ

୨୦୧୯-୨୦ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ ଲାଗି ଭାରତର ଜିଡିପି ଅଭିବୃଦ୍ଧି ହାର ୫%କୁ ଖସିଛି। ଏଭଳି ସ୍ଥିତିରେ ରିଜର୍ଭ ବ୍ୟାଙ୍କ ମଧ୍ୟ ଦେଶର ଅଭିବୃଦ୍ଧି ଆକଳନକୁ ୬.୯%ରୁ ୬.୧%କୁ ହ୍ରାସ କରିଛି। ଖସୁଥିବା ଜିଡିପି ଅଭିବୃଦ୍ଧି ଉପରେ ରୋକ ଲଗାଇବା ଲାଗି ସରକାରଙ୍କ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଘୋଷଣା କରାଯାଇଛି। ମାତ୍ର ବିଶ୍ୱ ମାନ୍ଦାବସ୍ଥା ପ୍ରଭାବ ଭାରତ ବଜାର ଉପରେ ପଡିଥିବାରୁ ଏହା ବର୍ତ୍ତିପାରିନାହିଁ।

**ଆଇଏମ୍‌ଏଫ୍ ମୁଖ୍ୟଙ୍କ ମନ୍ତବ୍ୟ**

### ବାଣିଜ୍ୟ ଯୁଦ୍ଧର ନକାରାତ୍ମକ ପ୍ରଭାବ

ଜର୍ଜିଓ୍ୱା କହିଛନ୍ତି, ଗତ ୨ ବର୍ଷ ତଳେ ବିଶ୍ୱର ଅର୍ଥ ବ୍ୟବସ୍ଥା ଏକ ସକାରାତ୍ମକ ଦିଗରେ ଅଗ୍ରସର ହେଉଥିଲା। ଜିଡିପିକୁ ବିଚାରକଲେ ଏହି ସମୟରେ ବିଶ୍ୱ ଅର୍ଥନୀତିର ମୋଟ ୭୫% ଅଂଶ ଅଭିବୃଦ୍ଧି କରୁଥିଲେ। ମାତ୍ର ବର୍ତ୍ତମାନ ବାଣିଜ୍ୟ ଯୁଦ୍ଧର ପ୍ରଭାବ ଏହା ଉପରେ ପରିଲକ୍ଷିତ ହେଉଛି। ଏହି କାରଣରୁ ବିକାଶ ହାର ଅଟକିଯାଇଛି। ଆଲୋଚନା ମାଧ୍ୟମରେ ବାଣିଜ୍ୟ ବିବାଦର ସମାଧାନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହାର ପ୍ରଭାବ ବିଶ୍ୱର ଅନ୍ୟ ଦେଶଗୁଡିକ ଲାଗି ନକାରାତ୍ମକ।




### ଅଭିବୃଦ୍ଧିଶୀଳ ବଜାର ପ୍ରଭାବିତ

ଆଇଏମ୍‌ଏଫ୍ ମୁଖ୍ୟ କହିଛନ୍ତି ଯେ, ଆମେରିକା ଏବଂ ଜର୍ମାନୀ ଭଳି ଦେଶଗୁଡିକରେ ବେରୋଜଗାରି ସର୍ବକାଳୀନ ନିମ୍ନ ସ୍ତରରେ ରହିଛି। ଅପରପକ୍ଷରେ ଜାପାନ ଏବଂ ୟୁରୋପର ଅନ୍ୟ ଦେଶଗୁଡିକର ଆର୍ଥିକ ଗତିବିଧି କମ୍ ହୋଇଛି। ଏଭଳି ସ୍ଥିତିରେ ଭାରତ ଏବଂ ବ୍ରାଜିଲ ଭଳି ଅଭିବୃଦ୍ଧିଶୀଳ ବଜାରଗୁଡିକରେ ମାନ୍ଦାବସ୍ଥାର ପ୍ରଭାବ ଗଭୀର ଭାବେ ପରିଲକ୍ଷିତ ହୋଇଥିବା ସେ ମତ ରଖିଛନ୍ତି।

### ଆଇଏମ୍‌ଏଫ୍ ହ୍ରାସ କଲା ଅଭିବୃଦ୍ଧି ଅନୁମାନ

୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଭାରତର ଅଭିବୃଦ୍ଧି ଅନୁମାନକୁ ଆଇଏମ୍‌ଏଫ୍ ହ୍ରାସ କରିଛି। ପୂର୍ବର ଅଭିବୃଦ୍ଧି ଆକଳନ ତୁଳନାରେ ଆଇଏମ୍‌ଏଫ୍ ୦.୩୦% ହ୍ରାସ କରି ୭% ରଖିଛି। ଭାରତରେ ଚାହିଦାରେ ହ୍ରାସ ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ବଜାର ବିଶେଷଜ୍ଞମାନେ କହିଛନ୍ତି।

### ସରକାରଙ୍କ ପଦକ୍ଷେପ

ଅର୍ଥ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ଘୋଷଣା କରିଛନ୍ତି। ବିଦେଶୀ ନିବେଶକଙ୍କୁ ଉତ୍ସାହିତ କରିବା ଲାଗି ଅତିଧନୀଙ୍କ ଉପରେ ଲାଗୁ ହେଉଥିବା ସୁପର ରିଚ୍ ଟାକ୍ସ ହାର ହ୍ରାସ ହୋଇଛି। କର୍ପୋରେଟ ଟିକସକୁ ମଧ୍ୟ ହ୍ରାସ କରାଯାଇଛି। ଏମ୍‌ଏସ୍‌ଏମ୍‌ଇଗୁଡିକୁ ଉତ୍ସାହିତ କରିବା ଲାଗି ଜିଏସ୍‌ଟି ରିଫଣ୍ଡ ନିୟମକୁ ସରଳ କରାଯାଇଛି। ଷ୍ଟାର୍ଟଅପଗୁଡିକ ଲାଗି ଟିକସ ରିହାତି ଏବଂ ସେମାନଙ୍କ ଲାଗି ରହିଥିବା ବିଭିନ୍ନ ପ୍ରକ୍ରିୟାକୁ ସରଳ କରାଯାଇଛି।

### ରିଜର୍ଭ ବ୍ୟାଙ୍କର ଲଗାତର ରେପୋ ହ୍ରାସ

ଅର୍ଥନୀତିରେ ସୁଧାର ଆଣିବା ଲାଗି ରିଜର୍ଭ ବ୍ୟାଙ୍କ ଏହାର ସୁଧହାର ବା ରେପୋ ହାରକୁ ନିରନ୍ତର ଭାବେ ହ୍ରାସ କରୁଛି। ବର୍ତ୍ତମାନ ପର୍ଯ୍ୟନ୍ତ କେନ୍ଦ୍ରୀୟ ବ୍ୟାଙ୍କ ୧.୩୫% ସୁଧହାର କମାଇଛି। ଛୋଟ ଛୋଟ ବ୍ୟାଙ୍କଗୁଡିକୁ ୧୨ ବଡ ବ୍ୟାଙ୍କ ସହ ମିଶ୍ରଣ କରାଯାଇଛି। ବ୍ୟାଙ୍କଗୁଡିକରେ ନଗଦ ସମସ୍ୟା ଦୂର କରିବା ଲାଗି ୭୦ ହଜାର କୋଟି ଟଙ୍କାର ପୁଞ୍ଜି ପ୍ରଦାନ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଦ୍ୱାରା ବ୍ୟାଙ୍କଗୁଡିକ ଅଧିକ ଋଣ ପ୍ରଦାନ କରିବାକୁ ସକ୍ଷମ ହୋଇ ପାରିବେ। ସେହିଭଳି ରେପୋ ସଂଯୋଗୀ ଋଣ ପ୍ରଦାନ ନେଇ ବ୍ୟବସ୍ଥା କରାଯାଇଛି।

### ଏମ୍‌ସିଏଲ୍‌ଆର୍ କମାଇଲା ଏସ୍‌ବିଆଇ

ମୁମ୍ବାଇ,୯-୧୦

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ବୁଧବାର ଏହାର ମାର୍ଜିନାଲ କଷ୍ଟ ଫଣ୍ଡସ ବେସ୍‌ଡ ଲେଣ୍ଡିଂ(ଏମ୍‌ସିଏଲ୍‌ଆର୍) ହାରକୁ ୧୦ ବେସିସ୍ ପଏଣ୍ଟ ହ୍ରାସ କରାଯାଇଛି। ସବୁ ବର୍ଗର ଋଣ ଉପରେ ଏହା ଲାଗୁ ହେବ। ଅପରପକ୍ଷରେ ବ୍ୟାଙ୍କ ଏହାର ୧ ଲକ୍ଷ ଟଙ୍କାରୁ କମ୍ ଜମା ଉପରେ ସୁଧ ପ୍ରଦାନ ହାରକୁ ୨୫ ବେସିସ ପଏଣ୍ଟ ହ୍ରାସ କରି ୩.୨୫% କରିଛି। ଚଳିତ ବର୍ଷ ଏପ୍ରିଲ ପରଠାରୁ ଏସ୍‌ବିଆଇ ଏମ୍‌ସିଏଲ୍‌ଆର୍‌କୁ ୬ ଥର ଲାଗି ହ୍ରାସ କରିଛି। ଅକ୍ଟୋବର ୧୦ଠାରୁ ଏହି ନିଷ୍ପତ୍ତି ଲାଗୁ ହେବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଜମା ହାର ଉପରେ ପରିବର୍ତ୍ତିତ ନିୟମ ନଭେମ୍ବର ପହିଲାରୁ କାର୍ଯ୍ୟକାରୀ ହେବ। ଅକ୍ଟୋବର ୧ ପରଠାରୁ ରେପୋ ସଂଯୋଗୀ ରିଟେଲ ଋଣ ବାଦ ବର୍ଷିକିଆ ଏମ୍‌ସିଏଲ୍‌ଆର୍ ୮.୧୫% ପରିବର୍ତ୍ତେ ୮.୦୫%କୁ ଖସିଛି। ପାର୍ବଣ ସମୟରେ ଗ୍ରାହକଙ୍କୁ ସୁବିଧା ପ୍ରଦାନ ଲାଗି ଏଭଳି ପଦକ୍ଷେପ ଘୋଷଣା କରାଯାଇଥିବା ବ୍ୟାଙ୍କ ପ୍ରକାଶ କରିଛି। ସେହିଭଳି ବ୍ୟାଙ୍କ ଏହାର ରିଟେଲ ଟର୍ମ ଜମା ଏବଂ ବଡ ଟର୍ମ ଜମା ହାର ଯଥାକ୍ରମେ ୧୦ ବେସିସ ପଏଣ୍ଟ ଏବଂ ୩୦ ବେସିସ ପଏଣ୍ଟ କମାଇଛି। ଗତ ସପ୍ତାହରେ ରିଜର୍ଭ ବ୍ୟାଙ୍କ ଏହାର ରେପୋ କମାଇବା ପରେ ଏସ୍‌ବିଆଇ ଏଭଳି ପଦକ୍ଷେପ ନେଇଛି। ସେହିଭଳି ବ୍ୟାଙ୍କ ଅକ୍ଟୋବର ପହିଲାରୁ ରେପୋ ସଂଯୋଗୀ ଋଣ ବ୍ୟବସ୍ଥା ଗ୍ରହଣ କରିଛି।

■ ବିଶ୍ୱ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ସୂଚୀ

## ୧୦ ସ୍ଥାନ ତଳକୁ ଖସିଲା ଭାରତ

ନୂଆଦିଲ୍ଲୀ,୯-୧୦

ଗ୍ଲୋବାଲ କମ୍ପିଟିଟିଭ୍ ଇଣ୍ଡେକ୍ସ ବା ବିଶ୍ୱ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ସୂଚୀରେ ଭାରତ ୧୦ଟି ସ୍ଥାନ ତଳକୁ ଖସି ୬୮ତମ ସ୍ଥାନରେ ରହିଛି। ବିଶ୍ୱର ଅନ୍ୟ ଦେଶଗୁଡିକରେ ଉନ୍ନତି ହେବା କାରଣରୁ ଘରୋଇ ବଜାର ତଳକୁ ଖସିଛି। ଅପରପକ୍ଷରେ ଯୁକ୍ତରାଷ୍ଟ୍ର ଆମେରିକାକୁ ପଛରେ ପକାଇ ସିଙ୍ଗାପୁର ବିଶ୍ୱର ସବୁଠାରୁ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଅର୍ଥନୀତି ସ୍ଥାନ ହାସଲ କରିଛି। ଜେନେଭା ଭିତ୍ତିକ ଓ୍ୱାର୍ଲଡ ଇକୋନୋମିକ ଫୋରମ(ଡବ୍ଲ୍ୟୁଇଏଫ୍) ପକ୍ଷରୁ ପ୍ରକାଶିତ ଏହି ତାଲିକାରେ ଭାରତ ୫୮ତମ ସ୍ଥାନରେ ରହିଥିଲା। ବ୍ରିକ୍ସ ଦେଶଗୁଡିକ ମଧ୍ୟରେ ଭାରତ ଏବଂ ବ୍ରାଜିଲ ଖରାପ ପ୍ରଦର୍ଶନ କରୁଥିବା ଦେଖାଯାଇଛି। ତାଲିକାରେ ବ୍ରାଜିଲର ସ୍ଥାନ ୭୧ରହିଛି।

ବୁଧବାର ଡବ୍ଲ୍ୟୁଇଏଫ୍ ଘୋଷଣା ମୁତାବକ ଭାରତ ଢାଞ୍ଚାଗତ ସ୍ଥିରତା, ବଜାର ଆକାର କ୍ଷେତ୍ରରେ ଉଚ୍ଚ ର୍‍ୟାଙ୍କରେ ରହୁଛି। ଏହାର ଆର୍ଥିକ କ୍ଷେତ୍ର ସ୍ଥିର ହାର ଉଚ୍ଚରେ ରହିବା ଯୋଗୁ ବ୍ୟାଙ୍କିଙ୍ଗ ସିଷ୍ଟମରେ ଭଲ ସ୍ଥିତି ଫେରି ପାରୁ ନ ଥିବା ରିପୋର୍ଟରେ ପ୍ରକାଶ ପାଇଛି। କର୍ପୋରେଟ ଗଭର୍ନାନ୍ସ କ୍ଷେତ୍ରରେ ଭାରତ ୧୫ ତମ, ଅଂଶୀଦାର ଗଭର୍ନାନ୍ସରେ ୨ୟ ସ୍ଥାନରେ ରହିଥିବା ଉକ୍ତ ସର୍ଭେରୁ ଜଣାପଡ଼ିଛି। ସେହିଭଳି ମାର୍କେଟ ଆକାରରେ ତୃତୀୟ, ଅଣପାରମ୍ପରିକ ଶକ୍ତି ନିୟମ କ୍ଷେତ୍ରରେ ତୃତୀୟ ସ୍ଥାନରେ ରହିଛି। ସେହିଭଳି ଅନ୍ୟ ପ୍ରସଙ୍ଗଗୁଡିକ ଉପରେ ସର୍ଭେରେ ପ୍ରକାଶ ପାଇଛି।

## ପିଏମ୍-କିଷାନରେ ଆଧାର ସଂଯୋଗ ଅବଧି ବଢ଼ିଲା

ନୂଆଦିଲ୍ଲୀ,୯-୧୦

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା (ପିଏମ୍-କିଷାନ) ଲାଗି ଆଧାର ସଂଯୋଗୀକରଣର ସମୟ ଅବଧିକୁ କେନ୍ଦ୍ର ସରକାର ବୁଧବାର ଆସନ୍ତା ମାସ ୩୦ ଯାଏ ବଢାଇ ଦେଇଛନ୍ତି। ଅର୍ଥାତ ଲୋକମାନେ ଏହି ଯୋଜନା ଲାଗି ନଭେମ୍ବର ମାସ ୩୦ ଯାଏ ଆଧାର ସଂଯୋଗ କରିବାକୁ ସୁଯୋଗ ପାଇବେ। ରବି ଋତୁ ଆରମ୍ଭ ହେବା ଆଗରୁ କୃଷକମାନେ ବିଭିନ୍ନ ଆନୁଷଙ୍ଗିକ କୃଷି ସରଞ୍ଜାମ କିଣିବା ଲାଗି ଏଭଳି ପଦକ୍ଷେପ ସହାୟକ ହେବ ବୋଲି ସରକାର କହିଛନ୍ତି। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କେନ୍ଦ୍ର ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି(ସିସିଇଓଏ) ବୈଠକରେ ଏଭଳି ନିଷ୍ପତ୍ତି ହୋଇଛି। ପିଏମ୍ କିଷାନରେ ବର୍ତ୍ତମାନ ସୁଦ୍ଧା ୧୪ କୋଟି କୃଷକ ପଞ୍ଜୀକୃତ ହୋଇଛନ୍ତି। କୃଷକଙ୍କୁ ବାର୍ଷିକ ୩ କିସ୍ତିରେ ୬ ହଜାର ଟଙ୍କା କେନ୍ଦ୍ର ସରକାର ଯୋଗାଇ ଦେଉଛନ୍ତି। ସୁବିଧାର ପ୍ରତ୍ୟକ୍ଷ ହସ୍ତାନ୍ତର(ଡିବିଟି) ଯୋଗୁ କୃଷକଙ୍କ ବ୍ୟାଙ୍କ ଖାତାକୁ ଏହି ଅର୍ଥ ପ୍ରେରଣ କରାଯାଉଛି।

ଏହି ସୁବିଧାର ଲାଭ ନେବାକୁ ହେଲେ ଚଳିତ ବର୍ଷ ୧ ପରଠାରୁ ଆଧାରକୁ ବାଧ୍ୟତାମୂଳକ କରାଯାଇଛି। ଆସାମ, ମେଘାଳୟ, ଜମ୍ମୁ ଏବଂ କଶ୍ମୀର ଭଳି ସ୍ଥାନଗୁଡିକର କୃଷକଙ୍କ ଲାଗି ମାର୍ଚ୍ଚ ୨୦୨୦ ଯାଏ ଏଭଳି ନିୟମ ଲାଗୁ ହେବ ନାହିଁ। ଆଧାର ସଂଯୋଗୀକରଣ ପ୍ରକ୍ରିୟା ବିଳମ୍ବ ହେଉଥିବାରୁ ଏହାର ଅବଧିକୁ ନଭେମ୍ବର ୩୦ ଯାଏ ବଢାଯାଇଥିବା କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର କ୍ୟାବିନେଟ ବୈଠକ ପରେ ସୂଚନା ଦେଇଛନ୍ତି। ଉକ୍ତ ଯୋଜନାରେ ବର୍ତ୍ତମାନ ସୁଦ୍ଧା ୨୭,୦୦୦ କୋଟି ଟଙ୍କା କୃଷକଙ୍କୁ ପ୍ରଦାନ କରିବା ନେଇ ବ୍ୟବସ୍ଥା କରାଯାଇଛି। ପ୍ରଥମ କିସ୍ତିରେ ୬.୭୬ କୋଟି, ଦ୍ୱିତୀୟରେ ୫.୧୪ କୋଟି ଏବଂ ତୃତୀୟ କିସ୍ତିରେ ୧.୭୪ ହିତାଧିକାରୀଙ୍କୁ ଟଙ୍କା ପ୍ରଦାନ କରାଯାଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।




### ଦିଲ୍ଲୀରେ ଟମାଟୋ କିଲୋ ୮୦

ନୂଆଦିଲ୍ଲୀ,୯-୧୦

ପିଆଜ ପରେ ଏବେ ଟମାଟୋ ଦର ଆକାଶଛୁଆଁ। ରାଜଧାନୀ ନୂଆଦିଲ୍ଲୀରେ ଟମାଟୋ କିଲୋ ପ୍ରତି ଦର ବୁଧବାର ୮୦ ଟଙ୍କା ଛୁଇଁଛି। କର୍ଣାଟକ ସମେତ ଅନ୍ୟାନ୍ୟ ଉତ୍ପାଦନକାରୀ ରାଜ୍ୟଗୁଡିକରେ ବର୍ଷା ଯୋଗୁ ଯୋଗାଣ ବାଧାପ୍ରାପ୍ତ ହେବାରୁ ଏଭଳି ସ୍ଥିତି ଉପୁଜିଥିବା ଜଣାପଡିଛି। ମାତ୍ର ଗତ ସପ୍ତାହ ତୁଳନାରେ ପିଆଜ ଦର ସାମାନ୍ୟ ହ୍ରାସ ଘଟି ପ୍ରାୟ ୬୦ ଟଙ୍କା ରହିଛି। ମଦର ଡେରୀର ସଫଳ ଆଉଟଲେଟରେ ଟମାଟୋ କିଲୋ ପ୍ରତି ଦର ୫୮ ଟଙ୍କା ରହିଛି।

email ID- eeharabhangi@gmail.com
GOVERNMENT OF ODISHA
DEPARTMENT OF WATER RESOURCES
Office of the Executive Engineer, Harabhangi Irrigation Division, Adava, Dist:Gajapati
INVITATION FOR BIDS
e-Procurement Notice No.: EE– HID- 02/2019-20 286-A

Bid document consisting of work, estimated cost, cost of tender paper, EMD, time of completion, class of contractor, the set of terms and conditions of contract and other necessary documents can be seen in e-Procurement portal http://tenderodisha.gov.in

1. Type of the work : Building & compound wall construction.
2. No. of works : 3(Three) Nos.
3. Class of contractor. : "D" ,"C' & 'B' Class
4. Bid identification No. : EE-HID-NO.05/2019-20 to 07/2019-20
5. Estimated cost. : Rs 6.50 Lakh to Rs. 20.35 Lakh.
6. Period of completion : 3 (Three months) to 5 ( five months )
7. Date and time of Availability & submission of bids in the portal. : From 15.10.06.2019 to 11.00 AM to 25.10..2019 , 5.00 PM
8. Date of opening of bid : 26.10.2019 11.00 AM in the e-Procurement cell, Harabhangi Irr. Division, Adava
9. Name of the officer inviting bid. : Executive Engineer, Harabhangi Irrigation Division, Adava, Gajapati.
10. Any addendum/corrigendum/cancellation of tender can also be seen in the said Website.
11. Further details can be seen from Government Website-http://tenderodisha.gov.in

Executive Engineer,
Harabhangi Irrigation Division,
Adava, Gajapati (761217).
32021/11/0003/1920

DADLS-35
ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଓ ଶହୀଦ ବାଜି ରାଉତଙ୍କ ଶ୍ରାଦ୍ଧ ଉତ୍ସବ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା
ତା.୧୧।୧୦।୨୦୧୯ ସ୍ଥାନ-ଗୀତଗୋବିନ୍ଦ ସଦନ
ପ୍ରବନ୍ଧ ପ୍ରତିଯୋଗିତା ସମୟ-ପୂର୍ବାହ୍ନ ଘ.୧୦.୩୦ ମିନିଟ୍
୧- ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨- ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩- ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)
ବକ୍ତୃତା ପ୍ରତିଯୋଗିତା ସମୟ-ମଧ୍ୟାହ୍ନ ଘ.୧୨.୦୦ ମିନିଟ୍
୧- ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨- ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩- ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)
- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ୧ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ୧ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ଶୀର୍ଷକ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ କାଗଜ ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର/ପ୍ରଧାନ ଶିକ୍ଷକ/ପ୍ରଧାନ ଶିକ୍ଷୟିତ୍ରୀ/ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା.୧୧।୧୦।୨୦୧୯ରିଖ ସନ୍ଧ୍ୟା ଘ୬.୩୦ ମିନିଟ୍ ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ସାଧାରଣ ସଭାରେ ପ୍ରଦାନ କରାଯିବ।

ନିର୍ଦ୍ଦେଶକ
ସୂଚନା ଲୋକସମ୍ପର୍କ ବିଭାଗ
15001/13/0057/1920

OFFICE OF THE COLLECTOR & DISTRICT MAGISTRATE, KALAHANDI
(Social Welfare Section)
No.1944 Date: 09.10.2019
TENDER CALL NOTICE
Sealed tenders are invited from interested Travel Agencies / Individuals having valid GST Certificate for providing vehicles sitting capacity not more than 5 including driver on call basis which shall confirm to the terms & conditions vide Notification No.1937 dated.09.10.2019 of the Collector, Kalahandi can be downloaded from the website www.kalahandi.nic.in
Last date for receipt of tender paper : 21.10.2019
latest by 1.00 P.M.
By order of the Collector
Sd./-
District Social Welfare Officer,
Kalahandi

L. No.9169 Invitation for Expression of Interest Dt.09.10.19
District Rural Development Agency, Ganjam, Chatrapur invites sealed bid on Expression of Interest for selection of Vendor and Unit Price for various types of LED street lights, Solar LED Street Lights, Hi-Mast LED & Solar lights as well as individual different fixtures of street lighting of LED/Solar system, Solar based drinking water system from the reputed manufacturing companies, Electrical Contractors, suppliers and authorized dealers with valid MV/LT License wherever as applicable from the Govt. of Odisha either in individual capacity or joint venture firm in 2(two) bid system. The bidder who fulfils all qualifications and criteria as specified can submit participate the expression of interest for the purpose. The quoted price shall inclusive of GST, other taxes and conveyance charges for supplying, installation, commissioning including erection and installation and post maintenance for 5 years warranty/Guarantee for replacement in-situ in different Gram Panchayats of Ganjam District. The successful bidder if approved by the Technical Committee under Chairmanship of Collector, Ganjam will be assigned the work by the different Gram Panchayat and Panchayat Samities of Ganjam District. The detailed specifications, General Terms & Conditions, Scope of work has been provided in scheduled Bid document at Annexure- I, II & III. The bid documents can be obtained from the Office of PD, DRDA, Ganjam on payment of Rs. 1,000/- (Rupees One thousand) (non refundable) in shape of Bank Draft drawn in favour of PD, DRDA, Ganjam, Chatrapur payable at Chatrapur during office hours from 14.10.2019 to 30.10.2019 till 01.00 PM (Excluding holidays). The filled up bid documents shall be enclosed in a sealed envelope super scribing "Bid for supply and installation of LED/Solar Lights" and may be dropped in drop box placed at office of the DRDA and to be closed at 2.00 PM on 30.10.2019 and will be opened at 3.30 PM on the same day in presence of the bidders or their authorised agents who so ever is present. The bid papers completed in all aspect shall be submitted to **"Project Director, DRDA, Ganjam, Chatrapur, PIN-761020"** through Speed Post/Registered Post also. The bid documents received beyond the stipulated date & time agencies shall be rejected. The bidder participating for the expression of the interest should deposit an amount of Rs. 50,000/- (Rupees Fifty thousand) only in shape of Postal/Bank Deposit duly pledged in favour of PD, DRDA, Ganjam as a pre-qualification security deposit. The scheduled bid documents can also be downloaded from Ganjam District website i.e. https: // ganjam.nic.in/. in such case the bidder shall enclose Bank Draft Rs. 1,000/- (Non-refundable) drawn in favour of PD, DRDA, Ganjam along with the bid papers as a cost of bid documents. The successful bidder, if approved by the competent authority may be enlisted / empanelled as vendor for the district for one year from the date of approval. The authority reserves all rights to cancel all bids or any of the bid documents without assigning any reason thereof.
Sd./- Collector-cum-CEO, Zilla Parishad, Ganjam

DSPL-114
ବିଶ୍ୱ ଦୃଷ୍ଟି ଦିବସ
୧୦ ଅକ୍ଟୋବର,୨୦୧୯



ପ୍ରତିବର୍ଷ ଅକ୍ଟୋବର ମାସ ଦ୍ୱିତୀୟ ଗୁରୁବାର ବିଶ୍ୱ ଦୃଷ୍ଟି ଦିବସ ପାଳନ କରାଯାଇଥାଏ । ଚକ୍ଷୁରୋଗ ଓ ଦୃଷ୍ଟିଶକ୍ତିଜନିତ ସମସ୍ୟାର ପ୍ରତିରୋଧ ତଥା ପ୍ରତିକାର ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ଉଦ୍ଦେଶ୍ୟ ।

ଧ୍ୟାନ ଦିଅନ୍ତୁ :
- ଛାତ୍ରଛାତ୍ରୀ, ବୟସ୍କ ଓ ମଧୁମେହରେ ଆକ୍ରାନ୍ତ ବ୍ୟକ୍ତିମାନେ ଦୃଷ୍ଟିଶକ୍ତି ଜନିତ ସମସ୍ୟାରେ ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ ।
- ନିୟମିତ ଚକ୍ଷୁ ପରୀକ୍ଷା ଓ ଉପଯୁକ୍ତ ଯତ୍ନ ଦୃଷ୍ଟିଶକ୍ତିଜନିତ ଜଟିଳ ସମସ୍ୟାକୁ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ ।
- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ/ଜିଲ୍ଲା ମୁଖ୍ୟ ଚିକିତ୍ସାଳୟମାନଙ୍କରେ ଆଧୁନିକ ଉପାୟରେ ବିନାମୂଲ୍ୟରେ ଚକ୍ଷୁ ଚିକିତ୍ସା ଯୋଗାଇଦିଆଯାଉଛି ।
- ସ୍କୁଲ ଛାତ୍ରଛାତ୍ରୀ ମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇ ମାଗଣାରେ ଚଷମା ଯୋଗାଇ ଦିଆଯାଉଛି ।
- ଗ୍ଲୁକୋମା ରୋଗୀଙ୍କ ପାଇଁ ଆଜୀବନ ମାଗଣା ଚିକିତ୍ସାର ବ୍ୟବସ୍ଥା କରାଯାଇଛି ।
- ଚକ୍ଷୁ ଚିକିତ୍ସାକୁ ବ୍ୟାପକ ଓ ଫଳପ୍ରଦ କରିବାପାଇଁ ସରକାରଙ୍କ ତରଫରୁ **ସାର୍ବଜନୀନ ଚକ୍ଷୁସେବା କାର୍ଯ୍ୟକ୍ରମ** (ସୁନେତ୍ର) କାର୍ଯ୍ୟକାରୀ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଚକ୍ଷୁର ଆବଶ୍ୟକୀୟ ପରୀକ୍ଷା, ଚିକିତ୍ସା ସହିତ ଔଷଧ ବିନାମୂଲ୍ୟରେ ଉପଲବ୍ଧ କରାଯାଉଛି ।

ଆସନ୍ତୁ, ଚକ୍ଷୁରୋଗ ଓ ଦୃଷ୍ଟିଶକ୍ତିଜନିତ ସମସ୍ୟାର ପ୍ରତିରୋଧ ତଥା ନିୟନ୍ତ୍ରଣ ସମ୍ପର୍କରେ ସଚେତନ ହୋଇ ଅନ୍ଧତ୍ୱ ଦୂରୀକରଣ କାର୍ଯ୍ୟକ୍ରମକୁ ସଫଳ କରାଇବା ।

ଅଧିକ ସୂଚନା ପାଇଁ ନିକଟସ୍ଥ ଆଶା, ସ୍ୱାସ୍ଥ୍ୟକର୍ମୀ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବା ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
10003/13/0048/1920



" ୨୦୧୩–୧୪ରେ ଟ୍ୟାକ୍ସ ସମସ୍ୟାର ସମ୍ମୁଖୀନ ହୋଇଥିବାବେଳେ ଏହା ମୋ ପାଇଁ କଷ୍ଟଦାୟକ ଥିଲା, ଫଳରେ ବାର୍ସିଲୋନା କ୍ଲବ ଛାଡ଼ିବା ପାଇଁ ଚିନ୍ତା କରିଥିଲି ।

– ଲିଓନେଲ ମେସି, କିମ୍ବଦନ୍ତୀ ଫୁଟ୍‌ବଲ ଖେଳାଳି



" ଘରୋଇ ପରିବେଶରେ ଭାରତର ମହମ୍ମଦ ସାମି କିପରି ବିଧ୍ୱଂସୀ ବୋଲିଂ କରିପାରନ୍ତି ଦକ୍ଷିଣ ଆଫ୍ରିକାର ଯୁବ ଦ୍ରୁତ ବୋଲରମାନେ ଏହା ଶିଖିବା ଦରକାର ।

– ଫାଫ୍ ଡୁ ପ୍ଲେସି, ଦକ୍ଷିଣ ଆଫ୍ରିକା ଅଧିନାୟକ

## ସଂକ୍ଷେପରେ

### ବିଜୟରୁ ଭାରତର ଆରମ୍ଭ

ଥିମ୍ପୁ,୯।୧୦(ପି.ଟି.): ୧୫ ବର୍ଷରୁ କମ୍ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ଚାଲିମିଥାଙ୍ଗ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭାରତ ୪-୧ ଗୋଲରେ ନେପାଳକୁ ହରାଇ ଦେଇଛି। ଷ୍ଟ୍ରାଇକର ଲିଣ୍ଡା କମ୍ ସେର୍ଟୋ (୩୮ ଓ ୫୬ତମ ମିନିଟ୍) ଦୁଇଟି ଗୋଲ ଦେଇଥିବାବେଳେ ସୁମତି କୁମାରୀ (୭ମ) ଓ ପ୍ରିୟଙ୍କା ସୁଜିଶ (୬୬ତମ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ନେପାଳ ପାଇଁ ମନ ମାୟା ଦାମାଇ (୬୨ତମ) ଗୋଟିଏ ଗୋଲ ପରିଶୋଧ କରିଥିଲେ। ପ୍ରଥମ ମ୍ୟାଚ୍ ସବୁବେଳେ କଷ୍ଟକର ହୋଇଥାଏ। କିନ୍ତୁ ଆମେ ଠିକ୍ ସେ ବଲ ପାସ୍ କରିପାରିଲୁ ଓ ଅଧିକରୁ ଅଧିକ ସୁଯୋଗ ସୃଷ୍ଟି କରିପାରିଥିଲୁ। ଆମେ ଆହୁରି ଭଲ ଖେଳିପାରିବୁ ବୋଲି ଭାରତୀୟ ଦଳର ମୁଖ୍ୟ କୋଚ୍ ଆଲେକ୍ସ ଆମ୍ବ୍ରୋସ କହିଛନ୍ତି। ଟିମ୍ ଇଣ୍ଡିଆ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଭୁଟାନକୁ ଭେଟିବ।

### ବିଶ୍ୱ ମହିଳା ବକ୍ସିଂ: କ୍ୱାର୍ଟରରେ ମେରୀକମ୍

ଉଲାନ-ଉଡେ(ରୁଷିଆ),୯।୧୦(ପି.ଟି.): ଛ' ଥର ବିଶ୍ୱ ଚାମ୍ପିୟନ ମହିଳା ବକ୍ସର ଏମ୍.ସି. ମେରୀକମ୍ ଏଠାରେ ଚାଲିଥିବା ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲର କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ ଥାଇଲାଣ୍ଡର ଜୁଟାମସ ଜିଟପଙ୍ଗଙ୍କୁ ୫-୦ ହରାଇ ଦେଇଛନ୍ତି। ପ୍ରତିପକ୍ଷ ବକ୍ସର ଅତ୍ୟଧିକ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ମେରୀକମ୍‌ଙ୍କୁ ଚକିତ କରିଦେଇଥିଲେ। କିନ୍ତୁ ଥାଇଲାଣ୍ଡ ବକ୍ସରଙ୍କ ପ୍ରାୟ ପଞ୍ଚ ମେରୀକମ୍ ସଫଳତାର ସହ ପ୍ରତିରୋଧ କରିଥିଲେ। ପ୍ରଥମ ୩ ମିନିଟ୍ ପରେ ୩ୟ ସିଡ୍ ଭାରତୀୟ ବକ୍ସର ମ୍ୟାଚ୍‌ରେ ଆଧିପତ୍ୟ ବିସ୍ତାର କରିଥିଲେ।

### ସାନିଆଙ୍କ ଭଉଣୀଙ୍କୁ ବାହାହେବେ ଆଝାରୁଦ୍ଦିନଙ୍କ ପୁଅ

ହାଇଦ୍ରାବାଦ,୯।୧୦: ଭାରତୀୟ ଷ୍ଟାର ମହିଳା ଟେନିସ ଖେଳାଳି ସାନିଆ ମିର୍ଜାଙ୍କ ଭଉଣୀ ଅମାନ ପୂର୍ବତନ ଭାରତୀୟ କ୍ରିକେଟ ଦଳର ଅଧିନାୟକ ମହମ୍ମଦ ଆଝାରୁଦ୍ଦିନଙ୍କ ପୁଅ ଅସଦଙ୍କୁ ବିବାହ କରିବେ। ଏ ନେଇ ସ୍ପଷ୍ଟ କରିଛନ୍ତି ସାନିଆ। ଇତିମଧ୍ୟରେ ଆନମ ବ୍ୟାଚେଲର ପାର୍ଟି ଦେଇସାରିଛନ୍ତି। ଏହି ବିବାହ ନେଇ ସମସ୍ତେ ଉତ୍ସୁକ ବୋଲି ସାନିଆ କହିଛନ୍ତି। ତାଙ୍କ ବିବାହ ଡିସେମ୍ବରରେ ହେବ। ଭଉଣୀ ଅମାନ ଓ ଅସାଦଙ୍କ ସହ ଏକ ଫଟୋକୁ ସୋସିଆଲ ମିଡିଆରେ ଶେୟାର କରି କ୍ୟାପଶନରେ 'ଫ୍ୟାମିଲି' ଲେଖିଥିଲେ ସାନିଆ। ଏହା ପରେ ସୋସିଆଲ ମିଡିଆରେ ଆଲୋଚନା ଆରମ୍ଭ ହୋଇଥିଲା।

# ପ୍ରଥମ ଦିନିକିଆରେ ଭାରତ ବିଜୟୀ

ଭଦୋଦରା, ୯।୧୦ (ପି.ଟି.)

ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ବିପକ୍ଷରେ ବୁଧବାର ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌କୁ ଭାରତ ୮ ଉଇକେଟ୍‌ରେ ଜିତିନେଇଛି। ଏହି ବିଜୟ ସହ ଘରୋଇ ଭାରତ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧–୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ୨ୟ ମ୍ୟାଚ୍ ଶୁକ୍ରବାର ଏଠାରେ ଖେଳାଯିବ। ପୂର୍ବରୁ ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ଟି୨୦ ସିରିଜକୁ ଭାରତ ୩–୧ରେ ଜିତିଥିଲା।

ସ୍ଥାନୀୟ ରିଲାଏନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ମହିଳା ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଭାରତୀୟ ବୋଲରଙ୍କ ମାପଚୁପ ବୋଲିଂ ଯୋଗୁ ଦକ୍ଷିଣ ଆଫ୍ରିକା ୪୫.୧ ଓଭରରେ ୧୬୪ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ମାରିଜନେ କାପ୍ପ (୫୪) ଓ ଲାଉରା ଭର୍ଡଟ୍ (୩୯)ଙ୍କୁ ଛାଡ଼ିଦେଲେ ଅନ୍ୟକୌଣସି ଖେଳାଳି ଉଲ୍ଲେଖନୀୟ ବ୍ୟାଟିଂ କରିପାରି ନ ଥିଲେ। ଘରୋଇ ଭାରତ ପକ୍ଷରୁ ଝୁଲଣ ଗୋସ୍ୱାମୀ ୩ ଏବଂ ଶିଖା ପାଣ୍ଡେ, ଏକତା ବିଷ୍ଟ ଓ ପୁନମ ଯାଦବ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଭାରତ ଦୁଇ ଓପନର୍ ପ୍ରିୟା ପୁନିଆ ଓ ଜେମିମା ରୋଡ୍ରିଗ୍ସେଜଙ୍କ ଦମ୍‌ଦାର ଅର୍ଦ୍ଧଶତକୀୟ ଇନିଂସ ବଳରେ ୪୧.୪ ଓଭରରେ ୨ ଉଇକେଟ୍ ହରାଇ ସହଜସାଧ୍ୟ ବିଜୟ ଲାଭ କରିଥିଲା। ପୁନିଆ ୧୨୪ ବଲରୁ ୮ ଚୌକା ସହାୟତାରେ ୭୫ ରନ କରି ଅପରାଜିତ ରହିଥିଲେ। ଅନ୍ୟତମ ଓପନର୍ ରୋଡ୍ରିଗ୍ସେଜ ୬୫ ବଲରୁ ୫୫ ରନ କରି ଆଉଟ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁନମ ରାଉତ ୧୬ ଓ ଅଧିନାୟିକା ମିଥାଲି ରାଜ ୧୧* ରନ କରିଥିଲେ। ମ୍ୟାଚ୍ ବିଜୟୀ ଅପରାଜିତ ଇନିଂସ ଲାଗି ପ୍ରିୟାଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

## ମିଥାଲି ରାଜଙ୍କ କୃତିତ୍ୱ



ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟିକା ମିଥାଲି ରାଜ ବୁଧବାର ଏକ ବିରଳ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ବିଶ୍ୱର ପ୍ରଥମ ମହିଳା କ୍ରିକେଟର୍ ଭାବେ ମିଥାଲି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଦୁଇ ଦଶନ୍ଧି ଖେଳିବାର ରେକର୍ଡ କରିଛନ୍ତି। ବୁଧବାର ଏଠାରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ବିପକ୍ଷରେ ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚ୍ ଅବସରରେ ସେ ଏହି ସଫଳତା ପାଇଛନ୍ତି। ୩୬ ବର୍ଷୀୟା ମିଥାଲି ୧୯୯୯ ଜୁନ୍ ୨୬ରେ ଆୟର୍ଲାଣ୍ଡ ବିପକ୍ଷରେ ଖେଳି ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ବୁଧବାର ମ୍ୟାଚ୍ ସହ ସେ ଦିନିକିଆ କ୍ରିକେଟ୍‌ରେ ୨୦ ବର୍ଷ ୧୦୫ ଦିନ ପୂରଣ କରିଛନ୍ତି। ଫଳରେ ବିଶ୍ୱରେ ଏକମାତ୍ର ମହିଳା କ୍ରିକେଟର୍ ଭାବେ ମିଥାଲି ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଖେଳିଛନ୍ତି। ଦିନିକିଆ କ୍ରିକେଟ୍‌ରେ ମିଥାଲି ବର୍ତ୍ତମାନ ସୁଦ୍ଧା ୨୦୪ ମ୍ୟାଚ୍ ଖେଳି ସାରିଛନ୍ତି। ସର୍ବାଧିକ ଦିନିକିଆ ଖେଳିଥିବା ମହିଳା କ୍ରିକେଟରଙ୍କ ମଧ୍ୟରେ ସେ ଶୀର୍ଷରେ ରହିଥିବାବେଳେ ଇଂଲଣ୍ଡର ଚାର୍ଲୋଟେ ଏଡ୍‌ୱାର୍ଡ୍ସ (୧୯୧), ଝୁଲଣ ଗୋସ୍ୱାମୀ (୧୭୮) ଓ ଅଷ୍ଟ୍ରେଲିଆର ଆଲେକ୍ସ ବ୍ଲାକୱେଲ୍ (୧୪୪) ଯଥାକ୍ରମେ ପଛକୁ ରହିଛନ୍ତି। ଗତ ମାସରେ ମିଥାଲି ଟି୨୦ରୁ ଅବସର ଗ୍ରହଣ କରିଥିଲେ।

## ଆଇଏଏଫ୍ ଦିବସ ପରେଡ୍‌ରେ ସଚିନ

ହିନ୍‌ଡନ, ୯।୧୦(ପି.ଟି.)

ଦେଶର ପ୍ରଥମ କ୍ରୀଡ଼ାବିତ୍ ଭାବେ ଇଣ୍ଡିଆନ ଏୟାର ଫୋର୍ସ (ଆଇଏଏଫ୍) ଗ୍ରୁପ କ୍ୟାପଟେନ ପଦବୀ ପାଇଥିବା କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର ଏଠାରେ ଅନୁଷ୍ଠିତ ୮୭ତମ ବାୟୁସେନା ଦିବସରେ ଯୋଗଦେଇଛନ୍ତି। ତାଙ୍କୁ ୨୦୧୦ରେ ଗ୍ରୁପ କ୍ୟାପଟେନ ର୍‍ୟାଙ୍କ ପ୍ରଦାନ କରାଯାଇଥିଲା। ଏଠାରେ ସେ ଆଇଏଏଫ୍ ୟୁନିଫର୍ମ ପିନ୍ଧି ପ୍ରତିଷ୍ଠା ଦିବସ ପାଳନ କରିଥିଲେ। ତାଙ୍କ ସହ ପତ୍ନୀ ଅଞ୍ଜଳୀ, ଆର୍ମି ମୁଖ୍ୟ, ବାୟୁ ସେନା ମୁଖ୍ୟ ଓ ନେଭି ମୁଖ୍ୟ ଉପସ୍ଥିତ ଥିଲେ। ଏ ନେଇ ଟୁଇଟ୍ କରି ସଚିନ ସୂଚନା ଦେଇଛନ୍ତି। ସଭିଙ୍କୁ ବାୟୁ ସେନା ଦିବସରେ ଅନେକ ଅନେକ ଶୁଭେଚ୍ଛା। ଦେଶକୁ ସୁରକ୍ଷା ଦେଉଥିବା ପ୍ରତ୍ୟେକ ଯବାନଙ୍କୁ ଧନ୍ୟବାଦ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପରିଚାଳିତ ସ୍ୱଚ୍ଛ ଓ ସୁସ୍ଥ ଭାରତ କାର୍ଯ୍ୟକ୍ରମରେ ସମସ୍ତେ ଯୋଗଦେବେ ବୋଲି ଆଶା କରୁଛି। ଜୟ ହିନ୍ଦ୍। ବାଲାକୋଟ ଆକ୍ରମଣରେ ସାମିଲ ଥିବା ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଥମାନ ପରେଡର ନେତୃତ୍ୱ ନେଇଥିଲେ।

## ନିର୍ମଳା ୪ ବର୍ଷ ବାସନ୍ଦ

**କଳିଙ୍ଗ ଷ୍ଟାଡିୟମ୍‌ରେ ଜିତିଥିଲେ ଦୁଇ ସ୍ୱର୍ଣ୍ଣ**

ମୋନାକୋ,୯।୧୦(ଏପି)

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୨୦୧୭ ଏସିଆନ୍ ଚାମ୍ପିୟନଶିପ୍‌ରେ ଭାରତୀୟ ସ୍ପ୍ରିଣ୍ଟର ନିର୍ମଳା ଶୋରୋନ ୪୦୦ ମିଟର ଓ ୪ ଗୁଣା ୪୦୦ ମି. ରିଲେ ଇଭେଣ୍ଟରେ ଡବଲ ସ୍ୱର୍ଣ୍ଣ ଜିତିଥିଲେ। ସେ ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ଏଥିଯୋଗୁ ତାଙ୍କୁ ଏସିଆନ ଚାମ୍ପିୟନଶିପ ଟାଇଟଲ ହରାଇବାକୁ ପଡ଼ିଛି। ଆହୁରି ତାଙ୍କୁ ୪ ବର୍ଷ ପାଇଁ ବାସନ୍ଦ କରାଯାଇଛି। ଟ୍ରାକ ଓ ଫିଲ୍ଡ ଡୋପିଂ ଘଟଣାର ତଦାରଖ କରୁଥିବା ଆଥ୍‌ଲେଟିକ୍ସ ଇଣ୍ଟେଗ୍ରିଟି ୟୁନିଟ୍ (ଏଆଇୟୁ) ପକ୍ଷରୁ କୁହାଯାଇଛି,



ନିର୍ମଳାଙ୍କ ନମୁନାରେ ଡ୍ରୋଷ୍ଟାନଲୋନ ଓ ମେଟେନୋଲୋନ ନାମକ ଷ୍ଟେରଏଡ ମିଳିଛି। ଏହି ନମୁନା ୨୦୧୮ ଜୁନରେ ତାଙ୍କଠାରୁ ସଂଗ୍ରହ କରାଯାଇଥିଲା। ସେ ଦୋଷ ସ୍ୱୀକାର କରିବା ସହ ଦଣ୍ଡାଦେଶ ଗ୍ରହଣ କରି ନେଇଛନ୍ତି। କୌଣସି ଶୁଣାଣି ପାଇଁ ସେ ଅନୁରୋଧ କରି ନ ଥିଲେ। ୨୪ ବର୍ଷୀୟା ନିର୍ମଳାଙ୍କୁ ପଛୁଆ ତାରିଖ ୨୯ ଜୁନ, ୨୦୧୮ରୁ ବାସନ୍ଦ କରାଯାଇଛି। ଏଥିସହିତ ୨୦୧୬ ଅଗଷ୍ଟରୁ ୨୦୧୮ ନଭେମ୍ବର ପର୍ଯ୍ୟନ୍ତ ନିର୍ମଳା ଜିତିଥିବା ଇଭେଣ୍ଟ ପଦକ ପ୍ରତ୍ୟାହାର କରିନିଆଯାଇଛି। ଉଭୟ ଇଭେଣ୍ଟରେ ସେ ରିଓ ଅଲିମ୍ପିକ୍ସରେ ଭାଗ ମଧ୍ୟ ନେଇଥିଲେ।

## ବିଜୟ ମର୍ଚ୍ଚାଣ୍ଟ ଟ୍ରଫି: ରାଜ୍ୟ ଦଳ ଘୋଷିତ

କଟକ ଅଫିସ,୯।୧୦

ବିଜୟ ମର୍ଚ୍ଚାଣ୍ଟ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ପାଇଁ ରାଜ୍ୟ ଦଳ ଘୋଷଣା କରାଯାଇଛି। ୧୬ବର୍ଷରୁ କମ୍ ବାଳକ ବର୍ଗରେ ହେବାକୁ ଥିବା ଏହି ଟୁର୍ନାମେଣ୍ଟର ଲିଗ ପର୍ଯ୍ୟାୟର ୩ଟି ମ୍ୟାଚ୍ କଟକରେ ଖେଳାଯିବ। ଆସନ୍ତା ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ କଟକର ବିଡ଼ାନାସୀ ଗ୍ରାଉଣ୍ଡରେ ବିହାର ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ। ପ୍ରଥମ ମ୍ୟାଚ୍ ପାଇଁ ଘୋଷିତ ୧୫ ଜଣିଆ ଦଳର ଅଧିନାୟକ ରହିଛନ୍ତି ଶ୍ରେଷ୍ଠ ସିଂ। ୧୭ ତାରିଖରୁ ତ୍ରିପୁରା ବିପକ୍ଷରେ, ନଭେମ୍ବର ୬ ତାରିଖରୁ ବେଙ୍ଗଲ ବିପକ୍ଷରେ ହେବାକୁ ଥିବା ମ୍ୟାଚ୍ ଓଡ଼ିଶା ଘରୋଇ ଗ୍ରାଉଣ୍ଡରେ ଖେଳିବ। ଅକ୍ଟୋବର ୨୩ ତାରିଖରୁ ଝାଡ଼ଖଣ୍ଡ ବିପକ୍ଷରେ ଓ ୩୧ ତାରିଖରୁ ଆସାମ ବିପକ୍ଷରେ ହେବାକୁ ଥିବା ମ୍ୟାଚ୍ ଓଡ଼ିଶାକୁ ବିପକ୍ଷ ଦଳର ଘରୋଇ ମାଟିରେ ଖେଳିବାକୁ ପଡ଼ିବ।

**ଓଡ଼ିଶା ଦଳ:** ଶ୍ରେଷ୍ଠ ସିଂ(ଅଧିନାୟକ), ତନୟ କୁମାର ବିଶ୍ୱାଳ, ସାଇଦୀପ ମହାପାତ୍ର, ଆଶୀର୍ବାଦ ସ୍ୱାଇଁ(ଉଇକେଟ କିପର), ସୁଦର୍ଶନ ସ୍ୱାଇଁ(ଉଇକେଟ କିପର), ମହମ୍ମଦ ସୋହେଲ ଖାନ, ଶୁଭମ ନାୟକ, ଦିଗବିଜୟ ପାତ୍ର, ପ୍ରତୀକ ବଳ(ଉଇକେଟ କିପର), ଅଂଶୁମାନ ବେଜ, ସାଇପ୍ରସାଦ ପାତ୍ର, ମହମ୍ମଦ ଜିସାନ, ଭବିଷ୍ୟ ବେହେରା, ତାରିଣୀ ପ୍ରସାଦ ନାୟକ, ଓମପ୍ରକାଶ ସାହୁ। କେ.ଭି ପ୍ରସାଦ–କୋଚ୍, ଦିନେଶ ସାହୁ–ଫିଜିଓ, ସୌର୍ଯ୍ୟ ରଞ୍ଜନ ରାୟ–ଟ୍ରେନର, ବୀରେନ୍ଦ୍ର କୁମାର ବେହେରା–ମ୍ୟାନେଜର।

## ରୋହିତ ବିପଜ୍ଜନକ ବ୍ୟାଟ୍ସମ୍ୟାନ

ଗୌତମ ଗମ୍ଭୀର

ବିଳମ୍ବରେ ହେଉ ପଛେ ସମସ୍ତଙ୍କୁ ବିଜୟା ଦଶମୀର ଶୁଭେଚ୍ଛା ଜଣାଉଛି। ଇତିମଧ୍ୟରେ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଭାରତ ୧–୦ରେ ଅଗ୍ରଣୀ ହାସଲ କରିଛି। ଏହି ମ୍ୟାଚ୍ ମୋତେ ନବେ ଦଶକ ଓ ଏହା ପରର ଘରୋଇ ଟେଷ୍ଟ ସିରିଜ କଥା ମନେ ପକାଇଦେଇଛି। ଭାରତ ସବୁ ବିଭାଗରେ ଭଲ ଖେଳିଥିଲା। ଦକ୍ଷିଣ ଆଫ୍ରିକାର ୨୦ ଉଇକେଟରୁ ସ୍ପିନରମାନେ ୧୪ଟି ଉଇକେଟ ଅକ୍ତିଆର କରିଥିଲେ ଓ ବାକି ଉଇକେଟ ମହମ୍ମଦ ସାମି ରିଭର୍ସ ସୁଇଂ କରି ହାସଲକରି ନେଇଥିଲେ। ୯୦ ଦଶକରେ ଭାରତୀୟ ଅଧିନାୟକମାନେ ଟସ୍, ସ୍ପିନର ଓ ପିଚ୍ ଉପରେ ଅଧିକ ନିର୍ଭର କରୁଥିଲେ। ପ୍ରଥମ ମ୍ୟାଚ୍‌ରେ ଏହି ୩ଟି ଜିନିଷ ଭାରତକୁ ଅବଶ୍ୟ ସୁହାଇଛି। ତେବେ ବିଜୟର ଶ୍ରେୟ ଭାରତକୁ ଯିବା ଉଚିତ।

ପୁଣେରେ ଦ୍ୱିତୀୟ ଟେଷ୍ଟ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି। ତେଣୁ ଏଠାରେ ମଧ୍ୟ ସେଭଳି କିଛି ଭିନ୍ନତା ଦେଖିବାକୁ ମିଳିବ ନାହିଁ। ଅବଶ୍ୟ ପିଚ୍‌ରେ ସାମାନ୍ୟ ବାଉନ୍ସ ଦେଖିବାକୁ ମିଳିବ। ଯଦି ଦକ୍ଷିଣ ଆଫ୍ରିକା ଭାରତକୁ ଚ୍ୟାଲେଞ୍ଜ ଦିଏ ତା'ହେଲେ ଆଶ୍ଚର୍ଯ୍ୟ ହେବି। ଦକ୍ଷିଣ ଆଫ୍ରିକାର କେତେଜଣ ବ୍ୟାଟ୍ସମ୍ୟାନ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଦଳର ପ୍ରଦର୍ଶନରେ ସ୍ଥିରତା ନ ଥିବା ଅନୁଭୂତ ହୋଇଛି। ଦକ୍ଷିଣ ଆଫ୍ରିକା କମ୍ବା ଅଷ୍ଟ୍ରେଲିଆରେ ଯେଉଁଭଳି ଏସୀୟ ବ୍ୟାଟ୍ସମ୍ୟାନମାନେ ଦ୍ରୁତ, ବାଉନ୍ସ ବଲ୍‌କୁ ଖେଳିବାର ସମସ୍ୟା ପଡନ୍ତି, ଠିକ୍ ସେହିଭଳି ଦକ୍ଷିଣ ଆଫ୍ରିକା ବ୍ୟାଟ୍ସମ୍ୟାନ ଲୋୟର ଓ ଅନ୍‌ଇଭିନ୍ ବାଉନ୍ସ ବଲ୍ ବଲ୍‌ରେ ସମସ୍ୟାରେ ପଡନ୍ତି।

ରିଦ୍ଧିମାନ ଶାହା ଓ ରବିଚନ୍ଦ୍ରନ ଅଶ୍ୱିନ ଉଭୟ ପ୍ରତ୍ୟାବର୍ତ୍ତନ କରି ଚମକ ଦେଖାଇଛନ୍ତି। ରନ୍ ସ୍କୋର କରି ନ ଥିଲେ ମଧ୍ୟ ରିଦ୍ଧିମାନ ସ୍ପିନ୍ ବଲ୍‌ରେ ଉଚ୍ଚକୋଟୀର କିପିଂ କରିଛନ୍ତି। ସେ ଜଣେ ଚତୁର ଉଇକେଟକିପର। ଅନ୍ୟପଟେ ରୋହିଶ ଶର୍ମା ସ୍ୱାଭାବିକ୍ ଖେଳି ପ୍ରଦର୍ଶନ କରି ଦୁଇଟି ଇନିଂସରେ ଶତକ ହାସଲ କରିଛନ୍ତି। ଆଧୁନିକ କ୍ରିକେଟରେ ରୋହିତ ଜଣେ ଶ୍ରେଷ୍ଠ ତଥା ବିପଜ୍ଜନକ ବ୍ୟାଟ୍ସମ୍ୟାନ କହିବାକୁ ଆଦୌ ପିଛାଇବି ନାହିଁ। ଯେଉଁଭଳି ସେ ନିଜର ଟେଷ୍ଟ କ୍ୟାରିୟର ଗଢ଼ିବାକୁ ପ୍ରୟାସ କରୁଛନ୍ତି ତାହା ପ୍ରଶଂସାଯୋଗ୍ୟ। ବୀରେନ୍ଦ୍ର ସେହ୍ୱାଗଙ୍କ ଭଳି ରୋହିତ ମଧ୍ୟ ଭାରତକୁ ଟେଷ୍ଟ ଫର୍ମାଟରେ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିବେ। ତେବେ ତାଙ୍କ ଠିକ୍ ଉପାୟରେ ହ୍ୟାଣ୍ଡଲ କରିବା ଜରୁରୀ।

(ଗେମ୍ ପ୍ଲାନ/ ଦିନେଶ ଚୋପ୍ରା ମିଡିଆ)

THE ULTIMATE INVERTER BATTERY
EXIDE INVATUBULAR

## ଓଡ଼ିଶା ଟେନିସ କ୍ରିକେଟ ଦଳ ଘୋଷିତ

ଭୁବନେଶ୍ୱର,୯।୧୦(ସ୍ପୋର୍ଟ୍ସ ବ୍ୟୁରୋ)

ମଧ୍ୟପ୍ରଦେଶରେ ଚଳିତ ମାସ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ୪ର୍ଥ ସବ୍–ଜୁନିୟର ନ୍ୟାଶନାଲ ଟେନିସ କ୍ରିକେଟ ପ୍ରତିଯୋଗିତା ଖେଳାଯିବ। ଏଥିଲାଗି ବୁଧବାର ୧୬ ଜଣିଆ ଓଡ଼ିଶା ଦଳ ଘୋଷିତ ହୋଇଯାଇଛି। ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ପରିସରରେ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ମୋଟ ୬୦ ଜଣ ଭାଗ ନେଇଥିଲେ। ଓଡ଼ିଶା ଦଳର ସଫଳ ପ୍ରଦର୍ଶନ ପାଇଁ ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ସାଧାରଣ ସମ୍ପାଦକ ରିଣ୍ଟୁ ମିତ୍ର, ସହ ସମ୍ପାଦକ ଶୌଭେନ୍ଦ୍ର ମହରଣା, ଉପସଭାପତି ଦୀପକ ହଂସ, ମହମ୍ମଦ ଆଜାମ, ରାଜେନ୍ଦ୍ର ମହରଣା, ଉପଦେଷ୍ଟା ଅଖିଳେଶ ତିୱାରୀ, କୋଷାଧ୍ୟକ୍ଷ ରାଗିଣୀ ମିତ୍ର, ସୁଧାକର ମୁଦୁଲି, ବଦ୍ରି ନାରାୟଣ ପାତ୍ର, ଦୀପକ କୁମାର ମଲ୍ଲିକ ଶୁଭକାମନା ଦେଇଛନ୍ତି।

**ଓଡ଼ିଶା ଦଳ:** ସୁମିତ୍ ସୁନା (ଅଧିନାୟକ), ଏମ୍. ଡି. ଇର୍ଫାନ (ଉପଅଧିନାୟକ), ସୀତାଂଶୁ ଭୂଷଣ ନାୟକ, ତୁଷାର ମହାକୁଡ଼, ବିବେକ ରଞ୍ଜନ ସାମଲ, ଦେବାଂଶୁ ଜେନା, ରଜତ ଜେନା, ଏମ୍.ଡି ଇରଶାଦ, ଏମ୍. ଡି. ଶୋହେଲ, ଅନନ୍ମୟ ସିଂଦେଓ, ଅଙ୍କିତ କୁମାର ମହନ୍ତ, ପ୍ରସନ୍ନ ଦାଶ, ବୃଷସିବ ଘୋଷ, ଓମ୍ ପ୍ରକାଶ ଜେନା, ସୋନୁପ ସୁନା ଓ ଏମ୍.ଡି.ଆର ଶଦ୍ ରାଜା। ଦଳ ସହ ବାସୁଦେବ ଓଝା (ମ୍ୟାନେଜର), ଏମ୍. ରାଜା (କୋଚ୍) ଓ ଦୀପକ ପରିଡ଼ା (ଉପ ପ୍ରଶିକ୍ଷକ) ଗସ୍ତ କରିବେ।



ସବ୍–ଜୁନିୟର ନ୍ୟାଶନାଲ ଟେନିସ କ୍ରିକେଟ ପାଇଁ ମନୋନୀତ ଓଡ଼ିଶା ଦଳର ଖେଳାଳିମାନେ କର୍ମକର୍ତ୍ତାଙ୍କ ସହ।

## ଘାସୁଆ ପିଚ୍, ଟସ୍ ଆଶାରେ ଦକ୍ଷିଣ ଆଫ୍ରିକା

ସୌରଭ ଗାଙ୍ଗୁଲି

ପୁଣେରେ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବାକୁ ଯାଉଥିବାବେଳେ ଦକ୍ଷିଣ ଆଫ୍ରିକା ନିଶ୍ଚିତ ୨ଟି ଜିନିଷ ଆଶା କରୁଥିବ। ପିଚ୍‌ରେ ଘାସ ଥିବ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟସ୍ ବିଜୟ। ଉପମହାଦେଶୀୟ ପିଚ୍‌ରେ ଟସ୍ ଜିତିବା ବୋନସ ସଦୃଶ ହୋଇଥାଏ। ଭାଇଜାଗ ଟେଷ୍ଟରେ ଏହା ପ୍ରତିଫଳିତ ହୋଇଥିଲା। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ଭଲ ବ୍ୟାଟିଂ କରିଥିଲେ ହେଁ ଦ୍ୱିତୀୟ ଇନିଂସରେ ଯେପରି ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେଲା ତାହା କ୍ରିକେଟ ପ୍ରେମୀ ଏବଂ ବିଶ୍ଳେଷକମାନଙ୍କୁ ଆଲୋଚନାର ଖୋରାକ ଯୋଗାଇଛି।

ଭାରତୀୟ ପିଚ୍‌ରେ ଅନୁଷ୍ଠିତ ମ୍ୟାଚରେ ସ୍ଥିତି ଖୁବ୍‌ଶୀଘ୍ର ପରିବର୍ତ୍ତନ ହୋଇଯାଇଥାଏ। ବିଶେଷ କରି ୪ର୍ଥ ଓ ୫ମ ଦିବସରେ ବ୍ୟାଟିଂ କରିବା ସହଜ ହୋଇ ନ ଥାଏ। ବଲ୍ ଟର୍ନ କରୁଥିବାରୁ କେବଳ ଟେକ୍ନିକ ସହିତ ମାନସିକ ଦୃଢ଼ତା ଜଣେ ଖେଳାଳିକୁ ସହାୟକ ହୋଇପାରିଥାଏ। ପ୍ରତିବଲ ଅତିରିକ୍ତ ସ୍ପିନ୍ ହୋଇ ନ ଥାଏ ସତ, ମାତ୍ର ଯେଉଁ ବଲ୍ ସ୍ପିନ ହୋଇଥାଏ ତାହା ଘାତକ ସାବ୍ୟସ୍ତ ହୋଇଥାଏ। ଏ କ୍ଷେତ୍ରରେ ଭ୍ରମଣକାରୀ ଦଳ ପାଇଁ ମ୍ୟାଚରେ ତିଷ୍ଠି ରହିବା କଷ୍ଟକର ହୋଇ ପଡ଼ିଥାଏ। ମୁଁ ଅନ୍ତର୍ଜାତୀୟ କ୍ରିକେଟ ଖେଳୁଥିବା ସମୟରେ ଦକ୍ଷିଣ ଆଫ୍ରିକା ୩ ସ୍ପିନର ଓ ୨ ଫାଷ୍ଟ ବୋଲରଙ୍କୁ ନେଇ ଖେଳିବା କେବେ ଦେଖି ନ ଥିଲି। ସତ କହିବାକୁ ଗଲେ ସେମାନେ ପୂର୍ବ ଟେଷ୍ଟରେ ଜଣେ ଫାଷ୍ଟ ବୋଲରକୁ ନେଇ ଖେଳିଥିଲେ। କାରଣ ଭେର୍ନନ ଫିଲାଣ୍ଡରଙ୍କ ଟେଷ୍ଟ ରେକର୍ଡ ଭଲ ଥିଲେ ହେଁ ଭାରତୀୟ ପିଚ୍‌ରେ ତାଙ୍କ ବୋଲିଂ ବହୁ ସ୍ଲୋ ରହିଥାଏ। ଫଳରେ ଏକଦା ଦକ୍ଷିଣ ଆଫ୍ରିକା ଯାହାକୁ ନେଇ ଶକ୍ତିଶାଳୀ ଥିଲା ତାହା ପୂର୍ବ ମ୍ୟାଚରେ ଦେଖିବାକୁ ମିଳି ନ ଥିଲା। ଲୁନ୍‌ଗି ଏନ୍‌ଗିଡିଙ୍କୁ ଦଳରେ ନେବାପାଇଁ ସେମାନଙ୍କୁ ଉପାୟ ବାହାର କରିବାକୁ ପଡ଼ିବ। ବିଶେଷ କରି ବଲ୍ ରିଭର୍ସ ସୁଇଂ ହେଲେ ସେ ନିଶ୍ଚିତ ଫାଇଦା ଦେଇପାରିବେ।

ଭାରତୀୟ ଦଳ ଅପରିବର୍ତ୍ତିତ ରହିବା ଆଶା। ରୋହିତ ଶର୍ମା ପୁଣି ନିଜ ଦକ୍ଷତା ଦେଖାଇବାରେ ସକ୍ଷମ ହେଲେ। ଜଣେ ଟେଷ୍ଟ ବ୍ୟାଟ୍ସମ୍ୟାନଭାବେ ପୂର୍ବରୁ ସେ ଭାରତୀୟ ପରିବେଶରେ ସଫଳ ହୋଇ ସାରିଛନ୍ତି। ବଲ୍ ହାର୍ଡ ଓ ନୂଆ ଥିବାବେଳେ ଟପ୍ ଅର୍ଡରରେ ସେ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ମୋ ମତରେ ରୋହିତ ଏହି ସ୍ଥାନରେ ନିଜକୁ ବେଶ୍ ସହଜ ମଣୁଛନ୍ତି। ଆଗାମୀ ଦିନରେ ଭାରତ ନ୍ୟୁଜିଲାଣ୍ଡ ଯାଇ ଟେଷ୍ଟ ଖେଳିବାର ଅଛି। ବିଦେଶ ମାଟିରେ କିଛି ରନ ସଂଗ୍ରହ କରି ଯଦି ମାନସିକ ଦୃଢ଼ତା ଦେଖାଇ ପାରିବେ ତେବେ ସବୁ ଫର୍ମାଟରେ ରୋହିତ ଜଣେ ବିଶ୍ୱସ୍ତରୀୟ ଖେଳାଳି ହୋଇଯିବେ। ରୋହିତଙ୍କ ନିକଟରେ ସେହି କ୍ୱାଲିଟି ରହିଛି।

(ଗେମ୍ ପ୍ଲାନ)

SEAGRAM'S
ROYAL STAG
MEGA MUSIC CDs

## ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଉଦ୍‌ଯାପିତ

ଭୁବନେଶ୍ୱର, ୯।୧୦(କ୍ରୀଡ଼ା ପ୍ରତିନିଧି)

କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ବୁଧବାର ଉଦ୍‌ଯାପିତ ହୋଇଛି। ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଅନ୍ତର୍ଗତ ସଫ୍ଟ ଟେନିସ ପୁରୁଷ ବିଭାଗରେ ପଞ୍ଜାବ ବିଶ୍ୱବିଦ୍ୟାଳୟ (ଚଣ୍ଡିଗଡ଼) ଚାମ୍ପିୟନ ଏବଂ ପଞ୍ଜାବୀ ବିଶ୍ୱବିଦ୍ୟାଳୟ (ପଟିଆଲା) ରନର୍ସଅପ୍ ହୋଇଛି। ମହିଳା ବିଭାଗରେ ପଞ୍ଜାବ ବିଶ୍ୱବିଦ୍ୟାଳୟ ଓ ପଣ୍ଡିତ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ ଯଥାକ୍ରମେ ଚାମ୍ପିୟନ ଓ ରନର୍ସଅପ୍ ହୋଇଛି। ଟଗ୍ ଅଫ୍ ୱାର ଇଭେଣ୍ଟର ସିନିୟର ମହିଳା ୪୮୦ କେଜି ବିଚ୍‌ରେ କେରଳର କାଲିକଟ ପ୍ରଥମ ଏବଂ କେରଳର କନ୍ନୁର ବିଶ୍ୱବିଦ୍ୟାଳୟ ଦ୍ୱିତୀୟ, ସିନିୟର ପୁରୁଷ ୬୦୦ କେଜି ବିଚ୍‌ରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ଓ ଦିଲ୍ଲୀର ଗୁରୁ ଗୋବିନ୍ଦ ସିଂ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟ ରନର୍ସଅପ୍, ସିନିୟର ମିକ୍ସ ୪+୪ ୫୪୦ କେଜି ବିଚ୍‌ରେ ଚଣ୍ଡିଗଡ଼ ପ୍ରଥମ ଏବଂ ପଞ୍ଜାବର ସନ୍ଥ ବାବା ଭାଗ୍ ସିଂ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ, ସିନିୟର ମହିଳା ୪୮୦ କେଜି ଆଉଟ୍‌ଡୋରରେ କାଲିକଟ ପ୍ରଥମ, କନ୍ନୁର ଦ୍ୱିତୀୟ, ସିନିୟର ପୁରୁଷ ୬୪୦ କେଜି ଆଉଟଡୋରରେ ଗୁରୁ ଗୋବିନ୍ଦ ସିଂ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟ ପ୍ରଥମ ଓ କାଲିକଟ ଦ୍ୱିତୀୟ, ଏବଂ ସିନିୟର ମିକ୍ସ ୪+୪ ୫୬୦ କେଜି ଆଉଟଡୋରରେ କାଲିକଟ ଚାମ୍ପିୟନ ଏବଂ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ରନର୍ସଅପ୍ ହୋଇଛି।

ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଚାମ୍ପିୟନଶିପ୍‌ର ମହିଳା ବାସ୍କେଟବଲରେ ଉତ୍ତର ପ୍ରଦେଶର ମହାତ୍ମା ଗାନ୍ଧୀ କାଶୀ ବିଦ୍ୟାପୀଠ ଚାମ୍ପିୟନ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ରନର୍ସଅପ୍, ମହିଳା ଚେସ୍‌ରେ କାଲିକଟ ଚାମ୍ପିୟନ ଓ କିଟ୍ ବିଶ୍ୱବିଦ୍ୟାଳୟ ରନର୍ସଅପ୍, ମହିଳା ଫୁଟବଲରେ ରାଞ୍ଚି ବିଶ୍ୱବିଦ୍ୟାଳୟ ପ୍ରଥମ ଓ ବି.ଆର. ଆମ୍ବେଡକର ବିହାର ବିଶ୍ୱବିଦ୍ୟାଳୟ ଦ୍ୱିତୀୟ, ଟେବୁଲ ଟେନିସର ପୁରୁଷ ବିଭାଗରେ ନର୍ଥ ବେଙ୍ଗଲ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ଓ ୟୁନିଭର୍ସିଟି ଅଫ୍ କୋଲକାତା ରନର୍ସଅପ୍, ମହିଳା ବିଭାଗରେ ୟୁନିଭର୍ସିଟି ଅଫ୍ କୋଲକାତା ଚାମ୍ପିୟନ, ନର୍ଥ ବେଙ୍ଗଲ ବିଶ୍ୱବିଦ୍ୟାଳୟ ରନର୍ସଅପ୍ ଏବଂ ଭଲିବଲ୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ଓ ବାରାଣସୀର ମହାତ୍ମାଗାନ୍ଧୀ କାଶୀ ବିଦ୍ୟାପୀଠ ରନର୍ସଅପ୍ ହୋଇଛି। କିସ୍ ବିଶ୍ୱବିଦ୍ୟାଳୟ କୁଳପତି ହରେକୃଷ୍ଣ ଶତପଥୀ, ଜିସିପିଇର ପୂର୍ବତନ ପ୍ରିନ୍ସିପାଲ ମନମୋହନ ରାଉତ, ନୀଳକମଳ ରାଉତ ଏବଂ କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।




ମହିଳା ଚେସ୍‌ରେ ରନର୍ସଅପ୍ କିସ୍ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ନେଉଛନ୍ତି।

DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ୧୦ ଅକ୍ଟୋବର, ୨୦୧୯ Bhubaneswar, Thursday, 10 October, 2019




Powered by Volkswagen Financial Services

Exchange through Das WeltAuto. Pre-owned cars you can trust. Guaranteed.

4EVER CARE

4 ବର୍ଷ ଷ୍ଟାଣ୍ଡାର୍ଡ ୱାରେଣ୍ଟି | 4 ବର୍ଷ ରୋଡ୍‌ସାଇଡ୍ ସହାୟତା | 3 ଫ୍ରୀ ସର୍ଭିସେସ୍^^

24x7 Roadside Assistance*** | Safer cars for India

**Authorised Dealers: Volkswagen Bhubaneswar:** NH-5, Pahal, Bhubaneswar-752101 • Mobile: 8599011626 / 8599011591.




| | ALTO (P) | ALTO K10 (P) | SWIFT (P) | SWIFT (D) | VITARA BREZZA (D) | DZIRE (P) | DZIRE (D) | CELERIO (P) | EECO (7 SEATER) | EECO (5 SEATER) |
|---|---|---|---|---|---|---|---|---|---|---|
| କଞ୍ଜ୍ୟୁମର ଅଫର* | ₹40,000 | ₹35,000 | ₹25,000 | ₹30,000 + 5 Yr. Warranty | ₹45,000 + 5 Yr. Warranty | ₹30,000 | ₹35,000 + 5 Yr. Warranty | ₹35,000 | ₹25,000 | ₹15,000 |
| ଏକ୍ସଚେଞ୍ଜ୍ ଅଫର* | ₹15,000 | ₹15,000 | ₹20,000 | ₹20,000 | ₹20,000 | ₹20,000 | ₹20,000 | ₹20,000 | ₹20,000 | ₹20,000 |
| କର୍ପୋରେଟ୍ ଅଫର* | ₹5,000 | ₹5,000 | ₹5,000 | ₹10,000 | ₹10,000 | ₹5,000 | ₹10,000 | ₹5,000 | ₹5,000 | ₹5,000 |
| ଅଧିକ ସଞ୍ଚୟ* | ₹60,000 | ₹55,000 | ₹50,000 | ₹77,600 | ₹96,100 | ₹55,000 | ₹83,900 | ₹60,000 | ₹50,000 | ₹40,000 |

ALTO ALTO K10 SWIFT VITARA BREZZA DZIRE CELERIO EECO

**JYOTE MOTORS**
BHUBANESWAR: LEWIS ROAD: CALL: 9776615020, 9776615035, 9776615032
NAYAPALLI: CALL: 7381355999, 7381366999
KEONJHAR: CALL: 8599019854, 7064493469
BARIPADA: CALL: 9437102597. BHADRAK: CALL: 7381064240
NAYAGARH: CALL: 7381028515. BALASORE: CALL: 7064499108

**ODYSSEY MOTORS**
ANGUL: CALL: 7752076136, 9776901481.
PALLAHARA: CALL: 7873565435, 9437831123.

**SKY AUTOMOBILES**
BHUBANESWAR: CALL: 9776645711. CUTTACK: CALL: 9776677771, 7381873818.
DHENKANAL: CALL: 9776900005. JAJPUR: CALL: 9776900777.

**NARAYANI MOTORS**
BHUBANESHWAR: CALL: 7381094890/ 0674-2588474, 0674-2588475, 0674-2588473.
PURI: CALL: 9583022035. PARADEEP: CALL: 9583022034/ 06722-228044.

*Terms and Conditions apply. All offers are brought to you by Maruti Suzuki dealers. Offers may vary from city to city, and variant to variant for all models. Corporate offer value is maximum offer value, and same is applicable to selected corporates only. For diesel variants, warranty amount calculated is of the highest variant. Offer valid till stock lasts. Exchange offer valid at True Value outlets only. Accessories shown may not be part of standard equipment. For more details, contact your nearest Maruti Suzuki dealer. E-book today at www.Marutisuzuki.Com or visit your nearest maruti suzuki dealership.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ମହିଳାଙ୍କୁ ଦୁର୍ବ୍ୟବହାର, ନାବାଳକଙ୍କୁ ବାଳ ସୁଧାର ଗୃହ ପଠାଗଲା

**ଓଡ଼ଗାଁ,୯।୧୦(ସ୍ୱ.ପ୍ର.)-** ମହିଳାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଓଡ଼ଗାଁ ଥାନା ଓ କୁରାଳ ପଞ୍ଚାୟତ ଅଞ୍ଚଳର ଜଣେ ନାବାଳକଙ୍କୁ ବୁଧବାର ଅନୁଗୋଳସ୍ଥିତ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ ସମ୍ପୃକ୍ତ ନାବାଳକ ୧୭ ବର୍ଷ ବୟସରେ ଏକାଧିକ ମହିଳା କିମ୍ବା ନାବାଳିକାଙ୍କୁ ପ୍ରତାରଣା କରିବା ଅଭିଯୋଗରେ ପୂର୍ବରୁ ଜୁଭେନାଇଲ ଜଷ୍ଟିସ ବୋର୍ଡ ଦ୍ୱାରା ବାଳ ସୁଧାର ଗୃହରେ ରହିଥିଲେ। ଏବେ ଜଣେ ମହିଳାଙ୍କୁ ଗାଳିଗୁଲଜ କରିବା ଅଭିଯୋଗରେ ପୁଣି ଥରେ ତାଙ୍କୁ ଅନୁଗୋଳସ୍ଥିତ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି। ଏ ନେଇ ଗୁମୀ ଗ୍ରାମର ଝୁନୀ ନାହାକ ନାମ୍ନୀ ମହିଳାଙ୍କ ଅଭିଯୋଗ ଅନୁସାରେ ଥାନାରେ ୧୮୦/୧୯ରେ ଏକ ମକଦ୍ଦମା ରୁଜୁ ହୋଇଥିବା ଆଇଆଇସି ମମତା ପତି ସୂଚନା ଦେଇଛନ୍ତି।

### ଜୁଆ ଆଡ୍ଡାରୁ ୩ ଗିରଫ, ନଗଦ ଟଙ୍କା ଜବତ

**ଓଡ଼ଗାଁ,୯।୧୦(ସ୍ୱ.ପ୍ର.)-**ଓଡ଼ଗାଁ ଥାନା କୋମଣ୍ଡ-ମକରପଦାରେ ଥିବା କୋଠଘରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରିଛି । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନୟାଗଡ଼ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ଆଦର୍ଶ ଥାନା ଆଇଆଇସି ମମତା ପତି ସଦଳବଳ ସୋମବାର ବିଳମ୍ବିତ ରାତିରେ ଉକ୍ତ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲେ। ଏହି ସମୟରେ ସେଠାରୁ ପୋଲିସ ତିନି ଜଣଙ୍କୁ ଗିରଫ କରଥିଲା । ସେମାନେ ହେଲେ ମକରପଦା ଗ୍ରାମର ଶିବ ପ୍ରସାଦ ମହାରଣା (୨୯), ପ୍ରତାପ ସାମଲ (୨୬) ଓ ନିରଞ୍ଜନ ଦୋରା(୨୮) । ପୋଲିସ ସେମାନଙ୍କ ବିରୋଧରେ ବୁଧବାର ଏକ ମାମଲା (ନଂ.୧୮୨/୧୯) ରୁଜୁ କରି କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛି । ଚଢ଼ାଉରେ ଆଇଆଇସିଙ୍କ ସହିତ ଏସ୍‌ଆଇ ସ୍ନେହଲତା ପ୍ରଧାନ, ଏସ୍‌ଆଇ ସଞ୍ଜୟ କୁମାର ପରିଡା ଓ ଅନ୍ୟମାନେ ସାମିଲ ହୋଇଥିଲେ।

### ନିଶାଗ୍ରସ୍ତ ବାଇକ୍ ଚାଳକ ଗିରଫ

**ନୟାଗଡ଼ ଅଫିସ,୯।୧୦-** ନୟାଗଡ଼ ବ୍ଲକ ଇଟାମାଟି ପୋଲିସ ପକ୍ଷରୁ ବୁଧବାର ଅପରାହ୍ନରେ ଚଢ଼ାଉ କରାଯାଇ ଜଣେ ନିଶାଗ୍ରସ୍ତ ଚାଳକଙ୍କୁ ଗିରଫ କରାଯାଇଛି। ସେ ହେଲେ ନୟାଗଡ଼ ଟାଉନ ଥାନା ବୃନ୍ଦାବନପୁର ଗ୍ରାମର ନବ କଳସ। ଥାନାରୁ ମିଳିଥିବା ସୂଚନା ଅନୁସାରେ ନବ ବୁଧବାର ଅପରାହ୍ନରେ ମଦ୍ୟପାନ କରି ଇଟାମାଟି ବଜାରରେ ବାଇକ୍ ଚଲାଉଥିବା ବେଳେ ପୋଲିସ ପକ୍ଷରୁ ହେଉଥିବା ଚେକିଂରେ ଧରା ପଡ଼ିଥିଲେ। ଯାଞ୍ଚ ସମୟରେ ସେ ମଦ୍ୟପାନ କରିଥିବା ଜଣାପଡ଼ିଥିଲା। ପରେ ନବଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି।

### ବିଶ୍ୱ ଶାନ୍ତି ବୈଦିକ ମହାଯଜ୍ଞ ଉଦ୍‌ଯାପିତ

**ଖଣ୍ଡପଡା,୯।୧୦(ସ୍ୱ.ପ୍ର.)-**କଣ୍ଟିଲୋ ପାଣୁସାହୁ ପାଟଣାଠାରେ ଗତ ୪ ତାରିଖ ଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଉକ୍ତ ଗ୍ରାମରେ ଦୀର୍ଘ ୪୬ ବର୍ଷ ଧରି ଏହି ମହାଯଜ୍ଞ ଦଶହରା ସମୟରେ ହୋଇଆସୁଛି । ଏହି ଅବସରରେ ଚଳିତ ବର୍ଷ ଋକବେଦ ପାରାୟଣ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ବାଲ୍ୟଲୀଳାର ଆୟୋଜନ କରାଯାଇଥିଲା । ଉଦ୍‌ଯାପନ ଦିବସ ଅବସରରେ ସନ୍ଧ୍ୟାରେ ଅନୁଷ୍ଠାନର ସଭାପତି ସ୍ୱପ୍ନେଶ୍ୱର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଚଳିତ ଓ ବିଗତ ବର୍ଷମାନଙ୍କରେ ଅନୁଷ୍ଠିତ ହୋଇଥିବା ଯଜ୍ଞ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ସମ୍ପାଦକ ବନମାଳୀ ସାହୁ ସମ୍ପନ୍ନ ହୋଇଥିବା କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିବା ବେଳେ କୋଷାଧକ୍ଷ ବିଷ୍ଣୁ ପ୍ରସାଦ ମହାରଣା ମହାଯଜ୍ଞର ଆୟବ୍ୟୟ ସଭାରେ ଉପସ୍ଥାପନ କରିଥିଲେ ।

## ନବନିର୍ମାଣ କୃଷକ ସଙ୍ଗଠନର ସମାବେଶ

# ରାଷ୍ଟ୍ରୀୟ ସମ୍ମିଳନୀ ସଫଳ ପାଇଁ ଆହ୍ୱାନ

**ନୟାଗଡ଼ ଅଫିସ,୯।୧୦**

ନବନିର୍ମାଣ କୃଷକ ସଙ୍ଗଠନର ନୟାଗଡ଼ ଜିଲାସ୍ତରୀୟ ସମାବେଶ ବୁଧବାର ସହରସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜକ ମହେଶ୍ୱର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗଦେଇ ଚାଷୀକୁଳ ଅସଙ୍ଗଠିତ ହୋଇଥିବାରୁ ଶାସକ ଦଳ ଓ ଅମଲାତନ୍ତ୍ର ସେମାନଙ୍କୁ ଅବହେଳା କରିଆସୁଥିବା ପ୍ରକାଶ କରିଥିଲେ। କିନ୍ତୁ ନବନିର୍ମାଣ କୃଷକ ସଙ୍ଗଠନ ଚାଷୀମାନଙ୍କୁ ଏକତ୍ରିତ କରି ସଙ୍ଗଠିତ ଶକ୍ତିର ପରିଚୟ ଦେଇଛି। ଏହା ପରେ ମଧ୍ୟ ରାଷ୍ଟ୍ରଶକ୍ତି ଚାଷୀମାନଙ୍କ ସମସ୍ୟା ସମାଧାନ ପାଇଁ ଆଗ୍ରହ ପ୍ରକାଶ କରୁନାହିଁ। ଏଣୁ ଆସନ୍ତା ନଭେମ୍ବର ୬ ତାରିଖରେ ଭୁବନେଶ୍ୱରଠାରେ ହେବାକୁ ଥିବା ରାଷ୍ଟ୍ରୀୟ ସମ୍ମିଳନୀରେ



ସମାବେଶରେ ଯୋଗଦେଇଥିବା ଚାଷୀମାନେ।

ଯୋଗଦେବା ପାଇଁ ସେ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ। ନିଜ ମୁକ୍ତି ପାଇଁ ସଂଘର୍ଷ କରିବାକୁ ପଡ଼ିବ ବୋଲି କହିଥିଲେ। ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ଜିଲା ସହ ସଂଯୋଜକ ରଣଜିତ୍ ଦଳବେହେରା, ମମତା ନାଥ, ପ୍ରସନ୍ନ ପ୍ରଧାନ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଙ୍ଗଠନର ଦ୍ୱାରା ବିଭିନ୍ନ ସମୟରେ ହୋଇଥିବା ଚାଷୀ ଆନ୍ଦୋଳନରେ ଅନେକ ସଫଳତା ମିଳିଛି। ଚାଷୀ ଆନ୍ଦୋଳନ ପାଇଁ ସରକାର ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଥିଲେ ହେଁ ପରେ ଧୋକା ଦେଉଛନ୍ତି। ଏହା ବିରୋଧରେ ଚାଷୀମାନେ ରାଷ୍ଟ୍ରୀୟ ସମାବେଶରେ ଏକାଠି ହେଲେ ସରକାର ଚାପଗ୍ରସ୍ତ ହୋଇ ଏହାର ସମାଧାନ କରିବେ ବୋଲି କହିଥିଲେ। ସଙ୍ଗଠନର ଉପଦେଷ୍ଟା ସନ୍ତୋଷ ପ୍ରଧାନ ସଙ୍ଗଠନ ବିଷୟରେ ଚାଷୀମାନେ ବୁଝିଲେ ସେମାନଙ୍କୁ ନେତାମାନେ ଆଉ ଶୋଷଣ କରିପାରିବେ ନାହିଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ବରାଡ଼, ଅଜୟ ମହାନ୍ତି, ଦାମୋଦର ପ୍ରଧାନ, ସୁଶାନ୍ତ କୁମାର ପାତ୍ର, ଶିଶିର କୁମାର ଭଞ୍ଜ, ବିଜୟ କୁମାର ପରିଡ଼ଙ୍କ ସମେତ ବହୁଚାଷୀ ଯୋଗ ଦେଇଥିଲେ।

### ବିଜେଡିର ସଭ୍ୟ ପଞ୍ଜୀକରଣ ଅଭିଯାନ, ଜନସମ୍ପର୍କ ପଦଯାତ୍ରା

**ନୟାଗଡ଼ ଅଫିସ,୯।୧୦**

ନୟାଗଡ଼ ଜିଲା ରଣପୁର ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଶରଣକୁଳ ଓ ଗୋଡ଼ିପଡ଼ା ଜିଲା ପରିଷଦ ଜୋନରେ ସଭ୍ୟ ପଞ୍ଜୀକରଣ ଅଭିଯାନ ଓ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ପୂର୍ବତନ ବିଧାୟକ ରବିନାରାୟଣ ମହାପାତ୍ର, ମହେନ୍ଦ୍ର ପ୍ରଧାନ, ବିକ୍ରମ କୁମାର ଦାଶ, ସ୍ୱର୍ଣ୍ଣ ପ୍ରକାଶ ରାଉତରାୟଙ୍କ ସମେତ ଏକାଧିକ ନେତା ଓ କର୍ମୀ ଏଥିରେ ସାମିଲ ହୋଇଥିଲେ। ଶରଣକୁଳ କଟରାଝରି ଗ୍ରାମରୁ ପଦଯାତ୍ରା ବାହାରି ନରେନ୍ଦ୍ରପୁର, ଶରଣକୁଳ ବଜାର ଦେଇ ସୁଆରସାହି ପର୍ଯ୍ୟନ୍ତ ଯାଇଥିଲା। ଏହା ପରେ ଲଡୁବାବାଙ୍କ ମନ୍ଦିର ସମ୍ମୁଖରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମହେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ପ୍ରଧାନ ଓ ପୂର୍ବତନ ବିଧାୟକ ମହାପାତ୍ର ବିଜେଡି ଏକ ଶୃଙ୍ଖଳିତ ଦଳ, ଏହାର ନୀତି ଆଦର୍ଶ ଅନ୍ୟ ଦଳଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ପ୍ରକାଶ କରିଥିଲେ। ଦଳୀୟ ଏକତାକୁ ବଜାୟ ରଖିବା ପାଇଁ ସେମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଜେଡିର ନୂତନ ସଭ୍ୟ ପଞ୍ଜୀକରଣ କରାଯାଇଥିଲା।

## ବିଜୟା ଦଶମୀରେ ଶ୍ରୀରଘୁନାଥଜୀଉଙ୍କ ସୁନାବେଶ



ସୁନାବେଶରେ ଶ୍ରୀଜୀଉ।

**ଓଡ଼ଗାଁ,୯।୧୦(ସ୍ୱ.ପ୍ର.)**

ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିରରେ ସୋମବାର ବିଜୟା ଦଶମୀ ପାଳିତ ହୋଇଯାଇଛି। ଏହି ତିଥିରେ ପ୍ରଭୁ, ମା' ସୀତା ଓ ଅନୁଜ ଲକ୍ଷ୍ମଣ ସୁନା ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ରାମାୟଣ ଅନୁସାରେ ଏହି ଦିନ ପ୍ରଭୁ ମା ଦୁର୍ଗାଙ୍କୁ ୧୦୮ ପଦ୍ମ ଅର୍ପଣ କରିବା ସହିତ ଲଙ୍କାଧୀଶ ରାବଣକୁ ବଧକରି ମା'ସୀତାଙ୍କୁ ଉଦ୍ଧାର କରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଅବସରରେ ରାତି ୮ଟାରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ପାଇ ବିଜେ ପ୍ରତିମା ମଣି ବିମାନରେ ବିଜେ କରି ପଟୁଆରରେ ନଗର ଭ୍ରମଣ କରିଥିଲେ। ଶ୍ରୀଜୀଉଙ୍କ ପଟୁଆରେ ଛତ୍ରୀ, ତ୍ରାସ, ଘୋଡା, ବାଘ ନାଚ ସହିତ ବାଣ ରୋଶଣି ସ୍ଥାନ ପାଇଥିଲା। ବିଜୟ ମଣ୍ଡପ ସାହି ମୁଣ୍ଡରେ ଥିବା ଦଶହରା ମଣ୍ଡପରେ ଶ୍ରୀଜୀଉଙ୍କୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । ପୁନଶ୍ଚ ଶ୍ରୀଜୀଉ ପଟୁଆରରେ ନଗର ଭ୍ରମଣ ସାରି ରାତି ପ୍ରାୟ ୧୦ଟାରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ରାତ୍ରଧୂପ ଓ ବଡ ସିଂହାର ନୀତି ପରେ ରାତି ୧୧ଟାରେ ମନ୍ଦିର ପହୁଡ ହୋଇଥିଲା । ପାଳିଆ ପଣ୍ଡା ସଞ୍ଜୀବ ନନ୍ଦ, ମନ୍ଦିର ପରିଚ୍ଛା ହରିବନ୍ଧୁ ଷଡଙ୍ଗୀ, ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର, ପୂଜକ ପରିଷଦ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରୀରଘୁନାଥଜୀଉଙ୍କ ପାର୍ଶ୍ୱ ଦେବଦେବୀ ଭାବେ ପୂଜିତ ମା' ଦୁର୍ଗାଙ୍କ ପୀଠରେ ମହା ସପ୍ତମୀ, ମହା ଅଷ୍ଟମୀ, ନବମୀ ଓ ଦଶମୀରେ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା।

### ୧୯୯୫ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

**ନୟାଗଡ଼ ଅଫିସ,୯।୧୦**

ନୟାଗଡ଼ ଜିଲା ଶରଣକୁଳସ୍ଥିତ ନାରାୟଣ ଉଚ୍ଚ ବିଦ୍ୟାଳୟରେ ୧୯୯୫ ମସିହା ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ନିକଟସ୍ଥ ମା' ଝାଡ଼େଶ୍ୱରୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସମରେନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ଶିକ୍ଷକ କିଶୋର ଚନ୍ଦ୍ର କର, ଦାମୋଦର ଖିଲାର, ଭଗବାନ ମିଶ୍ର, ଶ୍ରୀଧର ମିଶ୍ର, କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ପୀତବାସ ସାହୁଙ୍କ ସମେତ ପୁରାତନ ଛାତ୍ର ଶରତ ଚନ୍ଦ୍ର ଘଡ଼େଇ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ରମାନେ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅରବିନ୍ଦ ସାହୁ, ନିରଞ୍ଜନ ପୁଷ୍ପପାଳକ, ସନ୍ତୋଷ କୁମାର ସାହୁ, ଦିଲୀପ ଗୁରୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କଣ୍ଟିଲୋ, ଖଣ୍ଡପଡ଼ା ଅଞ୍ଚଳରେ ଶାରଦୀୟ ପୂଜା

**ଖଣ୍ଡପଡା,୯।୧୦(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରାଞ୍ଚଳ ସମେତ କଣ୍ଟିଲୋ, ଖଳିସାହି, ମର୍ଦ୍ଦରାଜପୁର, ଶିଖରପୁର, ବୋଦସା, ବାଣପୁର ପ୍ରଭୃତି ଅଞ୍ଚଳରେ ସାର୍ବଜନୀନ ଦୁର୍ଗାପୂଜା ପାଳିତ ହୋଇଯାଇଛି। ମା' ପାଟ୍ଟଚଣ୍ଡୀ, ଉମାଦେବୀ ଓ ନିକଟସ୍ଥ ଜଗନ୍ନାଥ ପ୍ରସାଦ ମହିଷାସୁଣୀଙ୍କ ପୀଠରେ ଗତ ୩ଦିନ ଧରି ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା ହୋଇଥିଲା। କଣ୍ଟିଲୋର ବିଭିନ୍ନ ସାହି ବସ୍ତିରେ ମୋଟ ୧୮ ସ୍ଥାନରେ ମା'ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମିତ ହୋଇଥିଲା।

### ଦାମୋଦର ବେଶରେ ଦର୍ଶନ ଦେଲେ ଶ୍ରୀନୀଳମାଧବଜୀଉ



ଦାମୋଦର ବେଶରେ ଶ୍ରୀ ନୀଳମାଧବ ଜୀଉ।

**ଖଣ୍ଡପଡା,୯।୧୦(ସ୍ୱ.ପ୍ର.)**

ନୀଳମାଧବ ଜୀଉ ବୁଧବାର ଦାମୋଦର ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି । ଏହି ଅବସରରେ ଶ୍ରୀ ଜୀଉଙ୍କ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଛି । ପ୍ରଥମେ ଦ୍ୱାର ଫିଟା ପରେ ମଙ୍ଗଳ ଆଳତି, ମଇଲମ ଓ ଅବକାଶ ନୀତି ହୋଇଥିଲା । ପରେ ଠାକୁରଙ୍କ ଦାମୋଦର ବେଶ ସମ୍ପନ୍ନ ହୋଇଥିଲା। ମନ୍ଦିରରେ ରୋଷ ହୋମ, ସୂର୍ଯ୍ୟ ପୂଜା ପରେ ସକାଳ ଧୂପ ଓ ଅନ୍ୟାନ୍ୟ ପାରମ୍ପରିକ ନୀତି ସମ୍ପନ୍ନ ହୋଇଥିଲା। କାର୍ତ୍ତିକ ଶୁକ୍ଳପକ୍ଷ ଦଶମୀ ପର୍ଯ୍ୟନ୍ତ ୧ମାସ ଧରି ଠାକୁର ଏହି ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ। ଏଥି ଲାଗି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

### ୟୁଥ୍ କ୍ଲବକୁ ସହାୟତା ପାଇଁ ଦରଖାସ୍ତ

**ନୟାଗଡ଼ ଅଫିସ,୯।୧୦**

ନୟାଗଡ଼ ଜିଲାରେ କାର୍ଯ୍ୟରତ ସ୍ୱୀକୃତିପ୍ରାପ୍ତ ଓ ଅଣ ସ୍ୱୀକୃତିପ୍ରାପ୍ତ ୟୁଥ୍ କ୍ଲବ (ଯୁବକ ସଂଘ)ଗୁଡ଼ିକର ଉନ୍ନତି ପାଇଁ ରାଜ୍ୟ ସରକାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଆଗ୍ରହୀ ୟୁଥ୍ କ୍ଲବଗୁଡ଼ିକ ସହାୟତା ରାଶି ପାଇବା ପାଇଁ ଆବଶ୍ୟକ ଫର୍ମ ପୂରଣ କରି ବ୍ଲକ, ମ୍ୟୁନିସିପାଲଟି କିମ୍ବା ଜିଲାରେ ଥିବା ନେହେରୁ ଯୁବକେନ୍ଦ୍ର କାର୍ଯ୍ୟାଳୟରେ ଦାଖଲ କରିପାରିବେ। ଜିଲାସ୍ତରୀୟ କମିଟି ଦ୍ୱାରା ସମସ୍ତ ଦସ୍ତାବିଜ ଯାଞ୍ଚ ପରେ ଉପଯୁକ୍ତ ୟୁଥ୍ କ୍ଲବକୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ୧୫ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଚଳିତ ମାସ ୩୧ ତାରିଖ ସୁଦ୍ଧା ଆବେଦନ କରିବା ପାଇଁ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଭାପୁରରେ ଭସାଣି ଉତ୍ସବ



ଦେବୀ ଦୁର୍ଗାଙ୍କୁ ଭସାଣି ପାଇଁ ନିଆଯାଉଛି।

**ଭାପୁର:୯।୧୦(ଡି.ଏନ୍.ଏ.)**

ଭାପୁର ବ୍ଲକ ଅଞ୍ଚଳରେ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ବୁଧବାର କାଳିଗିରି, ମହାନଦୀ ଓ କୁସୁମୀ ନଦୀରେ ବିସର୍ଜନ କରାଯାଇଛି। ମା'ଙ୍କ ନବଦିନାତ୍ମକ ଉତ୍ସବ ପାଇଁ ଭାପୁର ବଜାର ସମେତ ପଦ୍ମାବତୀ, ରାମପଡ଼ା, କଇଁଫୁଲିଆ, ଗୋଳାପୋଖରୀ, ଚକ୍ରଧର ପ୍ରସାଦ, ବାଘୁଆପଲ୍ଲୀ, କରବର ଆଦି ଗ୍ରାମରେ ଆଧ୍ୟାତ୍ମିକ ପରବେଶ ସୃଷ୍ଟି ହୋଇଥିଲା। ବିସର୍ଜନ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଯୋଗ ଦେଇଥିଲେ। ଫତେଗଡ଼ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

## ବିଜୟା ଦଶମୀରେ ନୀଳମାଧବ ଜୀଉଙ୍କୁ ଶଙ୍ଖ, ଚକ୍ର ସମର୍ପଣ

**ଖଣ୍ଡପଡା,୯।୧୦(ସ୍ୱ.ପ୍ର.)**

ମହିଷାସୁରର ନିଧନ ପାଇଁ ମା'ଦୁର୍ଗାଙ୍କୁ ପ୍ରଦାନ କରାଯାଇଥିବା ଶଙ୍ଖ, ଚକ୍ର ଆୟୁଧ ମଙ୍ଗଳବାର ବିଜୟା ଦଶମୀ ତିଥିରେ କଣ୍ଟିଲୋ ନୀଳମାଧବ ଜୀଉଙ୍କୁ ସମର୍ପଣ କରାଯାଇଛି । ପାରମ୍ପରିକ ରୀତିରେ ଏହି ତିଥିରେ ଶ୍ରୀ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ ମନ୍ଦିର ବେଢା ପରିକ୍ରମା କରାଇ ସିଂହଦ୍ୱାରସ୍ଥ ଦୋଳ ବେଦିକୁ ବିଜେ କରାଯାଇଥିଲା । ଶ୍ରୀ ଜୀଉଙ୍କୁ ପୂଜାର୍ଚ୍ଚନା ପରେ ରାତି ପ୍ରାୟ ୯ଟାରେ ଘଣ୍ଟ, ଘଣ୍ଟା, କାହାଳୀ, ମୃଦଙ୍ଗ, ଛତ୍ରୀ, ମଶାଲ, ସଂକୀର୍ତ୍ତନ ଓ ପାଟପଟୁଆର ସହିତ ବିମାନରେ ଆରୂଢ଼ କରାଯାଇ ମହାନଦୀ ଓ କମେଇ ନଦୀ ସଙ୍ଗମ ସ୍ଥଳ ଠାକୁରଙ୍କ ଦଶହରା ପଡିଆକୁ ବିଜେ କରାଯାଇଥିଲା। ସେଠାରେ ପୁନଶ୍ଚ ପୂଜାର୍ଚ୍ଚନା ସହ ସନ୍ଧ୍ୟା ଆଳତି ଓ ସପ୍ତାଳତି କାର୍ଯ୍ୟକ୍ରମ ସମାପନ ହେବା ପରେ ପାରମ୍ପରିକ ରୀତିରେ ତୋପ ଫୁଟା ଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୂଜାରୀ ଭାବେ ତ୍ରିନାଥ ମିଶ୍ର ଓ ପତ୍ରୀ ଭାବେ ଶ୍ରବଣରାମ ମିଶ୍ର ପୂଜାକର୍ମ ପରିଚାଳନା କରିଥିଲେ। ଦଶହରା ପଡିଆରେ ଉପସ୍ଥିତ ଥିବା ଗ୍ରାମବାସୀ ଓ ଶ୍ରଦ୍ଧାଳୁ ସାଙ୍ଗରେ ଆଣିଥିବା ନୂତନ ଖାତା ଓ କାଗଜରେ



ଶ୍ରୀ ଜୀଉଙ୍କୁ ଯାତ୍ରା ପଡ଼ିଆକୁ ବିମାନରେ ନିଆଯାଉଛି।

ଶ୍ରୀ ଜୀଉ ଓ ମା'ଦୁର୍ଗାଙ୍କୁ ସ୍ମରଣା କରି ଆରମ୍ଭରେ ଓମ୍ ଶବ୍ଦ ଲେଖି ଦଶହରା ଅନୁକୂଳ କରିଥିଲେ । ଶ୍ରୀଜୀଉଙ୍କୁ ଶଙ୍ଖ ଚକ୍ର ସମର୍ପଣ ଓ ତୋପ ଫୁଟାଇବାର ପରମ୍ପରା ସମ୍ପର୍କରେ କୁହାଯାଏ, ପ୍ରବଳ ପ୍ରତାପୀ ମହିଷାସୁରର ନିଧନ ପାଇଁ ସମସ୍ତ ଦେବଦେବୀ ମା'ଦୁର୍ଗାଙ୍କୁ ସେମାନଙ୍କର ଆୟୁଧ ପ୍ରଦାନ କରିଥିଲେ। ଶ୍ରୀ ବିଷ୍ଣୁ ମଧ୍ୟ ତାଙ୍କର ଆୟୁଧ ଶଙ୍ଖ ଚକ୍ର ପ୍ରଦାନ କରିଥିଲେ। ମା'ଦୁର୍ଗା ଆଶ୍ୱିନ ମାସ ଅଷ୍ଟମୀ ତିଥିରେ ଏକ ସନ୍ଧିକ୍ଷଣରେ ମହିଷାସୁରକୁ ନିଧନ କରିଥିଲେ । ନବମୀ ପୂଜା ପରେ ଦଶମୀ ତିଥିରେ ମା'ଦୁର୍ଗାଙ୍କୁ ପ୍ରଦାନ କରାଯାଇଥିବା ସମସ୍ତ ଆୟୁଧ ସମ୍ପୃକ୍ତ ଦେବତାଙ୍କୁ ସମର୍ପଣ କରାଯାଇଥିଲା। ଅପରପକ୍ଷେ ଚାଷୀମାନେ ଭାଦ୍ରବ ଓ ଆଶ୍ୱିନ ଏହି ଦୁଇ ମାସରେ ଧାନ ଫସଲ କରି ବସି ରହିଥାନ୍ତି । ଦଶହରା ପଡିଆରେ ତୋପ ଫୁଟିବା ପରଠାରୁ ଚାଷୀ ରବି ଫସଲ ପାଇଁ ଚାଷ ଅନୁକୂଳ କରିଥାନ୍ତି ବୋଲି କୁହାଯାଏ । ଶ୍ରୀଜୀଉ ଦଶହରା ପଡିଆରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଫକୀର ଅତବୁଦ୍ଧିପାଟଣା, ଛାମୁପାଟଣା ଆଦି ସାହିରେ ଚାଟେରୀ ଭୋଗ ଖାଇ ମନ୍ଦିରକୁ ବିଜେ ହୋଇଥିଲେ।

## ମା'ଦକ୍ଷିଣ ଚଣ୍ଡୀଙ୍କ ତ୍ରିଦିନାତ୍ମକ ଦୁର୍ଗାପୂଜା

**ଖଣ୍ଡପଡା,୯।୧୦(ସ୍ୱ.ପ୍ର.)-**କଣ୍ଟିଲୋ କୃଷ୍ଣଚନ୍ଦ୍ରପୁର ପାଟଣାସ୍ଥିତ ଶ୍ରୀଶ୍ରୀ ଦକ୍ଷିଣ ଚଣ୍ଡୀ ପୀଠରେ ଗତ ଗୁରୁବାର ଷଷ୍ଠୀ ତିଥିଠାରୁ ଦଶମୀ ତିଥି ପର୍ଯ୍ୟନ୍ତ ତ୍ରିଦିନାତ୍ମକ ମା'ଦକ୍ଷିଣ ଚଣ୍ଡୀଙ୍କ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି । ଗୁରୁବାର କଳସ ଶୋଭାଯାତ୍ରା ଓ ବିଲ୍ୱ ବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲ। ଶୁକ୍ରବାର ରାତ୍ର ସାଢେ ୮ଟାରେ ଦେବୀଙ୍କର ସପ୍ତମୀ ପୂଜା, ଶନିବାର ମହାଷ୍ଟମୀ ପୂଜା ଅବସରରେ ସନ୍ଧିପୂଜା, ରବିବାର ମହାନବମୀ ପୂଜା, ପୂର୍ଣ୍ଣାହୁତି ଏବଂ ସୋମବାର ଅପରାଜିତା ପୂଜା ଅନୁଷ୍ଠିତ ହୋଇଥିଲା ।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ଫାର୍ମହାଉସ୍ କେୟାର ଟେକର ଗୁରୁତର



ନିରାକାରପୁର,୯।୧୦(ଡି.ଏନ.ଏ.)-ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ ବିଭାଗ ଅଧୀନ ରାମେଶ୍ୱର ପଞ୍ଚାୟତସ୍ଥିତ ଏକ ଫାର୍ମହାଉସରେ ବୁଧବାର ଭୋର ୫ଟାରେ ଏକ ହାତୀ ପଶି ଫାର୍ମ ହାଉସର କେୟାର ଟେକରଙ୍କୁ ଆକ୍ରମଣ କରିଛି। ଫଳରେ ସେ ଗୁରୁତର ହୋଇଛନ୍ତି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତ ବ୍ୟକ୍ତି ହେଲେ ରାମେଶ୍ୱର ଉପର ସାହିର ପଙ୍କଜ ବିଶ୍ୱାଳ (୫୮)। ଫାର୍ମ ହାଉସ୍‌ରେ ନିୟୋଜିତ ଜଣେ ସିକ୍ୟୁରିଟି ଗାର୍ଡ ସନ୍ତୋଷ କୁମାର କାଣ୍ଡିଙ୍କ ସୂଚନା ଅନୁସାରେ ଉକ୍ତ ଫାର୍ମ ହାଉସ ଭିତରେ ପ୍ରାୟ ୧୦/୧୨ ଏକର ଜମିରେ ଧାନ ଫସଲ ହୋଇଛି। ଏହାକୁ ଖାଇବାକୁ କିଛି ଦିନ ହେଲା ଜଙ୍ଗଲୀ ହାତୀପଲ ଆସୁଛନ୍ତି। ମଙ୍ଗଳବାର ଦିନତମାମ ଗୋଟିଏ ହାତୀ ଏହି ଫାର୍ମ ହାଉସ ମଧ୍ୟରେ ପଶି ଧାନ ଖାଇବା ସହିତ ଦଳି ଚକଟି ନଷ୍ଟ କରିଦେଇଥିଲା। ଏଥିସହ ଅନ୍ୟାନ୍ୟ ଗଛ ଭାଙ୍ଗି ଦେଇଛି। ଖବର ପାଇ ଉକ୍ତ ହାତୀକୁ ଦେଖିବାକୁ ଅଞ୍ଚଳର ଲୋକମାନେ ରୁଣ୍ଡ ହୋଇ ପାଟିତୁଣ୍ଡ କରିବାରୁ ହାତୀଟି ନିକଟସ୍ଥ ଚିତ୍ରକୂଟ ପାହାଡକୁ ଚାଲିଯାଇଥିଲା। ତେବେ ବିଳମ୍ବିତ ରାତିରେ କେତେବେଳେ ଚାଲିଆସି ଉକ୍ତ ଫାର୍ମ ହାଉସରେ ଲୁଚି ରହିଥିଲା। ବୁଧବାର ଭୋରୁ ଧାନ ବିଲକୁ ବୁଲିବାକୁ କେୟାର ଟେକର ପଙ୍କଜ ଗଲାବେଳେ ହାତୀଟି ପଛ ପଟୁ ଆସି ତାଙ୍କୁ ଶୁଣ୍ଢରେ ଟେକି ଫିଙ୍ଗିଦେଇଥିଲା। ସେ ବିଲ ମଝିରେ ପଙ୍କ ଭିତରେ ପଡି ଯାଇଥିଲେ। ସକାଳ ହେବା ପରେ ଅନ୍ୟ କର୍ମଚାରୀମାନେ ବିଲ ଆଡକୁ ବୁଲିବାକୁ ଗଲାବେଳେ ପଙ୍କଜଙ୍କ ପାଟି ଶୁଣି ତାଙ୍କ ପାଖକୁ ଯାଇ ତାଙ୍କୁ ସେଠାରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧା ସରକାରୀ ମେଡିକାଲରେ ଭର୍ତ୍ତି କରିଛନ୍ତି। ବନ ବିଭାଗ ଅବହେଳାରୁ ହାତୀପଲ ଏ ଅଞ୍ଚଳ ଛାଡି ଯାଉ ନ ଥିବା ଅନେକ ଚାଷୀ ଅଭିଯୋଗ କରିଛନ୍ତି। (ଫଟୋ ଯାଇଛି)।

# ପରମ୍ପରା: ଖାଡ୍ଡୁ ବଳଦକୁ ଗ୍ରାମ ପରିକ୍ରମା

ଖଣ୍ଡପଡା,୯।୧୦(ସ୍ୱ.ପ୍ର.)



ଖାଡ୍ଡୁ ବଳଦକୁ ପୂଜା କରାଯାଇ ଗ୍ରାମ ପରିକ୍ରମା କରାଯାଉଛି।

ଓଡ଼ିଆ ଘରର ଚଳଣି ଓ ପରମ୍ପରା ଅନୁଯାୟୀ ଦଶହରାରେ ସମସ୍ତ କାର୍ଯ୍ୟର ଅନୁକୂଳ କରାଯାଇଥାଏ। ଦିନ ଥିଲା ଲୋକେ ବ୍ୟବସାୟ, ବାଣିଜ୍ୟକୁ ଯିବା ପୂର୍ବରୁ ଦଶହରାରେ 'ଖାଡ୍ଡୁ ବଳଦ'କୁ ଅନୁକୂଳ ଭାବେ ଗ୍ରହଣ କରୁଥିଲେ। ଏବେ ସେ ପରମ୍ପରା ହଜିଯାଇଛି। ମାତ୍ର ଏହି ପରମ୍ପରାକୁ ପାଳନ କରୁଛନ୍ତି ବନମାଳୀପୁର ଗ୍ରାମବାସୀ। ମଙ୍ଗଳବାର ବନମାଳୀପୁର ଗ୍ରାମର କେତେକ ନିର୍ଦ୍ଦିଷ୍ଟ ପରିବାର ଦଶହରା ଅନୁକୂଳ ପାଇଁ ଘରେ ଥିବା ଖାଡ୍ଡୁ ବଳଦର ବିଭିନ୍ନ ସରଞ୍ଜାମକୁ ପୂଜାର୍ଚ୍ଚନା କରିଥିଲେ। ଏକ ଖାଡ୍ଡୁ ବଳଦକୁ ସନ୍ଧ୍ୟାରେ ପୂଜାର୍ଚ୍ଚନା ପରେ ପାଟପଟୁଆରରେ ଗ୍ରାମ ପରିକ୍ରମା କରାଯାଇଥିବା ପରିଲକ୍ଷିତ ହୋଇଥିଲା। ଦଶହରାରେ ଉକ୍ତ ବଳଦକୁ ଭେଲଭେଟ୍ କପଡାରେ ପ୍ରସ୍ତୁତ ପୋଷାକ ପିନ୍ଧାଯାଇ ବିଭିନ୍ନ ଅଳଙ୍କାରରେ ସଜାଇ ବେକରେ କଉଡ଼ିମାଳ ଓ ଘଣ୍ଟି ଘାଗୁଡି ପିନ୍ଧା ଯାଇଥିଲା। ବଳଦ ପିଠରେ ଅମ୍ବାରୀ (କାଠ ଫ୍ରେମରେ ପ୍ରସ୍ତୁତ ଆସନ)ରେ ଦେବୀଙ୍କୁ ସ୍ଥାପନ କରିବା ପରେ ଖାଡ୍ଡୁ ବଳଦଙ୍କୁ ଗୃହର କର୍ତ୍ତା ଓ ଗୃହିଣୀ ପୂଜା କରିଥିଲେ। ସମ୍ପ୍ରତି ଖାଡ୍ଡୁ ବଳଦ ଆଉ କେହି ରଖୁ ନଥିବା ବେଳେ ବନମାଳୀପୁରର ବସନ୍ତ ପରିଡା, ଗାଣ୍ଡୁ ପରିଡା ଓ ରାମ ବେହେରା ପ୍ରମୁଖ ବ୍ୟକ୍ତିମାନେ ଜେଜବାପ ଅମଳରୁ ପାରମ୍ପରିକ ରୀତିରେ ପାଳିତ ହୋଇ ଆସୁଥିବା ଏହି ଉତ୍ସବରେ ମିଳିତ ଭାବେ ଖାଡ୍ଡୁ ବଳଦକୁ ଭଡାରେ ଆଣିଥିଲେ। ଦଶହରାରେ ସନ୍ଧ୍ୟା ସମୟରେ ଖୋଳ, ଝାଞ୍ଜ, ସଂକୀର୍ତ୍ତନ ମଧ୍ୟରେ ମଶାଲ ଜାଳି ବିଭିନ୍ନ ସାହି ଓ ଗ୍ରାମ ପରିକ୍ରମା କରି ନିକଟସ୍ଥ ବ୍ରାହ୍ମଣୀ ଦେବୀ ମନ୍ଦିରକୁ ଯାଇଥିଲେ। ସେଠାରେ ଖାଡ୍ଡୁ ବଳଦକୁ ପୂଜାର୍ଚ୍ଚନା ପରେ ଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସୂଚନା ଯୋଗ୍ୟ ଯେ, ଯେତେବେଳେ ଗମନାଗମନର ସୁବଧା ନ ଥିଲା, ସେତେବେଳେ ବଳଦ ହିଁ ପରିବହନର ଏକମାତ୍ର ମାଧ୍ୟମ ଥିଲା। ବିଶେଷକରି ଜଙ୍ଗଲ ପାହାଡ ଘେରା ଆଦିବାସୀ ଅଧ୍ୟୁଷିତ ମାଳଅଞ୍ଚଳ ଭାବରେ ପରିଚିତ ଫୁଲବାଣୀରେ ଲୁଗା, ଲୁଣ ଓ ବିଭିନ୍ନ ପ୍ରକାର ଗୃହୋପକରଣ ଲୋକଙ୍କ ପାଖରେ ପହଁଞ୍ଚିବା ଦୁରୁହ ବ୍ୟାପାର ଥିଲା। ସେତେବେଳେ ବ୍ୟବସାୟୀମାନେ ନିଜର ବଳଦ ପିଠିରେ ଲୁଣ, ଲୁଗା ଓ ବିଭିନ୍ନ ପ୍ରକାର ସାମଗ୍ରୀମାନ ଲଦି ସମ୍ପୃକ୍ତ ଅଞ୍ଚଳକୁ ବ୍ୟବସାୟ ଉଦ୍ଦେଶ୍ୟରେ ଯାଉଥିଲେ। ଏହି ବ୍ୟବସାୟୀମାନେ ସାଧାରଣତଃ ଖଣ୍ଡପଡା ଗଡଜାତ ଅଞ୍ଚଳ ଅନ୍ତର୍ଗତ କଣ୍ଟିଲୋ ଓ ବନମାଳୀପୁର ଗ୍ରାମର ତେଲି ଓ ଥୋଡିଆ ସମ୍ପ୍ରଦାୟର। ସମ୍ପୃକ୍ତ ବ୍ୟବସାୟୀମାନେ ଖାଡ୍ଡୁ ବଳଦ ପିଠିରେ ନେଇଥିବା ସାମଗ୍ରୀଗୁଡିକୁ ଆଦିବାସୀମାନଙ୍କୁ ଚଢା ଦରରେ ବିକ୍ରୀକରି ପ୍ରତିବଦଳରେ ସେଠାରେ ଉତ୍ପାଦିତ ଅଦା, ମହୁଲ, ଝୁଣା, ସୋରିଷ, ମହୁ, ହଳଦୀ, ବାଘନଖ, ଦାନ୍ତ, ହାତୀ ଦାନ୍ତ, ବାଘଛାଲ ଆଦି ଜଙ୍ଗଲଜାତ ସାମଗ୍ରୀ ଗୁଡିକୁ ସେମାନଙ୍କ ଠାରୁ ଆଣି ବଳଦ ପିଠିରେ ଲଦି ଗ୍ରାମକୁ ଫେରିଥାନ୍ତି। ଜଙ୍ଗଲଜାତ ଦ୍ରବ୍ୟକୁ ସ୍ଥାନୀୟ ଅଞ୍ଚଳରେ ବିକ୍ରୀକରି ଅଧିକ ଲାଭବାନ ହୋଇଥାନ୍ତି। ଏହି ପରିବହନ କାର୍ଯ୍ୟରେ ନିୟୋଜିତ ହେଉଥିବା ବଳଦକୁ ଖାଡ୍ଡୁ ବଳଦ କୁହା ଯାଉଥିଲା। ଏହି ଉତ୍ସବ ଆମ ଗ୍ରାମର ଏକ ନିଆରା ପର୍ବ। ଆମ ପଞ୍ଚାୟତ ବାସିନ୍ଦା ଏହି ଉତ୍ସବରେ ସହଯୋଗ କରିଥାଉ ଏବଂ ଭଡାରେ ଅଣା ଯାଇଥିବା ଉକ୍ତ ବଳଦକୁ ଦିନକ ପୂର୍ବରୁ ଘରେ ରଖି ତାକୁ କୌଣସି ଅଇଁଠା ଖାଦ୍ୟ ଅଥବା ତୋରାଣୀ ଦିଆ ଯାଇ ନ ଥାଏ। ବଳଦକୁ ଅରୁଆ ତୋରାଣି ଖାଇବାକୁ ଦିଆ ଯାଇଥାଏ ବୋଲି ଗ୍ରାମର ଜିତେନ୍ଦ୍ର ସାହୁ ପ୍ରକାଶ କରିଥିଲେ।

### ସେବା ଓ ସମର୍ପଣର ମୂର୍ତ୍ତିମନ୍ତ ପ୍ରତୀକ ଗୋପବନ୍ଧୁ

ବାଲୁଗାଁ,୯।୧୦(ଡି.ଏନ.ଏ.)

ବାଲୁଗାଁ ମହାବିଦ୍ୟାଳୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ସମର ଶିକ୍ଷାର୍ଥୀ ବାହିନୀର ସ୍ୱେଚ୍ଛାସେବୀ ଏବଂ କ୍ୟାଡେଟ୍‌ମାନେ ମହାବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିନିମନ୍ତେ ଆୟୋଜିତ ସଭାରେ ଜାତୀୟ ସେବା ଯୋଜନା ଅଧିକାରୀ ଡ. ଲକ୍ଷ୍ମୀଧର ସୁବୁଦ୍ଧି, ଡ. କୈଳାସ ଚନ୍ଦ୍ର ମହାରଣା ଓ ଏନସିସି ଅଫିସର ଡ. ଅକ୍ଷୟ କୁମାର ମିଶ୍ର ପ୍ରମୁଖ ଉତ୍କଳମଣିଙ୍କ ଜୀବନୀ, ସ୍ୱାଧୀନତା ସଂଗ୍ରାମରେ ଭୂମିକା ଏବଂ ତତ୍କାଳୀନ ଓଡ଼ିଶାର ବନ୍ୟା, ବାତ୍ୟା ଦୁର୍ଗତଙ୍କ ନିମନ୍ତେ ତାଙ୍କର ସେବା ଓ ସମର୍ପଣ ସମ୍ପର୍କରେ ଆଲୋକପାତ କରିଥିଲେ। ସର୍ବୋପରି ସତ୍ୟବାଦୀର ମଣିଷ ତିଆରି କାରଖାନାରେ କିପରି ଛାତ୍ର ସମାଜ ନିମନ୍ତେ ଆଦର୍ଶ ପାଲଟିଥିଲେ, ତାହା ଥିଲା ଆଲୋଚ୍ୟ ପ୍ରସଙ୍ଗ। ଏହି ଉତ୍ସବରେ ସ୍ୱେଚ୍ଛାସେବୀ ସୁଗନ୍ଧରାଜ ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ରୂପାରାଣୀ ଶତ୍ରୁଶଲ୍ୟ ଧନ୍ୟବାଦ ଦେଇଥିଲେ।

■ ନନ୍ଦିଘୋରରେ ଦୁର୍ଗାପୂଜା ମହୋତ୍ସବ

# କୃଷି ଓ କୃଷକ ସହ ପୂଜାପାର୍ବଣର ସମ୍ପର୍କ ନିବିଡ଼: କୃଷିମନ୍ତ୍ରୀ

ଓଡ଼ଗାଁ,୯।୧୦(ସ୍ୱ.ପ୍ର.)



ଉତ୍ସବରେ ମୁଖ୍ୟଅତିଥି ଅଭିଭାଷଣ ପ୍ରଦାନ କରୁଛନ୍ତି।

କୃଷି ଓ କୃଷକ ସହିତ ପ୍ରଚଳିତ ସମସ୍ତ ପୂଜା ପାର୍ବଣର ନିବିଡ ସମ୍ପର୍କ ରହିଛି। ବିଜୟା ଦଶମୀ ଅବସରରେ ଓଡ଼ଗାଁ ବ୍ଲକ ନନ୍ଦିଘୋର ଗ୍ରାମରେ ଅନୁଷ୍ଠିତ ୩୩ ତମ ଦୁର୍ଗାପୂଜା ମହୋତ୍ସବରେ ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ପାଣି ପଞ୍ଚାୟତ ଶୀର୍ଷ କମିଟି ଅଧ୍ୟକ୍ଷ ସୁଧାକର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମନ୍ତ୍ରୀ ସାହୁଙ୍କ ସହିତ ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲୋକନାଥ ସାହୁ, ଜିଲା ପରିଷଦ ସଦସ୍ୟ ବିଭୁ ପ୍ରସାଦ ସାହୁ, ଆଇନଜୀବୀ ମନୋଜ କୁମାର ପଟ୍ଟନାୟକ ଓ ଜୟକୃଷ୍ଣ ସେଠୀ ପ୍ରମୁଖ ଯୋଗଦେଇ ସମସ୍ତ ପର୍ବପର୍ବାଣି ଭାଇଚାରା ଭଳି ପାଳନ କରିବାକୁ ମତ ପ୍ରକାଶ କରିଥିଲେ। ଏହାଦ୍ୱାରା ଦେଶ ଓ ଦଶ ମଧ୍ୟରେ ଏକତା ଜାଗୃତ ହୋଇପାରିବ। ସଭା ଶେଷରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ପୌରାଣିକ ନାଟକ ହରି-ହର ଭେଟ ସମସ୍ତଙ୍କ ମନୋରଞ୍ଜନ କରିଥିଲା। ବୁଧବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ଗଜେନ୍ଦ୍ର କୁମାର ମହାରାଣା, ରବୀନ୍ଦ୍ର ମଣ୍ଡଳ, ଦିଗମ୍ବର ଡାକୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସହଯୋଗ ପକ୍ଷରୁ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ

ନୟାଗଡ଼ ଅଫିସ,୯।୧୦

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୨ ତମ ଜୟନ୍ତୀ ଶରଣକୁଳସ୍ଥିତ କେଏସ୍‌ବି ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜୟକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କିଶୋର ଚନ୍ଦ୍ର କର ମୁଖ୍ୟଅତିଥି, ସହଯୋଗର ସମ୍ପାଦକ ପ୍ରଶାନ୍ତ କୁମାର ଦାଶ ମୁଖ୍ୟବକ୍ତା ଓ ବିଦ୍ୟାଳୟ ଅଧ୍ୟକ୍ଷ ନୀଳମାଧବ ତ୍ରିପାଠୀ, ଶିକ୍ଷକ ବ୍ରଜକିଶୋର ମିଶ୍ର, ରବୀନ୍ଦ୍ର କୁମାର ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅତିଥିମାନେ ଗୋପବନ୍ଧୁଙ୍କ ଜୀବନୀ, ଆଦର୍ଶ ଓ ସାମାଜିକ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ଯୁଗଳ କିଶୋର ସାହୁ ଧନ୍ୟବାଦ ଦେଇଥିଲେ।



ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

### ଚିଲିକା ବ୍ଲକ୍‌ର ୩ ଶିକ୍ଷାର୍ଥୀ ରାଜ୍ୟସ୍ତରକୁ ଉନ୍ନୀତ

ଚିଲିକା,୯।୧୦ (ଡି.ଏନ.ଏ.)- ଗତ ୧୫୦ତମ ଗାନ୍ଧୀଜୟନ୍ତୀ ଉପଲକ୍ଷେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜିଲାସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଚିଲିକା ବ୍ଲକର ୩ ଶିକ୍ଷାର୍ଥୀ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହେବା ସହ ରାଜ୍ୟସ୍ତରକୁ ଉନ୍ନୀତ ହୋଇଛନ୍ତି। ସେମାନେ ହେଲେ ବକ୍ତୃତା (ସିନିୟର)ରେ ଚିଲିକା ସରକାରୀ ହାଇସ୍କୁଲ ହାଟବରଡ଼ିହର ଛାତ୍ରୀ ଶୁଭସ୍ମିତା ପରିଡ଼ା, କୁଇଜ୍ (ସିନିୟର)ରେ ଆଙ୍କୁଲାଚଟି ସୋମନାଥ ସରକାରୀ ହାଇସ୍କୁଲର ଛାତ୍ରୀ ପାୟଲ ଜେନା ଏବଂ କୁଇଜ୍ (ଜୁନିୟର)ରେ ଆଙ୍କୁଲାଚଟି ପଞ୍ଚୁପଲ୍ଲୀ ସୋମନାଥ ସରକାରୀ ହାଇସ୍କୁଲର ଛାତ୍ର ଅମ୍ଳାନ ଜ୍ୟୋତିରଞ୍ଜନ ଶତପଥୀ।

## ପାରା ଦେହରେ ସ୍ୱସ୍ଥାନକୁ ଫେରିଗଲେ ମା' ଖିଲାମୁଣ୍ଡା

ରଣପୁର,୯।୧୦(ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ମାଳଜଙ୍ଗଲ ଭିତରେ ବିଜେ ଆରାଧ୍ୟା ଦେବୀ ମା' ଖିଲାମୁଣ୍ଡା ରଣପୁର ରାଜାଙ୍କ ନିମନ୍ତ୍ରଣରେ ଗତ ଦ୍ୱିତୀୟା ଓଷାଠାରୁ ଷୋଳପୂଜା ପାଇଁ ରଣପୁର ରାଜନଅରରେ ଅବସ୍ଥାପନ କରିବା ପରେ ରଣପୁର ଚଳଚଞ୍ଚଳ ହୋଇଉଠିଥିଲା। ପ୍ରତ୍ୟେକ ବର୍ଷ ମା' ଖିଲାମୁଣ୍ଡାଙ୍କୁ ଦଶହରା ଦିନ ଭକ୍ତମାନେ ରଣପୁର ଦଶହରା ପଡିଆରେ ପୂଜାର୍ଚ୍ଚନା କରି ବିଦାୟ ଦେଇଥାନ୍ତି। ସେହି ବିଦାୟ ବେଳେ ସାତ ଥର ତୋପ ସଲାମି ଦିଆଯାଇଥାଏ। ତା'ପରେ ମା' ଖିଲାମୁଣ୍ଡା ଏକ ପାରା ଦେହରେ ସ୍ୱସ୍ଥାନକୁ ଫେରିଥାନ୍ତି ବୋଲି ବିଶ୍ୱାସ ରହିଛି।



ବିଦାୟ ବେଳାରେ ମା' ଖିଲାମୁଣ୍ଡା।

ରାଆଁଳର ଏକ ଘଞ୍ଚ ଜଙ୍ଗଲ ମଧ୍ୟରୁ କାଠି ସାହାଯ୍ୟରେ ମା' ଖିଲାମୁଣ୍ଡା ଆସି ରଣପୁର ରାଜବାଟୀରେ ରହି ପୂଜା ପାଆନ୍ତି। ପ୍ରତ୍ୟେକ ଦିନ ଶହ ଶହ ଭକ୍ତ ମା'ଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥାନ୍ତି। ରାଜନଅରରୁ ସୋମବାର ସନ୍ଧ୍ୟା ୭ଟାରେ ଭକ୍ତମାନଙ୍କ ସହିତ ରଣପୁର ରାଜା ସାହେବ ଦିଲୀପ ଚନ୍ଦ୍ର ସିଂଦେଓ, ସେନାପତି, ମନ୍ତ୍ରୀ, କଟୁଆଳ ଏବଂ ରାଜ ପୁରୋହିତଙ୍କ ସମେତ ହଜାର ହଜାର ଭକ୍ତ ଏକତ୍ର ହୋଇ ଏକ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ। ଘଣ୍ଟା କାହାଳି ବାଦ୍ୟ ସହ ବାଣ ଫୁଟାଇ ଶୋଭାଯାତ୍ରାରେ ରଣପୁର ସହର ପରିକ୍ରମା ପରେ ମା' ଖିଲାମୁଣ୍ଡାଙ୍କୁ ହାଟସାହିଠାରେ ଥିବା ଦଶହରା ପଡିଆରେ ପହଞ୍ଚାଇ ଥିଲେ। ସେଠାରେ ରାଜା ମା' ଖିଲାମୁଣ୍ଡାଙ୍କୁ ପୂଜାର୍ଚ୍ଚନା କରିଥିଲେ। ସେହି ସମୟ ପୂର୍ବରୁ ପ୍ରସ୍ତୁତ ଥିବା ଏକ ପାରାକୁ ଆକାଶକୁ ଛଡ଼ାଯାଇଥିଲା। ଅନ୍ଧାର ରାତିରେ ଉକ୍ତ ପାରା ଦେହରେ ମା' ଖିଲାମୁଣ୍ଡା ବିଜେ କରି ରାଆଁଳକୁ ଚାଲିଯାଇଥିଲେ। ଠିକ୍ ସେହି ସମୟରେ ମା'ଙ୍କୁ ବିଦାୟ ଦେବା ପାଇଁ ୭ ଥର ତୋପ ଧ୍ୱନିରେ ସଲାମି ଦିଆଯାଇଥିଲା। ଏଠାରୁ ଛଡ଼ା ଯାଇଥିବା ପାରା ପରଦିନ ମାଳ ଅଞ୍ଚଳରେ ଥିବା ମା'ଙ୍କ ମନ୍ଦିର ପାଖରେ ମରିପଡିଥିବାର ସ୍ଥାନୀୟ ଅଞ୍ଚଳବାସୀ ଦେଖିଥିଲେ। ମା' ଖିଲାମୁଣ୍ଡା ନିଜ ଆସ୍ଥାନକୁ ଫେରିଆସିଲେ ବୋଲି ଏହି ଅଞ୍ଚଳର ଆଦିବାସୀମାନଙ୍କ ବିଶ୍ୱାସ ରହିଛି।

## ଡିମିସରରେ ରାବଣପୋଡ଼ି ଉତ୍ସବ

ନୟାଗଡ଼ ଅଫିସ,୯।୧୦

ନୟାଗଡ଼ ଜିଲା ଶରଣକୁଳ ନିକଟ ଡିମିସରଠାରେ ଦଶହରା ଓ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସସ୍ମିତା ବିଶୋଇ, ଗ୍ରାମ ସଭାପତି ବିଜୟ କୁମାର ଦଳବେହେରା, କମିଟି ସଭାପତି ଓ ସମ୍ପାଦକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସତ୍ୟବାନ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ବିଧାୟକ ପ୍ରଧାନ ରାବଣରେ ଅଗ୍ନିସଂଯୋଗ କରିଥିଲେ। ଆଖପାଖ ଅଞ୍ଚଳର ଶତାଧିକ ଦର୍ଶକ ଏହାକୁ ଉପଭୋଗ କରିଥିଲେ।

## ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ଉଦ୍ଧାରକରି ମାନବିକତା ଦେଖାଇଲେ ଡିଏଫ୍‌ଓ

ଖଣ୍ଡପଡା,୯।୧୦(ସ୍ୱ.ପ୍ର.)

ଦୁର୍ଘଟଣାଗ୍ରସ୍ତ ଜଣେ ଯୁବକଙ୍କୁ ରାସ୍ତା ଉପରୁ ଉଦ୍ଧାର କରି ଡାକ୍ତରଖାନାରେ ପହଞ୍ଚାଇ ମାନବିକତା ଦେଖାଇଛନ୍ତି ନୟାଗଡ ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଧନରାଜ୍ ଏଚ୍‌ଡି। ସୋମବାର ସନ୍ଧ୍ୟା ପ୍ରାୟ ୭ଟାରେ ନୟାଗଡ ଜିଲା ବନଖଣ୍ଡ ଅଧିକାରୀ ଧନରାଜ ଏଚଡି ସିଧାମୂଳ ଗ୍ରାମରୁ ନୟାଗଡ ଫେରୁଥିଲେ। ଏହି ସମୟରେ ଜଣେ ଯୁବକ ବାଇକ ଦୁର୍ଘଟଣାରେ ଆହତ ହୋଇ ଅଚେତ ଅବସ୍ଥାରେ ଗଣିଆ-କଣ୍ଟିଲୋ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ହଟିଆପଲ୍ଲୀ ଗ୍ରାମ ନିକଟସ୍ଥ ବୁଲାଣିଠାରେ ପଡିରହିଥିଲେ। ଉକ୍ତ ରାସ୍ତା ଦେଇ ଶହ ଶହ ପଥଚାରୀ ଓ ଶତାଧିକ ଯାନବାହନ ଚଳାଚଳ କରୁଥିଲା। ତେବେ କେହି ଜଣେ ବି ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ପ୍ରତି ସହାନୁଭୂତି ଦେଖାଇ ନ ଥିଲେ। ବରଂ ତାଙ୍କୁ ଅଣଦେଖା କରି ଚାଲିଯାଉଥିଲେ। ଯୁବକ ଜଣକ ତାଙ୍କ ବାଇକ ସହ ରାସ୍ତା ମଝିରେ ପଡି ରହିଥିବାରୁ ରାତି ବଢିଲେ ଯେକୌଣସି ଗାଡି ତାଙ୍କୁ ମାଡି ଚାଲିଯିବାର ଆଶଙ୍କା ମଧ୍ୟ ରହିଥିଲା। ତେବେ ବନଖଣ୍ଡ ଅଧିକାରୀ ଧନରାଜ ରାସ୍ତା ମଝିରେ ପଡିଥିବା ଯୁବକଙ୍କୁ ଦେଖି ତାଙ୍କ ଗାଡି ଅଟକାଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ଯୁବକଙ୍କୁ ରାସ୍ତା ପାର୍ଶ୍ୱକୁ ଆଣି ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ମାତ୍ର ଆମ୍ବୁଲାନ୍ସ ଆସିବା ବିଳମ୍ବ ହେବାରୁ ସେ ଆହତ ଯୁବକଙ୍କୁ ନିଜ ଗାଡିରେ କଣ୍ଟିଲୋ ମେଡିକାଲକୁ ଆଣି ପ୍ରାଥମିକ ଚିକିତ୍ସା କରାଇଥିଲେ। ପରେ ଆହତଙ୍କୁ ଖୋର୍ଦ୍ଧା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସଂପୃକ୍ତ ଯୁବକ ଅତ୍ୟଧିକ ମଦ୍ୟପାନ କରି ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଧନରାଜ ସୂଚନା ଦେଇଥିଲେ। ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ଘର ବଡବାଣପୁର ପଞ୍ଚାୟତ ଅନ୍ତର୍ଗତ ଟାଙ୍କୁପଡା ଗ୍ରାମରେ।

୩୯ତମ ରାଜ୍ୟସ୍ତରୀୟ ମା'ରାମଚଣ୍ଡୀ କବାଡ଼ି ଟୁର୍ନାମେଣ୍ଟ

# ବାରଙ୍ଗ କବାଡ଼ି ଟିମ୍ ଚାମ୍ପିୟନ

ବୋଲଗଡ଼,୯।୧୦(ଡି.ଏନ.ଏ.)

ବୋଲଗଡ ବ୍ଲକ ବାଙ୍କୋଇ କଟେରିବର କବାଡି ଖେଳପଡିଆରେ ୩୯ତମ ମା' ରାମଚଣ୍ଡୀ ରାଜ୍ୟସ୍ତରୀୟ କବାଡି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିପିଲି ଟିମ୍‌କୁ ୪ ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ବାରଙ୍ଗ ଦଳ ଚଳିତ ବର୍ଷ ପାଇଁ ଚାମ୍ପିୟନ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ ଉଭୟ ଟିମ୍ ୬ ପଏଣ୍ଟ ଲେଖାଏ ପାଇ ବରାବର ସ୍ଥିତିରେ ରହିଥିଲେ। ତେବେ ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ବାରଙ୍ଗ ଟିମ ପିପିଲି ଦଳଠାରୁ ୪ ପଏଣ୍ଟ ଅଧିକ ବ୍ୟବଧାନରେ ବିଜୟୀ ହୋଇଥିଲା। ପିପିଲି ଟିମ୍ ମୋଟ ୧୨ ପଏଣ୍ଟ ପାଇ ରନର୍ସଅପ ହୋଇଥିଲା ବେଳେ ବାରଙ୍ଗ ଦଳ ମୋଟ ୧୬ ପଏଣ୍ଟ ହାସଲ କରିଥିଲା। କାହ୍ନୁଚରଣ ସାମନ୍ତରାୟ, ଗୋପାଳ ଚରଣ ମହାନ୍ତି ଓ ନୀଳକଣ୍ଠ ବେହେରା ଖେଳ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ପୋଲିସ କମିଶନର ତଥା ବିଜେଡି ନେତା ଅରୂପ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ କଂଗ୍ରେସ ନେତା ପ୍ରଦୀପ କୁମାର ସାହୁ ଯୋଗଦେଇ ପିପିଲି ଦଳକୁ ରନର୍ସଅପ ଟ୍ରଫି ଦେଇଥିଲେ। ସାମାଜିକ କର୍ମୀ ପ୍ରଦୀପ କୁମାର ପଟ୍ଟନାୟକ, ଶିକ୍ଷାବିତ୍ ଜୟକୃଷ୍ଣ ଫତେସିଂହ, ପୂର୍ବତନ ସରପଞ୍ଚ ମାଧବ ଚନ୍ଦ୍ର ବିଶ୍ୱାଳ, ଶିକ୍ଷକ ନେତା ସୁମନ୍ତ ଛୋଟରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ମା' ରାମଚଣ୍ଡୀଙ୍କ ଛତ୍ରୀ ଯାତ୍ରା ପଟୁଆରରେ ଆକର୍ଷଣୀୟ ଭାବେ ନିର୍ମିତ ହୋଇଥିବା ୩ଟି ଛାତ୍ରୀର ଆୟୋଜକଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।



ମୁଖ୍ୟ ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍ ଅଧିନାୟକ ଟ୍ରଫି ଗ୍ରହଣ କରୁଛନ୍ତି)

■ ବନମାଳୀପୁର ଟି ୨୦

# ସେମିରେ ରାମଚନ୍ଦ୍ର କ୍ରିକେଟ କ୍ଲବ



ମ୍ୟାଚ୍ ପୂର୍ବରୁ ଦୁଇ ଦଳର ଖେଳାଳିମାନେ।

ଭାପୁର,୯।୧୦(ଡି.ଏନ.ଏ.)

ବନମାଳୀପୁର ଆଞ୍ଚଳିକ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ୩୨ ତମ ବାର୍ଷିକ ଚ୍ୟାଲେଞ୍ଜ କପ କ୍ରିକେଟ ଟୁର୍ନାମେଣ୍ଟ ଚାଲୁରହିଛି। ବୁଧବାର ଗ୍ରୁପ ବି'ର ଦ୍ୱିତୀୟ ଲିଗ୍ ମ୍ୟାଚରେ ରାମଚନ୍ଦ୍ର କ୍ରିକେଟ କ୍ଲବ ବଘେଇ ୬୦ ରନରେ ବନମାଳୀପୁର ଆଞ୍ଚଳିକ ସ୍ପୋର୍ଟସ କ୍ଲବକୁ ପରାସ୍ତ କରି ସେମିରେ ପ୍ରବେଶ କରିଛି। ଟସ୍ ଜିତି ରାମଚନ୍ଦ୍ର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୬୪ ରନ କରିଥିଲା। ଦଳ ପକ୍ଷରୁ ନିତ୍ୟାନନ୍ଦ ବେହେରା ୭ ଚୌକା ସହାୟତାରେ ୪୦ ବଲରୁ ୫୨ ରନର ଇନିଂସ ଖେଳିଥିଲେ। ଜବାବରେ ବନମାଳୀପୁର ଆଞ୍ଚଳିକ ସ୍ପୋର୍ଟସ କ୍ଲବ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୦୩ ରନ କରିବାକୁ ସକ୍ଷମ ହୋଇଥିଲା। ରାମଚନ୍ଦ୍ର କ୍ରିକେଟ କ୍ଲବର ନିତ୍ୟାନନ୍ଦ ବେହେରା ବ୍ୟାଟିଂରେ ୫୧ ରନର ପାଳି ଖେଳି ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ମ୍ୟାଚକୁ ଧୀରେନ ତ୍ରିପାଠୀ ଓ ଅଭିମନ୍ୟୁ ଦାସ ପରିଚାଳନା କରିଥିଲେ। ଗୁରୁବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ରାମଚନ୍ଦ୍ର କ୍ରିକେଟ କ୍ଲବ ଓ ପାୱାର ଇଲେଭେନ ବାଙ୍କୋଇ ମଧ୍ୟରେ ଅନୁଷ୍ଠିତ ହେବ। ପୂର୍ବରୁ ଗ୍ରୁପ ଏ'ରୁ ମା' ବ୍ରାହ୍ମଣୀ ଦେବୀ କ୍ରିକେଟ କ୍ଲବ ଝଗଡପଡା ପ୍ରଥମ ଦଳ ଭାବେ ବ୍ରହ୍ମପୁରା କ୍ରିକେଟ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି।